ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ମେ ୩/୨୦୨୧ (୧୨ ପୃଷ୍ଠା) | Bhubaneswar, Monday, May 3/2021 | ★★★★★★
୪୭ଶ ଭାଗ ୧୫୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-



**ବଟ୍ଲରଙ୍କ ଶତକ**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ମ୍ୟାଚରେ ଶତକ ହାସଲ କରି ରାଜସ୍ଥାନ ରୟାଲ୍ସ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ଜୋସ୍ ବଟ୍ଲର। ୧୨

୦୭ **ମାଗାଜିନ୍ ପାଇଁ ବୋଲ୍ଡ ଲୁକ୍**

ଏକ ମାଗାଜିନ୍‌ର କଭର ପେଜ୍ ପାଇଁ ମାଳଦ୍ୱୀପରେ ବୋଲ୍ଡ ଫଟୋ ଶୁଟ୍ କରିଛନ୍ତି ଅଭିନେତ୍ରୀ ଜାହ୍ନବୀ କପୁର।



# ମୋଦିଙ୍କୁ ହରାଇଲେ ମମତା

## କିନ୍ତୁ ନିଜେ ନନ୍ଦିଗ୍ରାମରୁ ହାରିଲେ

- ଟିଏମ୍‌ସିର ଐତିହାସିକ ବିଜୟ
- ଦୁଇ ଅଙ୍କରେ ଭାଜପା ସୀମିତ
- ମୋଦି-ଶାହା ଯୋଡ଼ି ନିରାଶ
- ତାମିଲନାଡୁରେ ଷ୍ଟାଲିନ ସରକାର
- କେରଳରେ ଇତିହାସ ରଚିଲେ ବିଜୟନ୍
- ଆସାମରେ ପୁଣି ଭାଜପା
- ଏନ୍‌ଡିଏ ଦଖଲରେ ପଣ୍ଡିଚେରୀ



**ନୂଆଦିଲ୍ଲୀ/କୋଲକାତା/ଚେନ୍ନାଇ/ଥିରୁଭାନନ୍ତପୁରମ/ଗୁଆହାଟୀ,୨।୫**

ସବୁ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ପଶ୍ଚିମବଙ୍ଗ ଖେଳରେ ବାଜି ମାରିଛନ୍ତି ଦିଦି। ୨୯୪ ସଦସ୍ୟ ବିଶିଷ୍ଟ ବିଧାନସଭାର ଭୋଟ ଗ୍ରହଣ କରାଯାଇଥିବା ୨୯୨ ଆସନରୁ ୨୧୩ରେ ବିଜୟୀ ହୋଇଛି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ(ଟିଏମ୍‌ସି)। ଏଥିସହ ମମତା ଦିଦି ଲଗାତର ତୃତୀୟ ଥର କ୍ଷମତା ଦଖଲ କରି ହ୍ୟାଟ୍ରିକ୍ ସଫଳତା ପାଇଛନ୍ତି। ପଶ୍ଚିମବଙ୍ଗରେ କଳ ବଳ କୌଶଳ ପ୍ରୟୋଗ କରି କ୍ଷମତା ହାତେଇବା ପାଇଁ ପ୍ରାଣପଣେ ଉଦ୍ୟମ କରିଥିବା ଭାରତୀୟ ଜନତା ପାର୍ଟି (ଭାଜପା) ଦୁଇ ଅଙ୍କରେ ସୀମିତ ରହିଛି। ଗୈରିକ ଦଳକୁ ମମତାଙ୍କ ଗଡ଼ରେ କିଛି ସଫଳତା ମିଳିଥିଲେ ହେଁ ଏହାର ସରକାର ଗଢ଼ିବା ସ୍ୱପ୍ନ ମଉଳିଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ କେନ୍ଦ୍ର କ୍ୟାବିନେଟର ଅନେକ ମନ୍ତ୍ରୀଙ୍କ ତମାମ ଉଦ୍ୟମ ସତ୍ତ୍ୱେ ଦିଦିଙ୍କ ଦୁର୍ଗ ଭେଦ କରିବାରେ ସଫଳ ହୋଇନାହିଁ ଗୈରିକ ଦଳ। ସେହିପରି ତାମିଲନାଡୁରେ ଭାଜପା ସହଯୋଗୀ ଶାସକ ଅଲ୍ ଇଣ୍ଡିଆ ଆନ୍ନା ଦ୍ରାବିଡ ମୁନେତ୍ରା କାଜାଗାମ୍ (ଏଆଇଏଡିଏମ୍‌କେ)କୁ ପ୍ରତ୍ୟାଖ୍ୟାନ କରିଛନ୍ତି ଭୋଟର। ଏଠାରେ ଦ୍ରାବିଡ ମୁନେତ୍ରା କାଜାଗାମ୍ (ଡିଏମ୍‌କେ) ଅଧ୍ୟକ୍ଷ ☞ପୃଷ୍ଠା-୪

| ପଶ୍ଚିମବଙ୍ଗ | |
|---|---|
| ଟିଏମ୍‌ସି+ | ୨୧୩ |
| ଭାଜପା+ | ୭୭ |
| ବାମଦଳ+ | ୦୧ |
| ଅନ୍ୟ | ୦୧ |
| ମୋଟ-୨୯୨ | |

| ତାମିଲନାଡୁ | |
|---|---|
| ଡିଏମ୍‌କେ+ | ୧୫୬ |
| ଏଆଇଡିଏମ୍‌କେ+ | ୭୭ |
| ଏଏମ୍ଏମ୍‌କେ+ | ୦୧ |
| ଏମ୍ଏନ୍ଏମ୍+ | ୦୦ |
| ମୋଟ-୨୩୪ | |

| କେରଳ | |
|---|---|
| ଏଲ୍‌ଡିଏଫ୍ | ୯୯ |
| ୟୁଡିଏଫ୍ | ୪୧ |
| ଭାଜପା | ୦୦ |
| ଅନ୍ୟ | ୦୦ |
| ମୋଟ-୧୪୦ | |

| ପଣ୍ଡିଚେରୀ | |
|---|---|
| ଏନ୍‌ଆରସି+ | ୧୬ |
| କଂଗ୍ରେସ+ | ୦୯ |
| ଏଏମ୍ଏମ୍‌କେ+ | ୦୦ |
| ଅନ୍ୟ | ୦୫ |
| ମୋଟ-୩୦ | |

| ଆସାମ | |
|---|---|
| ଭାଜପା+ | ୭୪ |
| କଂଗ୍ରେସ+ | ୫୦ |
| ଏଜେପି+ | ୦୧ |
| ଅନ୍ୟ | ୦୧ |
| ମୋଟ-୧୨୬ | |



**ଭୋଟ ପ୍ରତିଶତ** (ରାତି ୧୨ଟା ସୁଦ୍ଧା)

**ପଶ୍ଚିମବଙ୍ଗ**



୧ ଟିଏମ୍‌ସି+ ୪୮.୩%
୨ ଭାଜପା+ ୩୮.୮%
୩ ବାମଦଳ + ୯.୩%
୪ ଅନ୍ୟ ୩.୬%

**ତାମିଲନାଡୁ**



୧ ଡିଏମ୍‌କେ+ ୪୫.୨%
୨ ଏଆଇଡିଏମ୍‌କେ+ ୪୦.୧%
୩ ଏଏମ୍ଏମ୍‌କେ+ ୩.୧%
୪ ଏମ୍ଏନ୍ଏମ୍+ ୨.୬%
୫ ଅନ୍ୟ ୯.୦%

**କେରଳ**



୧ ଏଲ୍‌ଡିଏଫ୍ ୪୪.୯%
୨ ୟୁଡିଏଫ୍ ୩୯.୬%
୩ ଭାଜପା+ ୧୧.୮%
୪ ଅନ୍ୟ ୩.୭%

**ପଣ୍ଡିଚେରୀ**



୧ ଏନ୍‌ଆରସି+ ୪୩.୮%
୨ କଂଗ୍ରେସ+ ୪୨.୭%
୩ ଏଏମ୍ଏମ୍‌କେ+ ୦.୫%
୪ ଅନ୍ୟ ୧୩.୦%

**ଆସାମ**



୧ ଭାଜପା+ ୪୬.୦%
୨ କଂଗ୍ରେସ+ ୪୩.୭%
୩ ଏଜେପି+ ୫.୦%
୪ ଅନ୍ୟ ୫.୩%

## ନନ୍ଦିଗ୍ରାମ: ଟିଏମ୍‌ସିର ପୁନଃ ଗଣତି ଦାବି, ଅଗ୍ରାହ୍ୟ କଲେ ଇସି

**କୋଲକାତା,୨।୫**

ନନ୍ଦିଗ୍ରାମ ଭୋଟ ଫଳାଫଳକୁ ନେଇ ବିବାଦ ସୃଷ୍ଟି ହୋଇଛି। ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ୩ ସଦସ୍ୟ ବିଶିଷ୍ଟ ପ୍ରତିନିଧି ଦଳ ଏହି ହାଇପ୍ରୋଫାଇଲ ଆସନରେ ପୁନଃ ଭୋଟ ଗଣତି ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆରିଜ୍ ଅଫ୍‌ତାଫଙ୍କ ନିକଟରେ ଦାବି କରିଥିଲେ। ହେଲେ ନିର୍ବାଚନ କମିଶନ ଉକ୍ତ ଦାବିକୁ ଅଗ୍ରାହ୍ୟ କରିଦେଇଛନ୍ତି। ରିଟର୍ନିଂ ଅଫିସର କହିଛନ୍ତି ଯେ, ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍) ଏବଂ ଭୋଟର ଭେରିଫିଏବଲ ପେପର ଅଡିଟ୍ ଟ୍ରାଏଲ୍ (ଭିଭିପିଏଟି) ସ୍ଲିପ୍‌କୁ ମେଳ କରାଯିବା ପରେ ଗଣତିର ଫଳାଫଳ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ।

ପ୍ରକାଶ ଯେ, ନନ୍ଦିଗ୍ରାମ ଆସନରେ ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ ଏବଂ ଭାଜପାର ଶୁଭେନ୍ଦୁ ଅଧିକାରୀଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଛି। ଭୋଟ ଗଣତି ଆରମ୍ଭରେ ଶୁଭେନ୍ଦୁ ଆଗୁଆ ଥିବା ଜଣାପଡ଼ିଥିଲା। ପରେ ମମତାଙ୍କ ସପକ୍ଷରେ ଜନମତ ଅଧିକ ଥିବା ସାମ୍ନାକୁ ଆସିଥିଲା। ଉଭୟ ପ୍ରାର୍ଥୀ ତଳ ଉପର ହୋଇ ରହିଥିବାବେଳେ ଶୁଭେନ୍ଦୁ ଏକତରଫା ଭାବେ ନିଜ ବିଜୟ ନେଇ ଟୁଇଟରରେ ଘୋଷଣା କରିଥିଲେ। ସେ ୧,୭୩୬ ଭୋଟରେ ମମତାଙ୍କୁ ହରାଇଥିବା କହିଛନ୍ତି। ☞ପୃଷ୍ଠା-୪

> ନନ୍ଦିଗ୍ରାମ ଜନାଦେଶକୁ ଗ୍ରହଣ କରୁଛି। କିନ୍ତୁ ଫଳ ଘୋଷଣା ପରେ ଜାଲିଆତି କରାଯାଇଛି। ମୁଁ ତାହାର ପର୍ଦ୍ଦାଫାଶ କରିବି। ଏହା ବିରୋଧରେ କୋର୍ଟକୁ ଯିବି।
> -ମମତା ବାନାର୍ଜୀ, ନନ୍ଦିଗ୍ରାମ ଆସନର ଟିଏମ୍‌ସି ପ୍ରାର୍ଥୀ

> ନନ୍ଦିଗ୍ରାମର ଭୋଟରମାନଙ୍କ ସ୍ନେହ, ଆସ୍ଥା, ଆଶୀର୍ବାଦ ଓ ସମର୍ଥନ ପାଇଁ ଧନ୍ୟବାଦ। ସେମାନେ ମୋତେ ବିଧାୟକ ତଥା ପ୍ରତିନିଧି ରୂପେ ବାଛିଛନ୍ତି। ନନ୍ଦିଗ୍ରାମବାସୀଙ୍କ ମଙ୍ଗଳ ପାଇଁ କାର୍ଯ୍ୟ ଜାରି ରଖିବି। ସେମାନଙ୍କ ନିକଟରେ କୃତଜ୍ଞ।
> -ଶୁଭେନ୍ଦୁ ଅଧିକାରୀ, ନନ୍ଦିଗ୍ରାମର ଭାଜପା ପ୍ରାର୍ଥୀ

## ଜୁନ୍ ୨୦ରେ ସିବିଏସ୍‌ଇ ଦଶମ ପରୀକ୍ଷା ଫଳ

**ନୂଆଦିଲ୍ଲୀ, ୨।୫**

ଦେଶରେ କରୋନା ସଂକ୍ରମଣ ଭୟଙ୍କର ଭାବେ ମାଡ଼ିଚାଲିଥିବାରୁ ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) କର୍ତ୍ତୃପକ୍ଷ ଚଳିତ ବର୍ଷର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାକୁ ବାତିଲ କରି ଦେଇଥିଲେ। ପରୀକ୍ଷା ନ ହେଲେ ମଧ୍ୟ ଫଳାଫଳ ଜୁନ୍ ୨୦ରେ ପ୍ରକାଶ ପାଇବ ବୋଲି ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଆସ୍ଥା ତୁଟାଇଲେଣି**

## ଖବରଦାତା ସମ୍ମୁଖ ଯୋଦ୍ଧା

- ଘୋଷଣା କଲେ ମୁଖ୍ୟମନ୍ତ୍ରୀ
- ରାଜ୍ୟର ୬,୯୪୪ ଖବରଦାତା ଉପକୃତ ହେବେ

**ଭୁବନେଶ୍ୱର, ୨।୫(ବ୍ୟୁରୋ)**

ରାଜ୍ୟରେ କାର୍ଯ୍ୟରତ ଖବରଦାତାଙ୍କୁ ମିଳିଛି କରୋନା ସମ୍ମୁଖ ଯୋଦ୍ଧାର ମାନ୍ୟତା। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଘୋଷଣା କରିଛନ୍ତି। ଏ ସଂକ୍ରାନ୍ତ ପ୍ରସ୍ତାବକୁ ଅନୁମୋଦନ କରିବା ପରେ ମୁଖ୍ୟମନ୍ତ୍ରୀ ଖବରଦାତାଙ୍କୁ ପ୍ରଶଂସା କରି କହିଛନ୍ତି, କରୋନା ଭଳି ସଙ୍କଟ ସମୟରେ ଖବରଦାତାମାନେ ନିରବଚ୍ଛିନ୍ନ ଖବର ଯୋଗାଇ ଲୋକଙ୍କୁ ସଚେତନ କରୁଛନ୍ତି। କରୋନା ଲଢ଼େଇରେ ସେମାନେ ବଡ଼ ସହଯୋଗ କରୁଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ଦ୍ୱାରା ରାଜ୍ୟର ୬,୯୪୪ ଖବରଦାତା ଉପକୃତ ହେବେ। ବର୍ତ୍ତମାନ ରାଜ୍ୟର ଏହି କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାରେ ସାମିଲ କରାଯାଇ ଚିକିତ୍ସା ପାଇଁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟ ବୀମା ଯୋଗାଇ ଦିଆଯାଉଛି। ଏହାଛଡ଼ା କାର୍ଯ୍ୟରତ ସମୟରେ ☞ପୃଷ୍ଠା-୪

## କେନ୍ଦ୍ର କମିଟି କହୁଛି କେନ୍ଦ୍ର ମାନିଲାନି

**ନୂଆଦିଲ୍ଲୀ, ୨।୫**

**ଭାରତରେ ଦ୍ରୁତ ସଂକ୍ରମଣ**

ଦେଶରେ ଭୟଙ୍କର ସଂକ୍ରମଣ ନେଇ ଚେତାବନୀ ଦେବା ସତ୍ତ୍ୱେ କେନ୍ଦ୍ରୀୟ କମିଟି କଥାକୁ ଅଣଦେଖା କରିଥିଲେ କେନ୍ଦ୍ର ସରକାର। ଏଥିଯୋଗୁ ସଂକ୍ରମଣର ଭୟାବହ ସ୍ଥିତି ସୃଷ୍ଟି ହୋଇଥିବା ଭାରତ ସରକାରଙ୍କ ଦ୍ୱାରା ଗଠିତ ବୈଜ୍ଞାନିକ ପରାମର୍ଶଦାତା ଫୋରମ୍ ଇଣ୍ଡିଆନ ସାର୍ସ-କୋଭ୍-୨ ଜେନେଟିକ୍ କନସୋର୍ଟିୟମ(ଆଇଏନ୍ଏସ୍ଏସିଓଜି) କହିଛି। ଦେଶରେ ନୂଆ କରୋନା ଭାରିଆଣ୍ଟ ଓ ଦ୍ରୁତ ସଂକ୍ରମଣ ନେଇ ମାର୍ଚ୍ଚ ଆରମ୍ଭରୁ ଫୋରମ୍ ଚେତାବନୀ ଦେଇଥିଲେ ହେଁ କେନ୍ଦ୍ର ସରକାର ଏହାକୁ ଅଣଦେଖା କରିଥିଲେ ବୋଲି ଆଇଏନ୍ଏସ୍ଏସିଓଜି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି। ଏହାକୁ ରୋକିବାକୁ ପଦକ୍ଷେପ ନିଆ ନ ଯିବାରୁ ସଂକ୍ରମଣ ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ଦ୍ୱିତୀୟ ଲହର ଚାଲିଥିବାବେଳେ ଲକ୍ଷ ଲକ୍ଷ ସଂଖ୍ୟାରେ ଲୋକଙ୍କୁ ଧର୍ମୀୟ ସମାବେଶରେ ଏକଜୁଟ୍ ହେବାକୁ ଅନୁମତି ମିଳିବା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଅନ୍ୟ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ବିପୁଳ ସଂଖ୍ୟାରେ ଲୋକଙ୍କୁ ନିର୍ବାଚନ ପ୍ରଚାର କାର୍ଯ୍ୟକ୍ରମରେ ସାମିଲ କରାଯିବା, କେନ୍ଦ୍ରର ନୂଆ କୃଷି ଆଇନ ବିରୋଧରେ ହଜାର ହଜାର କୃଷକ ଦିଲ୍ଲୀରେ ଏକତ୍ର ହୋଇ ଆନ୍ଦୋଳନ କରିବା ଆଦି ସଂକ୍ରମଣ ବୃଦ୍ଧିର ପ୍ରମୁଖ କାରଣ ମଧ୍ୟରୁ ଅନ୍ୟତମ। ଏବେ ବିଶ୍ୱର ଦ୍ୱିତୀୟ ସର୍ବାଧିକ ଲୋକସଂଖ୍ୟାର ଦେଶ କରୋନା କବଳରେ ଭୟଙ୍କର ଭାବେ କବଳିତ ହୋଇଥିବାବେଳେ ଏଥିରେ ରୋକ ଲଗାଇବା କଷ୍ଟକର ହୋଇପଡ଼ିଛି। ବ୍ରିଟେନ ସମେତ ନୂଆ ଭାରିଆଣ୍ଟର ଚିହ୍ନଟ ହେବା ☞ପୃଷ୍ଠା-୪

# ୫ରୁ ଲକ୍‌ଡାଉନ୍

**୧୯ ତାରିଖ ସକାଳ ୫ଟା ପର୍ଯ୍ୟନ୍ତ ଲାଗୁ**

- ସ୍ୱାସ୍ଥ୍ୟ ଓ ଜରୁରୀ ସେବାକୁ ଅନୁମତି
- ପୂର୍ବଭଳି ଶନି ଓ ରବିବାର ଶଟ୍‌ଡାଉନ୍ ରହିବ
- ଟିକାକରଣ, ଟେଷ୍ଟିଂ ଜାରି ରହିବ
- ନିର୍ବାଚନ କାର୍ଯ୍ୟ ଉପରେ କଟକଣା ରହିବ ନାହିଁ
- ଅନୁମତି ଆଣି ବାହାଘର ଓ ଶୁଦ୍ଧିକ୍ରିୟା ହେବ
- ବାହାର ରାଜ୍ୟ ଫେରନ୍ତାଙ୍କୁ ଜଗିବେ ସରପଞ୍ଚ



**ଭୁବନେଶ୍ୱର, ୨।୫(ବ୍ୟୁରୋ)**

ରାଜ୍ୟରେ ବଢ଼ି ଚାଲିଛି କରୋନା ସଂକ୍ରମିତଙ୍କ ସଂଖ୍ୟା। ଏଥିସହିତ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ମେ' ୨ୟ ସପ୍ତାହରେ ଏହା ଶୀର୍ଷରେ ପହଞ୍ଚିବ। ତେଣୁ ଏହି ସଂକ୍ରମଣ ଶୃଙ୍ଖଳ ଭାଙ୍ଗିବାକୁ ରାଜ୍ୟ ସରକାର ରବିବାର ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଆସନ୍ତା ୫ ତାରିଖରୁ ୧୯ ତାରିଖ ସକାଳ ୫ଟା ପର୍ଯ୍ୟନ୍ତ ସାରା ରାଜ୍ୟରେ ୧୪ ଦିନିଆ ଲକ୍‌ଡାଉନ୍ ଲାଗୁ କରାଯାଇଛି। ଲକ୍‌ଡାଉନ୍ ସମୟରେ ପୂର୍ବଭଳି ନାଇଟ୍ କର୍ଫ୍ୟୁ ଓ ଶଟ୍‌ଡାଉନ୍ ବଳବତ୍ତର ରହିବ। ଯାତ୍ରୀ ପରିବହନ ବନ୍ଦ ରହିବ ଓ ମାଲ୍ ପରିବହନ ସେବା ଜାରି ରହିବ। ଲୋକେ କେବଳ ଚାଲି ଚାଲି ପରିବା ପାଇଁ ଯାଇପାରିବେ। ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ଯାଏ ଘରଠାରୁ ୫ଶହ ମିଟର ଦୂର ମଧ୍ୟରେ ପରିବା ଆଣିପାରିବେ। ☞ପୃଷ୍ଠା-୪



> କୋଭିଡ୍‌ର ଏହି ସଙ୍କଟ ସମୟରେ ନିଜର ତଥା ପରିବାରର ସୁରକ୍ଷା ପାଇଁ ଆମେ ସଚେତନ ଏବଂ ସତର୍କ ହେବା ନିହାତି ଜରୁରୀ। କୋଭିଡ୍ ନିୟମ ମାନି ବ୍ୟକ୍ତିଗତ ସ୍ତରରେ ଲକ୍‌ଡାଉନ୍‌ର କଡ଼ା ଅନୁପାଳନ କଲେ ସଂକ୍ରମଣ ହାର ହ୍ରାସ ପାଇବା ସହ ଅନେକ ଜୀବନ ସୁରକ୍ଷିତ ହେବ। ସମସ୍ତେ ସଚେତନ ହୋଇ ଲଢ଼ିବା ଓ କରୋନାକୁ ହରାଇବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

### କ'ଣ ବନ୍ଦ ରହିବ

- ଯାତ୍ରୀବାହୀ ବସ୍, ଅଟୋ ରିକ୍ସା, ଟ୍ୟାକ୍ସି, କ୍ୟାବ୍ ଚଳାଚଳ
- ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର ଓ ଟ୍ରେନିଂ ସେଣ୍ଟର
- ପ୍ରଦର୍ଶନୀ, ମେଳା ଓ ବ୍ୟବସାୟଭିତ୍ତିକ ମିଟିଂ
- ସିନେମା ହଲ୍, ମାର୍କେଟ୍ କମ୍ପ୍ଲେକ୍ସ, ଜିମ୍, ସୁଇମିଂ ପୁଲ୍, ପାର୍କ, ବାର୍
- ଯାତ୍ରା, ଅପେରା, ଖୋଲା ମଞ୍ଚ
- ସାମାଜିକ, ଧାର୍ମିକ, ସାଂସ୍କୃତିକ, କ୍ରୀଡ଼ା, ରାଜନୈତିକ ସମାବେଶ
- ସ୍ପା, ସେଲୁନ୍, ବିୟୁଟି ପାର୍ଲର, ସାପ୍ତାହିକ ଓ ଦୈନିକ ହାଟ
- ଧର୍ମାନୁଷ୍ଠାନ ବନ୍ଦ ରହିବ, କିନ୍ତୁ ରୀତିନୀତି ଚାଲିବ

### କ'ଣ ଖୋଲା ରହିବ

- ହସ୍ପିଟାଲ, କ୍ଲିନିକ, ନର୍ସିଂହୋମ୍, ଔଷଧ ଦୋକାନ
- ସକାଳ ୬ରୁ ମଧ୍ୟାହ୍ନ ୧୨ ପର୍ଯ୍ୟନ୍ତ ରାଶନ, ଗ୍ରସେରି, ମାଛ, ମାଂସ, ଅଣ୍ଡା, କ୍ଷୀର, ଫଳ ଦୋକାନ
- ମାଲ୍ ପରିବହନ ସେବା, ରନ୍ଧନ ଗ୍ୟାସ୍ ଯୋଗାଣ
- ଛାପା, ବୈଦ୍ୟୁତିକ ଓ ୱେବ୍ ଗଣମାଧ୍ୟମ
- ସକାଳ ୫ଟାରୁ ୮ଟା ଖବରକାଗଜ ବଣ୍ଟନ
- ପଟ୍ରୋଲ ପମ୍ପ, ଗାଡ଼ି ମରାମତି ଦୋକାନ
- ରେଷ୍ଟୁରାଣ୍ଟ ଓ ଢାବାରେ କେବଳ ଖାଦ୍ୟ ପାର୍ସଲ
- ଫ୍ଲିପ୍‌କାର୍ଟ, ଆମାଜନ, ଜୋମାଟୋ ଆଦିର ଡେଲିଭରି ବୟ୍
- ଚାଷ ସମ୍ପର୍କିତ ସମସ୍ତ କାର୍ଯ୍ୟ
- ଲୁହା ଛଡ଼, ସିମେଣ୍ଟ, ବହି ଦୋକାନ
- ଇଲେକ୍ଟ୍ରିସିଆନ, ପାଣି ପାଇପ୍ ମିସ୍ତ୍ରି, କାଠ କାରିଗର, ଆଇଟି ମେକାନିକ୍, ଗାଡ଼ି ମେକାନିକ୍ ସେବା



# ଖେଳ ଜିତିଲେ ଦିଦି

## ଜାତୀୟ ରାଜନୀତିରେ ପରିବର୍ତ୍ତନର ସନ୍ଦେଶ

**ନୂଆଦିଲ୍ଲୀ,୨।୫**

ପଶ୍ଚିମବଙ୍ଗ ନିର୍ବାଚନରେ ଭାଜପାର ପରାଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପାର ଚାଣକ୍ୟ କୁହାଯାଉଥିବା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଝଟ୍‌କା ଲାଗିଥିବାବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଶିବିର ଉତ୍ସବ ମନାଉଛି। କେରଳରେ ଏଲ୍‌ଡିଏଫ୍ ଏବଂ ତାମିଲନାଡୁରେ ଡିଏମ୍‌କେ ମେଣ୍ଟର କର୍ମୀ ମଧ୍ୟ ଉତ୍ସବ ପାଳନ ପାଇଁ ଏକତ୍ରିତ ହୋଇଛନ୍ତି। ଭାଜପା ପଶ୍ଚିମବଙ୍ଗରେ ଯେଉଁଭଳି ଭାବେ ପ୍ରଚାର କରିଥିଲା ଓ ନିଜ ସମର୍ଥକଙ୍କ ମଧ୍ୟରେ ବିଜୟର ଆଶା ସୃଷ୍ଟି କରିଥିଲା ଏହି ନିର୍ବାଚନୀ ଝଟ୍‌କା ପରେ ସବୁ ଫସର ଫାଟିଯାଇଛି। ତେବେ ୨୦୧୬ ବିଧାନସଭା ନିର୍ବାଚନରେ ମାତ୍ର ୩ ଆସନ ଜିତିଥିବା ଗୈରିକ ଦଳ ଏଥର ଆସନ ସଂଖ୍ୟା ବଢ଼ାଇବାରେ ସକ୍ଷମ ହୋଇଥିବାରୁ ଆଶ୍ୱସ୍ତି ଲାଭ କରିଛି। ଦଳର ପରାଜିତ ନେତାମାନେ ଏବେ ଏହି ଦିଗ ଉପରେ ଜୋର୍ ଦେଉଛନ୍ତି। ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ନିର୍ବାଚନ ପରିଣାମ ଏହି ପରିଧିରେ ସୀମିତ ନ ରହି ଜାତୀୟ ରାଜନୀତିରେ ପରିବର୍ତ୍ତନର ସନ୍ଦେଶ ଦେଇଛି।

ପଶ୍ଚିମବଙ୍ଗର ଫଳାଫଳ ଟିଏମ୍‌ସି ମୁଖ୍ୟ ମମତା ବାନାର୍ଜୀଙ୍କ 'ଫାଇଟର' ଛବିକୁ ଆହୁରି ମଜଭୁତ କରିଛି। ତାଙ୍କ ସାମ୍ନାରେ ଥିବା ରାଜନୈତିକ କ୍ୟାରିୟରର ସବୁଠୁ ବଡ଼ ଚ୍ୟାଲେଞ୍ଜକୁ ସେ ଗ୍ରହଣ କରି ସଫଳ ହୋଇଛନ୍ତି। ମମତାଙ୍କ କେତେଜଣ ସାଥୀ ତାଙ୍କୁ ଛାଡ଼ି ଭାଜପାରେ ସାମିଲ ହୋଇଛନ୍ତି। କିନ୍ତୁ ପଶ୍ଚିମବଙ୍ଗ ମତଦାତା ସେମାନଙ୍କୁ ଗ୍ରହଣ କରିନାହାନ୍ତି। ଟିଏମ୍‌ସିକୁ ୨୦୧୧ ଓ ୨୦୧୬ ବିଧାନସଭା ନିର୍ବାଚନରେ ୪୪% ଭୋଟ ମିଳିଥିଲା। ଏପରି କି ୨୦୧୯ ଲୋକ ସଭା ନିର୍ବାଚନରେ ମଧ୍ୟ ଭାଜପାଠାରୁ ଟିଏମ୍‌ସିକୁ ଝଟ୍‌କା ଲାଗିଥିଲା। ଏହାସତ୍ତ୍ୱେ ଚଳିତ ନିର୍ବାଚନରେ ଟିଏମ୍‌ସିର ଭୋଟ ହାର କମିନାହିଁ। ଏଥିରୁ ପ୍ରମାଣିତ ହୋଇଛି ଯେ, ମମତାଙ୍କ ଉପରେ ମତଦାତାଙ୍କ ଭରସା ଅତୁଟ ରହିଛି। ଏହି ଅବସରରେ ଅନେକ ନେତା ମମତାଙ୍କୁ ଅଭିନନ୍ଦନ ଜଣାଇ ଆଗାମୀ ସାଧାରଣ ନିର୍ବାଚନରେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବେ ଦେଖିବାକୁ ଚାହୁଁଥିବା କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି

### ➩ ମହଙ୍ଗା ପଡ଼ିଲା 'ଦିଦି ଓ ଦିଦି'
### ➩ ଭାଜପା ଶିବିର ଖାଁ ଖାଁ
### ➩ କଂଗ୍ରେସରେ ନୈରାଶ୍ୟ

ପଶ୍ଚିମବଙ୍ଗରେ ପ୍ରଚାର ବେଳେ ଅନେକ ସଭାରେ ମମତାଙ୍କୁ ତାଚ୍ଛଲ୍ୟ କରି 'ଦିଦି ଓ ଦିଦି' କହୁଥିବା ଶୁଣିବାକୁ ମିଳିଥିଲା। ଏହାକୁ ମତଦାତାମାନେ ଗ୍ରହଣ କରିପାରି ନାହାନ୍ତି। ବିଶେଷକରି ମହିଳା ଭୋଟର ପ୍ରଧାନମନ୍ତ୍ରୀଙ୍କ ଏଭଳି ବ୍ୟବହାରକୁ ନାପସନ୍ଦ କରିଛନ୍ତି। ଟିଏମ୍‌ସି ଏମ୍‌ପି ମହୁଆ ମୋଇତ୍ର ପ୍ରଧାନମନ୍ତ୍ରୀ ମହିଳାଙ୍କୁ ଅପମାନିତ କରିଥିବା ଅଭିଯୋଗ ଆଣିଛନ୍ତି।

## ପିକେଙ୍କ ସନ୍ନ୍ୟାସ ଘୋଷଣା

**କୋଲକାତା, ୨।୫ (ପି.ଟି.)**

ଟିଏମ୍‌ସିର ବିଜୟ ସତ୍ତ୍ୱେ ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର(ପି.କେ.) ତାଙ୍କ ପଦ ଛାଡ଼ୁଥିବା ନେଇ ଏକ ନ୍ୟୁଜ୍ ଚ୍ୟାନେଲକୁ ସୂଚନା ଦେଇଥିଲେ। ସେ ଟିଏମ୍‌ସି ପାଇଁ ନିର୍ବାଚନୀ ରଣନୀତି ପ୍ରସ୍ତୁତ କରିଥିଲେ। ପଶ୍ଚିମବଙ୍ଗରେ ଭାଜପା ଦୁଇଅଙ୍କ ଅତିକ୍ରମ କରିବା ଲାଗି ସଂଘର୍ଷ କରିବ। ଏହି ଦଳ ଦୁଇ ଅଙ୍କ ଅତିକ୍ରମ କଲେ ସେ ନିର୍ବାଚନ ରଣନୀତିକାର ପଦ ଛାଡ଼ିଦେବେ ବୋଲି ଗତ ଡିସେମ୍ବର ମାସରେ ପ୍ରଶାନ୍ତ କହିଥିଲେ। ତେବେ ଭାଜପା ଦୁଇଅଙ୍କ ଅତିକ୍ରମ କରିବାକୁ ସକ୍ଷମ ହୋଇ ନ ଥିଲେ ମଧ୍ୟ ପ୍ରଶାନ୍ତ ପଦ ଛାଡ଼ିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଭାଜପାର ଜୋର୍‌ଦାର ପ୍ରଚାର ସତ୍ତ୍ୱେ ଟିଏମ୍‌ସି ଜିତିବା ନେଇ ସେ ନିଶ୍ଚିତ ଥିଲେ। ଫଳାଫଳ ଏକପାଖିଆ ଭଳି ଜଣାପଡ଼ିପାରେ, କିନ୍ତୁ ଲଢ଼େଇ ଜୋର୍‌ଦାର ହୋଇଥିଲା। ଭାଜପା ଏକ ଭୟ ସୃଷ୍ଟିକାରୀ ଦଳ ବୋଲି ପ୍ରଶାନ୍ତ କହିଛନ୍ତି।



ପ୍ରଶାନ୍ତ କିଶୋର

## ନନ୍ଦିଗ୍ରାମ ଦ୍ୱନ୍ଦ୍ୱ: କୋର୍ଟ ଯିବେ ମମତା

**କୋଲକାତା,୨।୫**

ପଶ୍ଚିମବଙ୍ଗର ଅନ୍ୟ ଆସନଗୁଡ଼ିକର ପରିଣାମ ଆସିସାରିଥିବାବେଳେ ନନ୍ଦିଗ୍ରାମକୁ ନେଇ ଦ୍ୱନ୍ଦ୍ୱ ଦୂର ହୋଇନାହିଁ। ନିର୍ବାଚନ କମିଶନ (ଇସି) ଏହି ଆସନର ଫଳାଫଳ ଘୋଷଣା କରି ନ ଥିବାରୁ ବିବାଦ ସୃଷ୍ଟି ହୋଇଛି। କେତେବେଳେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ପ୍ରାର୍ଥୀ ମମତା ବାନାର୍ଜୀ ବିଜୟୀ ହୋଇଥିବା କୁହାଯାଉଥିବାବେଳେ ଆଉ କେତେବେଳେ ଭାଜପାର ଶୁଭେନ୍ଦୁ ଅଧିକାରୀ ଜିତିଥିବା ନେଇ ରିପୋର୍ଟ ଆସିବାରେ ଲାଗିଛି। ଏପରି କି ନିର୍ବାଚନ କମିଶନଙ୍କ ୱେବ୍‌ସାଇଟ୍‌ରେ ମଧ୍ୟ ଏସମ୍ପର୍କିତ ତଥ୍ୟ ଅପ୍‌ଡେଟ୍ କରାଯାଉ ନାହିଁ। ଏନେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ନନ୍ଦିଗ୍ରାମର ଜନାଦେଶ ଯାହା ଆସୁନା କାହିଁକି ତାକୁ ସେ ଗ୍ରହଣ କରିବାକୁ ପ୍ରସ୍ତୁତ। କିନ୍ତୁ ସେଠାରେ କିଛି ଏପଟସେପଟ କରାଯାଇଛି। ସେ ଏହା ବିରୋଧରେ କୋର୍ଟଙ୍କ ଆଶ୍ରୟ ନେବେ ବୋଲି ମମତା ଚେତାବନୀ ଦେଇଛନ୍ତି।

ଟିଏମ୍‌ସି ସୁପ୍ରିମୋ ଆହୁରି କହିଛନ୍ତି, ଭାଜପା ଏହି ନିର୍ବାଚନ ହାରିଯାଇଛି। ଟିଏମ୍‌ସି ୨୨୧ରୁ ଊର୍ଦ୍ଧ୍ୱ ଆସନରେ ଜିତିଛି। ତେଣୁ ନନ୍ଦିଗ୍ରାମକୁ ନେଇ ରାଜ୍ୟବାସୀ ଚିନ୍ତା କରନ୍ତୁ ନାହିଁ। ଭାଜପା ନେତାମାନେ କଳୁଷିତ ରାଜନୀତି କରୁଛନ୍ତି। ନିର୍ବାଚନ କମିଶନଙ୍କ ଆତଙ୍କକୁ ଆମେ ସାମ୍ନା କରିଛୁ। ଏହି ଅବସରରେ ମମତା ନୂଆ ଇନିଂସ ଆରମ୍ଭ କରିବା ପୂର୍ବରୁ କାଳିଘାଟ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ଏହା ପୂର୍ବରୁ ମମତାଙ୍କ ରଣନୀତିକାର ପ୍ରଶାନ୍ତ କିଶୋର ମଧ୍ୟ ନିର୍ବାଚନ କମିଶନଙ୍କ ଉପରେ ବର୍ଷିଥିଲେ। ଭାଜପାର ସହଯୋଗୀ ଭାବେ ଆୟୋଗ କାର୍ଯ୍ୟ କରୁଥିବା ସେ ସମାଲୋଚନା କରିଥିଲେ।

## ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ



ନରେନ୍ଦ୍ର ମୋଦି

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଟିଏମ୍‌ସି ବିଜୟୀ ହେବାକୁ ଯାଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଅଭିନନ୍ଦନ ଜଣାଇବା ସହ ପଶ୍ଚିମବଙ୍ଗ ସରକାରଙ୍କ ଆଶା ଆକାଂକ୍ଷା ପୂରଣ ତଥା ମହାମାରୀ ମୁକାବିଲା ଲାଗି କେନ୍ଦ୍ର ସରକାର ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ଭାଜପାର ଉଲ୍ଲେଖନୀୟ ବୃଦ୍ଧି ପାଇଁ ପଶ୍ଚିମବଙ୍ଗବାସୀଙ୍କ ଆଶୀର୍ବାଦ ନିମନ୍ତେ ମୋଦି ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଭାଜପାରୁ ପ୍ରଥମ ନେତା ଭାବେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଟିଏମ୍‌ସି ନେତ୍ରୀ ମମତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ରାଜନାଥ ଟୁଇଟ୍ କରି ମମତାଙ୍କୁ ତାଙ୍କ ଦଳର ବିଜୟ ଲାଗି ଅଭିନନ୍ଦନ ଜଣାଇବା ସହ ପରବର୍ତ୍ତୀ ସରକାର ଗଠନ କରିବାକୁ ଯାଉଥିବାରୁ ଶୁଭେଚ୍ଛା ଜଣାଇଛନ୍ତି।

## ଆଉ ୩ ଆସନ ମିଳିଥିଲେ...



ପିନାରାୟୀ ବିଜୟନ

ପିନାରାୟୀ ବିଜୟନ୍ ଲଗାତର ଦ୍ୱିତୀୟ ଥର ପାଇଁ କେରଳ ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରି ଇତିହାସ ସୃଷ୍ଟି କରିଥିବାବେଳେ ସିପିଆଇଏମ୍ ନିଜ ବଳରେ ସରକାର ଗଠନ କରିବାରୁ ବିଚ୍ୟୁତ ହୋଇଛି। ସିପିଆଇଏମ୍‌କୁ ୬୮ ଆସନରେ ସଫଳତା ମିଳିଛି। ଆଉ ୩ଟି ଆସନ ଜିତିଥିଲେ ୧୪୦ ଆସନ ବିଶିଷ୍ଟ ବିଧାନସଭାରେ ମେଣ୍ଟର କୌଣସି ଅଂଶୀଦାରଙ୍କୁ ନ ନେଇ ଏକାକୀ ସରକାର ଗଠନ କରିପାରିଥାଆନ୍ତା। ଏଠାରେ ଶାସକ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଲ୍‌ଡିଏଫ୍) ୯୯ ଆସନ ଦଖଲ କରିଥିବାବେଳେ ବିରୋଧୀ ସଂଯୁକ୍ତ ଗଣତାନ୍ତ୍ରିକ ମେଣ୍ଟ (ୟୁଡିଏଫ୍) ୪୧ ଆସନ ପାଇଛି। ସେଥିରୁ କଂଗ୍ରେସ ୨୨ ଓ ଅଲ୍ ଇଣ୍ଡିଆ ୟୁନିୟନ୍ ମୁସଲିମ୍ ଲିଗ୍ ୧୪ ଆସନ ପାଇଛି। ସେହିପରି ନ୍ୟାଶନାଲିଷ୍ଟ କଂଗ୍ରେସ କେରଳ, କେରଳ କଂଗ୍ରେସ ଜାକୋବ ଓ ରିଭୋଲ୍ୟୁଶନାରି ମାର୍କ୍ସିଷ୍ଟ ପାର୍ଟିକୁ ଗୋଟିଏ ଲେଖାଏ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି।

## କୃତଜ୍ଞତା ଜଣାଇଲେ ଷ୍ଟାଲିନ୍



ତାମିଲନାଡୁ ନିର୍ବାଚନରେ ଡିଏମ୍‌କେ ନେତୃତ୍ୱାଧୀନ ମେଣ୍ଟ ବିଜୟୀ ହୋଇ ସରକାର ଗଢ଼ିବାକୁ ଯାଉଛି। ଦଳର ଏହି ସଫଳତା ପାଇଁ ଡିଏମ୍‌କେ ଅଧ୍ୟକ୍ଷ ଏମ୍.କେ. ଷ୍ଟାଲିନ ରାଜ୍ୟବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଷ୍ଟାଲିନ ପ୍ରଥମ ଥର ପାଇଁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଡିଏମ୍‌କେ ୧୦ ବର୍ଷ ହେଲା କ୍ଷମତାଠାରୁ ଦୂରେଇ ରହିଥିଲା। ଏଠାରେ ପ୍ରଥମ ଥର ପାଇଁ ଦୁଇ ପ୍ରମୁଖ ଦଳ ଏଆଇଏଡିଏମ୍‌କେ ଏବଂ ଡିଏମ୍‌କେ ସେମାନଙ୍କ ତୁଙ୍ଗ ନେତା ଜୟଲଳିଥା ଏବଂ ଏମ୍. କରୁଣାନିଧିଙ୍କ ବିନା ନିର୍ବାଚନ ଲଢ଼ିଥିଲେ। ୨୦୧୬ରେ ଜୟଲଳିଥାଙ୍କ ପରଲୋକ ହୋଇଥିବା ବେଳେ ୨୦୧୮ରେ କରୁଣାନିଧିଙ୍କ ଦେହାନ୍ତ ହୋଇଥିଲା। ସେମାନଙ୍କ ଅନୁପସ୍ଥିତି ରାଜ୍ୟ ରାଜନୀତିରେ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି କରିଥିଲା।

## କେରଳରେ କଂଗ୍ରେସର ପତନ



ରାହୁଲ ଗାନ୍ଧୀ

ପଶ୍ଚିମବଙ୍ଗରେ କଂଗ୍ରେସ ଓ ବାମପନ୍ଥୀଙ୍କ ମେଣ୍ଟ ମିଳିତ ଭାବେ ନିର୍ବାଚନ ଲଢ଼ିଥିଲେ। କିନ୍ତୁ ବିଗତ ଦୁଇଟି ନିର୍ବାଚନ ତୁଳନାରେ ଏଥର କଂଗ୍ରେସକୁ ଆହୁରି ଶୋଚନୀୟ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। କେରଳରେ ୟୁଡିଏଫ୍‌ର ନେତୃତ୍ୱ ନେଉଥିବା କଂଗ୍ରେସ ଏଥର କ୍ଷମତାକୁ ଆସିବ ବୋଲି ଅନେକେ ଧରିନେଇଥିଲେ। କାରଣ ସେଠାରେ କୌଣସି ମେଣ୍ଟକୁ ଲଗାତର ଭାବେ ମତଦାତା କ୍ଷମତାସୀନ କରାଇ ନ ଥାନ୍ତି। କ୍ଷମତାସୀନ ଏଲ୍‌ଡିଏଫ୍ ବିରୋଧରେ ଏକାଧିକ ଦୁର୍ନୀତି ମାମଲା ଥିଲା। ଏହାସତ୍ତ୍ୱେ କଂଗ୍ରେସ ଏହି ସ୍ଥିତିରୁ ଫାଇଦା ନେଇ ପାରିଲା ନାହିଁ। ଜନାଦେଶକୁ ଆମେ ବିନମ୍ରତାର ସହ ଗ୍ରହଣ କରୁଛୁ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ କହିଛନ୍ତି।



ଟିଏମ୍‌ସି କର୍ମୀମାନେ ଆରାମବାଗରେ ଭାଜପା କାର୍ଯ୍ୟାଳୟକୁ ଜାଳି ଦେଇଥିବା ଅଭିଯୋଗ ହୋଇଛି। ଟିଏମ୍‌ସି ଏହାକୁ ଅସ୍ୱୀକାର କରିଛି।

## ପ୍ରମୁଖ ବିଜୟୀ



ମୁକୁଲ ରୟ(ଭାଜପା), କିଷନ ନଗର, ପଶ୍ଚିମବଙ୍ଗ



ହିମନ୍ତ ବିଶ୍ୱଶର୍ମା (ଭାଜପା), ଜଲୁକ୍‌ବାରୀ, ଆସାମ



ପାର୍ଥ ଚାଟାର୍ଜୀ (ଟିଏମ୍‌ସି), ବେହାଲା ପଶ୍ଚିମ, ପଶ୍ଚିମବଙ୍ଗ



ଟିଟିଭି ଦିନାକରନ (ଏଏମ୍‌ଏମ୍‌କେ), କୋଭିଲପତି ତାମିଲନାଡୁ



ଉଦୟନିଧି ଷ୍ଟାଲିନ (ଡିଏମ୍‌କେ), ଚେପକ୍ ଥିରୁଭାଲିକେନି, ତାମିଲନାଡୁ



ଓ. ପନ୍ନିରସେଲଭମ୍ (ଏଆଇଏଡିଏମ୍‌କେ), ବୋଦିନାୟକାନୁର,ତାମିଲନାଡୁ



କେ କେ ଶୈଳଜା (ସିପିଆଇଏମ୍), ମତନପୁର, କେରଳ



ଓମେନ୍ ଚାଣ୍ଡି (କଂଗ୍ରେସ), ପୁଥୁପଲ୍ଲୀ, କେରଳ



ମଦନ ମିତ୍ର (ଟିଏମ୍‌ସି), କମରହଟି, ପଶ୍ଚିମବଙ୍ଗ

## ବିଜୟ ଉତ୍ସବ ଉପରେ କଟକଣା

**ନୂଆଦିଲ୍ଲୀ/କୋଲକାତା, ୨।୫ (ପି.ଟି.)**

ଭୋଟଗଣତି ସମୟରେ ଓ ଏହା ପରେ ବିଜୟ ଉତ୍ସବ ପାଳନ ଉପରେ ନିର୍ବାଚନ କମିଶନ (ଇସି) ନିଷେଧାଦେଶ ଲଗାଇଛନ୍ତି। ଏହା ସତ୍ତ୍ୱେ ବିଭିନ୍ନ ରାଜନୈତିକ ଦଳ ଏହାର ଉଲ୍ଲଂଘନ କରୁଥିବା ଦେଖାଯାଇଛି। ତେଣୁ କୋଭିଡ୍-୧୯ ଗାଇଡ୍‌ଲାଇନ ଉଲ୍ଲଂଘନରୁ କର୍ମୀମାନଙ୍କୁ ଦୂରେଇ ରଖିବା ପାଇଁ ଇସି ରାଜନୈତିକ ଦଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

ଭୋଟଗଣତି ଅବ୍ୟାହତ ରହିଥିବାବେଳେ କେତେକ ସ୍ଥାନରେ ଦଳୀୟ କର୍ମୀମାନେ ନିର୍ଦ୍ଦେଶନାମାର ଉଲ୍ଲଂଘନ କରି ଉତ୍ସବ ମନାଉଥିବା ଦେଖାଯାଉଛି। ଏହା ନିର୍ବାଚନ କମିଶନଙ୍କ ଦୃଷ୍ଟିକୁ ଆସିବା ପରେ ସମସ୍ତ ସ୍ୱୀକୃତିପ୍ରାପ୍ତ ଦଳର ମୁଖ୍ୟମାନଙ୍କୁ ପତ୍ର ଲେଖି କର୍ମୀମାନଙ୍କୁ ଉତ୍ସବଠାରୁ ଦୂରେଇ ରଖିବାକୁ ତାଗିଦ କରିଛନ୍ତି। ଆଦର୍ଶ ଆଚରଣ ବିଧି ଲାଗୁ ରହିଥିବାବେଳେ ଦଳୀୟ କର୍ମୀ ଓ ପ୍ରତିନିଧିମାନେ ନିର୍ଦ୍ଦେଶନାମାର ଉଲ୍ଲଂଘନ କରୁଥିବାରୁ ଇସି ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଶେଷ କରି ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ସମର୍ଥକମାନେ କୋଭିଡ୍-୧୯ ସତର୍କତା ନିୟମକୁ ସମ୍ପୂର୍ଣ୍ଣ ଭୁଲିଯାଇ ପରସ୍ପରକୁ ଅବିର ବୋଳିବା ସହ ଡ୍ରମ ବଜାଇ ଓ ବାଣ ଫୁଟାଇ ଉତ୍ସବ ପାଳନ କରୁଥିବାରୁ କାର୍ଯ୍ୟାନୁଷ୍ଠାନ ପାଇଁ ଇସି ଚେତାବନୀ ଦେଇଛନ୍ତି। ରାଲି ବାହାର କରୁଥିବା ଉତ୍ସାହୀ କର୍ମୀମାନଙ୍କୁ ରୋକିବାରେ ବିଫଳ ହୋଇଥିବା ସମସ୍ତ ଥାନା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ନିର୍ବାଚନ କମିଶନ ରାଜ୍ୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ସାମାଜିକ ଦୂରତ୍ୱକୁ ସମ୍ପୂର୍ଣ୍ଣ ଭୁଲିଯାଇ ଟିଏମ୍‌ସି କର୍ମୀମାନେ ବିନା ମାସ୍କରେ ଖେଲୋ ହୋବେ ଗୀତ ଗାଇ ଉତ୍ସବ ମନାଉଥିବା ଦେଖାଯାଇଛି। ନିର୍ଦ୍ଦେଶନାମା ଉଲ୍ଲଂଘନକାରୀଙ୍କ ବିରୋଧରେ ଏତଲା ଦାଏର କରିବା ସହ ସମ୍ପୃକ୍ତ ଥାନାର ଏସ୍‌ଏଚ୍‌ଓଙ୍କୁ ନିଲମ୍ବନ କରିବା ଲାଗି ଇସି ନିର୍ବାଚନ ଅନୁଷ୍ଠିତ ହୋଇଥିବା ୫ ରାଜ୍ୟର ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।





କୋଲକାତାରେ ବିଜୟ ଉତ୍ସବ ମନାଉଛନ୍ତି ଟିଏମ୍‌ସି କର୍ମୀ।

### ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

## ପରାଜିତ ପ୍ରାର୍ଥୀ



କମଲ ହାସନ (ଏମ୍‌ଏନ୍‌ଏମ୍), କୋଏମ୍ବାଟୁର ସାଉଥ୍, ତାମିଲନାଡୁ



ଇ ଶ୍ରୀଧରନ (ଭାଜପା), ପଲ୍ଲକଡ, କେରଳ



ବାବୁଲ ସୁପ୍ରିଓ (ଭାଜପା), ଟଲିଗଞ୍ଜ, ପଶ୍ଚିମବଙ୍ଗ



ସ୍ୱପନ ଦାସଗୁପ୍ତା (ଭାଜପା), ତାରକେଶ୍ୱର, ପଶ୍ଚିମବଙ୍ଗ



ଲୋକେଟ୍ ଚାଟାର୍ଜୀ (ଭାଜପା), ଚୁନ୍‌ଚୁରା, ପଶ୍ଚିମବଙ୍ଗ



କେ ସୁରେନ୍ଦରନ୍ (ଭାଜପା), ମଞ୍ଜେଶ୍ୱରମ୍ ଏବଂ କୋନି, କେରଳ

| କରୋନା ସଂକ୍ରମଣ ସ୍ଥିତି | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୫,୩୨,୭୯,୫୫୦ | ୩୨,୧୧,୮୦୨ | ୧୩,୦୫,୩୯,୧୫୪ |
| ଭାରତ | ୧,୯୮,୭୯,୩୭୭ | ୨,୧୮,୨୨୪ | ୧,୬୨,୪୦,୦୪୭ |
| ଓଡ଼ିଶା | ୪,୬୨,୬୨୨ | ୨୦୬୮(+୫୩) | ୩,୯୭,୫୭୫ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଗୁଣପୁର ବିଧାୟକ କରୋନା ସଂକ୍ରମିତ



**ଗୁଣପୁର, ୨।୫ (ଡି.ଏନ.ଏ):** ରାୟଗଡ଼ା ଜିଲା ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ଶନିବାର ସୂଚନା ମିଳିଛି। ତାଙ୍କର ସ୍ୱାସ୍ଥ୍ୟ ଖରାପ ହେବାରୁ ସେ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ କରୋନା ପରୀକ୍ଷା କରାଇଥିଲେ। ସେଠାରେ ସେ ପଜିଟିଭ ଚିହ୍ନଟ ହୋଇଥିବା ବିଧାୟକ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଏଥିସହ ଯେଉଁମାନେ ତାଙ୍କ ସଂସ୍ପର୍ଶରେ ଆସିଛନ୍ତି ସେମାନେ ମଧ କରୋନା ପରୀକ୍ଷା କରାଇ ନେବାକୁ ସେ ପରାମର୍ଶ ଦେଇଛନ୍ତି।

### ଫଳାଫଳ ପରେ ୪ ରାଜ୍ୟର ନେତାଙ୍କୁ ଶୁଭେଚ୍ଛା ବାର୍ତ୍ତା ଦେଲେ ନବୀନ

**ଭୁବନେଶ୍ୱର, ୨।୫(ବ୍ୟୁରୋ):** ଦେଶର ୫ ରାଜ୍ୟ ଯଥା ପଶ୍ଚିମବଙ୍ଗ, କେରଳ, ଆସାମ, ତାମିଲନାଡୁ ଏବଂ ପଣ୍ଡିଚେରୀରେ ଶେଷ ହୋଇଥିବା ସାଧାରଣ ନିର୍ବାଚନର ଫଳାଫଳ ରବିବାର ପ୍ରକାଶ ପାଇଛି। ୪ ରାଜ୍ୟରେ ବିଜୟୀ ହୋଇଥିବା ଦଳ ଏବଂ ନେତାଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ରାଜ୍ୟର ବହୁ ବ୍ୟକ୍ତି ଟୁଇଟ୍ ଯୋଗେ ଶୁଭେଚ୍ଛା ଜଣାଇଛନ୍ତି। ବିଳମ୍ବିତ ସମୟ ପର୍ଯ୍ୟନ୍ତ ପୁଡୁଚେରୀ ଫଳାଫଳ ନେଇ ମୁଖ୍ୟମନ୍ତ୍ରୀ କୌଣସି ଶୁଭେଚ୍ଛା ବାର୍ତ୍ତା ଦେଇ ନ ଥିଲେ। ନବୀନ ଟୁଇଟ୍ କରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏବଂ ତାଙ୍କ ଦଳ ତୃଣମୂଳ କଂଗ୍ରେସକୁ ଶୁଭେଚ୍ଛା ଜଣାଇଛନ୍ତି। ମମତା ତୃତୀୟ ଥର ସରକାର କରିବାକୁ ଯାଉଥିବାରୁ ଆଗକୁ ପଶ୍ଚିମବଙ୍ଗ ଉନ୍ନତିରେ ଆହୁରି ଆଗକୁ ଯିବ ବୋଲି ସେ କହିଛନ୍ତି। ସେହିପରି ତାମିଲନାଡୁ ଫଳାଫଳକୁ ନିଜ ସପକ୍ଷରେ ନେଇ କ୍ଷମତା ଦଖଲ କରିଥିବା ଡିଏମ୍‌କେ ନେତା ଏମ୍.କେ ଷ୍ଟାଲିନଙ୍କୁ ମଧ ନବୀନ ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ତାଙ୍କ ସଫଳତା ଲାଗି ତାଙ୍କୁ ପ୍ରଶଂସା କରିଛନ୍ତି। ଆସାମରେ ଭାଜପା ବିଜୟୀ ହେବାପରେ ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୱାଲଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେହିଭଳି କେରଳ ପିନାରାୟୀ ବିଜୟନ ଦ୍ୱିତୀୟ ଥର ପାଇଁ ସରକାର କରିବାକୁ ଯାଉଥିବାରୁ ତାଙ୍କୁ ମୁଖ୍ୟମନ୍ତ୍ରୀ ଶୁଭେଚ୍ଛା ଦେଇଛନ୍ତି।

### ୪୫ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

**କଟକସଦର, ୨।୫(ଡି.ଏନ୍.ଏ.):** କନ୍ଦରପୁର ଥାନା ପୋଲିସ ଶୁକ୍ରବାର କନ୍ଦରପୁର ବଜାରରେ ସନ୍ଦେହଜନକ ଅବସ୍ଥାରେ ଛିଡ଼ା ହୋଇଥିବା ଜଣେ ଯୁବକଙ୍କୁ ଯାଞ୍ଚ କରିବାବେଳେ ୪୪୦ଗ୍ରାମ ବ୍ରାଉନ ସୁଗାର ଜବତ କରିଥିଲା। ଯାହାର ମୂଲ୍ୟ ପାଖାପାଖି ୪୫ ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି। ସମ୍ପୃକ୍ତ ଯୁବକ ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ରାଜପୁ ବସ୍ତିର ସେକ୍ ରାଜା(୨୨)କୁ ଶନିବାର ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଏ ନେଇ ପୋଲିସ ଏକ ମାମଲା(ନଂ.୧୧୦/୨୧) ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ଗତ ୩୦ତାରିଖ ରାତିରେ ଅଭିଯୁକ୍ତ ଜଣକ ଏକ ବାଇକ୍ ନଂ.ଓଡି ୦୧ ଡବ୍ଲୁ ୨୭୦୧ରେ ବ୍ରାଉନସୁଗାର ନେଇ ଜଗତ୍‌ସିଂହପୁର ଅଭିମୁଖେ ଯାଉଥିଲେ। ବିଶେଷ ସୂତ୍ରରୁ କନ୍ଦରପୁର ଥାନା ଏସ୍ଆଇ ରାଧାକାନ୍ତ ସେଠୀ ଖବର ପାଇ କନ୍ଦରପୁର ବଜାର ନିକଟରେ ଚଢ଼ାଉ କରି ଯୁବକଙ୍କୁ ଧରି ଥାନାକୁ ଆଣିଥିଲେ। ପରେ ପଚରାଉଚରା କରିବାରୁ ନିଶା ବେପାର କରୁଥିବା ସ୍ୱୀକାର କରିବା ସହ ବ୍ରାଉନ ସୁଗାର ପ୍ୟାକେଟ ଓ ମୋବାଇଲ ଜବତ କରିଥିଲା।

# ଦୁଇଦିନରେ ୧୮,୪୨୮ ପଜିଟିଭ୍, ୨୫ ମୃତ

**ଭୁବନେଶ୍ୱର, ୨।୫(ବ୍ୟୁରୋ)**

ରାଜ୍ୟରେ କରୋନାର ଦ୍ୱିତୀୟ ଲହର ଉଗ୍ର ରୂପ ନେବାରେ ଲାଗିଛି। ମେ' ମାସରେ କରୋନା ପିକ୍‌ରେ ପହଞ୍ଚିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଯାହା ଆକଳନ କରୁଥିଲେ ସେୟା ହେବାକୁ ଯାଉଛି। ଗତ ଦୁଇ ଦିନରେ ରାଜ୍ୟରେ ୧୮,୪୨୮ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୨୫ଜଣଙ୍କ ମୃତ୍ୟୁ ହୋଇଛି। ସବୁଠାରୁ ବଡ଼ କଥା ହେଉଛି ଶନିବାର ରାଜ୍ୟରେ ଦୈନିକ ସଂକ୍ରମଣ ୧୦ ହଜାର ପାର୍ କରିଥିଲା। ଦିନକରେ ସର୍ବାଧିକ ୧୦,୪୧୩ଜଣ ଆକ୍ରାନ୍ତ ହୋଇଥିବାବେଳେ ୧୧ଜଣଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଶେଷ ୨୪ ଘଣ୍ଟାରେ ରାଜ୍ୟରେ ଆଉ ୮,୦୧୫ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି ଓ ୧୪ଜଣଙ୍କ ମୃତ୍ୟୁ ଘଟିଛି।

ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୧,୨୭୫ ରହିଛନ୍ତି। ସେହିଭଳି ସୁନ୍ଦରଗଡ଼ରେ ୭୩୫, ଅନୁଗୋଳ ୫୨୫, କଟକ ୪୮୨, ସମ୍ବଲପୁର ୪୪୧, ବରଗଡ଼ ୩୯୦, ଝାରସୁଗୁଡ଼ା ୩୮୬, ନବରଙ୍ଗପୁର ୩୨୦, ପୁରୀ ୩୦୬, ନୂଆପଡ଼ା ୨୬୪, ସୋନପୁର ୨୦୭ ଓ ଅନ୍ୟସବୁ ଜିଲାରେ ସଂକ୍ରମଣ ସଂଖ୍ୟା ୨୦୦ ତଳକୁ ରହିଛି। ଏମାନଙ୍କୁ ମିଶାଇ ରାଜ୍ୟରେ ଏବେ ମୋଟ ସଂକ୍ରମିତ ସଂଖ୍ୟା ୪,୬୨,୬୨୨କୁ ବୃଦ୍ଧି ପାଇଛି। ସେପଟେ ମୃତ ୧୪ ଜଣଙ୍କ ମଧ୍ୟରେ ରାୟଗଡ଼ାରେ ୪ଜଣ ଥିବାବେଳେ କେନ୍ଦୁଝରରୁ ୨, ସୁନ୍ଦରଗଡ଼, ଜଗତ୍‌ସିଂହପୁର, ବଲାଙ୍ଗୀର, ଭଦ୍ରକ, ଦେବଗଡ଼, ଗଞ୍ଜାମ, ଭୁବନେଶ୍ୱର ଓ ବୌଦ୍ଧରୁ ଜଣେ ଲେଖାଏ ରହିଛନ୍ତି। ଫଳରେ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୨,୦୬୮ରେ ପହଞ୍ଚିଛି। ଏବେ ରାଜ୍ୟରେ ସକ୍ରିୟ ରୋଗୀ ସଂଖ୍ୟା ବଢୁଥିବାରୁ ୧୭ ଜିଲା ରେଡ୍ ଜୋନ୍‌କୁ ଚାଲି ଆସୁଛି। ୯ଟି ଜିଲା ୟେଲୋ ଓ ୪ଟି ଜିଲା ଗ୍ରୀନ୍ ଜୋନ୍‌ରେ ରହିଛି।

ତେବେ ଖୋର୍ଦ୍ଧା ଓ ସୁନ୍ଦରଗଡ଼କୁ ନେଇ ଚିନ୍ତା ବଢ଼ିଛି। ଏହି ଦୁଇ ଜିଲାରେ ଦୈନିକ ସଂକ୍ରମଣ ଅଧିକ ରହିବା ସହ ସକ୍ରିୟ ରୋଗୀ ସଂଖ୍ୟା ମଧ ଅନ୍ୟ ଜିଲାଠାରୁ ଅଧିକ ରହୁଛି। ବର୍ତ୍ତମାନ ଖୋର୍ଦ୍ଧାରେ ସର୍ବାଧିକ ୧୧,୨୭୯ ସକ୍ରିୟ ରୋଗୀ ଥିବାବେଳେ ସୁନ୍ଦରଗଡ଼ରେ ୬,୩୬୩ଜଣ ରହିଛନ୍ତି। ମାଲକାନଗିରିରେ ସବୁଠାରୁ କମ୍ ୨୫୩ଜଣ ସକ୍ରିୟ ରୋଗୀ ରହିଥିବାରୁ ଏହି ଜିଲା ଗ୍ରୀନ୍ ଜୋନ୍‌ରେ ରହିଛି।

ଏପଟେ ଇମ୍ୟୁନିଟି ମେଡିସିନ ବିଶେଷଜ୍ଞ ଡା. ଇ ଭେଙ୍କଟ ରାଓ କହିଛନ୍ତି, ଯେ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହର୍ଡ ଇମ୍ୟୁନିଟି ସୃଷ୍ଟି ହୋଇନାହିଁ ସେପର୍ଯ୍ୟନ୍ତ ଗୋଷ୍ଠୀ ସଂକ୍ରମଣ ରୋକି ହେବ ନାହିଁ। ତେଣୁ ବର୍ତ୍ତମାନ ଲୋକେ ସଚେତନ ହେଲେ ଯାଇ ଗୋଷ୍ଠୀ ସଂକ୍ରମଣ କମିବ ଓ କରୋନା ସଂକ୍ରମଣ ତଳମୁହାଁ ହେବ।

# ଆଜିଠୁ ତୃତୀୟ ପର୍ଯ୍ୟାୟ ଟିକାକରଣ



## ଏଣିକି ୧୮ରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ଟିକା

- କେବଳ ଭୁବନେଶ୍ୱରରେ ଆରମ୍ଭ ହେବ
- ଟିକା ଆସିବା ପରେ ସାରା ରାଜ୍ୟରେ ଚାଲିବ

**ଭୁବନେଶ୍ୱର, ୨।୫(ବ୍ୟୁରୋ)**

ରାଜ୍ୟରେ ଏବେ ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ ଜାରି ରହିଥିବାବେଳେ ସୋମବାରଠାରୁ ତୃତୀୟ ପର୍ଯ୍ୟାୟ ଆରମ୍ଭ ହେବ। ୧୮ରୁ ୪୪ବର୍ଷ ବୟସ୍କଙ୍କୁ ଏହି ପର୍ଯ୍ୟାୟରେ ଟିକା ପ୍ରଦାନ କରାଯିବ। ତୃତୀୟ ପର୍ଯ୍ୟାୟ ଟିକାକରଣ ଗତ ୧ ତାରିଖରୁ ଆରମ୍ଭ ହେବାର ଥିଲା। କିନ୍ତୁ ଟିକା ଅଭାବରୁ ଏହା ହୋଇ ପାରି ନ ଥିଲା। ଏଥିପାଇଁ ରାଜ୍ୟ ସରକାର ଭାରତ ବାୟୋଟେକ୍‌ଠାରୁ ୧୦.୩୪ ଲକ୍ଷ ଡୋଜ୍ କୋଭାକ୍ସିନ ଓ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌ରୁ ୩୭ଲକ୍ଷ ଡୋଜ୍ କୋଭିଶିଲ୍ଡ ଟିକା କିଣିବାକୁ ଅର୍ଡର ଦେଇଥିଲେ। ଇତିମଧ୍ୟରେ ଓଡ଼ିଶାକୁ ୧,୪୯,୯୦୦ ଡୋଜ୍ କୋଭାକ୍ସିନ ଟିକା ଆସି ପହଞ୍ଚିଥିବାରୁ ତୃତୀୟ ପର୍ଯ୍ୟାୟ ଟିକାକରଣ ଆରମ୍ଭ ହେଉଛି। କିନ୍ତୁ ଏହା କେବଳ ରାଜଧାନୀ ଭୁବନେଶ୍ୱରରେ ଚାଲିବ। ଏଥିପାଇଁ ଶନିବାର ନୟାପଲ୍ଲୀରେ ଡ୍ରାଏ ରନ୍ ହୋଇଥିଲା। ତେବେ କୋଭିଶିଲ୍ଡ ଟିକା ଆସିବା ପରେ ରାଜ୍ୟର ଅନ୍ୟସବୁ ଅଞ୍ଚଳରେ ଆରମ୍ଭ ହେବ। ସେପଟେ ତୃତୀୟ ପର୍ଯ୍ୟାୟ ଟିକାକରଣ ପାଇଁ ଆଗୁଆ ନାଁ ପଞ୍ଜୀକରଣ କରିବାକୁ ପଡ଼ିବ। ଏଥିପାଇଁ ଶନିବାର ସନ୍ଧ୍ୟାରୁ ସ୍ଲଟ୍ ବୁକିଂ ଆରମ୍ଭ ହୋଇଛି। କୋୱିନ୍ ପୋର୍ଟାଲ, ଆରୋଗ୍ୟ ସେତୁ ଆପ୍‌ରେ ହିତାଧିକାରୀମାନେ ନାମ ପଞ୍ଜୀକରଣ କରିପାରିବେ। ଯଦି କେହି ବିନା ପଞ୍ଜୀକରଣରେ ଆସନ୍ତି ତେବେ ସେମାନଙ୍କୁ ପରବର୍ତ୍ତୀ ସମୟରେ ଆଉ ଟିକା ଦିଆଯିବ ନାହିଁ।

ସୂଚନାଯୋଗ୍ୟ, ରାଜ୍ୟରେ ଏପର୍ଯ୍ୟନ୍ତ ୫୮,୫୭,୬୨୮ ଡୋଜ୍ ଟିକା ଦିଆଯାଇଛି। ଏଥିମଧ୍ୟରେ ୫,୯୭,୯୯୨ ଡୋଜ୍ ସ୍ୱାସ୍ଥ୍ୟକର୍ମୀଙ୍କୁ, ୩,୭୬,୯୦୬ ଡୋଜ୍ ସମ୍ମୁଖ ଯୋଦ୍ଧାଙ୍କୁ ଏବଂ ୪୮,୮୨,୬୩୪ ଡୋଜ୍ ୪୫ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ଦିଆଯାଇଛି। ବର୍ତ୍ତମାନ କେନ୍ଦ୍ର ସରକାର ଦେଇଥିବା ୪୬,୨୨୦ ଡୋଜ୍ କୋଭିଶିଲ୍ଡ ଟିକା ଥିବାବେଳେ ୩,୨୧,୬୩୦ ଡୋଜ୍ କୋଭାକ୍ସିନ ଟିକା ରହିଛି। ସେହିଭଳି ରାଜ୍ୟ ସରକାର କିଣିଥିବା ୧,୪୯,୯୦୦ ଡୋଜ୍ କୋଭାକ୍ସିନ ଟିକା ମଧ ମହଜୁଦ ଅଛି। ଟିକା ଅଭାବ ଯୋଗୁ ବିଭିନ୍ନ ଜିଲାରେ ଟିକାକରଣକୁ ବନ୍ଦ କରିଦିଆଯାଇଥିଲା। ଏବେ ତୃତୀୟ ପର୍ଯ୍ୟାୟ ଟିକାକରଣ ପାଇଁ ଆବଶ୍ୟକ ଟିକା ରାଜ୍ୟ ସରକାର ସମ୍ପୂର୍ଣ୍ଣ କିଣିବେ। କିନ୍ତୁ ଟିକା ପ୍ରଦାନକାରୀ କମ୍ପାନୀ ଠିକ୍ ସମୟରେ ଟିକା ଯୋଗାଣ ନ କଲେ ଟିକାକରଣ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି।



ସପ୍ତାହାନ୍ତ ଶଟ୍‌ଡାଉନ୍ ପାଇଁ ରବିବାର ଭୁବନେଶ୍ୱର ଜନପଥ ରାସ୍ତା ଶୁନ୍‌ଶାନ୍।

# ରେଲ୍‌ୱେ ଟ୍ରାକ୍ ନିକଟରୁ ମୃତଦେହ ଜବତ

**କଟକ ଅଫିସ, ୨।୫**

ଯୋବ୍ରା ରେଲୱେ ଟ୍ରାକ୍ ନିକଟରୁ ରବିବାର ଏକ ମୃତଦେହକୁ ଜିଆର୍‌ପି ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବିକୁ ପଠାଇଛି। ମୃତକ ହେଲେ ଶଶିକାନ୍ତ ମହାନ୍ତି(୪୫)। ସେ ରେଲୱେରେ ଖଲାସି ଭାବେ କାମ କରୁଥିଲେ। ତାଙ୍କ ଘର ବାଲେଶ୍ୱର ଜିଲା ଭୋଗରାଇ ଥାନା ଅନ୍ତର୍ଗତ ଶଙ୍ଖାରୀ ଗ୍ରାମରେ ହୋଇଥିବାବେଳେ କଟକ ଯୋବ୍ରା ନୂଆସାହିରେ ପରିବାର ସହ ରହୁଥିଲେ। ଶଶିକାନ୍ତଙ୍କ ମୃତଦେହକୁ ତାଙ୍କ ଝିଅ ଚିହ୍ନଟ କରିଥିଲେ। ମୃତ୍ୟୁର କାରଣ ଜଣାପଡ଼ି ନାହିଁ। ଜିଆର୍‌ପି ପକ୍ଷରୁ ଏକ ଅପମୃତ୍ୟୁ ମାମଲା (ନଂ. ୨୨/୨୧) ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ଜିଆର୍‌ପି ପୋଲିସ କହିଛି।

# ୧.୪୧ ଲକ୍ଷ କୋଟିର ଜିଏସ୍‌ଟି ଆଦାୟ

## ସର୍ବକାଳୀନ ରେକର୍ଡ ସ୍ତରରେ ପରୋକ୍ଷ ଟିକସ ସଂଗ୍ରହ




**ନୂଆଦିଲ୍ଲୀ, ୨।୫**

ଚଳିତବର୍ଷ ଏପ୍ରିଲ ମାସରେ କେନ୍ଦ୍ର ସରକାର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ବାବଦକୁ ରେକର୍ଡ ୧.୪୧ ଲକ୍ଷ କୋଟି ଟଙ୍କା ଆଦାୟ କରିବାକୁ ସକ୍ଷମ ହୋଇଛନ୍ତି। ଏହା ଆର୍ଥିକ ସୁଧାର ଦିଗରେ ଆଭାସ ବୋଲି ଅର୍ଥମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି। ମାର୍ଚ୍ଚ ମାସରେ ୧.୨୩ ଲକ୍ଷ କୋଟି ଟଙ୍କାର ପରୋକ୍ଷ ଟିକସ ଆଦାୟ ହୋଇଥିଲା। ଏପ୍ରିଲ ମାସରେ ଏଥିରେ ୧୪% ବୃଦ୍ଧି ପରିଲକ୍ଷିତ ହୋଇଛି। ଘରୋଇ ନେଣଦେଣ ଟିକସ ବାବଦକୁ ପୂର୍ବମାସ ତୁଳନାରେ ଟିକସ ୨୧% ବୃଦ୍ଧି ହୋଇଛି। ଗତ ୭ ମାସ ହେବ ଜିଏସ୍‌ଟି ଆଦାୟ ଲକ୍ଷେ କୋଟି ଟଙ୍କା ଟପୁଥିବା ବେଳେ ଏଥିରେ ଲଗାତର ବୃଦ୍ଧି ହେଉଛି। ଜାଲ୍ ବିଲିଂ, ଡାଟା ଆନାଲିଟିକ୍ସ, ବିଭିନ୍ନ ବିଭାଗର ଡାଟା ବ୍ୟବହାର ଫଳରେ ରାଜସ୍ୱ ବୃଦ୍ଧି ଦିଗରେ ସହାୟକ ହୋଇଛି ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି।

ଏପ୍ରିଲରୁ ଆଦାୟ ହୋଇଥିବା ଜିଏସ୍‌ଟି ମଧ୍ୟରୁ କେନ୍ଦ୍ର ଜିଏସ୍‌ଟି(ସିଜିଏସ୍‌ଟି)ର ଅଂଶ ୨୭,୮୩୭ କୋଟି ଟଙ୍କା ରହିଛି। ସେହିଭଳି ରାଜ୍ୟ ଜିଏସ୍‌ଟି (ଏସ୍‌ଜିଏସ୍‌ଟି) ବାବଦକୁ ୩୫,୬୨୧ କୋଟି, ସମନ୍ୱିତ ଜିଏସ୍‌ଟି (ଆଇଜିଏସ୍‌ଟି) ବାବଦ ୬୮,୪୮୧ କୋଟି ଏବଂ ସେସ୍ ବାବଦରେ ୯୪୪୫ କୋଟି ଟଙ୍କା ରହିଛି। ଦେଶର ବିଭିନ୍ନ ପ୍ରାନ୍ତରେ କରୋନାର ଦ୍ୱିତୀୟ ଲହର ଯୋଗୁ ସ୍ଥିତି ଖରାପ ରହିଥିଲେ ମଧ ଭାରତୀୟ ବାଣିଜ୍ୟଗୁଡ଼ିକ ଠିକ୍ ସମୟରେ ଟିକସ ପଇଠ କରୁଛନ୍ତି। ଫଳରେ ଟିକସ ସଂଗ୍ରହରେ ଉନ୍ନତି ପରିଲକ୍ଷିତ ହୋଇଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି।

# ହାଇକୋର୍ଟଙ୍କୁ ଚିଠି ଲେଖିଲେ ଅଞ୍ଜନା

## ଷଡ଼ଯନ୍ତ୍ରକାରୀଙ୍କୁ ସାମ୍‌ନାକୁ ଆଣୁ ସିବିଆଇ

**ଭୁବନେଶ୍ୱର, ୨।୫(ବ୍ୟୁରୋ)**

ବହୁ ଚର୍ଚ୍ଚିତ ଅଞ୍ଜନା ମିଶ୍ର ଗଣବଳାତ୍କାର ମାମଲାରେ ହାଇକୋର୍ଟଙ୍କୁ ଚିଠି ଲେଖିଛନ୍ତି ନିଜେ ପୀଡିତା। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ତାଙ୍କ ବଳାତ୍କାର ପଛରେ ଏକ ବଡ଼ ଷଡ଼ଯନ୍ତ୍ର ଥିଲା। ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ଗଣବଳାତ୍କାରରେ ସାମିଲ ଥିଲେ। ପ୍ରତିଶୋଧ ନେବାପାଇଁ ଷଡ଼ଯନ୍ତ୍ର କରାଯାଇ ତାଙ୍କୁ ବଳାତ୍କାର କରାଯାଇଥିଲା। ମୁଖ୍ୟ ଅଭିଯୁକ୍ତ ବିବନ ବିଶ୍ୱାଳ ଧରାପଡ଼ିଥିଲେ ମଧ ସିବିଆଇ ଷଡ଼ଯନ୍ତ୍ର ଦିଗରେ ତଦନ୍ତ କରୁନାହିଁ। ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ ସହ ସମ୍ପୃକ୍ତ ଷଡ଼ଯନ୍ତ୍ରକାରୀଙ୍କୁ ସାମ୍‌ନାକୁ ଆଣିବାକୁ ସିବିଆଇକୁ ନିର୍ଦ୍ଦେଶ ଦେବା ପାଇଁ ଅଞ୍ଜନା ନିବେଦନ କରିଛନ୍ତି। ତେବେ ନିଜ ଓକିଲଙ୍କ ଅନୁପସ୍ଥିତିରେ ଅଞ୍ଜନା ନିଜେ ଗତ ୫ ତାରିଖରେ ଏହି ଚିଠି ଲେଖିଥିବା କହିଛନ୍ତି।

ଦୀର୍ଘ ୨୨ବର୍ଷ ପରେ ଅଞ୍ଜନା ମିଶ୍ର ଗଣବଳାତ୍କାର ଘଟଣାର ମୁଖ୍ୟ ଅଭିଯୁକ୍ତ ବିବନଙ୍କୁ ମହାରାଷ୍ଟ୍ର ପୁଣେରୁ ଗିରଫ କରିଥିଲା କମିଶନରେଟ୍ ପୋଲିସ। ବିବିନଙ୍କ ଗିରଫ ପରେ ପୀଡିତା ଅଞ୍ଜନାଙ୍କୁ ନ୍ୟାୟ ମିଳିଲା ବୋଲି ରାଜ୍ୟରେ ଚର୍ଚ୍ଚା ଜୋର ଧରିଥିଲା। ଏହି ମାମଲାର ତଦନ୍ତଭାର ସିବିଆଇ ହାତରେ ଥିବାରୁ ଗିରଫ ପରେ କମିଶନରେଟ ପୋଲିସ ଅଭିଯୁକ୍ତ ବିବନଙ୍କୁ ହସ୍ତାନ୍ତର କରିଥିଲା। ଏହାପରେ ଚୁପ୍ ବସିଥିବା ସିବିଆଇ ହଠାତ୍ ତତ୍ପର ହୋଇପଡ଼ିଥିଲା। ଚାର୍ଜସିଟ୍ ଦାଖଲ କରିବାକୁ ଲାଗି ପଡିବା ସହ ବିବନ କେମିତି ଓଡ଼ିଶା ବାହାରକୁ ଖସିବାରେ ସମର୍ଥ ହେଲା ଓ ଏତେଦିନ କେଉଁଠାରେ ଲୁଚିଥିଲେ ସେସବୁ ଦିଗରେ ତଦନ୍ତ କରି ପ୍ରମାଣ ଯୋଗାଡ଼ କରିଥିଲା। ତେବେ ପୀଡିତା ଅଞ୍ଜନା ଯେଉଁ ଦାବି ବାରମ୍ବାର ଦୋହରାଉଛନ୍ତି ସେ ଦିଗରେ ସିବିଆଇ ପକ୍ଷରୁ କୌଣସି ଆଖିଦୃଶିଆ ତଦନ୍ତ ଦେଖିବାକୁ ମିଳୁନାହିଁ।

# ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଲା ସାମ୍ବାଦିକ ମିଳିତ ମଞ୍ଚ

**'ମୃତ୍ୟୁ ହେଲେ ୧୫ ଲକ୍ଷ ବଦଳରେ ୫୦ଲକ୍ଷ ଟଙ୍କା ମିଳୁ'**

**ଭୁବନେଶ୍ୱର, ୨।୫ (ବ୍ୟୁରୋ)**

ଖବରଦାତାମାନଙ୍କୁ ଆଗଧାଡ଼ିର କରୋନା ଯୋଦ୍ଧା ଭାବେ ଘୋଷଣା କରାଯାଇଛି। ଏଥିପାଇଁ ସାମ୍ବାଦିକ ମିଳିତ ମଞ୍ଚ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛି। ତେବେ ଯେଉଁ ଖବରଦାତାଙ୍କ ନାମ ତାଲିକାରେ ନାହିଁ ସେମାନଙ୍କୁ ଅନ୍ତର୍ଭୁକ୍ତ କରିବାକୁ ନିବେଦନ କରାଯାଇଛି। ଏଥିସହ ସମ୍ମୁଖ ଯୋଦ୍ଧାଙ୍କ ପାଇଁ ଯେପରି ମୃତ୍ୟୁରେ ୫୦ଲକ୍ଷ ଟଙ୍କା ଘୋଷଣା ରହିଛି, ସେହିପରି ଖବରଦାତାଙ୍କ କ୍ଷେତ୍ରରେ ୧୫ ଲକ୍ଷ ବଦଳରେ ୫୦ଲକ୍ଷ ଟଙ୍କା ଘୋଷଣା କରାଯାଉ। ଖବରଦାତାଙ୍କ କଲ୍ୟାଣ ପାଣ୍ଠି ବୃଦ୍ଧି, ସ୍ୱାସ୍ଥ୍ୟ ବୀମାକୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି, ସ୍ୱାସ୍ଥ୍ୟ ବୀମାରେ ଖବରଦାତାଙ୍କ ବାପା ଓ ମା'ଙ୍କୁ ଅନ୍ତର୍ଭୁକ୍ତ କରିବା କିମ୍ବା ସେମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ ପାଇଁ ନିବେଦନ କରାଯାଇଛି। ଏଥିସହ ସମସ୍ତ ଖବରଦାତାଙ୍କୁ ସ୍ୱତନ୍ତ୍ର ଭାବେ ଶୀଘ୍ର ଟିକା ବ୍ୟବସ୍ଥା କରିବାକୁ ମଞ୍ଚର ଆବାହକ ଲିଙ୍ଗରାଜ ସାହୁ ନିବେଦନ କରିଛନ୍ତି। ସୋମବାର ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ଅବସରରେ ମଞ୍ଚ ପକ୍ଷରୁ ଖବରଦାତାମାନେ ସତର୍କ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦିଆଯାଇଛି।

# ଦୁର୍ଦ୍ଦାନ୍ତ ଅପରାଧୀଙ୍କ ସେଲ୍ ପଛରୁ ମିଳିଲା ମୋବାଇଲ

## ଜେଲରେ ଆଇଜିଙ୍କ ଅଚାନକ ଚଢ଼ାଉ

- ଟିଟୋ, ଡି' ବ୍ରଦର୍ସଙ୍କ ସହଯୋଗୀଙ୍କୁ ତାଗିଦ୍
- ଜେଲ କର୍ତ୍ତୃପକ୍ଷ, କର୍ମଚାରୀଙ୍କୁ ସତର୍କ କଲେ

**ଭୁବନେଶ୍ୱର, ୨।୫ (ବ୍ୟୁରୋ)**

ରାଜ୍ୟର ବିଭିନ୍ନ ଜେଲରେ ଶନିବାର ଅଚାନକ ଚଢାଉ କରାଯାଇଥିଲା। ଜେଲ ବିଭାଗ ଆଇଜି ହିମାଂଶୁ ଲାଲଙ୍କ ନେତୃତ୍ୱରେ ଝାରପଡ଼ା, ଚୌଦ୍ୱାର ଓ ବାଲେଶ୍ୱର ଆଦି ଜେଲ୍‌ରେ ଏହି ଚଢାଉ ହୋଇଥିଲା। ତେବେ ଚଢାଉବେଳେ ଝାରପଡା ଜେଲର ଜଣେ ଦୁର୍ଦ୍ଦାନ୍ତ ଅପରାଧୀଙ୍କ ସେଲ୍ ପଛପଟୁ ମୋବାଇଲ ଫୋନ୍ ଜବତ କରିଛି ଟିମ୍। ଏନେଇ ଜେଲ ପକ୍ଷରୁ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରାଯିବାପରେ ଜବତ ମୋବାଇଲ ଫୋନ୍ ଆଧାରରେ ତନାଘନା କରୁଛି ପୋଲିସ। ଅନ୍ୟପଟେ ଝାରପଡ଼ା ଜେଲରେ ରହୁଥିବା ଟିଟୋ ଓ ଡି' ବ୍ରଦର୍ସଙ୍କ ସହଯୋଗୀଙ୍କୁ ଜେଲ କର୍ତ୍ତୃପକ୍ଷ ତାଗିଦ୍ କରିଛନ୍ତି। ଜେଲ ନିୟମ ମାନିବାକୁ ସମସ୍ତ କଏଦୀଙ୍କୁ ସତର୍କ କରାଯାଇଛି। ଏଥିସହ ଜେଲ୍ ଭିତରକୁ ମୋବାଇଲ ଫୋନ୍ କିପରି ଆସିଲା ସେନେଇ ଆଇଜି ଜେଲ୍ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କୁ ମଧ କଡ଼ା ତାଗିଦ୍ କରିଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ଜେଲରୁ ନିୟନ୍ତ୍ରଣ ହେଉଛି ଅପରାଧ। ଗ୍ୟାଙ୍ଗଷ୍ଟର ଶେଖ୍ ହାଇଦର ଏସ୍‌ସିବି ମେଡିକାଲରୁ ଫେରାର ହେବାପରେ ସମ୍ବଲପୁର ଜେଲ୍‌ର ୱାର୍ଡର ଶିବ ନାରାୟଣ ନନ୍ଦଙ୍କ ଫୋନ୍‌ରୁ ବିଭିନ୍ନ ବ୍ୟକ୍ତିଙ୍କ ସହ ସେ କଥା ହୋଇଥିବା ତଦନ୍ତରୁ ଜଣାପଡିଥିଲା। ଏହାପରେ ଜେଲ ବିଭାଗ କଡ଼ା ଆଭିମୁଖ୍ୟ ଆପଣାଇଥିଲା। ଗୋପନରେ ସ୍କ୍ୱାଡ୍ ଗଠନ ସହ ଅଚାନକ ଚଢ଼ାଉ ପାଇଁ ଜେଲ ବିଭାଗ ନିର୍ଦ୍ଦେଶକ ସନ୍ତୋଷ ଉପାଧ୍ୟାୟ ଗତ ୨୧ ତାରିଖରେ ସମସ୍ତ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ଓ ଜେଲରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି କୌଣସି କର୍ମଚାରୀ ଜେଲ ଭିତରକୁ ମୋବାଇଲ ଫୋନ୍, ଟଙ୍କା ଅବା ଅନ୍ୟ କୌଣସି ସାମଗ୍ରୀ ନେଇ ଯିବାକୁ ବାରଣ କରାଯାଇଥିଲା। ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଜେଲ ଭିତରେ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

# ୫ଦିନ ବର୍ଷା ସହ ଝଡ଼ତୋଫାନ ସମ୍ଭାବନା

**ଭୁବନେଶ୍ୱର, ୨।୫(ବ୍ୟୁରୋ)**

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଦିନବେଳା ତାତିସହ ଗରମ ପବନ ଜନଜୀବନକୁ ପ୍ରଭାବିତ କରୁଛି। ତେବେ ଗତ ୨୪ ଘଣ୍ଟାରେ ବିଭିନ୍ନ ସ୍ଥାନରେ ବର୍ଷା ଓ ଝଡ଼ତୋଫାନ ହୋଇଥିବାରୁ ପାରଦ ସାମାନ୍ୟ ଖସିଛି। ରବିବାର ୪ଟି ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିଲା। ବଲାଙ୍ଗୀରରେ ସର୍ବାଧିକ ତାପମାତ୍ରା ୪୧.୧ ଡିଗ୍ରୀ, ବୌଦ୍ଧ ୪୦.୮, ଭବାନିପାଟଣା ୪୦.୧ ଓ ଟିଟିଲାଗଡ଼ରେ ୪୦ ଡିଗ୍ରୀ ରହିଥିଲା। ତେବେ ସନ୍ଧ୍ୟାରେ ବର୍ଷା ଆଶ୍ୱସ୍ତି ଦେଇଛି। କେନ୍ଦୁଝରଗଡ଼ରେ ସର୍ବାଧିକ ୨୨ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ଦାରିଙ୍ଗବାଡ଼ି, ବାଲେଶ୍ୱର, ବାରିପଦା, ଝାରସୁଗୁଡ଼ା, କେନ୍ଦ୍ରାପଡ଼ାରେ ମଧ ବର୍ଷା ହୋଇଥିବା ଜଣାପଡ଼ିଛି। ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ତୋଫାନ ଓ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

୩ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ଢେଙ୍କାନାଳରେ ଝଡ଼ତୋଫାନ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏ ସମସ୍ତ ସ୍ଥାନରେ ଘଣ୍ଟାପ୍ରତି ୫୦ରୁ ୬୦ କି.ମି. ପବନ ବହିବାର ସମ୍ଭାବନା ରହିଥିବାରୁ ଅରେଞ୍ଜ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର। ସେହିଭଳି ଏହିଦିନ ଜଗତ୍‌ସିଂହପୁର, ଖୋର୍ଦ୍ଧା, ନୟାଗଡ଼, ପୁରୀ, ଗଞ୍ଜାମ, ଗଜପତି, ଅନୁଗୋଳ, କନ୍ଧମାଳ, ବୌଦ୍ଧ, ରାୟଗଡ଼ା, ମାଲକାନଗିରି ଓ କୋରାପୁଟରେ ମଧ ଝଡ଼ବର୍ଷା ହେବାକୁ ଥିବାରୁ ଏସବୁ ସ୍ଥାନରେ ୟେଲୋ ୱାର୍ନିଂ ଜାରି କରାଯାଇଛି। ୪ ତାରିଖରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଖୋର୍ଦ୍ଧା ନୟାଗଡ଼, ପୁରୀ, ଗଜପତି, ଗଞ୍ଜାମ, ମୟୂରଭଞ୍ଜ, କନ୍ଧମାଳ, ରାୟଗଡ଼ା, ମାଲକାନଗିରି ଓ କୋରାପୁଟରେ ଝଡ଼ତୋଫାନ ସହ ବଜ୍ରପାତ ହେବ। ଏଥିସହିତ କୋରାପୁଟ, ଗଜପତି, ଗଞ୍ଜାମ, ମାଲକାନଗିରି ଓ ରାୟଗଡ଼ାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏ ସମସ୍ତ ଜିଲାରେ ୟେଲୋ ୱାର୍ନିଂ ଜାରି କରାଯାଇଛି। ୫ ତାରିଖରେ ସୁନ୍ଦରଗଡ଼, ଦେବଗଡ଼, ଅନୁଗୋଳ, ସମ୍ବଲପୁର, ଢେଙ୍କାନାଳ, କଟକ, ବୌଦ୍ଧ, କନ୍ଧମାଳ, କେନ୍ଦୁଝର, ଗଜପତି, ଗଞ୍ଜାମ ଓ ନୟାଗଡ଼ରେ ୪୦ରୁ ୫୦ କି.ମି. ବେଗରେ ପବନ ସହ ବଜ୍ରପାତ ହେବ। ସେଥିପାଇଁ ଏ ସମସ୍ତ ଜିଲାରେ ୟେଲୋ ୱାର୍ନିଂ ଜାରି ହୋଇଛି। ସେହିପରି ୬ରୁ ୭ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, ମୟୂରଭଞ୍ଜ ଓ ନୟାଗଡ଼ରେ ୩୦ରୁ ୪୦ କି.ମି. ବେଗରେ ପବନ ଓ ବଜ୍ରପାତ ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର କହିଛି।

**ଆଜିର ମନ୍ତବ୍ୟ**

ପଶ୍ଚିମବଙ୍ଗ ନିର୍ବାଚନରେ ବିଜୟ ପାଇଁ ମମତା ଦିଦିଙ୍କୁ ଅଭିନନ୍ଦନ। ପଶ୍ଚିମବଙ୍ଗବାସୀଙ୍କ ଆଶା ଆକାଂକ୍ଷା ପୂରଣ ଏବଂ କୋଭିଡ୍ ମୁକାବିଲା ପାଇଁ ରାଜ୍ୟ ସରକାରଙ୍କୁ କେନ୍ଦ୍ର ପକ୍ଷରୁ ସବୁ ପ୍ରକାର ସହଯୋଗ କରାଯିବ।
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଶ୍ରୀନୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ସୁକୁମାରୀ ରଜା ଦୁହିତା**
**କେମନ୍ତେ ବରିବେ ଯୋଗୀ ଘଇତା?**

ଯୋଗୀ ଘରେ ସବୁବେଳେ ଅଭାବ। ଗାଁରୁ ଗାଁ ବୁଲି ଭିକ ମାଗି ଆଣିଲେ ଖାଏ ନ ହେଲେ ନାହିଁ। ଏପରିସ୍ଥଳେ ଅତି ଅଲିଅଳରେ ବଢ଼ି ଆସିଥିବା ଝିଅ ଯିଏ କି ଦୁଃଖ କଷ୍ଟ କିଛି ଜାଣି ନ ଥାଏ, ସେ ଯଦି ଅତି ଦୁଃଖ କଷ୍ଟରେ ଚଳୁଥିବା ଘରକୁ ଯାଏ ତା' ହେଲେ ସେଠି ସେ କିପରି ଚଳିବ ସେନେଇ ଚିନ୍ତା ବ୍ୟସ୍ତତା ବଢ଼ିଯିବା ସ୍ୱାଭାବିକ ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଣ କୋଇଲା**
**ବାପ ନାହିଁ ପୁଅ କାହୁଁ ଅଇଲା?**

ଏହା ଏକ ସାମାଜିକ ତିରସ୍କାର। ଅବିବାହିତା ଝିଅମାନଙ୍କର ମାତୃତ୍ୱ ଲାଭ କରିବାରେ ସାମାଜିକ ବାରଣ ରହିଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ**

## ଜୁନ୍ ୨୦ରେ ସିବିଏସ୍ଇ ...

ସିବିଏସ୍ଇ ସୂଚନା ଦେଇଛି। ଏଥିପାଇଁ ସିବିଏସ୍ଇ ଶନିବାର ସ୍ୱତନ୍ତ୍ର ମାର୍କିଂ ସ୍କିମ୍ ଘୋଷଣା କରିଛି। ସ୍କୁଲ ଦ୍ୱାରା କରାଯାଇଥିବା ୟୁନିଟ୍ ଟେଷ୍ଟରେ ପିଲାମାନଙ୍କ ପ୍ରଦର୍ଶନ, ଷାଣ୍ମାସିକ ପରୀକ୍ଷା ଏବଂ ପ୍ରି-ବୋର୍ଡ ପରୀକ୍ଷା ଫଳାଫଳ ଆଧାରରେ ବୋର୍ଡ ପରୀକ୍ଷା ଫଳ ଆକଳନ କରାଯିବ। ୟୁନିଟ ଟେଷ୍ଟ ପାଇଁ ୧୦ ମାର୍କ ରଖାଯାଇଥିବାବେଳେ ଷାଣ୍ମାସିକ (ହାଫ୍ ଇଅର୍ଲି) ପରୀକ୍ଷା ପାଇଁ ୩୦ ମାର୍କ ଏବଂ ପ୍ରି-ବୋର୍ଡ ପରୀକ୍ଷା ପାଇଁ ୪୦ ମାର୍କ ହିସାବ ହେବ। ଏପରି ମୋଟ ୮୦ ମାର୍କକୁ ହିସାବକୁ ନେଇ ନମ୍ବର ଦିଆଯିବ। ଏହା ବାଦ୍ ଅବଶିଷ୍ଟ ୨୦ ମାର୍କ ସିବିଏସ୍ଇର ବର୍ତ୍ତମାନର ନୀତି ଅନୁଯାୟୀ ସ୍କୁଲ୍ରେ ହୋଇଥିବା ଇଣ୍ଟରନାଲ ଆସେସ୍ମେଣ୍ଟରୁ ନିଆଯିବ। ବୋର୍ଡ ସୂଚନା ଅନୁଯାୟୀ ୟୁନିଟ୍ ଟେଷ୍ଟ, ଷଣ୍ମାସିକ ଏବଂ ପ୍ରି-ବୋର୍ଡ ପରୀକ୍ଷା ଅଧିକାଂଶ ସିବିଏସ୍ଇ ସ୍ୱୀକୃତିପ୍ରାପ୍ତ ସ୍କୁଲ ପାଇଁ ସମାନ ହୋଇଥିବାରୁ ଏହାକୁ ସ୍ୱତନ୍ତ୍ର ମାର୍କିଂ ସ୍କିମ୍ରେ ନିଆଯାଇଛି। ପ୍ରିନ୍ସିପାଲ୍ ଏବଂ ୭ ଜଣ ଶିକ୍ଷକଙ୍କୁ ନେଇ ଇଣ୍ଟରନାଲ ରେଜଲ୍ଟ କମିଟି ଗଠନ କରିବାକୁ ସମସ୍ତ ସିବିଏସ୍ଇ ସ୍କୁଲକୁ ନିର୍ଦ୍ଦେଶ ଦିଆଯାଇଛି। ଏହି କମିଟି ପରୀକ୍ଷା ଫଳ ସାରଣୀ ପ୍ରସ୍ତୁତ କରିବ। ଯଦି କୌଣସି ସ୍କୁଲରେ ଉପରୋକ୍ତ ୩ ପରୀକ୍ଷା ଭିତରେ ଆଉ ଗୋଟିଏ କିମ୍ବା ଅଧିକ ପରୀକ୍ଷା ହୋଇଥିବ, ତେବେ ତାହାକୁ ହିସାବକୁ ନେବା ଲାଗି ଫଳାଫଳ କମିଟିକୁ ସ୍ୱାଧୀନତା ଦିଆଯାଇଛି। ତେବେ ମୋଟାମୋଟି ସର୍ବୋଚ୍ଚ ନମ୍ବର ପୂର୍ବ ନିର୍ଦ୍ଧାରିତ ବର୍ଗ ଅନୁଯାୟୀ ହେବ। ଉଦାହରଣ ସ୍ୱରୂପ କୌଣସି ସ୍କୁଲ ଦୁଇ କିମ୍ବା ତିନୋଟି ପ୍ରି-ବୋର୍ଡ ପରୀକ୍ଷା କରିଥିଲେ, ତାହାର ହାରାହାରି ଫଳକୁ କିମ୍ବା ତିନୋଟି ପରୀକ୍ଷାର ଶ୍ରେଷ୍ଠ ପ୍ରଦର୍ଶନକୁ ହିସାବକୁ ନେଇପାରିବ ଅଥବା ଉପଯୁକ୍ତ ବିବେଚନା କଲେ ପ୍ରତି ପରୀକ୍ଷାକୁ ଗୁରୁତ୍ୱ ଦେବ ବୋଲି ବୋର୍ଡ ବିଜ୍ଞପ୍ତିରେ କୁହାଯାଇଛି। ଅନ୍ୟ କୌଣସି ବ୍ୟତିକ୍ରମ (ସ୍କୁଲ ଯଦି ୩ ପ୍ରକାର ପରୀକ୍ଷାରୁ କୌଣସି ଗୋଟିଏ କିମ୍ବା ଦୁଇଟି କରାଇ ନ ଥିବ) ପାଇଁ ସ୍କୁଲ ଫଳାଫଳ କମିଟି ୮୦ ମାର୍କ ନିର୍ଦ୍ଧାରଣ ପାଇଁ ଏକ ମାପଦଣ୍ଡ ପ୍ରସ୍ତୁତ କରିବ। ତେବେ ସ୍କୁଲର ପୂର୍ବବର୍ତ୍ତୀ ଦଶମ ବୋର୍ଡ ପରୀକ୍ଷା ପ୍ରଦର୍ଶନ ସହ ସାମଞ୍ଜସ୍ୟ ରଖି ନମ୍ବର ଦେବାକୁ କୁହାଯାଇଛି। ସ୍କୁଲଗୁଡ଼ିକ ମେ' ୨୫ ସୁଦ୍ଧା ଫଳାଫଳ ଚୂଡ଼ାନ୍ତ କରି ଜୁନ୍ ୫ ସୁଦ୍ଧା ବୋର୍ଡରେ ଦାଖଲ କରିବେ। ଇଣ୍ଟରନାଲ ଆସେସ୍ମେଣ୍ଟ ମାର୍କ ଜୁନ୍ ୧୧ ସୁଦ୍ଧା ଦାଖଲ କରାଯିବ। ସିବିଏସ୍ଇ ପରୀକ୍ଷା ଫଳ ଜୁନ୍ ୨୦ରେ ପ୍ରକାଶ କରିବ। ଯେଉଁ ଛାତ୍ରୀଛାତ୍ର ଉକ୍ତ ଫଳାଫଳରେ ସନ୍ତୁଷ୍ଟ ହେବେନାହିଁ କରୋନା ସ୍ଥିତିରେ ସୁଧାର ଆସିଲେ ସେମାନଙ୍କୁ ପରୀକ୍ଷାରେ ବସିବା ଲାଗି ଗୋଟିଏ ସୁଯୋଗ ଦିଆଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ଅନ୍ୟପକ୍ଷରେ ଦ୍ୱାଦଶ ଶ୍ରେଣୀ ପରୀକ୍ଷାକୁ ସ୍ଥଗିତ ରଖାଯାଇଥିବାବେଳେ ଜୁନ୍ରେ ସ୍ଥିତିକୁ ଦେଖି ସାନି ତାରିଖ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ଏବଂ ପରୀକ୍ଷା ଆରମ୍ଭର ଦୁଇ ସପ୍ତାହ ପୂର୍ବରୁ ଘୋଷଣା କରାଯିବ ବୋଲି ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ୫ରୁ ଲକ୍ଡାଉନ୍...

ସ୍ୱାସ୍ଥ୍ୟ ସେବା ଓ ଅନ୍ୟ ଜରୁରୀ ସେବା ପାଇଁ କଟକଣା ଲାଗୁ ହେବ ନାହିଁ। ଏହି ସମୟରେ ଟିକାକରଣ ଓ ଟେଷ୍ଟିଂକୁ ଅନୁମତି ପ୍ରଦାନ କରାଯାଇଛି। ଟିକା ପାଇଁ ଅନୁମତିପ୍ରାପ୍ତ ବ୍ୟକ୍ତି ଟିକାକରଣ କେନ୍ଦ୍ରକୁ ଯାଇପାରିବେ। ସେହିପରି ଟେଷ୍ଟିଂ ପାଇଁ ବି ନିକଟସ୍ଥ ଟେଷ୍ଟିଂ କେନ୍ଦ୍ରକୁ ଲୋକେ ଯାଇପାରିବେ ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି। ଅନ୍ୟପକ୍ଷରେ ନିର୍ବାଚନ ସମ୍ପର୍କିତ କାର୍ଯ୍ୟ ଉପରେ କଟକଣା ରହିବ ନାହିଁ। ଏହା ଉପରେ ଲକ୍ଡାଉନ୍ କି ଶଟ୍ଡାଉନ୍ ଲାଗୁ ହେବ ନାହିଁ। ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଲୋକେ ଯା' ଆସ କରିପାରିବେ। ଟ୍ରେନିଂ, ପୋଲିଂ ସେଣ୍ଟରକୁ ଅଧିକାରୀମାନେ ଯାଇପାରିବେ। ପ୍ରାର୍ଥୀ, ଅଫିସର, ପୋଲିଂ ଓ କାଉଣ୍ଟିଂ ଏଜେଣ୍ଟଙ୍କୁ ମଧ୍ୟ ଯାତାୟାତ ପାଇଁ ଅନୁମତି ରହିଛି। ସ୍ଥାନୀୟ କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ଆଣି ବିବାହ ଓ ଶୁଦ୍ଧି କାର୍ଯ୍ୟ ଆୟୋଜନ କରିହେବ। ତେବେ ବିବାହରେ ସର୍ବାଧିକ ୫୦ଜଣଙ୍କୁ ଅନୁମତି ରହିଥିବାବେଳେ ଶୁଦ୍ଧିକ୍ରିୟାରେ ସର୍ବାଧିକ ୨୦ଜଣଙ୍କୁ ଅନୁମତି ମିଳିବ। ରାଶନ, ଗ୍ରସେରି, ମାଛ, ମାଂସ, ଅଣ୍ଡା, କ୍ଷୀର, ଫଳ ଦୋକାନ କେବଳ ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ପ୍ରତିଦିନ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଖୋଲା ରହିବ। ତେବେ ଏ ସମସ୍ତ ଦୋକାନ ମଧ୍ୟରେ ୩୦ଫୁଟ ଦୂରତା ରହିବ। ଏପଟେ ବାହାର ରାଜ୍ୟରୁ ଆସୁଥିବା ଲୋକଙ୍କୁ ଜଗିବା ପାଇଁ ସରପଞ୍ଚମାନଙ୍କୁ ପରାମର୍ଶ ଦିଆଯାଇଛି। ସେମାନଙ୍କୁ ହୋମ୍ କ୍ୱାରାଣ୍ଟାଇନ୍ରେ ରଖିବାକୁ କୁହାଯାଇଛି। ଯେଉଁମାନଙ୍କର ଘରେ ବ୍ୟବସ୍ଥା ନ ଥିବ ସେମାନଙ୍କୁ ସରକାରୀ କ୍ୱାରାଣ୍ଟାଇନ୍ରେ ରଖାଯିବ। ଏଥିସହ ଲକ୍ଡାଉନ୍ ସମୟରେ କ'ଣ ସବୁ ଖୋଲା ରହିବ ଓ କ'ଣ ବନ୍ଦ ରହିବ ସେନେଇ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି।

## ପ୍ରଥମ ପୃଷ୍ଠାରୁ...

## ମୋଦିଙ୍କୁ ହରାଇଲେ ...

ଏମ୍.କେ. ଷ୍ଟାଲିନଙ୍କ ସପକ୍ଷରେ ଯାଇଛି ଜନାଦେଶ। ଏହି ଦକ୍ଷିଣ ଭାରତୀୟ ରାଜ୍ୟର ମତଦାତା ମୁଖ୍ୟମନ୍ତ୍ରୀ ଇ.କେ. ପାଲାନିସ୍ୱାମୀଙ୍କ ନେତୃତ୍ୱକୁ ଧିକ୍କାର କରି ଶାସକ ମେଣ୍ଟକୁ ମାତ୍ର ୭୭ ଆସନରେ ସୀମିତ ରହିବାକୁ ବାଧ୍ୟ କରିଛନ୍ତି। ଫଳରେ ଦ୍ରାବିଡ ରାଜନୀତିର ଷ୍ଟଲୱାର୍ଟ ସ୍ୱର୍ଗତ ଏମ୍. କରୁଣାନିଧିଙ୍କ ପୁଅ ଷ୍ଟାଲିନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ହେବା ପଥ ପରିଷ୍କାର ହୋଇଛି। କେରଳରେ ଶାସକ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଲ୍ଡିଏଫ୍) ବିପୁଳ ବିଜୟ ହାସଲ କରି ଇତିହାସ ରଚିଛି। ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନ୍ ନିଜ ଲୋକପ୍ରିୟତାର ପ୍ରମାଣ ଦେଇଛନ୍ତି। କେରଳବାସୀ ତାଙ୍କ ମଥାରେ ପୁନର୍ବାର ବିଜୟ ତିଳକ ଲଗାଇଛନ୍ତି। ବିରୋଧୀ ସଂଯୁକ୍ତ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ୟୁଡିଏଫ୍)କୁ ଶୋଚନୀୟ ପରାଜୟ ବରଣ କରିବାକୁ ପଡ଼ିଛି। ୱାୟନାଡ୍ ଏମ୍ପି ତଥା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଗୋଟି ଚାଳନା କାମ କରିପାରି ନାହିଁ। ଏଠାରେ ପୂର୍ବରୁ ମାତ୍ର ଗୋଟିଏ ଆସନରେ ସୀମିତ ଥିବା ଭାଜପା ଏହି ନିର୍ବାଚନରେ ମେଟ୍ରୋମ୍ୟାନ୍ ଇ. ଶ୍ରୀଧରନଙ୍କୁ ମଇଦାନକୁ ଓହ୍ଲାଇ ଶେଷ ମୁହୂର୍ତ୍ତରେ ଯେଉଁ ଚମତ୍କାରର ସ୍ୱପ୍ନ ଦେଖିଥିଲା ତାହା ଧୂଳିସାତ୍ ହୋଇଯାଇଛି। ୮୮ ବର୍ଷୀୟ ଶ୍ରୀଧରନ୍ ପଲକ୍କଡ ଆସନରୁ ୟୁଡିଏଫ୍ ପ୍ରାର୍ଥୀ ଶାଫି ପରମ୍ବିଲଙ୍କଠାରୁ ୩,୪୮୦ ଖଣ୍ଡ ଭୋଟ ବ୍ୟବଧାନରେ ହାରିଯାଇଛନ୍ତି। ଫଳରେ କେରଳରେ ପୂର୍ବରୁ ମାତ୍ର ଗୋଟିଏ ଆସନ ଜିତିବାରେ ସକ୍ଷମ ହୋଇଥିବା ଭାଜପା ଏଥର ଖାତା ମଧ୍ୟ ଖୋଲିପାରି ନାହିଁ। ଅନ୍ୟପକ୍ଷେ ଭାଜପାର ଇଜ୍ଜତ ବଞ୍ଚାଇଦେଇଛି ଉତ୍ତର-ପୂର୍ବ ରାଜ୍ୟ ଆସାମ। ଏଠାରେ ଭାଜପା ନେତୃତ୍ୱାଧୀନ ଶାସକ ମେଣ୍ଟ ପ୍ରତି ପୁନଃ ଆସ୍ଥା ପ୍ରକଟ କରିଛନ୍ତି ଭୋଟର। କଂଗ୍ରେସ ନେତୃତ୍ୱରେ ଗଠିତ ବିରୋଧୀ ମହାମେଣ୍ଟ ଗୈରିକ ଦଳକୁ ଟକ୍କର ଦେଇଥିଲେ ହେଁ କ୍ଷମତା ହାସଲ ପାଇଁ ଆବଶ୍ୟକ ସଂଖ୍ୟାବଳ ଯୋଗାଡ଼ କରିପାରି ନାହିଁ। ସେହିପରି କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀରେ ଏନ୍. ରଙ୍ଗାସ୍ୱାମୀଙ୍କ ନେତୃତ୍ୱାଧୀନ ଏଆଇଏନ୍ଆର୍ସି ସପକ୍ଷରେ ଜନମତ ଯାଇଥିବାରୁ ସେ ମୁଖ୍ୟମନ୍ତ୍ରୀ ଆସନ ଆଡ଼କୁ ଅଗ୍ରସର ହୋଇଛନ୍ତି। ମୋଟାମୋଟି ଭାବେ ମହାମାରୀ କରୋନା ମୁକାବିଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଫଳତା ଓ କ୍ଷମତାର ଅହଙ୍କାରକୁ ଭାଜପାର ପରାଜୟ ପାଇଁ ଦାୟୀ କରାଯାଉଛି। ପଶ୍ଚିମବଙ୍ଗରେ ଭାଜପା କାହାରିକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଘୋଷଣା କରି ନ ଥିବାରୁ ସିଧାସଳଖ ମୋଦି ପ୍ରତିଦ୍ୱନ୍ଦ୍ୱିତା କରୁଥିବା ମନେହେଉଥିଲା। ତେଣୁ ଏହି ପରିଣାମକୁ ମୋଦିଙ୍କ ପରାଜୟ ବୋଲି ରାଜନୈତିକ ବିଶେଷଜ୍ଞ ମତ ଦେଉଛନ୍ତି।

ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ଘୋଷଣା ଅନୁସାରେ ୪ ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ୮୨୪ ବିଧାନସଭା ଆସନରେ ଭୋଟ ଗ୍ରହଣ ପାଇଁ ବ୍ୟବସ୍ଥା କରାଯାଇଥିଲା। ତେବେ ପଶ୍ଚିମବଙ୍ଗର ସମ୍ଶେରଗଞ୍ଜ ଓ ଜାଙ୍ଗିପୁର ଆସନର ୨ ପ୍ରାର୍ଥୀଙ୍କ କୋଭିଡ୍ଜନିତ ମୃତ୍ୟୁ ଯୋଗୁ ଉଭୟ ସିଟ୍ରେ ମତଦାନକୁ ମେ' ୧୬କୁ ଘୁଞ୍ଚାଇ ଦିଆଯାଇଥିଲା। ଟିଏମ୍ସି ଶାସନାଧୀନ ପଶ୍ଚିମବଙ୍ଗରେ ସର୍ବାଧିକ ୮ ପର୍ଯ୍ୟାୟରେ (ମାର୍ଚ୍ଚ ୨୭ରୁ ଏପ୍ରିଲ ୨୯) ଭୋଟ ଗ୍ରହଣ କରାଯାଇଥିବାବେଳେ ଭାଜପା କ୍ଷମତାସୀନ ଆସାମରେ ୩ ପର୍ଯ୍ୟାୟରେ (ମାର୍ଚ୍ଚ ୨୭ରୁ ଏପ୍ରିଲ ୬) ନିର୍ବାଚନ ଅନୁଷ୍ଠିତ ହୋଇଥିଲା। କେରଳ, ତାମିଲନାଡୁ ଓ ପଣ୍ଡିଚେରୀରେ ଏପ୍ରିଲ ୬ରେ ମତଦାନ ହୋଇଥିଲା। କୋଭିଡ୍-୧୯ ପ୍ରୋଟୋକଲ ଓ କଡ଼ା ସୁରକ୍ଷା ବନ୍ଦୋବସ୍ତ ମଧ୍ୟରେ ରବିବାର ସମସ୍ତ ୮୨୨ ଆସନର ଭୋଟ ଗଣତି କରାଯାଇଥିଲା। ପଶ୍ଚିମବଙ୍ଗ ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଥିଲା। ପଶ୍ଚିମବଙ୍ଗ ଟିଏମ୍ସି ସୁପ୍ରିମୋ ମମତା ବାନାର୍ଜୀଙ୍କ ପାଇଁ ସମ୍ମାନ ରକ୍ଷାର ଆହ୍ୱାନ ପାଲଟିଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲାଗି ମର୍ଯ୍ୟାଦାର ପ୍ରଶ୍ନ ରୂପେ ଛିଡ଼ା ହୋଇଥିଲା। ଏଠାରେ ଟିଏମ୍ସିର ବଡ଼ ଚ୍ୟାଲେଞ୍ଜର ଭାବେ ପ୍ରଥମ ଥର ପାଇଁ ଭାଜପା ଉଭା ହୋଇଥିବାରୁ ସମସ୍ତଙ୍କ ନଜର ପଶ୍ଚିମବଙ୍ଗ ଉପରେ କେନ୍ଦ୍ରୀଭୂତ ହୋଇଥିଲା। ସେହିପରି ରାଜ୍ୟର ନନ୍ଦିଗ୍ରାମରେ ମମତାଙ୍କ ବିରୋଧରେ ତାଙ୍କ ପୂର୍ବ ସହଯୋଗୀ ଶୁଭେନ୍ଦୁ ଅଧିକାରୀଙ୍କୁ ଭାଜପା ପ୍ରାର୍ଥୀ କରିଥିବାରୁ ଏହି ନିର୍ବାଚନମଣ୍ଡଳୀ ସବୁଠୁ ହଟ୍ ସିଟ୍ ପାଲଟିଥିଲା। ଗଣତି ଆରମ୍ଭରେ ଶୁଭେନ୍ଦୁ ଆଗରେ ରହିଥିଲେ। ମଝିରେ ଉଭୟେ ତଳ ଉପର ହୋଇ ଚାଲିଥିଲେ। ଶେଷରେ ଶୁଭେନ୍ଦୁ ବିଜୟୀ ହେଲେ। ସେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ମମତାଙ୍କୁ ୧୯୫୬ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ରାଜ୍ୟରେ ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୧୪୯ ହୋଇଥିବାବେଳେ ଟିଏମ୍ସି ୨୧୩ ଆସନ ଦଖଲ କରିଛି, ଯାହାକି ୨୦୧୬ ନିର୍ବାଚନଠାରୁ ୨ ଅଧିକ। ଭାଜପା ଏବଂ ଏହାର ସହଯୋଗୀଙ୍କୁ ଏଠାରେ ୭୭ ଆସନ ମିଳିଛି। ଅର୍ଥାତ୍ ପଶ୍ଚିମବଙ୍ଗବାସୀ ଭାଜପାକୁ ବିରୋଧୀ ଆସନରେ ବସାଇଛନ୍ତି। ବାମ ନେତୃତ୍ୱାଧୀନ ଭାରତୀୟ କମ୍ୟୁନିଷ୍ଟ ପାର୍ଟି-ମାର୍କ୍ସବାଦୀ(ସିପିଆଇଏମ୍)-କଂଗ୍ରେସ-ଇଣ୍ଡିଆନ୍ ସେକ୍ୟୁଲାର ଫ୍ରଣ୍ଟ (ଆଇଏସ୍ଏଫ୍) ମେଣ୍ଟକୁ ଗୋଟିଏ ଆସନରେ ସଫଳତା ମିଳିଛି। ଏହି ସଫଳତାକୁ ମମତା ପଶ୍ଚିମବଙ୍ଗବାସୀଙ୍କ ବିଜୟ ବୋଲି ଅଭିହିତ କରିବା ସହ ତାଙ୍କ ଉପରେ ପୁନଃ ଆସ୍ଥା ପ୍ରକଟ କରିଥିବାରୁ ଭୋଟରଙ୍କୁ କୃତଜ୍ଞତା ଜଣାଇଛନ୍ତି। ରାଜ୍ୟକୁ କୋଭିଡ୍ କବଳରୁ ମୁକ୍ତ କରିବା ତାଙ୍କ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ହେବ ବୋଲି ମମତା କହିଛନ୍ତି।

୨୩୪ ଆସନ ବିଶିଷ୍ଟ ତାମିଲନାଡୁରେ ସରକାର ଗଠନ ପାଇଁ କୁହୁକ ସଂଖ୍ୟା ୧୧୮ ହୋଇଥିବାବେଳେ ୨୦୧୬ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ. ଜୟଲଳିତାଙ୍କ ଏଆଇଏଡିଏମ୍କେ ୧୩୬ ଆସନ ଦଖଲ କରିଥିଲା ଏବଂ ଇ.କେ. ପାଲାନିସ୍ୱାମୀ ଘଟଣାଚକ୍ରରେ ମୁଖ୍ୟମନ୍ତ୍ରୀ ହୋଇଥିଲେ। କରୁଣାନିଧିଙ୍କ ଡିଏମ୍କେକୁ ୯୮ ଆସନରେ ସନ୍ତୁଷ୍ଟ ହୋଇ ବିରୋଧୀ ଦଳରେ ବସିବାକୁ ପଡ଼ିଥିଲା। କିନ୍ତୁ ସଦ୍ୟ ଅନୁଷ୍ଠିତ ନିର୍ବାଚନରେ ଗଣିତ ସମ୍ପୂର୍ଣ୍ଣ ରୂପେ ବଦଳିଗଲା। ଏଥର ଡିଏମ୍କେ ମେଣ୍ଟ ୧୫୬ ଆସନରେ ବିଜୟୀ ହୋଇ ଏକକ ସଂଖ୍ୟାଗରିଷ୍ଠତା ହାସଲ କରିଛି। ଏଆଇଏଡିଏମ୍କେ ମେଣ୍ଟକୁ ୭୭ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି, ଯାହାକି ପୂର୍ବାପେକ୍ଷା ୫୯ କମ୍। ଏମ୍ଏନ୍ଏମ୍ ଅଧ୍ୟକ୍ଷ କମଲ ହାସନ କୋଏମ୍ବାଟୁର ସାଉଥ୍ ଆସନରେ ଭାଜପା ପ୍ରାର୍ଥୀ ଭି. ଶ୍ରୀନିବାସନଙ୍କଠାରୁ ହାରିଯାଇଛନ୍ତି। ୧୪୦ ଆସନ ବିଶିଷ୍ଟ କେରଳ ବିଧାନସଭାରେ ସଂଖ୍ୟାଗରିଷ୍ଠତା ହାସଲ ଲାଗି ୭୧ ଆସନ ଆବଶ୍ୟକ ଥିବାବେଳେ ୨୦୧୬ରେ ଏଲ୍ଡିଏଫ୍ ୯୧ ଆସନ ଦଖଲ କରି କ୍ଷମତାସୀନ ହୋଇଥିଲା। ୟୁଡିଏଫ୍ ମାତ୍ର ୪୭ ଆସନରେ ସନ୍ତୁଷ୍ଟ ହୋଇଥିଲା। ଏଥର ଏଲ୍ଡିଏଫ୍ ଆଉ ପାଦେ ଆଗେଇ ୯୯ ଆସନ ପାଇଥିବାବେଳେ ୟୁଡିଏଫ୍ ୪୧ରେ ସୀମିତ ରହିଛି। ଭାଜପାକୁ ଗୋଟିଏ ହେଲେ ଆସନରେ ଜିତାଇ ନାହାନ୍ତି ମତଦାତା।

ଆସାମ ବିଧାନସଭାର ଆସନ ସଂଖ୍ୟା ହେଉଛି ୧୨୬। ଏଠାରେ ୬୪ ଆସନ ଦଖଲ କଲେ ସରକାର ଗଠନ ସମ୍ଭବ ଥିବାବେଳେ ୨୦୧୬ରେ ଏନ୍ଡିଏ ୮୬ ଆସନରେ ସଫଳତା ପାଇଥିଲା। ଭାଜପାକୁ ୬୦, ଆସୋମ ଗଣ ପରିଷଦ(ଏଜିପି) ୧୪ ଓ ବୋଡୋ ପିପୁଲ୍ସ ଫ୍ରଣ୍ଟ (ବିପିଏଫ୍)କୁ ୧୨ ଆସନରେ ସଫଳତା ମିଳିଥିଲା। କଂଗ୍ରେସ ୨୬ ଏବଂ ସଂଖ୍ୟାଲଘୁ ଭୋଟରଙ୍କ ଉପରେ ପ୍ରଭାବ ରଖୁଥିବା ବଦ୍ରୁଦ୍ଦିନ ଅଜମଲଙ୍କ ଅଲ୍ ଇଣ୍ଡିଆ ୟୁନାଇଟେଡ୍ ଡେମୋକ୍ରାଟିକ୍ ଫ୍ରଣ୍ଟ (ଏଆଇୟୁଡିଏଫ୍) ୧୩ ଆସନରେ ବିଜୟୀ ହୋଇଥିଲା। ଏଥର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତାକୁ ପୁଞ୍ଜିକରି ନିର୍ବାଚନ ଲଢ଼ିଥିବା ମୁଖ୍ୟମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲଙ୍କୁ କଂଗ୍ରେସ ନେତୃତ୍ୱାଧୀନ ମେଣ୍ଟ ଟକ୍କର ଦେଇଥିଲା। ଭାଜପା ନେତୃତ୍ୱାଧୀନ ଏନ୍ଡିଏକୁ ୭୪ ଆସନରେ ସଫଳତା ମିଳିଥିବାବେଳେ କଂଗ୍ରେସକୁ ୫୦, ଏଜେପି ୧ ଓ ଅନ୍ୟକୁ ୧ ଆସନ ମିଳିଛି। ପଣ୍ଡିଚେରୀରେ ପୂର୍ବରୁ କଂଗ୍ରେସ ଶାସନରେ ଥିଲା। ହେଲେ କଂଗ୍ରେସ ଓ ସହଯୋଗୀ ଦଳର କେତେଜଣ ବିଧାୟକଙ୍କ ଇସ୍ତଫା ପରେ ମୁଖ୍ୟମନ୍ତ୍ରୀ ଭି. ନାରାୟଣସ୍ୱାମୀ ସରକାର ସଂଖ୍ୟାଲଘୁରେ ପରିଣତ ହୋଇଥିଲେ। ଫଳରେ ଆସ୍ଥାଭୋଟ ପୂର୍ବରୁ ମୁଖ୍ୟମନ୍ତ୍ରୀ ଇସ୍ତଫା ଦେଇଥିଲେ। ଏଠାରେ ରାଷ୍ଟ୍ରପତି ଶାସନ ଚାଲିଥିବାବେଳେ ପୁଣି ନିର୍ବାଚନ କରାଯାଇଥିଲା। ୩୦ ଆସନରେ ଭୋଟ ଗ୍ରହଣ କରାଯାଇଥିବାବେଳେ ୩ ମନୋନୀତ ସଦସ୍ୟ ରହିଛନ୍ତି। ତେଣୁ ସଂଖ୍ୟାଗରିଷ୍ଠତା ପାଇଁ ୧୭ ବିଧାୟକଙ୍କ ସମର୍ଥନ ଜରୁରୀ। ଏହି ନିର୍ବାଚନରେ ଏନ୍.ଆର୍. କଂଗ୍ରେସ ଓ ଭାଜପା ମେଣ୍ଟକୁ ୧୬ ଆସନରେ ସଫଳତା ମିଳିଛି। କଂଗ୍ରେସ ୯ ଏବଂ ଅନ୍ୟ ଦଳର ପ୍ରାର୍ଥୀ ୫ ଆସନରେ ବିଜୟୀ ହୋଇଛନ୍ତି।

## ନନ୍ଦିଗ୍ରାମ: ଟିଏମ୍ସିର...

କିନ୍ତୁ ଏନେଇ ନିର୍ବାଚନ କମିଶନ ନିର୍ଦ୍ଦିଷ୍ଟ ଭାବେ ଘୋଷଣା କରିନାହାନ୍ତି। ଅପରପକ୍ଷେ ଶୁଭେନ୍ଦୁ ଜାଲିଆତି କରିଛନ୍ତି ଏବଂ ନିର୍ବାଚନ କମିଶନ ଏଥିରେ ତାଙ୍କୁ ସହଯୋଗ କରିଥିବା ଅଭିଯୋଗ ଆଣି ଫଳାଫଳକୁ କୋର୍ଟରେ ଚ୍ୟାଲେଞ୍ଜ କରିବାକୁ ମମତା ଚେତାବନୀ ଦେଇଛନ୍ତି।

## ଖବରଦାତା ସମ୍ମୁଖ ...

କରୋନାରେ ମୃତ୍ୟୁ ଘଟିଲେ ୧୫ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଉଛି। ସୂଚନାଯୋଗ୍ୟ, ପୂର୍ବରୁ ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ପୋଲିସ, ସଫେଇ କର୍ମଚାରୀଙ୍କୁ ସମ୍ମୁଖ ଯୋଦ୍ଧା ଘୋଷଣା କରାଯାଇଥିଲା। ଖବରଦାତାଙ୍କୁ ମଧ୍ୟ ସମ୍ମୁଖ ଯୋଦ୍ଧା ଘୋଷଣା କରାଯାଉ ବୋଲି ଦାବି କରାଯାଉଥିଲା। କରୋନା ଭଳି ସମୟରେ ଜୀବନକୁ ବାଜି ଲଗାଇ ଖବରଦାତାମାନେ ଖବର ସଂଗ୍ରହ କରି ଲୋକଙ୍କ ପାଖରେ ପହଞ୍ଚାଉଛନ୍ତି। ସରକାରଙ୍କ ବିଭିନ୍ନ ପଦକ୍ଷେପ, ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଉଛନ୍ତି। ଫଳରେ କାର୍ଯ୍ୟରତ ବହୁ ଖବରଦାତା କରୋନାରେ ଆକ୍ରାନ୍ତ ହୋଇଥିବାବେଳେ କେତେଜଣଙ୍କର ମୃତ୍ୟୁ ମଧ୍ୟ ଘଟିଛି। ଗତ ଦୁଇ ମାସରେ ରାଜ୍ୟରେ ୧୭ଜଣ ଖବରଦାତାଙ୍କ କରୋନାରେ ମୃତ୍ୟୁ ଘଟିଥିବାବେଳେ କେବଳ ଏପ୍ରିଲରେ ୧୫ଜଣଙ୍କ ଜୀବନ ଯାଇଛି। ଶେଷରେ ମୁଖ୍ୟମନ୍ତ୍ରୀ ଏହି ଦାବି ପୂରଣ କରିଥିବାରୁ ସମସ୍ତ ମୁଦ୍ରିତ, ବୈଦ୍ୟୁତିକ ଓ ୱେବ୍ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

## କେନ୍ଦ୍ର କମିଟି କହୁଛି ...

ପରେ ଏଭଳି ସ୍ଥିତି ଉପୁଜିବା ନେଇ ଆଶଙ୍କା ବ୍ୟକ୍ତ କରାଯାଇଥିବା ଆଇଏନ୍ଏସ୍ଏସିଓଜି କହିଛି। ସରକାରଙ୍କୁ ଠିକ୍ ସମୟରେ ସୂଚନା ଦେବା ଆମ କର୍ତ୍ତବ୍ୟ। କିନ୍ତୁ ଏ ଦିଗରେ ନୀତି ପ୍ରଣୟନ କରି ପଦକ୍ଷେପ ନେବା ସରକାରଙ୍କ ଦାୟିତ୍ୱ ଥିଲା ବୋଲି କମିଟି ବିଶେଷଜ୍ଞ କହିଛନ୍ତି। କରୋନା ଭୂତାଣୁର ବିଭିନ୍ନ ଭାରିଆଣ୍ଟ ଉପରେ ଅଧ୍ୟୟନ କରିବା ନିମନ୍ତେ ଗତ ଡିସେମ୍ବରରେ ଆଇଏନ୍ଏସ୍ଏସିଓଜି ସ୍ଥାପନ କରାଯାଇଥିଲା। ଭାରତରେ ଏବେ ସଂକ୍ରମଣ ବଢ଼ାଉଥିବା ବି.୧.୬୧୭ ଭାରିଆଣ୍ଟକୁ ପ୍ରଥମେ ଆଇଏନ୍ଏସ୍ଏସିଓଜି ରସର୍ଚ୍ଚରମାନେ ଚିହ୍ନଟ କରିଥିଲେ। ଏହି ଭାରିଏଣ୍ଟ ଭାରତରେ ଦ୍ରୁତ ସଂକ୍ରମଣ କରାଇବା ନେଇ ମାର୍ଚ୍ଚ ୧୦ ପୂର୍ବରୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅଧୀନରେ ଥିବା ଜାତୀୟ ରୋଗ ନିୟନ୍ତ୍ରଣ କେନ୍ଦ୍ର (ଏନ୍ସିଡିସି)କୁ ଆଇଏନ୍ଏସ୍ଏସିଓଜି ଜଣାଇଥିଲା। ପରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ରିପୋର୍ଟ ପଠାଯାଇଥିଲା। ହେଲେ ତୁରନ୍ତ ଏହା ଉପରେ ପଦକ୍ଷେପ ନିଆଯାଇ ନ ଥିଲା ବୋଲି ଉକ୍ତ ଫୋରମ୍ ପକ୍ଷରୁ କୁହାଯାଇଛି। ଏବେ ଭାରତ ଭାରିଆଣ୍ଟ ୧୭ରୁ ଅଧିକ ଦେଶକୁ ବ୍ୟାପିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଉଚ୍ଚସ୍ଥ ରବି ସାଙ୍ଗକୁ କର୍ମସ୍ଥ ଶନି ଓ ଚନ୍ଦ୍ର ସାମାଜିକ ସମ୍ମାନ ଓ ଉଚ୍ଚ ପଦପଦବୀ ପ୍ରଦାନ କରିବେ। ଚେଷ୍ଟା କରୁଥିବା କାମଗୁଡ଼ିକ ସୁବିଧାରେ ଓ ସୁରୁଖୁରୁରେ ହୋଇଯିବ। ଘରେ ବନ୍ଧୁମିଳନ ସହିତ ଖୁସିର ଆସର ଜମିପାରେ। ବାଣିଜ୍ୟ, ବ୍ୟବସାୟ ଦିଗଟି ସନ୍ତୋଷଜନକ ରହିବ।

**ବୃଷ**
ବନ୍ଧୁମାନଙ୍କ ସହ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିପାରେ। ଆନୁଷ୍ଠାନିକ କିମ୍ବା ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିପାରେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ସାଧାରଣ ଘଟଣାକୁ ଦୁର୍ଘଟଣା ମନେକରିବେ ଓ ଚିନ୍ତିତ ରହିବେ।

**ମିଥୁନ**
କର୍ମକ୍ଷେତ୍ରରେ ଉନ୍ନତ ମାନର ଫଳ ପାଇବେ। ଖୋଜୁଥିବା ଜିନିଷ, ଦରକାରୀ କାଗଜପତ୍ର କିମ୍ବା ସରକାରୀ ସୁବିଧା ସହଜରେ ପାଇଯିବେ। ମନୋରଞ୍ଜନ ପ୍ରୀତିପ୍ରଦ ହେବ ଓ ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**କର୍କଟ**
ଅତୀତ ଘଟଣାର ସମୀକ୍ଷା କରିବା ସାଙ୍ଗକୁ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଋଣସୂତ୍ରରେ ଅର୍ଥଲାଭ କରିବେ ଏବଂ କୌଣସି ନୂତନ କର୍ମାରମ୍ଭ କରିପାରନ୍ତି। ନୂତନ ଗୃହୋପଯୋଗୀ ଜମିଜମା ସମ୍ପର୍କୀୟ କଥାରେ ଅଗ୍ରଗତି ଘଟିବ। ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ**
ଅନ୍ୟମାନଙ୍କ କଥାରେ ପ୍ରଭାବିତ ହୋଇ ଭଲ ସମ୍ପର୍କ ଥିବା ବ୍ୟକ୍ତି ଭୁଲ୍ ଧାରଣା ପୋଷଣ କରିପାରେ। ପାରିବାରିକ ସ୍ତରରେ ଅସୁବିଧା ସୃଷ୍ଟି ହେବାର ଲକ୍ଷ୍ୟ କରିବେ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଶିଳ୍ପ, ବାଣିଜ୍ୟ ଓ ଏଜେନ୍ସିପ ଦିଗଟି ଭଲ। ଭଲ କଥାକୁ ବନ୍ଧୁ ଭୁଲ୍ ବୁଝିପାରନ୍ତି।

**କନ୍ୟା**
ଦୀର୍ଘଦିନରୁ କର୍ମକ୍ଷେତ୍ରରେ ରହି ଆସିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ଆଜି ସମାଧାନ ହୋଇଯିବ। ଆର୍ଥିକ ଅନଟନ କାରଣରୁ ମାନସିକ ସ୍ଥିତି ଠିକ୍ ରହିନପାରେ। ନିକଟ ସମ୍ପର୍କୀୟମାନଙ୍କ ସନ୍ଦେହଜନକ କାର୍ଯ୍ୟକଳାପ ହେତୁ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ଭଲ ଓ ମନ୍ଦ ମଧ୍ୟରେ ପାରିବାରିକ ସଦ୍ଭାବ ପ୍ରାୟତଃ ଅକ୍ଷୁଣ୍ଣ ରହିବ।

**ତୁଳା**
ଆଜି ବିଭିନ୍ନ ପ୍ରକାରର କାମଗୁଡ଼ିଏ ହାତକୁ ନେଇ ବିଶ୍ରାମହୀନ କାମ କରିବେ। ପରିବାରର ଆବଶ୍ୟକତାକୁ ଉପଲବ୍ଧି କରି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି। ସରକାରୀ ସ୍ତରରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସାମାଜିକ କ୍ଷେତ୍ରରେ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ।

**ବିଛା**
ତରବରିଆ ଭାବେ କୌଣସି କାମ କଲେ ସବୁ ଓଲଟପାଲଟ ହୋଇଯିବ। ବାରମ୍ବାର ବିଫଳତା ପରେ ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ। ଅନ୍ୟମନସ୍କତା କିମ୍ବା ଅସାବଧାନତା ହେତୁ ସାମୟିକ ଯାତ୍ରାରେ ଅସୁବିଧା ଘଟିପାରେ। ଆଜିର ଅଧିକାଂଶ ସମୟ ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ କଟାଇବେ।

**ଧନୁ**
ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ କରନ୍ତୁ। କାରଣ ଜାଣିଶୁଣି କେତେକ ବ୍ୟକ୍ତି ସମସ୍ୟା ସୃଷ୍ଟି କରିପାରନ୍ତି। ଅଫିସିଆଲି କାମରେ ଟେନ୍ସନ୍ କିଛି ମାତ୍ରାରେ ବଢ଼ିଯିବ। ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ପରିବାର ଓ ପରିବହନରେ ସମସ୍ୟା ଦେଖାଦେଲେ ମଧ୍ୟ ତାହାର ସମାଧାନ ହୋଇଯିବ।

**ମକର**
ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ ଏବଂ ମାଙ୍ଗଳିକ କାମରୁ ଖୁସି ରହିବେ। ବନ୍ଧୁ କରୁଥିବା କାର୍ଯ୍ୟର ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପଡ଼ିବେ। ଥଣ୍ଡା ଜ୍ୱରଜନିତ ରୋଗରେ ପୀଡ଼ା ବୃଦ୍ଧି ଘଟିବାର ଆଶଙ୍କା ରହିଛି। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ପର କ୍ଷଣରେ ଅନୁତପ୍ତ ହେବେ।

**କୁମ୍ଭ**
ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ଭଲ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ କ୍ଷେତ୍ରରେ ସଫଳତା ହାସଲ କରିବେ। ବନ୍ଧୁଙ୍କ ଜରିଆରେ ମୂଲ୍ୟବାନ୍ ଦ୍ରବ୍ୟ ଲାଭରୁ ଖୁସି ହେବେ।

**ମୀନ**
ବିଭିନ୍ନ ପ୍ରକାରର କାମରେ କ୍ଷତିର ସାମ୍ନା କରି ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ବନ୍ଧୁମାନଙ୍କ ନିମନ୍ତ୍ରଣ କ୍ରମେ ଦୂରଯାତ୍ରାର ସୁଯୋଗ ପାଇବେ। ଆଲୋଚନା କ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ବୈଶାଖ କୃଷ୍ଣ ସପ୍ତମୀଯୁକ୍ତ ଅଷ୍ଟମୀ ସୋମବାର, ମେ ୩ ତାରିଖ, ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସର ଏକୋଦ୍ଦିଷ୍ଟ ଓ ପାର୍ବଣ ରାଶିନକ୍ଷତ୍ର- ଦିବା ଘ.୦୮।୨୨ ଗତେ, ଶ୍ରବଣା/ମକର, ସିଂହ ରାଶିର ଘାତଚନ୍ଦ୍ର, ମିଥୁନ ରାଶିର ଘାତବାର, ସପ୍ତମୀର ଏକୋଦ୍ଦିଷ୍ଟ ଓ ଅଷ୍ଟମୀର ପାର୍ବଣଶ୍ରାଦ୍ଧ, ଦିବା ଘ.୦୫।୨୦ ଗତେ ଘ.୦୭।୦୨ ମଧ୍ୟେ, ଘ.୧୦।୨୭ ଗତେ ଘ.୦୧।୦୦ ମଧ୍ୟେ ଅମୃତବେଳା। ଅପରାହ୍ନ ଘ.୦୩।୩୩ ଗତେ ଘ.୦୫।୧୫ ମଧ୍ୟେ ମାହେନ୍ଦ୍ରବେଳା। ସକାଳ ଘ.୦୬।୨୬ ଗତେ ଘ.୦୮।୩୨ ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

Gharabari BDA yellowzone plot near Gandhi College sqft. 1250/- Jatani Niser 650/-. 7978230118, 8249477254.
D-70825

ଭୁବନେଶ୍ୱର BDA ଏରିଆରେ ଅତିଶୀଘ୍ର ଘର କରିବା ପାଇଁ ଘରବାରି ପ୍ଲଟ୍ ଟଙ୍କପାଣି ରୋଡ୍ ବାଙ୍କୁଆଳରେ ବର୍ଗଫୁଟକୁ 1400/-, ସତ୍ୟଭାମାପୁର ପାଖରେ 650/-, ଗୁଡ଼ିଆପୋଖରୀ ପାଖରେ 650/- & 550/-. First possession then registration. 6372897984, 8144658008. D-20643

Residential plot at- Heart Complex, Brahmanjharilo, Cuttack, 12K.M. from Bhubaneswar, 18K.M. from Cuttack @500/- per sft. (Few plots available), (Nearest to School, Coleges/ Hospital). 7809525452, 8249851363. D-70449

ଭୁବନେଶ୍ୱର-ପୁରୀ ରାସ୍ତାର ପିପିଲି NH side Gated Community Plotting Project 30' ରାସ୍ତା, electricity boundary, park, Temple, Entrancegate (Bank finance available) sqft.-670/-, 7327092999. D-70846

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ 1km. sqft.-220/-, Niser ପାଖରେ sqft.-500/-, ତ୍ରିଶୂଳିଆ ଛକ ପାଖରେ 450/- plot ବିକ୍ରି ଚାଲୁଅଛି। 9178004547, 9348020724. D-70843

2/3BHK flat at Bhubaneswar booking open, Discount offer, limited period upto 5,00,000/-. 9040744989.
D-70836

ତମାଣ୍ଡୋ National highwayଠାରୁ 1.3mtrs ଦୂରରେ immediate ଘରକରି ରହିବା ପାଇଁ yellowzone plot ମିଳୁଛି। 9938756259.
D-20646

ଭୁବନେଶ୍ୱର ଖୋର୍ଦ୍ଧା NH side ପିତାପଲ୍ଲୀ ଛକ ନିକଟରେ plot ମିଳୁଛି। owner 9090963952. D-70831

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Zen SPA positively health benefits with experts therapeutic genuinely massage. 7205084157. D-70596

Newly open Spa Offer @599/-, positively health benefits, Jaydevbihar. 7846814019. D-59990

Swarna SPA newly open positively health benefits with expert therapist. 9556978408.
D-70595

Refreshing your mind body with best expert therapist. 8144219731, 7749040472. D-70597

Ayurvedic full body massage by experienced (M/F) therapist. 8018656899, 7008773793. D-59989

New Opening Saikrupa Panchakarma and Spa Joint Pain, Fullbody Massage. 8984068077.
D-65917




କ'ଣ ଆପଣ ଅସୁବିଧାରେ ଅଛନ୍ତି କି? ୨ଘଣ୍ଟାରେ ସମାଧାନ Myastron ଦ୍ୱାରା। କାମ ନହେଲେ ଟଙ୍କା ଫେରସ୍ତ। ବ୍ୟବସାୟରେ, ପ୍ରେମରେ, ବିବାହରେ, ଚାକିରି ସମାଧାନ Mobile/ Whatsapp No.- 07381297749, 09739501234. D-20592

## କରୋନା ଆକ୍ରାନ୍ତ ବୃଦ୍ଧଙ୍କ ମୃତ

କଟକସଦର,(ଡି.ଏନ୍.ଏ.): କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସ ଗ୍ରାମର ଜଣେ ବୃଦ୍ଧ କରୋନାରେ ଆକ୍ରାନ୍ତ ଥିବାବେଳେ ଶନିବାର ରାତିରେ ମୃତ୍ୟୁ ହୋଇଛି। ବୃଦ୍ଧ ଜଣକ ଗତ କିଛି ଦିନ ତଳେ ଜ୍ୱରରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ପରେ ତାଙ୍କର ଆଣ୍ଟିଜେନ ଟେଷ୍ଟ କରିବାରୁ ରିପୋର୍ଟ ଗତ ୨ଦିନ ତଳେ ପଜିଟିଭ ଚିହ୍ନଟ ହୋଇଥିଲେ। ହୋମ ଆଇସୋଲେସନରେ ରହି ଚିକିତ୍ସିତ ହେଉଥିଲେ। ତେବେ ଶନିବାର ରାତିରେ ଗୁରୁତର ହେବାରୁ ମୃତ୍ୟୁ ହୋଇଥିଲା।

# ମୃତ କରୋନା ଆକ୍ରାନ୍ତଙ୍କ ମୁଣ୍ଡରେ କ୍ଷତ

## ଘରୋଇ କୋଭିଡ୍ ହସ୍ପିଟାଲ ନାଁରେ ଥାନାରେ ଅଭିଯୋଗ

- ହସ୍ପିଟାଲ ଟୋଲ୍ ଫ୍ରି ନମ୍ବରକୁ ୨ଶହ କଲ୍, କେହି ଉଠାଇଲେନି
- ଟୁଇଟ୍ ପରେ ହସ୍ତକ୍ଷେପ କଲେ ବିଏମ୍ସି, ଡିସିପି
- ୩ଦିନ ପରେ ମିଳିଲା ମୃତ୍ୟୁ ସୂଚନା



ଭୁବନେଶ୍ୱର,୨।୫(ବ୍ୟୁରୋ)

୩ଦିନ ଧରି ଆକ୍ରାନ୍ତଙ୍କ ସମ୍ପର୍କରେ ଦିଆଗଲାନି ସୂଚନା। ପରିବାର ଲୋକେ କୋଭିଡ୍ ହସ୍ପିଟାଲର ଟୋଲ୍ ଫ୍ରି ନମ୍ବରକୁ ୨ଶହରୁ ଊର୍ଦ୍ଧ୍ୱ କଲ୍ କଲେ ମଧ୍ୟ କେହି ଉଠାଇଲେନି। ଯିବା ଆସିବା କରୁଥିବା କର୍ମଚାରୀଙ୍କୁ ଯେତେ ନେହୁରା ହୋଇଥିଲେ ମଧ୍ୟ କେହି ଶୁଣିବା ପରିସ୍ଥିତିରେ ବି ନ ଥିଲେ। ଶେଷରେ ବିଏମ୍ସି ଓ ଭୁବନେଶ୍ୱର ଡିସିପିଙ୍କୁ ଟୁଇଟ୍ କରିବା ପରେ ହସ୍ପିଟାଲ ପକ୍ଷରୁ ମିଳିଲା ମୃତ୍ୟୁ ସୂଚନା। ତେବେ ସଂସ୍କାର ପୂର୍ବରୁ ମୃତକଙ୍କ ମୁଣ୍ଡରେ କ୍ଷତ ଓ ରକ୍ତ ଦେଖି ପରିବାର ଲୋକେ ଇନ୍ଫୋସିଟି ଥାନାର ଦ୍ୱାରସ୍ଥ ହୋଇଛନ୍ତି। କୋଭିଡ୍ ହସ୍ପିଟାଲରେ ଅବ୍ୟବସ୍ଥା ଓ ଚିକିତ୍ସାରେ ଅବହେଳା ଯୋଗୁ ତାଙ୍କ ବାପାଙ୍କ ମୃତ୍ୟୁ ଘଟିଛି। ଭୁବନେଶ୍ୱରର ଏକ ଘରୋଇ କୋଭିଡ୍ ହସ୍ପିଟାଲ ନାଁରେ ଏଭଳି ଅଭିଯୋଗ ଆଣିଛନ୍ତି ତାଳଚେର ହାଟତୋଟାର ମନୋଜ କୁମାର ରାୟ। ଏପରି କି ୫ ଦିନ ପରେ ବି ବାପାଙ୍କ ଚିକିତ୍ସା ଓ ମୃତ୍ୟୁ ସଂକ୍ରାନ୍ତ କୌଣସି କାଗଜପତ୍ର ହସ୍ପିଟାଲ ତରଫରୁ ଦିଆଯାଉ ନ ଥିବା ମନୋଜ କହିଛନ୍ତି। ତାଙ୍କ ଅଭିଯୋଗରୁ ଜଣାପଡିଛି, ଗତ ୨୪ ତାରିଖରେ ବାପା କର୍ଣ୍ଣବୀର ରାୟ (୮୫) ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ତାଳଚେରର ଏକ ହସ୍ପିଟାଲ୍କୁ ନିଆଯାଇଥିଲା। ପରେ ସେଠାରୁ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଆର୍‌ଟି-ପିସିଆର୍ ରିପୋର୍ଟ ପଜିଟିଭ୍ ଆସିବାରୁ ତାଙ୍କୁ ଏସ୍ସିବି ମେଡିକାଲକୁ ରେଫର କରାଯାଇଥିଲା। ପରିବାର ଲୋକେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ଉକ୍ତ ମେଡିକାଲ କର୍ତ୍ତୃପକ୍ଷ ତାଙ୍କୁ ସରକାରୀ କୋଭିଡ୍ ହସ୍ପିଟାଲକୁ ନେଇଯିବାକୁ ପରାମର୍ଶ ଦେଇଥିଲେ। ପରିବାର ଲୋକେ ବିଏମ୍ସି ସହ ଯୋଗାଯୋଗ କରିବା ପରେ ୨୫ ତାରିଖରେ ଭୁବନେଶ୍ୱରରେ ଥିବା ଏକ ଘରୋଇ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଏହାପରଠାରୁ ରୋଗୀଙ୍କ ସମ୍ପର୍କରେ ତାଙ୍କ ପରିବାର ଲୋକଙ୍କୁ କୌଣସି ସୂଚନା ଦିଆଯାଇ ନ ଥିଲା। ୩ଦିନ ଧରି ଟୋଲ୍ ଫ୍ରି ନମ୍ବର କେହି ଉଠାଇ ନ ଥିଲେ। ଦାୟିତ୍ୱରେ ରହୁଥିବା କର୍ମଚାରୀମାନେ ଭିତରକୁ ଛାଡ଼ି ନ ଥିଲେ କି କେହି କିଛି ସୂଚନା ଦେଇ ନ ଥିଲେ। ଶେଷରେ କର୍ଣ୍ଣବୀରଙ୍କ ନାତୁଣୀଜ୍ୱାଇଁ ଦେବାଶିଷ ଦାଶ ଟୁଇଟ୍ ମାଧ୍ୟମରେ ବିଏମ୍ସି ଓ ଡିସିପିଙ୍କୁ ଜଣାଇଥିଲେ। ପୋଲିସର ହସ୍ତକ୍ଷେପ ପରେ କର୍ଣ୍ଣବୀରଙ୍କ କରୋନାରେ ମୃତ୍ୟୁ ହୋଇଥିବା ନେଇ ୨୭ ତାରିଖ ସନ୍ଧ୍ୟାରେ ହସ୍ପିଟାଲ୍ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହାକୁ ପରିବାର ଲୋକେ ସହଜରେ ଗ୍ରହଣ କରିପାରି ନ ଥିଲେ। କରୋନା ମୃତକଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିବାର ନିୟମ ନ ଥିବାରୁ ସନ୍ଦେହ କରି ମୃତଦେହ ବାହାରିବା ପର୍ଯ୍ୟନ୍ତ ଅପେକ୍ଷା କରି ରହିଥିଲେ। ୨୮ ତାରିଖ ସକାଳେ କର୍ଣ୍ଣବୀରଙ୍କ ମୃତଦେହକୁ ସତ୍ୟନଗର ଶ୍ମଶାନରେ ସତ୍କାର ପାଇଁ ନେବା ପୂର୍ବରୁ ଅନ୍ତିମ ଦର୍ଶନବେଳେ ତାଙ୍କ ମୁଣ୍ଡରେ କ୍ଷତ ସହ ରକ୍ତ ଲାଗିଥିବା ଦେଖିବା ପରେ ସେମାନଙ୍କ ସନ୍ଦେହ ଆହୁରି ବଢ଼ିଯାଇଥିଲା। ଏହାପରେ ମୃତ କର୍ଣ୍ଣବୀରଙ୍କ ପୁଅ ମନୋଜ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣା ସଂକ୍ରାନ୍ତରେ ଥାନାର ଜଣେ ଅଧିକାରୀ କହିଛନ୍ତି, ମୃତଦେହ ସଂସ୍କାର ପୂର୍ବରୁ ପରିବାର ଲୋକେ ପୋଲିସକୁ ଜଣାଇଥିଲେ ଭଲ ହୋଇଥାନ୍ତା। ସଂସ୍କାର ସରିଥିବାରୁ ଏବେ ସ୍ପଷ୍ଟଚିତ୍ର ମିଳିବା ସମ୍ଭବ ହେବ ନାହିଁ। ଏପଟେ ଜୋନ୍-୬ ଏସିପି ପ୍ରକାଶ ଚନ୍ଦ୍ର ପଲ୍ କୁହନ୍ତି, ଡାକ୍ତରଙ୍କ ବିରୋଧରେ ଆମେ ସିଧାସଳଖ ମାମଲା ରୁଜୁ କରିପାରିବୁ ନାହିଁ। ଅଭିଯୋଗ ଆଧାରରେ ଆମେ ସିଡିଏମ୍ଓଙ୍କୁ ଜଣାଇବା ସହ ରିପୋର୍ଟ ମାଗିଛୁ। ରିପୋର୍ଟ ଆସିବା ପରେ ସେହି ଅନୁସାରେ ଯାହା କାର୍ଯ୍ୟାନୁଷ୍ଠାନ ନେବୁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ମନୋଜ କହିଛନ୍ତି, କୋଭିଡ୍ କଟକଣାରେ ସଂସ୍କାର କରାଯାଉଥିବାରୁ ତୁରନ୍ତ ଅଭିଯୋଗ କରିପାରି ନ ଥିଲୁ। ତେବେ ବାପାଙ୍କ ମୁଣ୍ଡରେ ରହିଥିବା କ୍ଷତ ଓ ରକ୍ତ ଚିହ୍ନର ଫଟୋ ରଖିଛୁ। ସେହି ଆଧାରରେ ପୋଲିସ ଓ ପ୍ରଶାସନ ତଦନ୍ତ କରିପାରିବ। ମେଡିକାଲ କର୍ତ୍ତୃପକ୍ଷ କାଗଜପତ୍ର ମଧ୍ୟ ଦେଉ ନ ଥିବାରୁ ସନ୍ଦେହ ହେଉଥିବା ସେ କହିଛନ୍ତି।

## ପ୍ରବାସୀ ଶ୍ରମିକଙ୍କ ସ୍ୱାର୍ଥ ରକ୍ଷା ଦାବି କଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର,୨।୫(ବ୍ୟୁରୋ)

ଶ୍ରମିକ ଦିବସ ଉପଲକ୍ଷେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ସଭାପତି ବସନ୍ତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରର ୩୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ଶ୍ରମିକମାନଙ୍କ ସ୍ୱାର୍ଥରକ୍ଷା କରାଯିବା ସହ ସେମାନଙ୍କୁ ଶୋଷଣ ମୁକ୍ତ କରିବା ଦିଗରେ ବିଭିନ୍ନ ଦୃଷ୍ଟିରୁ ଆଲୋଚନା କରାଯାଇଥିଲା। ବିଶିଷ୍ଟ ସାମାଜିକ କର୍ମୀ ବିଷ୍ଣୁପ୍ରସାଦ ଶର୍ମା ବଲାଙ୍ଗୀର ଓ ନୂଆପଡା ଜିଲାର ପ୍ରବାସୀ ଶ୍ରମିକଙ୍କ ସମସ୍ୟା ଓ ସମାଧାନ ଉପରେ ଆଲୋକପାତ କରିଥିଲେ। ସାମାଜିକ କର୍ମୀ ରାଜୀବ ଶଗଡ଼ିଆ ଦାଦନ ଶ୍ରମିକଙ୍କ ଐତିହାସିକ ପୃଷ୍ଠଭୂମି, ନିର୍ଯାତନା ଓ ନିରାକରଣ ଉପରେ କହିଥିଲେ। ଟିଟିଲାଗଡ ଶାଖା ସଭାପତି ଗଜାନନ ମିଶ୍ର ସୃଜନୀ ଶ୍ରମ ଏବଂ କେନ୍ଦ୍ରୀୟ କମିଟି ସଭାପତି ବସନ୍ତ କୁମାର ତ୍ରିପାଠୀ କୋଭିଡ୍ କାଳରେ ଶ୍ରମିକଙ୍କ ବିପତ୍ତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସେହିଭଳି ଶ୍ରମିକମାନଙ୍କ ହିତ ପାଇଁ ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ମହେନ୍ଦ୍ର ଯୋଶୀ, ତ୍ରିନାଥ ସାମନ୍ତରାୟ, ଯଜାତି କେଶରୀ ଜେନା, ଜିତେଶ ପଣ୍ଡା, ଶ୍ରୀନିବାସ ରାଓ, ମୁକେଶ ରଥ, ଅର୍ପିତା ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

## ରାସ୍ତାରେ ରୋଷେଇ



ଶଟ୍‌ଡାଉନ୍‌ରେ ରବିବାର ଭୁବନେଶ୍ୱର ୟୁନିଟ୍-୧ ମାର୍କେଟ ନିକଟରେ ଟ୍ରକ୍ ରଖି କର୍ମଚାରୀମାନେ ରାସ୍ତା ପାର୍ଶ୍ୱରେ ରୋଷେଇ କରୁଛନ୍ତି।

# ବିବାଦୀୟ ମହିଳା ଏସ୍ଆଇଙ୍କ ପଦୋନ୍ନତି ବାତିଲ

ଭୁବନେଶ୍ୱର,୨।୫(ବ୍ୟୁରୋ)

ଜଣେ ଗର୍ଭବତୀ ମହିଳାଙ୍କୁ ୩ କିଲୋମିଟର ଚଲାଇଥିବା ମୟୂରଭଞ୍ଜ ଜିଲାରେ କାର୍ଯ୍ୟରତ ଏସ୍ଆଇ ରୀନା ବକ୍ସଲାଙ୍କୁ କିଛିଦିନ ତଳେ ଇନ୍ସପେକ୍ଟର ର୍ୟାଙ୍କକୁ ପଦୋନ୍ନତି ମିଳିଥିଲା। ହେଲେ ଏହାକୁ ନେଇ ଚର୍ଚ୍ଚା ଓ ଅଭିଯୋଗ ଆସିବା ପରେ ତାଙ୍କ ପଦୋନ୍ନତିକୁ ବାତିଲ କରି ଦିଆଯାଇଛି। ଅନ୍ୟପକ୍ଷରେ ଓଡ଼ିଶା ପୋଲିସରେ କାର୍ଯ୍ୟରତ ଏପରି ବହୁ ବିବଦୀୟ ଅଫିସରଙ୍କୁ ପଦୋନ୍ନତି ଦିଆଯାଇଥିବାରୁ ଏହି ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠୁଛି। ତେଣୁ ଅଭିଯୋଗ ରହିଥିବା ସମସ୍ତ ଅଧିକାରୀଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବା ସହ ପଦକ୍ଷେପ ପାଇଁ ଦାବି ହେଉଛି। ଗତ ଗୁରୁବାର ଓଡ଼ିଶା ପୋଲିସର ୧୩୨ଜଣ ଏସ୍ଆଇଙ୍କ ପଦୋନ୍ନତି ହୋଇଥିଲା। ଏହି ତାଲିକାରେ ଏସ୍ଆଇ ରୀନାଙ୍କ ନାଁ ରହିଥିବା ଦେଖି ବିଭାଗର କେତେଜଣ ବରିଷ୍ଠ ପୋଲିସ ଅଧିକାରୀ ଏ ସଂକ୍ରାନ୍ତରେ ଡିଜିପି ଅଭୟଙ୍କ ଦୃଷ୍ଟିକୁ ଆଣିଥିଲେ।

### ଗର୍ଭବତୀଙ୍କୁ ଚଲାଇବା ମହଙ୍ଗା ପଡିଲା

ଏହାପରେ ରୀନାଙ୍କ ପଦୋନ୍ନତିକୁ ବାତିଲ ଡିଜିପି ବାତିଲ କରିଦେଇଛନ୍ତି। ତେବେ ରୀନା ପଦୋନ୍ନତି ପାଇବା ପାଇଁ ଯୋଗ୍ୟ ହୋଇଥିଲେ ମଧ୍ୟ ତାଙ୍କ ନାଁରେ ଥିବା ଅଭିଯୋଗକୁ ଯାଞ୍ଚ କରାଇ ନ ଥିଲା ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ସୂଚନାଯୋଗ୍ୟ, ଏସ୍ଆଇ ରୀନା ବକ୍ସଲା ଟ୍ରାଫିକ ଯାଞ୍ଚ କରୁଥିବାବେଳେ ଜଣେ ଗର୍ଭବତୀ ତାଙ୍କ ସ୍ୱାମୀଙ୍କ ବାଇକରେ ବସି ହସ୍ପିଟାଲ ଯାଉଥିଲେ। ହେଲେ ହେଲମେଟ ପିନ୍ଧି ନ ଥିବାରୁ ସ୍ତ୍ରୀଙ୍କୁ ରାସ୍ତାରେ ଛାଡ଼ି ତାଙ୍କ ସ୍ୱାମୀଙ୍କୁ ଥାନାକୁ ନେଇଯାଇଥିଲେ ଏସ୍ଆଇ। ପରେ ଗର୍ଭବତୀ ସ୍ତ୍ରୀ ଚାଲି ଚାଲି ଥାନାରେ ପହଞ୍ଚିବା ପରେ ଅସୁସ୍ଥ ହୋଇପଡିଥିଲେ। ଏହି ଘଟଣାକୁ ନେଇ ଏସ୍ଆଇ ରୀନାଙ୍କୁ ନିଲମ୍ବିତ କରିବା ସହ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ଡିଜିପି।



ଭୁବନେଶ୍ୱର ପାୱାର ହାଉସ୍ ଛକରେ ଯାଞ୍ଚବେଳେ କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କଠାରୁ ରବିବାର ପୋଲିସ କର୍ମଚାରୀମାନେ ଜରିମାନା କାଟୁଛନ୍ତି।



ରବିବାର ଶଟ୍‌ଡାଉନ୍ ଯୋଗୁ ଗାଡ଼ି ଚଳାଚଳ ବନ୍ଦ ରହିଥିବାରୁ ଭୁବନେଶ୍ୱର ରାଜମହଲ ଓଭର ବ୍ରିଜ୍ ଉପରେ ଜଣେ ମହିଳା ଏକୁଟିଆ ଚାଲି ଚାଲି ଗନ୍ତବ୍ୟସ୍ଥଳକୁ ଯାଉଛନ୍ତି।

# କାର୍ଯ୍ୟରତ ଖବରଦାତାଙ୍କୁ ଟିକା

ଭୁବନେଶ୍ୱର, ୨।୫ (ବ୍ୟୁରୋ)

ମହାମାରୀ କରୋନା ସମୟରେ ଖବରଦାତାମାନେ ନିରବଚ୍ଛିନ୍ନ ଭାବେ ଖବର ପ୍ରସାରଣ କରି ଲୋକଙ୍କୁ ସଚେତନ କରୁଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରବିବାର ଖବରଦାତାଙ୍କୁ ଆଗ ଧାଡିର କରୋନା ଯୋଦ୍ଧା ଭାବେ ଘୋଷଣା କରିଛନ୍ତି। ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ପକ୍ଷରୁ ଖବରଦାତାଙ୍କ ପାଇଁ ଆଉଏକ ପଦକ୍ଷେପ ଗ୍ରହଣ କରାଯାଇଛି। କମିଶନର ପ୍ରେମ ଚନ୍ଦ୍ର ଚୌଧାରୀଙ୍କ ନିର୍ଦ୍ଦେଶକ୍ରମେ ମହାନଗରରେ କାର୍ଯ୍ୟରତ ସମସ୍ତ ଖବରଦାତାଙ୍କୁ ଟିକାକରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସୋମବାର

### ବିଏମ୍ସି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା

କଟକ ରୋଡ୍ସ୍ଥିତ ଯାତ୍ରୀନିବାସଠାରେ ସ୍ୱତନ୍ତ୍ର କ୍ୟାମ୍ପ କରାଯାଇଛି। ୧୮ରୁ ୪୪ବର୍ଷ ବୟସର ଖବରଦାତାମାନେ ପୂର୍ବାହ୍ଣ ୧୧ଟାରୁ ୨ ମଧ୍ୟରେ ଟିକା ନେଇ ପାରିବେ। ସେହିଭଳି ୪୫ ବର୍ଷରୁ ଊର୍ଦ୍ଧ୍ୱ ଖବରଦାତାମାନେ ଅପରାହ୍ଣ ୩ଟାରୁ ୫ଟା ମଧ୍ୟରେ ଟିକା ନେବାର ବ୍ୟବସ୍ଥା ହୋଇଛି। ସମ୍ପୃକ୍ତ ଖବରଦାତାମାନେ ନିର୍ଦ୍ଧାରିତ ସମୟରେ ସାଙ୍ଗରେ ଆଧାର କାର୍ଡ ଓ ଅନୁଷ୍ଠାନ ପକ୍ଷରୁ ଦିଆଯାଇଥିବା ଆଇ-କାର୍ଡ ନେଇ ଟିକାକରଣ ହେଉଥିବା ସ୍ଥାନରେ ପହଞ୍ଚିବେ। ସେହିଠାରେ ହିଁ ସେମାନଙ୍କର ନାମ ପଞ୍ଜୀକରଣ କରି ଟିକା ଦିଆଯିବ ବୋଲି ବିଏମ୍ସି ପକ୍ଷରୁ ସୂଚନା ଦିଆଯାଇଛି।

# ଲକ୍ଡାଉନ: ସ୍ୱାଗତ ଭିତରେ ଶଙ୍କା

କରୋନା ଆତଙ୍କ ଭିତରେ ରାଜ୍ୟ ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି। ଦ୍ରୁତ ସଂକ୍ରମଣରେ ବ୍ରେକ୍ ଦେବା ପାଇଁ ଆସନ୍ତା ୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଲକ୍ଡାଉନ୍ ଘୋଷଣା କରିଛନ୍ତି। ଗତବର୍ଷ ମଧ୍ୟ କରୋନାକୁ ପ୍ରତିହତ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଥିଲା। ଲୋକେ ଜୀବିକା ହରାଇ ମାସ ମାସ ଧରି ଦୁର୍ଦ୍ଦଶାରେ ରହିଥିଲେ। ରାଜ୍ୟର ଅର୍ଥନୀତି ମଧ୍ୟ ଘୋର୍ ପ୍ରଭାବିତ ହୋଇଥିଲା। ତେଣୁ କରୋନାର ଦ୍ୱିତୀୟ ଲହର ଆସିବା ପରେ ଲକଡାଉନ୍ କରାଯିବ ନାହିଁ ବୋଲି ଆଶା କରାଯାଉଥିଲା। ହେଲେ ନୂଆଷ୍ଟ୍ରେନ୍ ପୂର୍ବାପେକ୍ଷା ଅଧିକ ଭୟଙ୍କର ହୋଇଥିବାରୁ ରାଜ୍ୟର ସ୍ଥିତି ଅଧିକ ବିଗିଡିବାରୁ ଶେଷରେ ସରକାର ପୁଣି ଲକ୍ଡାଉନ୍‌ର ଆଶ୍ରୟ ନେଇଛନ୍ତି। ଗୋଟେ ପଟେ ଲକ୍ଡାଉନ୍ ହିଁ ଏକମାତ୍ର ବିକଳ୍ପ ଥିବା କୁହାଯାଉଥିବାବେଳେ ଏପଟେ କରୋନାର କରାଳ ଆଁ ଭିତରୁ ବାହାରିବାର ବାଟ ଖୋଜୁଥିବା ରାଜ୍ୟବାସୀଙ୍କୁ ପୁଣିଥରେ ଜୀବିକା ହରାଇବାର ଆଶଙ୍କା ଘାରିଛି।

### ବରିଷ୍ଠ ନାଗରିକଙ୍କ ସମସ୍ୟାକୁ ଅଣଦେଖା



"ଲକ୍ଡାଉନ୍‌ରେ ସକାଳ ୬ଟାରୁ ୧୨ଟା ପର୍ଯ୍ୟନ୍ତ ଆମିଷ, କ୍ଷୀର ଓ ପରିବା ଦୋକାନ ଖୋଲା ରହିବ। ଲୋକେ କେବଳ ଚାଲିଚାଲି ଯାଇ କିଣାକିଣି କରିବାକୁ କୁହାଯାଇଛି। କିନ୍ତୁ ଗ୍ରାମାଞ୍ଚଳରେ ଏହି ଦୋକାନଗୁଡିକ ସବୁସ୍ଥାନରେ ଉପଲବ୍ଧ ନୁହେଁ। ବରିଷ୍ଠ ନାଗରିକମାନେ ଏହି ଓଜନିଆ ଦ୍ରବ୍ୟଗୁଡିକ ଆଣିବେ କିପରି ? ଚାଲିଚାଲି ବଜାରକୁ ଗଲେ ଚଳିବ, ଗାଡିରେ ଗଲେ କ'ଣ କରୋନା ମାଡି ବସିବ କି? ବରିଷ୍ଠ ନାଗରିକଙ୍କ ଏହି ସମସ୍ୟାକୁ ଅଣଦେଖା କରିଛନ୍ତି ରାଜ୍ୟ ସରକାର।

–ମନୋରଞ୍ଜନ ଦାସ, ଶିକ୍ଷାବିତ୍

### କୋଭିଡ୍ ଚେନ୍ ରୋକିବାକୁ ପ୍ରଚେଷ୍ଟା



"କୋଭିଡ୍-୧୯ର ଭୟାବହ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଥମେ ସହରାଞ୍ଚଳକୁ ସପ୍ତାହାନ୍ତ ଶଟ୍‌ଡାଉନ ଓ ଆସନ୍ତା ୫ ତାରିଖରୁ ୧୪ ଦିନିଆ ଲକ୍ଡାଉନ୍ କରାଯାଇଛି। ଏହା ନିଶ୍ଚୟ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏହାଦ୍ୱାରା କୋଭିଡ ଚେନ୍‌କୁ ରୋକାଯାଇ ପାରିବ। ଏହି ସମୟରେ ଘରେ ରହି କୋଭିଡ୍ ନିର୍ଦ୍ଦେଶାବଳୀକୁ ମାନିଲେ ନିଶ୍ଚିନ୍ତ ଆମେ କୋଭିଡ୍‌କୁ ଦୂରେଇ ପାରିବା।

–ଦୀପ୍ତିରେଖା ବାରିକ, ସାମାଜିକ କର୍ମୀ

### ନିଷ୍ପତ୍ତି ସ୍ୱାଗତଯୋଗ୍ୟ



"ମାସ୍କ ପିନ୍ଧିବା ଓ ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ସରକାର ଗୁରୁତ୍ୱ ଦେଇଆସୁଥିଲେ। କିନ୍ତୁ ଅମାନିଆ ସଚେତନ ହେଲେନି। ବାହାରେ ବୁଲିଲେ। ସଂକ୍ରମଣ ବଢ଼ିଲା। ପରିସ୍ଥିତି ସଙ୍ଗିନ ହେବାରୁ ବାଧ୍ୟହୋଇ ମୁଖ୍ୟମନ୍ତ୍ରୀ ଲକ୍ଡାଉନ ଘୋଷଣା କଲେ। ଏହି ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ଏହା ମାଧ୍ୟମରେ କରୋନା ସଂକ୍ରମଣକୁ ରୋକାଯାଇପାରିବ।

–ତପନ କୁମାର ଦାସ, ରାଜନେତା

### ଜୀବନ ଜୀବିକା ପ୍ରଭାବିତ ହେଲାଣି

"ଦୁଇବର୍ଷ ହେବ କରୋନା ପାଇଁ ଜୀବନ ଜୀବିକା ଗୁରୁତର ପ୍ରଭାବିତ ହୋଇଛି। ଲୋକେ ଅସ୍ତବ୍ୟସ୍ତ ହୋଇ ପଡିଲେଣି।



ଗତବର୍ଷ ଲକ୍ଡାଉନ ପାଇଁ ମୁଁ ମଧ୍ୟ ବହୁତ ହଇରାଣ ହୋଇଥିଲି। ଚାକିରି ଉପରେ ବି ସଙ୍କଟ ଆସିଥିଲା। ଏଥର ପୁଣି ସମାନ ଅବସ୍ଥା ଆସିଗଲା। ଏବେ ତ ସରକାର ୧୪ ଦିନିଆ ଲକଡାଉନ୍ ଘୋଷଣା କରିଛନ୍ତି, ମାତ୍ର ଏହାର ଅବଧି ବଢି ବଢି ଚାଲିବ। ଏତେ ସବୁ ସମସ୍ୟା ଭିତରେ ବଞ୍ଚିବା ଆହୁରି କଷ୍ଟକର ହୋଇପଡ଼ିବ।

–ବିଶ୍ୱନାଥ ବେହେରା, କର୍ମଜୀବୀ

### ଅମାନିଆଙ୍କ ପାଇଁ ସମସ୍ତଙ୍କୁ ଭୋଗିବାକୁ ପଡୁଛି



"ରାଜ୍ୟରେ କରୋନାର ସଂକ୍ରମଣ ହାର ଯେଉଁଭଳି ବଢି ଚାଲିଛି ଆଗକୁ ଯେ ଲକ୍ଡାଉନ କରାଯିବ ତାହା ପୂର୍ବରୁ ଜଣାଥିଲା। ସରକାର ଲୋକମାନଙ୍କୁ ବହୁତ ସଚେତନ କଲେ, କିନ୍ତୁ କିଛି ଅମାନିଆ ଶୁଣିଲେନି। ଯାହାର ପରିଣାମ ଏବେ ସମସ୍ତଙ୍କୁ ଭୋଗିବାକୁ ପଡିବ।

–ବିଦ୍ୟୁଲତା ରଥ, ଗୃହିଣୀ

### ମଧ୍ୟବିତ୍ତ ପରିବାର ଅଧିକ ପ୍ରଭାବିତ ହେବେ



"ଏବେକାର ପରିସ୍ଥିତିକୁ ଦେଖିଲେ ଲକ୍ଡାଉନ୍ ଏକମାତ୍ର ବିକଳ୍ପ ଥିଲା। ତେବେ ଏହାଦ୍ୱାରା ଆମଭଳି ନିମ୍ନ ମଧ୍ୟବିତ୍ତ ପରିବାର ବହୁତ ପ୍ରଭାବିତ ହେବେ। ଲକ୍ଡାଉନ ପାଇଁ ଅଧା କର୍ମଚାରୀଙ୍କୁ ନେଇ ଅଫିସ୍ ଚାଲିବ। ତେଣୁ ପୁଣିଥରେ ଛଟେଇ ହେବାର ଭୟ ଓ ପରିବାର ଚଳାଇବାର ଚିନ୍ତାରେ ଦିନ କଟିବ।

–କମଳାକାନ୍ତ ପରିଡା, କର୍ମଜୀବୀ

### ଲୋକମାନେ ସଚେତନ ହୁଅନ୍ତୁ



"ସରକାର ପ୍ରଥମେ ଲକ୍ଡାଉନ ସପକ୍ଷରେ ନ ଥିଲେ। ମାତ୍ର ପରିସ୍ଥିତି ଅସମ୍ଭାଳ ହେବାରୁ ଏପରି ପଦକ୍ଷେପ ନିଆଗଲା। ଏବେ ବି ସମୟ ଅଛି ଲୋକମାନେ ସଚେତନ ହୋଇ କରୋନା କଟକଣାକୁ ମାନିଲେ ପୂର୍ବଥର ପରି ଏଥର ମଧ୍ୟ ଆମେ କରୋନାକୁ ହରାଇ ପାରିବା।

–ନିରୁପମା ରାଉତ, ନର୍ସ

### ମଧ୍ୟବିତ୍ତଙ୍କ ପାଇଁ ସରକାର ବ୍ୟବସ୍ଥା କରନ୍ତୁ



"ସରକାର ରାଶନକାର୍ଡଧାରୀଙ୍କୁ ମାଗଣାରେ ଦୁଇ ମାସର ଚାଉଳ ଦେଇଦେବେ। ହେଲେ ଏଥିରୁ ବଞ୍ଚିତ ବହୁ ଗରିବ ଓ ମଧ୍ୟବିତ୍ତ ପରିବାର ପାଇଁ କ'ଣ ଯୋଜନା ରହିଛି। ଲକ୍ଡାଉନ୍ ସମୟରେ ଯେପରି ନିମ୍ନ ମଧ୍ୟବିତ୍ତ ବା ମଧ୍ୟବିତ୍ତ ପରିବାରର ଲୋକେ ଅନାହାରରେ ନ ରହିବେ ସେଥିପାଇଁ ବ୍ୟବସ୍ଥା କରିବା ଦରକାର।

–ଜଗନ୍ନାଥ ଶତପଥୀ, ସାମାଜିକ କର୍ମୀ

### ଲୋକେ ସହଯୋଗ କଲେ ସ୍ଥିତି ସୁଧୁରିବ



"ଲକ୍ଡାଉନ କଟକଣାକୁ କଡାକଡିଭାବେ ପାଳନ କରିବା ଆବଶ୍ୟକ। କରୋନା ଲଢ଼େଇରେ ଲୋକେ ସାମିଲ୍ ହୋଇ କୋଭିଡ୍ ନିୟମକୁ ମାନି ସରକାରଙ୍କୁ ସହଯୋଗ କଲେ ସ୍ଥିତି ସୁଧୁରିବ। ଜୀବନର ସୁରକ୍ଷା ପାଇଁ ଜୀବିକାକୁ ମଧ୍ୟ କିଛି ମାତ୍ରାରେ ତ୍ୟାଗ କରିବାକୁ ପଡିବ। ନଚେତ ପରିସ୍ଥିତି ଭୟଙ୍କର ହେବାର ସମ୍ଭାବନା ରହିଛି। ତେଣୁ ବେଳ ହୁଁ ସାବଧାନ।

–ବିବୁଧେନ୍ଦୁ କେଶରୀ ଭୋଳ, ଯନ୍ତ୍ରୀ

# ମହିଳାଙ୍କ ଝୁଲନ୍ତା ମୃତଦେହ ଜବତ

ସାଲେପୁର,୨।୫(ଡି.ଏନ୍.ଏ.)

ସାଲେପୁର ଥାନା ଅନ୍ତର୍ଗତ ଜପକୁଦ ଫାଣ୍ଡି ଅଧୀନ ରାମକୃଷ୍ଣପୁର ପଞ୍ଚାୟତ ହୀରାପୁର ଗ୍ରାମର କମଳାକାନ୍ତ ବେହେରାଙ୍କ ସ୍ତ୍ରୀ ଶୋଭାରାଣୀ ବେହେରା(୪୮)ଙ୍କ ଝୁଲନ୍ତା ମୃତଦେହ ରବିବାର ପୋଲିସ ଜବତ କରିଛି। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ଡାକ୍ତରଖାନା ପଠାଯାଇଛି। ଏନେଇ ଥାନାରେ ଅପମୃତ୍ୟୁ ମାମଲା (ନଂ.୯/୨୧)ରୁଜୁ ହୋଇଛି। ପାରିବାରିକ କଳହରୁ ଶୋଭାରାଣୀ ଆତ୍ମହତ୍ୟା କରିଥିବା ନେଇ ଆଶଙ୍କା କରାଯାଉଛି। ପରିବାର ଲୋକେ ସକାଳେ ଗୁହାଳ ଘରେ ଶୋଭାରାଣୀଙ୍କୁ ରଶିରେ ଝୁଲୁଥିବା ଦେଖି ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜପକୁଦ ଫାଣ୍ଡି ଅଧିକାରୀ ବ୍ରଜକିଶୋର ଦକ୍ଷିଣକବାଟଙ୍କ ସୂଚନା ଅନୁଯାୟୀ, ଶୋଭାରାଣୀ ପୂର୍ବରୁ ଗ୍ରୁପ୍ ଲୋନ୍ କରିଥିଲେ। ମାତ୍ର ଏହି ଅର୍ଥ ଠିକ୍ ସମୟରେ ପୈଠ କରି ପାରୁ ନଥିଲେ। ଏନେଇ ପରିବାରରେ କଳହ ଲାଗି ରହିଥିଲା। ଏହି ଘଟଣାକୁ କେନ୍ଦ୍ର କରି ସେ ଆତ୍ମହତ୍ୟା କରିଥିବା ଆଶଙ୍କା କରାଯାଉଛି। ଏନେଇ ତଦନ୍ତ ଜାରି ରହିଛି ବୋଲି ଦକ୍ଷିଣକବାଟ ସୂଚନା ଦେଇଛନ୍ତି।

## ପ୍ରାଣୀ ଚିକିତ୍ସକଙ୍କ କଲମଛାଡ଼ ଆନ୍ଦୋଳନ

ବଡମ୍ବା,୨।୫(ଡି.ଏନ୍.ଏ.)

କନିଷ୍ଠ ପ୍ରଥମ ଶ୍ରେଣୀ ବର୍ଗରେ ନିଯୁକ୍ତି ଦେବାକୁ ଦାବି ନେଇ ବଡମ୍ବା ପ୍ରାଣୀ ଚିକିତ୍ସକମାନେ କଲମଛାଡ଼ ଆନ୍ଦୋଳନ କରିଛନ୍ତି। ଫଳରେ ପ୍ରାଣୀ ସେବାରେ ବାଧାପ୍ରାପ୍ତ ହୋଇଛି। ମେ ୧୫ରୁ ସମୂହ ଛୁଟି ନେବା ସହ ୨୫ ତାରିଖରୁ ସମୂହ ଇସ୍ତଫା ଦେବାକୁ ବଡ଼ମ୍ବା ପ୍ରାଣୀ ଚିକିତ୍ସକମାନେ ଚେତାବନୀ ଦେଇଛନ୍ତି।

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କଶିଟ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279 7656825022
Retamunda, Bhatigaon, Baragarh

“ଯେଉଁମାନେ ଯୋଗ ସାଧନା କରନ୍ତି– ସେମାନଙ୍କ ପାଇଁ ଜାତକର କିଛି ଗୁରୁତ୍ୱ ନାହିଁ। କାରଣ, ଯୋଗ ସାଧନାର ଯେଉଁ ପ୍ରଭାବ ଜୀବନ ଉପରେ ପଡେ, ତାହା ଗ୍ରହମାନଙ୍କ ପ୍ରଭାବ ଅପେକ୍ଷା ଅଧିକ ଶକ୍ତିଶାଳୀ। –ଶ୍ରୀମା



# ଆସ୍ଥା ତୁଟାଇଲେଣି

ନିକଟରେ ଶେଷ ହୋଇଥିବା ୪ ରାଜ୍ୟ ପଶ୍ଚିମବଙ୍ଗ, ଆସାମ, ତାମିଲନାଡୁ ଓ କେରଳ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀର ବିଧାନସଭା ନିର୍ବାଚନ ଫଳ ୨ ମେ’ରେ ଘୋଷଣା ହୋଇଛି। ଭାରତବର୍ଷର ନଜର ପଶ୍ଚିମବଙ୍ଗ ଉପରେ ଅଧିକ କେନ୍ଦ୍ରିତ ଥିଲା। ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଠାରେ ୨୦ ନିର୍ବାଚନ ଶୋଭାଯାତ୍ରା କରିଥିବା ବେଳେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ୫୦ ରାଲିରେ ଯୋଗ ଦେଇଥିଲେ। କେବଳ ଏହି ଦୁଇ ସର୍ବୋଚ୍ଚ ନେତା ନୁହନ୍ତି, ସମଗ୍ର ଭାରତବର୍ଷର ସବୁ ନାମୀଦାମୀ ଭାଜପା ନେତାଙ୍କ ସମେତ ଓଡ଼ିଶା ଭଳି ପଡ଼ୋଶୀ ରାଜ୍ୟର ଛୋଟ ନେତା ମଧ୍ୟ ପଶ୍ଚିମବଙ୍ଗକୁ ମାଡ଼ିଯାଇଥିଲେ। ଏହାବ୍ୟତୀତ ଦେଶର ବିଭିନ୍ନ ପ୍ରାନ୍ତରୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆର୍‌ଏସ୍‌ଏସ୍) କାର୍ଯ୍ୟକର୍ତ୍ତାମାନେ ପଶ୍ଚିମବଙ୍ଗର ପ୍ରତ୍ୟେକ ଗାଁରେ ଯାଇ ରହୁଥିଲେ। ନିରପେକ୍ଷ ଭାବେ ଦେଖିଲେ ଭାଜପାର ସମ୍ପୂର୍ଣ୍ଣ ଅସ୍ତ୍ରାଗାର ପଶ୍ଚିମବଙ୍ଗରେ ବ୍ୟବହୃତ ହୋଇଥିଲା। ତଥାପି ଏକ ନମ୍ବର ଜାତୀୟ ଦଳ ଭାବରେ ନିଜକୁ ଉପସ୍ଥାପିତ କରିଆସୁଥିବା ଭାଜପା ମାତ୍ର ୭୪ ଆସନରେ ସୀମିତ ରହିଲା। ଅନ୍ୟପକ୍ଷରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ୨୧୩ ଆସନରେ ଜିତି ଗତ ନିର୍ବାଚନଠାରୁ ଅଧିକ ୨ ସିଟ୍ ପାଇବାରେ ସକ୍ଷମ ହୋଇଛି। କିନ୍ତୁ ନନ୍ଦିଗ୍ରାମରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କ ପୂର୍ବତନ ସହଯୋଗୀ ତଥା ଭାଜପା ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀଙ୍କଠାରୁ ହାରିଯାଇଛନ୍ତି। ଏହି ପରାଜୟର ଦୋଷ କେବଳ ମମତାଙ୍କ ମୁଣ୍ଡରେ ଯିବ। କାରଣ ତାଙ୍କ ଦଳର ଏକମାତ୍ର ନେତା ଏବଂ ଭାବୀ ମୁଖ୍ୟମନ୍ତ୍ରୀ ଭାବେ ସେ ଏଭଳି ଚ୍ୟାଲେଞ୍ଜ ଗ୍ରହଣ କରିବାର କୌଣସି ଆବଶ୍ୟକତା ନ ଥିଲା। ନିଜର ପୂର୍ବ ନିର୍ବାଚନମଣ୍ଡଳୀ ଭବାନୀପୁରରେ ତାଙ୍କରି ଦଳର ଅଚିହ୍ନା ପ୍ରାର୍ଥୀ ସହଜରେ ଜିତିପାରିଛନ୍ତି। ଏଥିରୁ ବୁଝିବାକୁ ହେବ ଯେ, ରାଜନୀତିରେ ବିନା କାରଣରେ ଚ୍ୟାଲେଞ୍ଜ ନେବାର ପ୍ରୟୋଜନ ନ ଥାଏ। ବରଂ ଏହା ବଦଳରେ ଶୁଭେନ୍ଦୁଙ୍କ କଥାକୁ ଅଣଦେଖା କରିଥିଲେ ହୁଏତ ସେଠାରୁ ମଧ୍ୟ ତୃଣମୂଳ କଂଗ୍ରେସ ଜିତିପାରିଥାଆନ୍ତା।

ମମତାଙ୍କ ‘ବେଙ୍ଗଲ ଅସ୍ମିତା’ ସ୍ଲୋଗାନ୍ ମୋଦି ଓ ଶାହାଙ୍କ ଭଳି ଅନୁପ୍ରବେଶକାରୀଙ୍କୁ ତଡ଼ିଦେବାରେ ସକ୍ଷମ ହୋଇଛି। ଏଥିରୁ ପ୍ରମାଣିତ ହେଉଛି ଯେ, ସମଗ୍ର ଭାରତବର୍ଷରେ ହିନ୍ଦୁମାନେ ବିପଦରେ ଅଛନ୍ତି ବୋଲି ଭାବନ୍ତି ନାହିଁ। ହିନ୍ଦୁଙ୍କର ଆତ୍ମବିଶ୍ୱାସ ଯଥେଷ୍ଟ ରହିଛି ବୋଲି ବଙ୍ଗାଳି ହିନ୍ଦୁ ଭୋଟର ପ୍ରମାଣ କରିଦେଲେ। ମମତାଙ୍କ ଏହି ପ୍ରବଳ ବିଜୟ ସକାଶେ କେବଳ ମୁସଲମାନ ଭୋଟର ଯଥେଷ୍ଟ ହୋଇ ନ ଥାନ୍ତେ। ତୃଣମୂଳର ଏହି ବିଜୟ ଆହୁରି ମଧ୍ୟ ପ୍ରମାଣ କରୁଛି ଯେ, ଆଞ୍ଚଳିକତାବାଦର ମୃତ୍ୟୁ ଘଟି ନାହିଁ। ଭାଜପାର (ଏକ ଦେଶ, ଏକ ଭାଷା, ଏକ ଦଳ, ଏକ ନେତା) ଧ୍ୱନି ହୁଏତ ହିନ୍ଦୀଭାଷୀ ଅଞ୍ଚଳରେ କାମ ଦେଇପାରେ। କିନ୍ତୁ ହିନ୍ଦୁତ୍ୱର ଚିନ୍ତାକୁ ହିନ୍ଦୁ ଧାର୍ମିକଙ୍କ ସହିତ ଗୋଳାମିଶା କରିବା ଅସଫଳ ହେଲା ବୋଲି ପଶ୍ଚିମବଙ୍ଗ ପ୍ରମାଣ କଲା। ହେଲେ ଆସାମରେ ଭାଜପାକୁ କେବଳ କଂଗ୍ରେସ ସମ୍ମୁଖୀନ ହୋଇଥିଲା। ଏହି ରାଜ୍ୟରେ ତରୁଣ ଗୋଗୋଇଙ୍କ କୋଭିଡ୍‌ଜନିତ ମୃତ୍ୟୁ ପରେ ଆସାମ କଂଗ୍ରେସ ନେତୃତ୍ୱବିହୀନ ହୋଇଗଲା। ସେହି ରାଜ୍ୟରେ ଅନ୍ୟ କୌଣସି ଆଞ୍ଚଳିକ ଦଳ ଗଢ଼ିଉଠିପାରି ନାହିଁ। ସେଥିପାଇଁ ଆସାମ ଉଦାହରଣ ପ୍ରମାଣ କରୁଛି ଯେ, ଭାଜପାର ଛୁରି କେବଳ କଂଗ୍ରେସ ବିରୋଧରେ ଦାଢ଼ ପ୍ରମାଣ କରିପାରୁଛି। ଯଦି କଂଗ୍ରେସ ନାହିଁ, ତେବେ ଭାଜପା ମଧ୍ୟ ଦୁର୍ବଳ ହୋଇଯାଉଛି। ଏହାର ଉଦାହରଣ ପଣ୍ଡିଚେରୀରେ ୩୦ ଆସନ ବିଶିଷ୍ଟ ବିଧାନସଭା ନିର୍ବାଚନ ଫଳାଫଳରୁ ପ୍ରମାଣିତ ହେଉଛି। ସେଠାରେ ନିକଟରେ କଂଗ୍ରେସର ଭି. ନାରାୟଣସ୍ୱାମୀ ସରକାରର ପତନ ଘଟିଥିଲା। କଂଗ୍ରେସ ବିରୋଧରେ ଲଢ଼ିବାକୁ ଯାଇ ଭାଜପା ଏନ୍. ଆର୍. କଂଗ୍ରେସ ସହ ମେଣ୍ଟ କରିବାକୁ ବାଧ୍ୟ ହୋଇଥିଲା। ଅନ୍ୟପଟେ ତାମିଲନାଡୁ ଓ କେରଳରେ ଭାଜପାର ଚିରଶତ୍ରୁ ଅଭାବ ଥିବା ହେତୁ ଜାତୀୟ ନେତାମାନେ ସେହିସବୁ ରାଜ୍ୟରେ ପ୍ରଚାର କରିବାକୁ ଗୁରୁତ୍ୱ ଦେଇ ନ ଥିଲେ। ତାମିଲନାଡୁରେ ଡିଏମ୍‌କେ ନେତା ଏମ୍. କେ. ଷ୍ଟାଲିନ୍ ସରକାର ଗଢ଼ିବା ସୁନିଶ୍ଚିତ ହୋଇଛି।

ଏହି ନିର୍ବାଚନ ଫଳାଫଳକୁ ଦେଖିଲେ ଅନ୍ୟ ଏକ ବିଷୟ ବୁଝାପଡୁଛି। କେବଳ ଏଲ୍‌ଡିଏଫ୍ କେରଳରେ ପୂର୍ବ ରେକର୍ଡ ଭାଙ୍ଗିବାରେ ସକ୍ଷମ ହୋଇଛି। ପୂର୍ବରୁ ୟୁଡିଏଫ୍ ଓ ଏଲ୍‌ଡିଏଫ୍ ପାଳିକରି ଶାସନ କରି ଆସୁଥିଲେ। ଆଜି ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଲା। ଏହାର ମୁଖ୍ୟ କାରଣ ହେଉଛି ପିନାରୟୀ ବିଜୟନଙ୍କ ବାମପନ୍ଥୀ ସରକାର ଦ୍ୱାରା କୋଭିଡ୍ ପରିଚାଳନା ଅତି ଦକ୍ଷତାର ସହ କରାଯାଇଥିଲା।

ଏବର ଫଳାଫଳ ପ୍ରମାଣ ଦେଉଛି ଯେ, ଭାରତର ଅଧିକାଂଶ ରାଜ୍ୟରେ ସାଧାରଣ ଭୋଟର ପୁନର୍ବାର ଜାତୀୟ ଦଳଗୁଡ଼ିକ ଉପରୁ ଆସ୍ଥା ତୁଟାଇ ସାରିଲେଣି।

## ସାପ୍ତାହିକ ପଞ୍ଜିକା

**ଏପ୍ରିଲ୍ ୨୬:** କରୋନାରେ ପୂର୍ବତନ ଏମପି ସୁଗ୍ରୀବ ସିଂଙ୍କ ପରଲୋକ।
**ଏପ୍ରିଲ୍ ୨୭:** ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଲେଖକ ମନୋଜ ଦାସଙ୍କ ମହାପ୍ରୟାଣ।
➢ବିଶ୍ୱର ୩୮% କରୋନା ସଂକ୍ରମିତ ଭାରତରେ ଅଛନ୍ତି।
**ଏପ୍ରିଲ୍ ୨୮:** ରାଜ୍ୟରେ ୧୨ ଜିଲାରେ ଟିକାକରଣ ବନ୍ଦ।
➢ଉତ୍ତରପ୍ରଦେଶ ପଞ୍ଚାୟତ ନିର୍ବାଚନ ଦାୟିତ୍ୱରେ ଥିବା ୧୩୫ କର୍ମଚାରୀଙ୍କ କରୋନାରେ ମୃତ୍ୟୁ।
**ଏପ୍ରିଲ୍ ୨୯:** ରାଜ୍ୟରେ ୨୪ ଘଣ୍ଟାରେ ୧୨ ମୃତ, ୬୯୯୮ ପଜିଟିଭ ଚିହ୍ନଟ।
**ଏପ୍ରିଲ୍ ୩୦:** ସାସିଆଲ ମିଡିଆରେ କଟକଣା ଲାଗିପାରିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି।
➢କରୋନାରେ ପୂର୍ବତନ ଆର୍ଟର୍ନି ଜେନେରାଲ ସୋଲି ସୋରାବଜୀଙ୍କ ପରଲୋକ।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 4 | | 6 | 5 | |
| 1 | 7 | | | | 5 | | 3 | |
| | 6 | | | | | 4 | | 2 |
| | | | | | 1 | | | 5 |
| | | 3 | | | | | | |
| | | | 8 | | | 9 | 4 | |
| | 9 | 7 | | | | | 2 | |
| | 4 | | | | 9 | | | 6 |
| | | 8 | | 5 | | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 3 | 1 | 5 | 8 | 7 | 9 | 6 |
| 6 | 9 | 8 | 7 | 4 | 2 | 3 | 1 | 5 |
| 5 | 1 | 7 | 9 | 3 | 6 | 8 | 4 | 2 |
| 3 | 8 | 2 | 4 | 9 | 7 | 5 | 6 | 1 |
| 9 | 5 | 1 | 6 | 8 | 3 | 2 | 7 | 4 |
| 7 | 4 | 6 | 2 | 1 | 5 | 9 | 3 | 8 |
| 1 | 3 | 9 | 8 | 2 | 4 | 6 | 5 | 7 |
| 8 | 6 | 5 | 3 | 7 | 1 | 4 | 2 | 9 |
| 2 | 7 | 4 | 5 | 6 | 9 | 1 | 8 | 3 |

ଗତ ସଂସ୍କରଣର ଉତ୍ତର

# ମହାମାରୀରେ ବୟୋଜ୍ୟେଷ୍ଠଙ୍କ ଦାୟିତ୍ୱ



ସହଦେବ ସାହୁ

ଆମକୁ ଶାସନ କରୁଥିବା ନେତାମାନେ ସମସ୍ତେ ବୟୋଜ୍ୟେଷ୍ଠ। ବୟୋଜ୍ୟେଷ୍ଠମାନେ ଧର୍ମଭୀରୁ ହୋଇଥାଆନ୍ତି। ଭୋଟରମାନଙ୍କ ଧର୍ମବିଶ୍ୱାସକୁ ଖୋରାକ ଯୋଗାଇ ପାରିଲେ ଭୋଟ ପାଇବା ସହଜ ହେବ ବୋଲି ସେମାନଙ୍କ ଧାରଣା। ତେଣୁ ସେମାନେ ସାମୂହିକ ତୀର୍ଥଯାତ୍ରାକୁ ଉତ୍ସାହିତ କରନ୍ତି। ଲୋକରୁଣ୍ଡ ଭିତରେ ଜଣେ କରୋନା-ସଂକ୍ରମିତ ଥିଲେ ବି ୨୫-୩୦ ଜଣଙ୍କୁ ସଂକ୍ରମିତ କରିପାରିବ। ଯାହାର ଦେହରେ ରୋଗପ୍ରତିରୋଧକ ଶକ୍ତି (ଇମ୍ୟୁନିଟି) ଦୁର୍ବଳ ଥିବ, ତାକୁ କୋଭିଡ୍-୧୯ ରୋଗ ଘାରିବ। ମଣିଷ ବାହକ ହୋଇଥିବାରୁ ମଣିଷଠାରୁ ଦୂରେଇ ରହିବା ଦରକାର, ତେଣୁ ସୋସିଆଲ୍ ଡିଷ୍ଟାନ୍ସିଂ (ସାମାଜିକ ଦୂରତା, ସଙ୍ଗରୋଧ ବି)। ଯେମିତି ମଶା ହେଉଛି ମ୍ୟାଲେରିଆ ପାରାସାଇଟ୍‌ର ବାହକ (ଭେକ୍ଟର), ମଣିଷ ହେଉଛି କରୋନା ଭୂତାଣୁର ବାହକ। ଫରକ ଏତିକି ଯେ, ମଶା ଶୁଣ୍ଢ ବାଟେ ଫୋଡ଼ି ତା’ ଲାଳ ଛାଡ଼େ, ମଣିଷର କଥା ବା ଶ୍ୱାସ ଅଦୃଶ୍ୟ ପିଚକାରି ଭଳି ଲାଳ (ମ୍ୟୁକସ୍ ବା ଶ୍ଳେଷ୍ମା) ଫୋପାଡ଼େ, ଲାଳର ଟୋପା ବା ବିନ୍ଦୁ ଆକାର ଯେତେ ଛୋଟ ହେବ ସେତେ ଦୂର ଯାଇପାରେ, ଆମେ କହୁ ଛେପ ବା ସିଂଘାଣି ପଡ଼ିଲା। ତା’ରି ଭିତରେ ଭୂତାଣୁ ଥାଏ। କୁମ୍ଭମେଳା ପୂର୍ବରୁ ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ କହିଥିବାର ଶୁଣାଯାଏ ଯେ, କୁମ୍ଭମେଳା ସମୟରେ ହରିଦ୍ୱାରର ଗଙ୍ଗା ଜଳ ଏତେ ପବିତ୍ର ଯେ ସ୍ନାନରେ କରୋନା ଭୂତାଣୁ ମରିଯିବେ। ଫଳରେ ମାର୍ଚ୍ଚ ୩୧ରୁ ଏପ୍ରିଲ ୨୪ ଭିତରେ ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ଗଙ୍ଗାସ୍ନାନ କଲେ। କେବଳ ଏପ୍ରିଲ ୧୨ ଓ ୧୪ ଦିନ ଯଥାକ୍ରମେ ୩୫ ଲକ୍ଷ ଓ ୧୩.୫୧ ଲକ୍ଷ ଲୋକ ହରିଦ୍ୱାରରେ ଜମିଥିଲେ। ଚାରିଆଡୁ ସମାଲୋଚନା ହେବାରୁ ପ୍ରଧାନମନ୍ତ୍ରୀଙ୍କ ଧର୍ମନିଦ ଭାଙ୍ଗିଲା, ତଥାପି ସେ ମହାକୁମ୍ଭ ମେଳା ବନ୍ଦ ନ କରି ସାଙ୍କେତିକ ସ୍ନାନ କରିବାକୁ ଧର୍ମଗୁରୁମାନଙ୍କୁ ଆହ୍ୱାନ ଦେଲେ: ଧର୍ମ ଆଗ, ସ୍ୱାସ୍ଥ୍ୟ ପଛ। ସେମାନଙ୍କ ପାଇଁ ‘ଶରୀରମ୍ ଆଦ୍ୟମ୍ ଖଳୁ ଧର୍ମ ସାଧନମ୍’ ଆପ୍ତ ବାକ୍ୟ ନୁହେଁ। ଧର୍ମଯାତ୍ରାରୁ ଜନ୍ମ ନେଲା ସ୍ୱାସ୍ଥ୍ୟ ବିପର୍ଯ୍ୟୟ: ୨୫ ଦିନର ମେଳା ପରେ ଉତ୍ତରାଖଣ୍ଡରେ ଆକ୍ଟିଭ୍ କୋଭିଡ୍-୧୯ ଆକ୍ରାନ୍ତ ସଂଖ୍ୟା ୧୮୦୦% ବଢ଼ିଯାଇଛି। ଯେଉଁ ନେତାମାନେ ଏ ପ୍ରକାର ମେଳା ପାଇଁ ବାଃ ବାଃ ନେଉଥିଲେ, ସେମାନଙ୍କ ଭିତରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅଛନ୍ତି। ଏହି ବୟୋଜ୍ୟେଷ୍ଠମାନେ ଭାବନ୍ତୁ, ସେମାନଙ୍କ ଧର୍ମଭାବନା କେତେ ଅବିବେକୀ (ଇଂଲିଶ୍‌ରେ ମିସ୍‌ପ୍ଲେସ୍‌ଡ)। ସେମାନେ ଏବେ ଆଗେଇ ଆସନ୍ତୁ, କମ୍ ବୟସ୍କମାନଙ୍କୁ ଚେତାଇ ଦିଅନ୍ତୁ, ମହାମାରୀ ସମୟରେ ସଙ୍ଗରୋଧ ବା ସାମାଜିକ ଦୂରତା ଶ୍ରେୟ ବା ଧର୍ମ ହେବା ଉଚିତ। ପାଟି ବା ନାକରୁ କଥା ବା ଶ୍ୱାସ ଜରିଆରେ ଯେଉଁ ତରଳ ବାଷ୍ପୀୟ ବିନ୍ଦୁ ଛିଟିକି ଆସେ, ତା’ ଭିତରେ କରୋନା ଭୂତାଣୁ ଥାଇପାରେ, ଆମ ନାକ ବା ପାଟି ଭିତରେ ପଶିଲେ ଆମକୁ ଘାରିବ। ବାହାରକୁ ନ ଯାଇ ନିଜ ଘର ଓ ବାଡ଼ି ଭିତରେ ବୁଲାବୁଲି କରିବା। ଧର୍ମ ଭିତରେ ବିଜ୍ଞାନ (ବିଶେଷ ଜ୍ଞାନ) ପୂରାଅ, ଈଶ୍ୱର ଆଉ ମଣିଷ ଭିତରେ ସମ୍ପର୍କ ଏକାନ୍ତ ହେବା କଥା, ଦେଖାଣିଆ ଉପଚାର ଧର୍ମ ନୁହେଁ। ତେଣୁ କମ୍ୟୁନିଟି ୱର୍‌ଶିପ୍ ନୁହେଁ, ବ୍ୟକ୍ତି ଓ ପରମାତ୍ମା ଭିତରେ ସିଧାସଳଖ ସମ୍ପର୍କ ରକ୍ଷା କର, ନିଜ ସାମ୍‌ନାରେ ଈଶ୍ୱରଙ୍କୁ ଦେଖିବାକୁ ଚେଷ୍ଟା କର। ଯଦି ନିରାକାରଙ୍କୁ ମୂର୍ତ୍ତି ରୂପରେ ଦେଖିବାକୁ ଚାହଁ ତେବେ ଘର ଭିତରେ ତାଙ୍କୁ ମୂର୍ତ୍ତିବନ୍ତ କର, ଉପାସନା କର, ମନକୁ ତାଙ୍କଠାରେ ଅର୍ପଣ କର, ପ୍ରାର୍ଥନା କର, ଶାନ୍ତି ମିଳିବ। ଭୋଗ ଦେଇ ଯେଉଁ ସାନ୍ତ୍ୱନା ମିଳେ, ତାହା କାରବାରର କଥା। ଭଗବାନ୍ ସବୁ ବସ୍ତୁ ତିଆରି କରିଛନ୍ତି, ତୁମକୁ ବି ତିଆରି କରିଛନ୍ତି, ତାଙ୍କୁ ତୁମେ କ’ଣ ଦେବ ନିଜର ଭକ୍ତିଭାବ ଛଡ଼ା? ତୁମର ବ୍ୟବହାରରେ ଅସ୍ୱାଭାବିକତା ହିଁ ତୁମକୁ ଦୁଃଖରେ ପକାଉଛି, ସ୍ୱାଭାବିକ ହୁଅ। ତୁମେ ମଣିଷ ଗଢ଼ିବ ବୋଲି ଭଗବାନ୍ ତୁମକୁ ମଣିଷ କରିଛନ୍ତି, ଯେମିତି ମାଙ୍କଡ଼ ମାଙ୍କଡ଼ ଗଢ଼ିବ ବୋଲି ଈଶ୍ୱର ମାଙ୍କଡ଼ ଗଢ଼ିଛନ୍ତି। ତେଣୁ ମଣିଷ ଗଢ଼, ଅମଣିଷ ନୁହେଁ। ଗଢ଼ିବାରେ ଭୁଲ କଲେ ପିଲାର ରୋଗବାଗ ଆସିବ, ପିଲା ବିକଳାଙ୍ଗ ହେବ।

କରୋନା ଆଉ ଗୋଟିଏ ଶିଖାଇଲା– ଠାକୁର ଆଉ ଭକ୍ତ ଭିତରେ ସମ୍ପର୍କକୁ ଲୋକଦେଖାଣିଆ କରିବା ଉଚିତ ନୁହେଁ। ଭଗବତ୍ ଭାବନା ବ୍ୟକ୍ତିଗତ। ଠାକୁରଙ୍କୁ ଭକ୍ତି କରୁଛ ବୋଲି ଲୋକଙ୍କ ସମ୍ମୁଖରେ ପ୍ରଦର୍ଶନ କରିବା କ’ଣ ଦରକାର? ଠାକୁର କ’ଣ ଏମ୍‌ଏଲ୍‌ଏ ନା ଏମ୍‌ପି ପ୍ରାର୍ଥୀ ଯେ ବେଶି ଲୋକ ଜମା ହୋଇଗଲେ ସେ ନିଜକୁ ବେଶି ଭକ୍ତ(ଜନ)ପ୍ରିୟ ବୋଲି ପ୍ରଚାର କରିବେ? କମ୍ୟୁନିଟି ଗାଦରିଂ ବା ସାମୂହିକ ପୂଜାପାଠ ଦରକାର ନାହିଁ। ନିଜ ସ୍ଥାନରେ ମନଧ୍ୟାନ ଦେଇ ଠାକୁରଙ୍କୁ ପୂଜା କରିହେବ ନାହିଁ କି? ସେ କ’ଣ କେବଳ ମନ୍ଦିର, ଗିର୍ଜା, ସିନାଗଗ୍ ବା ମସ୍‌ଜିଦ୍ ଭିତରେ ଶୁଣିବେ? କବୀର ପରା କହିଥିଲେ, ଆଲ୍ଲା କ’ଣ କାଲା ଯେ ତାଙ୍କୁ ଉଚ୍ଚ ସ୍ଥାନରୁ ବଡ଼ ପାଟିରେ ଡାକିବାକୁ ପଡ଼ିବ? ଭଗବାନ୍ କ’ଣ ସବୁବେଳେ ଅନ୍ଧକାର ଭିତରେ ନିଦରେ ଶୋଇଥା’ନ୍ତି ଯେ ଘଣ୍ଟଖୋଳ ବଜାଇ, ଦୀପ ଜଳାଇ ତାଙ୍କୁ ଉଠାଇବ? ତୁମ ଘର ହିଁ ଦେବାଳୟ!

କମ୍ ଲୋକଙ୍କ ପରୀକ୍ଷା ହୋଇଥିବାରୁ ଆଗ କରୋନା ଲହରରେ ଠିକ୍ କେତେ ଜଣ ସଂକ୍ରମିତ ହୋଇଥିଲେ କହି ହୋଇ ନ ଥିଲା। ଏବେ ଟିକେ ବେଶି ପରୀକ୍ଷା ହେଉଥିବାରୁ ଦ୍ୱିତୀୟ ଢେଉରେ ବେଶି ସଂକ୍ରମଣ ହିସାବକୁ ଆସିଛି। ଅଗଷ୍ଟ-ସେପ୍ଟେମ୍ବର ୨୦୨୦ରେ ଯେଉଁ ସେରୋଲଜିକାଲ୍ ସର୍ଭେ କରାଯାଇ ସରକାରଙ୍କୁ ଯେଉଁ ଭାଇରସ୍ ସଂକ୍ରମଣ ରିପୋର୍ଟ ମିଳୁଥିଲା, ସେଥିରୁ ଜଣାପଡ଼ିଥିଲା ଯେ ଜଣେ ଲୋକ ୨୬ରୁ ୩୨ ଯାଏ ଲୋକଙ୍କୁ ସଂକ୍ରମଣ କରିପାରିବାର ସମ୍ଭାବନା ଅଛି। ଏହାର ମାନେ ପ୍ରତି ୩୦ ଲୋକ ସଂକ୍ରମିତ ହୋଇଥିଲେ ହେଁ ଜଣେ ମାତ୍ର ଚିହ୍ନଟ ହେଉଥିଲା। ତେଣୁ ଯେଉଁ ସଂଖ୍ୟା ରିପୋର୍ଟରେ ବାହାରୁଛି, ତାହାର ୩୦ ଗୁଣ ଲୋକ ଭାଇରସ୍ ଦାଉରେ ପଡ଼ିଥିବେ, ଅର୍ଥାତ୍ ଏଯାଏ ଭାରତରେ ୪୦ କୋଟି ଲୋକ ସଂକ୍ରମିତ ହୋଇସାରିବେଣି। ପୂରା ୟୁଏସ୍‌ଏ ଲୋକସଂଖ୍ୟାର ପ୍ରାୟ ୨ଗୁଣ।

ଏ ପର୍ଯ୍ୟନ୍ତ ୧୪ କୋଟି ପାନ ଟିକା ଦିଆଯାଇଛି, ମାନେ ୫ କୋଟି ଲୋକଙ୍କୁ ସମ୍ପୂର୍ଣ୍ଣ ଟିକା ଦିଆଯିବା ସାଙ୍ଗେ ସମାନ। ସେମାନେ ପୁଣି ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ବୟସର ଲୋକ ଏବଂ ଫ୍ରଣ୍ଟଲାଇନ୍ ୱାର୍କର୍। ୧୩୫ କୋଟି ଭାରତୀୟଙ୍କୁ ଟିକା ଦେଇସାରିବା ବେଳକୁ ଆଉ ଥରେ ଟିକା ଦେବା ବେଳ ଆସିଯାଇଥିବ!

ସେହି ଆନୁପାତିକ ହିସାବରେ କୋଭିଡ୍‌ରେ ମୃତ୍ୟୁସଂଖ୍ୟା ୨ ଲକ୍ଷ ନୁହେଁ, ୩୦ ଅନୁପାତ (ଫାକ୍ଟର)ରେ ନେଲେ ୬୦ ଲକ୍ଷ ହେବା କଥା। କିନ୍ତୁ ସତକଥା ଜାଣି ହେଉନି। ସହଜେ ତ ଭାରତରେ କିଏ କେଉଁ ରୋଗରେ ମରିଛି ତାହାର ହିସାବ ନ ଥାଏ। ଏଠି ଯେତେ ଲୋକ ମରନ୍ତି, ତାହାର ୮୦%ଙ୍କର ତ ମେଡିକାଲ୍ ହିଷ୍ଟ୍ରି ନାହିଁ। ଆମ ସରକାର ଯେତେବେଳେ ମୃତ୍ୟୁସଂଖ୍ୟା ହାର ଜନସଂଖ୍ୟାର ୧.୨୫%, ବା ବିଶ୍ୱରେ ନ୍ୟୂନତମ (ୟୁଏସ୍‌ଏରେ ୧.୮% ଓ ବ୍ରାଜିଲ୍‌ରେ ୨.୬%) ପ୍ରଚାର କଲା; ଆମେ ଗୋଟିଏ କାହାଣୀ ପ୍ରଚାର କରିଦେଲୁ ଯେ ଭାରତୀୟମାନଙ୍କ ସଂକ୍ରମଣ ସହିବା ଶକ୍ତି ବେଶି। ଏ କାହାଣୀ ଆମ୍ଭମାନଙ୍କୁ କେୟାର୍‌ଲେସ୍ କରିଦେଲା। ଏମିତି ଆତ୍ମସନ୍ତୋଷ ଆଣିଦେଲା ଯେ ଲୋକେ ମୁଖାପିନ୍ଧା ଛାଡ଼ିଦେଲେ, ୨ ମିଟର ଦୂରତା ରକ୍ଷା କରିବା ନିୟମକୁ ଛି ଛି କରିଦେଲେ, ହାତଗୋଡ଼ ଧୋଇବା ବନ୍ଦ କରିଦେଲେ, ଲୁଗାପଟା ତ ବଦଳାଇଲେ ନାହିଁ। ଶତ୍ରୁ ଯେତେ କ୍ଷୁଦ୍ର ବା ଦୁର୍ବଳ ମନେହେଉଥିଲେ ବି ଦୁର୍ବଳ ଭାବିବ ନାହିଁ ବୋଲି ଯେଉଁ ଆପ୍ତ ବାକ୍ୟ ଆମେ ଇତିହାସରେ ପଢ଼ିଆସିଛୁ ତାକୁ ସମସ୍ତେ ଭୁଲିଗଲେ। ଏବେ ସଂକ୍ରମଣ ହୁ ହୁ ବଢ଼ିଲା କି ନାହିଁ! ଫଳ ହେଲା ନୂଆ କରୋନାର ନୂଆ ଜୁଆର।

ପୁଣି ଚିକିତ୍ସା କ୍ଷେତ୍ରରେ ପଇସା ବା ଚିହ୍ନାପରିଚ ବେଶି କାମ ଦେଲା ବୋଲି ଗରିବ ଓ ନିମ୍ନଶ୍ରେଣୀର ଲୋକେ, ମାଇଗ୍ରାଣ୍ଟ ଓ ମଜୁରିଆମାନେ ଭୂତାଣୁର ଶିକାର ହେଲେ। ଏବେ ଘରକୁ ଦେବାଳୟ କରିବାର ବେଳ ଆସିଯାଇଛି, ଘର ବାହାରର ସମ୍ପର୍କ ଓ ଯୋଗାଯୋଗକୁ ଯେତେ କମାଇ ହେବ ତାହା କରିବାର ବେଳ ଆସିଛି। ଘରେ ରହି କର୍ମଜୀବୀ ହେବାର ସମୟ ଆସିଛି। କଳକାରଖାନା ପରିସର ପରିମଳ ବ୍ୟବସ୍ଥାର (ପବ୍ଲିକ୍ ହେଲ୍‌ଥର, ଅଣଡାକ୍ତରୀ ସ୍ୱାସ୍ଥ୍ୟର) ଆଦର୍ଶ ସ୍ଥାନ ହେବା ଦରକାର।

ଇମେଲ୍: sahadevas@yahoo.com

# ଆଇନଷ୍ଟାଇନ୍ ଓ ଭାରତୀୟ



ସୁଧିରାଜ ରାଉତ

ଜଣେ ବନ୍ଧୁ ସକାଳୁ ଫୋନ୍ କରି କହିଲା, ତୋତେ ହ୍ୱାଟ୍ସଆପ୍‌ରେ ଲିଙ୍କ୍ ପଠାଇଛି, ଦେଖେ ଆଇନଷ୍ଟାଇନ୍ ଭକ୍ତ! ଲିଙ୍କ୍‌ରେ ଯାଇ ଦେଖିଲି ଉକ୍ତ ଭିଡିଓଟି ବହୁଦିନ ପୂର୍ବରୁ ଦେଖିଥିବା ଭିଡିଓଟିଏ। ଭାବିଲି, ବନ୍ଧୁକୁ ଫୋନ୍ କରି କହିବି ଆତଙ୍କବାଦ ଓ ମୌଲାଗିରିକୁ ଫ୍ରାନ୍ସ ବିରୋଧ କରିବାରୁ ଯେଭଳି ପାକିସ୍ତାନ, ବାଂଲାଦେଶ, ତୁର୍କୀ ଦେଶ ସମୂହରେ ଫ୍ରାନ୍ସ ସାମଗ୍ରୀ ବହିଷ୍କାର କରାଗଲା, ଆମେ ଭାରତୀୟ କ’ଣ ସେହି ଭାବରେ ଆଇନଷ୍ଟାଇନ୍ ସୃଜନକୁ ବହିଷ୍କାର କରିବା କି? ତେବେ ଆମ ପାଖରେ ଗଚ୍ଛିତ ପରମାଣୁ ବୋମା, ଇସ୍ରୋ, ଭାବା ଆଟୋମିକ୍ ରିସର୍ଚ୍ଚ ଆଦିର ଲମ୍ବା ତାଲିକା, ଏସବୁ ବର୍ଜନ କରିବାକୁ ହେବ। ସକାଳୁ ସକାଳୁ ବନ୍ଧୁଙ୍କର ଗରମ ଜାତୀୟତାରେ ଜଳ ଢାଳିବାକୁ ମନ ମନାକଲା, ତେଣୁ କିଛି ନ କହି ନୀରବ ରହିଲି।

ପ୍ରତିଟି ନାଗରିକ ନିଜ ଜାତିକୁ, ଦେଶକୁ ଭଲପାଇବା ଖୁବ୍ ଆବଶ୍ୟକ ଏବଂ ସୌଭାଗ୍ୟର କଥା ଏହା ଏକ ପ୍ରାକୃତିକ ଗୁଣ। ପ୍ରତିଟି ମଣିଷ ଭିତରେ ଅଳ୍ପେ, ଅଧିକ ନିଜ ଜାତି, ଧର୍ମ, ଦେଶ ପ୍ରତି ଭଲପାଇବା ରହିଥାଏ। କିନ୍ତୁ ଅନ୍ଧ ଜାତୀୟତା, ଉତ୍ତେଜନାଭରା ଜାତୀୟତା ଜାତିକୁ, ଦେଶକୁ ତଳକୁ ତଳକୁ ନିଏ ସିନା ତା’ର ଉତ୍ତରଣ ଘଟାଏ ନାହିଁ। ଏହାର ଉଦାହରଣ ବିଶ୍ୱ ଇତିହାସରେ ପଢ଼ିଛି, ସାମାନ୍ୟ ସଚେତନ ହେଲେ ତାହା ଦେଖିପାରିବା।

୧୯୨୦ ମସିହାରେ କୌଣସି ଏକ ପ୍ରସଙ୍ଗରେ ଆଇନଷ୍ଟାଇନ୍ ଲେଖିଥିଲେ, ‘‘ଭାରତୀୟମାନେ ଶାରୀରିକ ଓ ମାନସିକ ଭାବରେ ଦୁର୍ବଳ, ପନ୍ଦର ମିନିଟ୍ ଏକାଗ୍ର ହୋଇପାରନ୍ତି ନାହିଁ। ଏଥିପାଇଁ ଅନେକ ଭାବରେ ଭାରତର ଜଳବାୟୁ ଏବଂ ବଂଶାନୁଗତ କାରଣ ଦାୟୀ।’’ ଆଇନଷ୍ଟାଇନ୍ କେବଳ ଭାରତ ସମ୍ପର୍କରେ ନୁହେଁ ଚାଇନା, ଶ୍ରୀଲଙ୍କା, ଫ୍ରାନ୍ସ, ଜର୍ମାନ, ଆମେରିକା ସମ୍ପର୍କରେ ମଧ୍ୟ କିଛି ହଜମ ନ ହେବା ଭଳି ଉକ୍ତି କହିଛନ୍ତି ଏବଂ ନିଜ ଇହୁଦୀ ଧର୍ମକୁ ଅନ୍ଧବିଶ୍ୱାସ, କୁସଂସ୍କାରପୂର୍ଣ୍ଣ କହିବା ସଭିଏ ଜାଣିଛୁ। ବର୍ତ୍ତମାନ ବିଚାରର ବିଷୟ ଭାରତୀୟଙ୍କ ସମ୍ପର୍କରେ ତାଙ୍କ ଉକ୍ତିକୁ ଜଣେ ଭାରତୀୟ କିଭଳି ଗ୍ରହଣ କରିବ? ଜଣେ ଶ୍ରେଷ୍ଠ ସୃଜନ ମଣିଷଙ୍କ ଉକ୍ତିକୁ ନିନ୍ଦାସୂଚକ ଶବ୍ଦ ଭାବି ବିରୋଧ କରିବ ନା ଏଇ ଉକ୍ତିରେ ସଚେତନ ହେବାପାଇଁ ଖୋରାକ ସାଉଁଟିବ? ଗୋଟିଏ ଘଟଣାକୁ ଗୋଟିଏ ଜାତି କେଉଁ ରୂପରେ ଦେଖୁଛି, ପ୍ରତିକ୍ରିୟା ପ୍ରକାଶ କରୁଛି ଏବଂ ଶିକ୍ଷାଗ୍ରହଣ କରୁଛି ଏହା ତାହାର ଭବିଷ୍ୟତକୁ ନିର୍ମାଣ କରେ। ଭାରତବର୍ଷ ତରଫରୁ ଏ ଉକ୍ତିକୁ ନେଇ କୌଣସି ରାଜନୈତିକ ଅବା ସାଂସ୍କୃତିକ ବିରୋଧ ସାମାନ୍ୟ ହୋଇନାହିଁ, ଏହା ହିଁ ମୋ ମହାନ୍ ଦେଶର ମହାନତା ଏବଂ ଅସାଧାରଣତା। କିନ୍ତୁ ବିଶ୍ୱର ଜଣେ ଅସାଧାରଣ ମଣିଷଙ୍କ ଏ ଉକ୍ତିକୁ ନେଇ ନ୍ୟୁଜ୍ ଚ୍ୟାନେଲ୍‌ଗୁଡ଼ିକରେ କୌଣସି ସାମାନ୍ୟ ବିତର୍କ ନ ହେବା, ଗୋଟିଏ ଖବରକାଗଜରେ ଏ ଚିନ୍ତନକୁ ନେଇ ଗୋଟିଏ ସ୍ତମ୍ଭ ଲେଖା ନ ହେବା ଘଟଣା ହିଁ ଆମ ଚିନ୍ତାଶକ୍ତିର ଦୁର୍ବଳତା ଏବଂ ସ୍ଥାଣୁତାକୁ ଦର୍ଶାଉଛି; ଯାହା ଆଇନଷ୍ଟାଇନ୍ ଆମକୁ ସତର୍କ କହିଛନ୍ତି।

ଭାରତବର୍ଷ ଜଗତକୁ ଦେଇଛି କ’ଣ? ଅନେକେ କୁହନ୍ତି, ଏଥିପାଇଁ ପରାଧୀନତା ଦାୟୀ। କିନ୍ତୁ କାହିଁକି ପରାଧୀନ ହେଲୁ ଆମକୁ ତାହା ଦିଶୁନାହିଁ। ସୃଜନ ଭୁଲିଲୁ, ପୁରୁଷାର୍ଥ ଭୁଲିଲୁ, ପରାକ୍ରମ ଭୁଲିଲୁ। କେବଳ ନିଜ ସଂକୀର୍ଣ୍ଣ ସ୍ୱାର୍ଥ ପଛରେ ଶହଶହ ବର୍ଷ ମାତିଲୁ, ତେଣୁ ହେଲୁ ପରାଧୀନ। ଏଇ ମନୋଭାବ କେବଳ ଆମକୁ ପ୍ରଭାବିତ କରିନାହିଁ, ଆମ ସ୍ୱଭାବରେ ରୂପନେଇ ଆମ ଜୀବକୋଷମାନଙ୍କୁ ଅକ୍ତିଆର କରି ଆମ ପରବର୍ତ୍ତୀ ପିଢ଼ିକୁ ଖୁବ୍ ପ୍ରଭାବିତ କରିଛି। କାରଣ ଏହା ବିବର୍ତ୍ତନ ନିୟମ। ଆଇନଷ୍ଟାଇନ୍‌ଙ୍କ ବିଶ୍ୱାସ ଏଥିପାଇଁ ଭାରତର ଜଳବାୟୁ ଅନେକାଂଶରେ ଦାୟୀ। ଏଇ କଥାର କିଛି ସତ୍ୟତା ରହିଛି କି? ଭାରତର ଉର୍ବର ଭୂମି, ତା’ର ନଦନଦୀ, ତା’ର ଅସାଧାରଣ ଭୌଗୋଳିକ ଅବସ୍ଥିତି ଏଠି ବିଶ୍ୱର ପ୍ରଥମ ଏବଂ ଭବ୍ୟ ସଭ୍ୟତା ଗଢ଼ିବାକୁ, ଶାନ୍ତିପ୍ରିୟ ଜୀବନ ବଞ୍ଚିବାକୁ ତାକୁ ଆଦ୍ୟକାଳରେ ଖୁବ୍ ସହଯୋଗ କରିଛି। କିନ୍ତୁ ଫ୍ରାନ୍ସ, ଜର୍ମାନ, ଜାପାନ ସବୁଠି ଏ ସହଯୋଗ ପ୍ରକୃତିର ନାହିଁ ପରିଣାମ ତ ସେଠି ମଣିଷକୁ ଅନବରତ ସଙ୍ଘର୍ଷ କରିବାକୁ, ଲଢ଼ିବାକୁ ହୋଇଛି। ପ୍ରକୃତି ସହ ଲଢ଼ିବାର ଭାବ ସେମାନଙ୍କ ଜୀବକୋଷ ଦେଇ, ସଂସ୍କୃତି ହୋଇ ପରବର୍ତ୍ତୀ ପିଢ଼ିକୁ ବଂଶାନୁଗତ ଭାବେ ମାଡ଼ିଯାଇଛି। କଥାରେ ଅଛି, ଆବଶ୍ୟକତା ହିଁ ଆବିଷ୍କାରର ଜନନୀ। କଥାଟିରେ ଅନେକ ସତ୍ୟତା ରହିଛି ଏବଂ ପାଶ୍ଚାତ୍ୟକୁ ବାହ୍ୟ ଆବିଷ୍କାର ତଥା ବାହ୍ୟ ସାମର୍ଥ୍ୟ ପ୍ରାପ୍ତିରେ ଏଇ ଭାବ ବରଦାନ ସାବ୍ୟସ୍ତ ହୋଇଛି। ନିଷ୍ଠା ଏବଂ ନିରପେକ୍ଷ ଭାବେ ଦେଖିଲେ ଆଇନଷ୍ଟାଇନ୍‌ଙ୍କ କଥାରେ ଅଳ୍ପ ବହୁତ ସତ୍ୟ ଅବଶ୍ୟ ରହିଛି।

ଆଇନଷ୍ଟାଇନ୍ ବିଜ୍ଞାନ ଓ ଦର୍ଶନ ମଧ୍ୟରେ ଥିବା ଦୂରତାକୁ ନିଜ ପ୍ରଜ୍ଞା ଦୃଷ୍ଟିରେ ସମାପ୍ତ କରିଥିଲେ। ଇସ୍ରାଏଲ୍ ରାଷ୍ଟ୍ରପତି ପଦକୁ ପ୍ରତ୍ୟାଖ୍ୟାନ କରିବା, ପଦପଦବୀ ମାନ ଅଭିମାନଠାରୁ ସେ ଥିଲେ ବହୁଦୂର। ତେଣୁ ଏଭଳି ଏକ ମଣିଷ ରତ୍ନ ଆମ ସମ୍ପର୍କରେ ଯାହା କହିଛନ୍ତି ତାକୁ ଠିକ୍ ଭାବରେ ବୁଝିଲେ ତାହା ଆମକୁ, ଆମର ଅନେକ ଦୁର୍ବଳତା ସବୁକୁ ଡେଇଁଯିବାକୁ ନିଶ୍ଚୟ ଖୁବ୍ ସାହାଯ୍ୟ କରିବ। ଯେଉଁମାନେ ଅନ୍ଧ ନ୍ୟାୟରେ ଆଇନଷ୍ଟାଇନ୍‌ଙ୍କ ଉକ୍ତିକୁ ବିରୋଧ କରନ୍ତି ବା କରିବାକୁ ଚାହାନ୍ତି ସେହିମାନଙ୍କ ପାଇଁ ଇତିହାସରୁ ଦୁଇପଦ ଲେଖିବାକୁ ବାଧ୍ୟ ହେଉଛି। ‘‘ମୋର ବିଶ୍ୱାସ, ଭାରତର ଦୁର୍ବଳ ହେବାର ପ୍ରଧାନ କାରଣ ଦାସତ୍ୱ ନୁହେଁ, ଦାରିଦ୍ର୍ୟ ନୁହେଁ, ଚିନ୍ତାଶକ୍ତିର ହ୍ରାସ, ଜ୍ଞାନର ମାତୃଭୂମିରେ ଅଜ୍ଞାନର ବିସ୍ତାର।’’ ଏହା ଶ୍ରୀଅରବିନ୍ଦଙ୍କ ଉକ୍ତି। ଏବେ କୁହ! ଏ ଉକ୍ତି କ’ଣ ଭାରତ ବିରୋଧୀ? ସ୍ୱାମୀ ବିବେକାନନ୍ଦ ଏଇ କଥାଟିକୁ କେତେ ଭାବରେ କେତେ ରୂପରେ କହିନାହାନ୍ତି। ଆମ ତମ ଜଡ଼ତା ସ୍ଥାଣୁତା ଦେଖି ଦେଖି ରାତି ରାତି ଶୋଇ ନ ପାରି କେବଳ ଏହି କାରଣ ପାଇଁ ଦେହ ଅସୁସ୍ଥ ହୋଇ ଅକାଳରେ ଚାଲିଗଲେ। ତଥାପି ଆଜି ବି ଆମେ କେତେ ବା ଚିନ୍ତା କରିପାରୁ? ଭାରତର ସମୂହ ମଣିଷଙ୍କ ଚିନ୍ତା, ଚେତନା କେତେ ବିକଶିତ ଓ ମାର୍ଜିତ। ଶେଷରେ ସେହି ଶତାବ୍ଦୀ ପୁରୁଷ ଆଇନଷ୍ଟାଇନ୍ ଭାରତ ସମ୍ପର୍କରେ ଭିନ୍ନ ଭିନ୍ନ ପ୍ରସଙ୍ଗରେ ଆଉ କ’ଣ କହିଛନ୍ତି ଏଠି କେତୋଟି ଉକ୍ତି ଉଦ୍ଧାର କରୁଛି। ‘‘ଭାରତବର୍ଷ ଜଗତକୁ ‘୦’ ଦେଇ ଯେଉଁ ମଙ୍ଗଳ କରିଛି, ସମଗ୍ର ଜଗତ ତା’ ପାଖେ ଯେତେ ଋଣୀ ରହିଲେ ବି କମ୍ ହେବ।’’ ଆଉ ଏକ ଉକ୍ତି ‘‘ସମଗ୍ର ଜଗତ ଯଦି ଏକ ବିରାଟ ଜାହାଜ ହୁଏ, ଭାରତ ସେ ଜାହାଜର ସୂଚୀ ଚୁମ୍ବକ ...ଜାହାଜ କେଉଁ ଦିଗରେ ଯିବ ସୂଚୀ ଚୁମ୍ବକ ଆମକୁ କହିବ।’’ ଏ ଉକ୍ତି ସବୁ ଯେଭଳି ସତ୍ୟ, ଅଧିକାଂଶ ଭାରତୀୟ ଚିନ୍ତାରେ ଏବଂ ଶକ୍ତିରେ ଦୁର୍ବଳ ... ଏ କଥାଟି ମଧ୍ୟ ସେହି ପରିମାଣରେ ସତ୍ୟ। ଆସ ଏଥର ଅନ୍ଧପୁଟୁଳି ଫିଙ୍ଗି ଆମ ଦୁର୍ବଳତା ସବୁକୁ ଦେଖିବା ଓ ଅତିକ୍ରମ କରିବା।

ଇନ୍ଦ୍ରାବତୀ, ନବରଙ୍ଗପୁର,
ମୋ– ୯୮୬୧୯୬୯୬୭୮

## ଏଇ ଭାରତରେ

ଗାଁର ଜଣେ ସାଧାରଣ ଯୁବକ ହେଲେ ବି ତାଙ୍କ ଅସାଧାରଣ ପ୍ରତିଭା ଅନେକଙ୍କୁ ବିସ୍ମିତ କରିଛି। ତେଲଙ୍ଗାନାର ଏହି ଯୁବକ ଜଣକ ହେଉଛନ୍ତି ୩୦ ବର୍ଷୀୟ ରାଜୁ ମୁପ୍ପାରୁପୁ। ରହନ୍ତି ୱାରଙ୍ଗଲ ଜିଲାର ଗୋପାଳପୁରମ ଗାଁରେ। ଏବେ ସେ ମକା ଉପରେ ଥିବା ଖୋଳପାରୁ କଲମ ତିଆରି କରିଛନ୍ତି। ଏହା ପୂର୍ବରୁ ସେ ରାସ୍ତାକଡ ଲାଇଟ ପାଇଁ ସେନସର ଓ ବ୍ୟାଟେରିଚାଳିତ ସାଇକେଲ ନିର୍ମାଣ କରିସାରିଛନ୍ତି। ଏହି ପରିବେଶ ଉପଯୋଗୀ କଲମ ହେଉଛି ତାଙ୍କ ତୃତୀୟ ଆବିଷ୍କାର। ଚାଷୀମାନେ ମକା ଉପରୁ ଖୋଳପା ଛଡାଇ ତାଙ୍କୁ ପୋଡିବା ଦ୍ୱାରା ପରିବେଶ ପ୍ରଦୂଷଣ ହୁଏ। ଏହାକୁ ରୋକିବା ପାଇଁ ରାଜୁ ଖୋଳପାର ଉପଯୋଗ କରି କଲମ ତିଆରି କରିବା ଆରମ୍ଭ କରିଛନ୍ତି। ମକା ଖୋଳପାରୁ ନିର୍ମିତ କଲମ ମଧ୍ୟ ପ୍ଲାଷ୍ଟିକ କଲମ ବ୍ୟବହାର କମାଇବ ଓ ଏହା ଦ୍ୱାରା ପରିବେଶ ପ୍ରଦୂଷଣ ହ୍ରାସ ପାଇବ ବୋଲି କହନ୍ତି ରାଜୁ। ସେ ଆଖପାଖରୁ ମକା ଖୋଳପା ସଂଗ୍ରହ କରି ତାକୁ ସଫା କରୁଛନ୍ତି ଓ ଏକ ଲୁହା ରଡରେ ତାକୁ ଗୁଡାଇ ଅଠା ଲଗାଇ ସିଲିଣ୍ଡର ଆକାରର କରୁଛନ୍ତି। ପରେ ସମାନ ମାପରେ କାଟି ଗୋଟିଏ ପାର୍ଶ୍ୱରେ ରିଫିଲ ସେଟ୍ କରୁଛନ୍ତି। ମକା ଖୋଳପାରେ ମଧ୍ୟ କଲମ ପାଇଁ କ୍ୟାପ ପ୍ରସ୍ତୁତ ହେଉଛି। ୧୦ ମିନିଟ୍‌ରେ ସେ ଗୋଟିଏ କଲମ ତିଆରି କରୁଛନ୍ତି। ଏହି କଲମକୁ ୱାରଙ୍ଗଲ ଗ୍ରେଟର ମ୍ୟୁନିସିପାଲ କର୍ପୋରେଶନ କମିଶନର ପ୍ରମିଳା ଶତପଥୀଙ୍କୁ ରାଜୁ ଉପହାର ଦେବା ପରେ ସେ ତାଙ୍କ ଅଫିସ ଲାଗି ୧୦୦ ଟି କଲମ ଅର୍ଡର ଦେଇଛନ୍ତି। ଗୋଟିଏ କଲମର ଦାମ ୧୦ ଟଙ୍କା। ରାଜୁ ୧୦୦ ଟି କଲମ ଏବେ ସୁଦ୍ଧା ଦେଇ ସାରିଲେଣି ଓ ଆଉ ୯୦୦ କଲମ କାମ ଜାରି ରଖିଛନ୍ତି। ତେଲଙ୍ଗାନା ଷ୍ଟେଟ ଇନୋଭେଶନ ସେଲ ରାଜୁଙ୍କ ଏହି କଲମକୁ ମଧ୍ୟ ପ୍ରଶଂସା କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩ ମେ ୧୯୯୬

- ହୱାଲା ଦୁର୍ନୀତି ମାମଲାରେ ଜଡ଼ିତ ଥିବା ନେଇ ଅଭିଯୋଗ ଆସିବା ପରେ ଉତ୍ତର ପ୍ରଦେଶର ରାଜ୍ୟପାଳ ମୋତିଲାଲ ଭୋରା ଏବଂ କେରଳର ରାଜ୍ୟପାଳ ପି. ଶିବଶଙ୍କର ନିଜ ନିଜ ପଦରୁ ଇସ୍ତଫା ଦେଇଛନ୍ତି।
- ଲାର୍ସନ ଆଣ୍ଡ ଟୁର୍ବୋ ଦେଶରେ ୮ ଗୋଟି ଶକ୍ତି ପ୍ରକଳ୍ପ ଉନ୍ନୟନ କରିବାକୁ ଦୁଇଟି ବହୁରାଷ୍ଟ୍ରୀୟ କମ୍ପାନୀ ସମେତ ଚାରିଗୋଟି କର୍ପୋରେଟ ସଂସ୍ଥା ସହିତ ଯୌଥ ଉଦ୍ୟୋଗ ସ୍ଥାପନ ପାଇଁ ଚୁକ୍ତି ସ୍ୱାକ୍ଷର କରିଛି।

## ଚିରନ୍ତନୀ

କି ଉଦ୍ଦେଶ୍ୟେ ଏ ସୃଷ୍ଟିର କି ସନ୍ଦେଶ କିବା ତା’ର ବାଣୀ
କି ଅମୂଲ୍ୟ ନିଧି ତୁଲେ ଅବିଶ୍ରାମ ଧାଇଁଚାଲେ ପ୍ରାଣୀ।
(ଜଡ଼-ଦର୍ଶନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଗଣତନ୍ତ୍ରରେ ରାଜନୈତିକ ହିଂସା ଶୋଭାପାଏନା

ମହାଶୟ,

ବିଧାନସଭା ନିର୍ବାଚନ ପାଇଁ ପଶ୍ଚିମବଙ୍ଗରେ ଯେଭଳି ଭାବେ ହିଂସାକାଣ୍ଡ ଘଟିଲା ତାହା ଆମ ଗଣତାନ୍ତ୍ରିକ ଇତିହାସରେ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି ହେଲା। ଏହା ଗଣତନ୍ତ୍ରର ଗରିମାକୁ ନଷ୍ଟକଲା; ଯଦ୍ଦ୍ୱାରା ଆମ ଗଣତନ୍ତ୍ରର ଦୁର୍ବଳତାକୁ ଏହା ଅଙ୍ଗୁଳି ନିର୍ଦ୍ଦେଶ କରିଲା। ବିନା ବାଧାବିଘ୍ନରେ ଶାନ୍ତିଶୃଙ୍ଖଳାର ସହିତ ନିର୍ବାଚନ ହେଲେ ଗଣତାନ୍ତ୍ରିକ ରାଷ୍ଟ୍ର ସୁଦୃଢ଼ ହୁଏ। ମାତ୍ର ପଶ୍ଚିମବଙ୍ଗରେ ଏହାର ବ୍ୟତିକ୍ରମ ହୋଇଥିବାରୁ ଆମ ଗଣତନ୍ତ୍ର ଭୁଶୁଡିବା ଦିଗରେ ଅଗ୍ରଗତି କରୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ। କେବଳ ସେତିକି ନୁହେଁ ଭୋଟ ପ୍ରଚାର ବେଳେ ନେତାମାନେ ଯେଉଁଭଳି ଭାବେ ପ୍ରତିଦ୍ୱନ୍ଦ୍ୱୀ ଦଳର ନେତାଙ୍କ ବିରୋଧରେ ଅତି ଅଶାଳୀନ ମନ୍ତବ୍ୟ ଦେବା ସହିତ ବ୍ୟକ୍ତିଗତ କୁତ୍ସାରଟନା କରୁଛନ୍ତି ଏହା ଅତ୍ୟନ୍ତ ନିନ୍ଦନୀୟ। ବିଶେଷକରି ବିଶ୍ୱର ସର୍ବବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତରେ ନିର୍ବାଚନ ବେଳେ ହିଂସାକାଣ୍ଡ ଓ ଅଶାଳୀନ ମନ୍ତବ୍ୟ ତଥା ବ୍ୟକ୍ତିଗତ କୁତ୍ସାରଟନା ସର୍ବାଦୌ ବର୍ଜନୀୟ। ଏଣୁ ସମସ୍ତ ରାଜନୈତିକ ଦଳ ଆମ ଗଣତନ୍ତ୍ରର ଗରିମାକୁ ବଞ୍ଚାଇ ରଖିବା ଦିଗରେ ଉଦ୍ୟମ କରି ନିଜନିଜର ଆଚରଣ ଓ ଉଚ୍ଚାରଣରେ ସଞ୍ଜମତା ରକ୍ଷା କରନ୍ତୁ।

–ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆସାମ କଂଗ୍ରେସ ସଭାପତି ପଦରୁ ରିପୁନ୍‌ଙ୍କ ଇସ୍ତଫା

**ଗୁଆହାଟୀ:** ଆସାମ ବିଧାନସଭା ନିର୍ବାଚନରେ କଂଗ୍ରେସର ପରାଜୟ ପରେ ଦଳର ରାଜ୍ୟ ସଭାପତି ପଦରୁ ରିପୁନ ବୋରା ରବିବାର ଇସ୍ତଫା ଦେଇଛନ୍ତି। ପରାଜୟ ପାଇଁ ନିଜକୁ ଦାୟୀ କରି ରିପୁନ୍ ତାଙ୍କ ଇସ୍ତଫା ପତ୍ର କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ପାଖକୁ ପଠାଇଦେଇଛନ୍ତି। ରିପୁନ୍ ନିଜେ ମଧ୍ୟ ଗୋହପୁର ଆସନରେ ଭାଜପା ପ୍ରାର୍ଥୀ ଉତ୍ପଳ ବୋରାଙ୍କଠାରୁ ହାରି ଯାଇଛନ୍ତି।

## ସଂକ୍ଷେପରେ

### ହାତୀ ଆକ୍ରମଣରେ ମହିଳା ମୃତ

**ରାସୋଳ, ୨।୫(ଡି.ଏନ.ଏ.):** ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ରାସୋଳ ସେକ୍ସନ ଅଧୀନ ଇଲିରିସିଂହା ଗ୍ରାମର ନିରୁପମା ଖିଲାର (୬୫)ଙ୍କ ଶନିବାର ଭୋର୍ ୫ଟାରେ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଛି। ସେ ଗାଁ ପାଖ କନ୍ଦରା ଜଙ୍ଗଲର ୮ନମ୍ବର କମ୍ପାର୍ଟମେଣ୍ଟ ପାଖରେ ଥିବା ଆମ୍ବ ବଗିଚାକୁ ଯାଇଥିବାବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଫଳରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ପୋଲିସ ଏବଂ ବନ କର୍ମଚାରୀ ପହଞ୍ଚି ତଦନ୍ତ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ମୃତକଙ୍କ ପରିବାରକୁ ୪୦ ହଜାର ଟଙ୍କା ସହାୟତା ଦିଆଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସରକାରୀ ନିୟମ ଅନୁଯାୟୀ ଅବଶିଷ୍ଟ ୩ ଲକ୍ଷ ୬୦ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ରେଞ୍ଜର ଲୋହିତ କୁମାର ରଥ ସୂଚନା ଦେଇଛନ୍ତି।

### ନାବାଳିକାଙ୍କୁ ଗଣବଳାତ୍କାର, ୩ ଗିରଫ

**ଫୁଲବାଣୀ ଅଫିସ, ୨।୫:** କନ୍ଧମାଳ ଜିଲା ଫିରିଙ୍ଗିଆ ଥାନା ଅଞ୍ଚଳରେ ଜଣେ ନାବାଳିକା ଗଣବଳାତ୍କାର ଘଟଣାରେ ୪ ଅଭିଯୁକ୍ତଙ୍କ ମଧ୍ୟରୁ ପୋଲିସ ୩ ଜଣଙ୍କୁ ଗିରଫ କରିଥିବା ବେଳେ ଜଣେ ଫେରାର ଅଛନ୍ତି। ଗିରଫ ଯୁବକମାନେ ହେଲେ ବେହେଙ୍ଗିଆ ଗ୍ରାମର ସରୋଜ କହଁର, ମହେଶ୍ୱର କହଁର ଓ ଜାଇଲାମ୍ବା ଗ୍ରାମର ସୁକାନ୍ତ କହଁର। ଥାନାରେ ନଂ.୫୩/୨୧ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ନାବାଳିକା ଜଣକ ଗତ ୨୮ ତାରିଖରେ ଘର ପାଖରୁ ଅଳ୍ପ ଦୂରକୁ ଏକ ବାହାଘରରେ ଯୋଗଦେବାକୁ ଯାଇଥିଲେ। ଫେରିବା ବେଳେ ବାଟରେ ୩ ଅଭିଯୁକ୍ତ ତାଙ୍କୁ ପାଖ ଜଙ୍ଗଲକୁ ଉଠାଇ ନେଇ ଜଣକ ପରେ ଜଣେ ତାଙ୍କୁ ବଳାତ୍କାର କରିଥିଲେ। କିଛି ସମୟ ପରେ ଅନ୍ୟ ଜଣେ ଯୁବକ ଆସି ମଧ୍ୟ ବଳାତ୍କାର କରିଥିଲେ। ପରେ ନାବାଳିକାଙ୍କୁ ଛାଡ଼ି ଅଭିଯୁକ୍ତମାନେ ପଳାଇଥିଲେ। ଘଟଣା ପରଦିନ ଅର୍ଥାତ୍ ୨୯ ତାରିଖ ସକାଳେ ପରିବାର ଲୋକେ ଝିଅକୁ ଖୋଜି ଜଙ୍ଗଲରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲେ। ଘଟଣା ସମ୍ପର୍କରେ ନାବାଳିକା ଜଣକ କହିବା ପରେ ତାଙ୍କ ବାପା ଥାନାରେ ଏତଲା ଦେଇଥିଲେ।

### ସୁରକ୍ଷା ପ୍ରାଚୀର ଭାଙ୍ଗିଲା ହାତୀ

**ବାରଙ୍ଗ,୨।୫(ଡି.ଏନ୍.ଏ.):** ପୁଣି ମାତିଛି ମାକେନା ହାତୀ ଆତଙ୍କ। ଚନ୍ଦକା ଜଙ୍ଗଲର ଏହି ହାତୀ ଶନିବାର ବିଳମ୍ବିତ ରାତିରେ ନନ୍ଦନକାନନର ସୁରକ୍ଷା ପ୍ରାଚୀର ଭାଙ୍ଗି ନନ୍ଦନକାନନର ସୀମାକୁ ପଶିଥିବାର ରବିବାର ସକାଳେ ଦେଖିବାକୁ ମିଳିଥିଲା। ତେବେ ମାକେନା ନନ୍ଦନକାନନ ସୀମାରେ ଥିବା ଜଙ୍ଗଲରେ ରହିଯାଇଥିବାବେଳେ ହାତୀ ସଫାରୀ ସହ ଜୀବଜନ୍ତୁ ଥିବା ଜାଗାପାଖକୁ ଆସି ନ ଥିବାର ଜଣାପଡିଛି। ତେବେ ରବିବାର ଏହା ଜଣାପଡିବା ପରେ କର୍ମଚାରୀମାନେ ବିଭିନ୍ନ ଏନକ୍ଲୋଜରଗୁଡିକୁ ବୁଲି ଦେଖିବାପରେ ମାକେନାକୁ ଠାବ କରିବାକୁ ବାହାରିଥିଲେ। ତେବେ ବାଘସଫାରୀ ପଛପଟ ଜଙ୍ଗଲରେ ମାକେନା ଥିବାର ଜଣାପଡ଼ିଥିଲା। ଏହାପରେ ତା'ର ଗତିବିଧି ଉପରେ ନଜର ରଖାଯାଇଛି।

### ଲସି ପିଇ ଶିଶୁ ମୃତ, ଶତାଧିକ ଅସୁସ୍ଥ

**ମାଲକାନଗିରି,୨।୫ (ଡି.ଏନ.ଏ):** ମାଲକାନଗିରି ଜିଲା ପଡିଆ ବ୍ଲକ କାଲଦାପାଲି ପଞ୍ଚାୟତର କୃତ୍ତିଠାରେ ଶୁକ୍ରବାର ସାପ୍ତାହିକ ହାଟରେ ଥଣ୍ଡା ଲସି ପିଇ ୧୨୮ ଜଣ ମହିଳା, ପୁରୁଷ ଓ ଶିଶୁ ଅସୁସ୍ଥ ହୋଇ ପଡିଥିଲେ। ଖବର ପାଇବା ପରେ ପୋଲିସ ଏବଂ ଅଗ୍ନିଶମ କର୍ମଚାରୀ ଅସୁସ୍ଥଙ୍କୁ ପଡିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେମାନଙ୍କ ମଧ୍ୟରେ ଶିମିଳିବାଞ୍ଚା ଗ୍ରାମର ଆଡମା ମାଡକାମିଙ୍କ ୧୨ ବର୍ଷର ଝିଅ ମନିକା ମାଡକାମି ଗୁରୁତର ଥିଲେ। ଦୀର୍ଘ ଘଣ୍ଟା ଧରି ସେ ଚେତାଶୂନ୍ୟ ଅବସ୍ଥାରେ ଥିଲେ। ଶନିବାର ରାତିରେ ତାଙ୍କର ମୃତ୍ୟୁ ହୋଇଛି। ୪ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

## ଐତିହ୍ୟର ଓଡ଼ିଶା

# ସୂର୍ଯ୍ୟଙ୍କ ତୃତୀୟ ମନ୍ଦିର

ଡ. ସୁରେନ୍ଦ୍ର କୁମାର ମିଶ୍ର

ଓଡ଼ିଶାର ଉପାସନା ଧାରା ପ୍ରାଚୀନକାଳରୁ ସାଂସ୍କୃତିକ ସଂହତିର ମାଧ୍ୟମ ହୋଇ ରହିଆସିଛି। ଆମର ମହାଜନମାନେ ଶ୍ରୀବିଷ୍ଣୁଙ୍କର ଚାରି ଆୟୁଧକୁ ନେଇ ଚାରୋଟି କ୍ଷେତ୍ର କରିଥିଲେ। ଏହି ଚାରି କ୍ଷେତ୍ରରେ ବିଷ୍ଣୁ, ଶିବ, ଦେବୀ ଓ ସୂର୍ଯ୍ୟଙ୍କର ଉପାସନା ପ୍ରଚଳିତ ଥିଲା। ଚାରି କ୍ଷେତ୍ର ମଧ୍ୟ 'ତୀର୍ଥ' ରୂପେ ବିଦିତ ଥିଲା। ତୀର୍ଥରେ ଦେବଦେବୀ ଉପାସନା ପ୍ରଚଳିତ ଥିଲା। ଶଙ୍ଖକ୍ଷେତ୍ର ପୁରୀରେ ଶ୍ରୀଜଗନ୍ନାଥ, ଚକ୍ରକ୍ଷେତ୍ର ଏକାମ୍ରରେ ଶ୍ରୀଲିଙ୍ଗରାଜ, ଗଦାକ୍ଷେତ୍ର ଯାଜପୁରରେ ଶ୍ରୀବରାହ ଓ ଦେବୀ ବିରଜା ଏବଂ ପଦ୍ମକ୍ଷେତ୍ର କୋଣାଦିତ୍ୟରେ ଶ୍ରୀସୂର୍ଯ୍ୟଙ୍କର ଉପାସନା ଥିଲା। ଚାରି ଆୟୁଧର ଯେପରି ଆଧ୍ୟାତ୍ମିକ ରହସ୍ୟ ଅଛି, ଚାରିକ୍ଷେତ୍ରର ମଧ୍ୟ ସେହିପରି ରହସ୍ୟମୟ ଐତିହ୍ୟ ଅଛି। ଚାରିକ୍ଷେତ୍ରର ତୀର୍ଥ ପରମ୍ପରା ଓ ଦେବଦେବୀଙ୍କ ଉପାସନା ସର୍ବଭାରତୀୟ ଶାସ୍ତ୍ରରେ ସ୍ଥାନ ପାଇଛି।

ଆମେ ଜାଣିଛେ, ପଦ୍ମକ୍ଷେତ୍ର ମୈତ୍ରେୟବନ କୋଣାଦିତ୍ୟରେ ଶାମ୍ବ ଆରାଧନା କରିଥିଲେ ଶ୍ରୀସୂର୍ଯ୍ୟଙ୍କୁ। ଏହିଠାରେ ପ୍ରଥମ ସୂର୍ଯ୍ୟମନ୍ଦିର ନିର୍ମାଣ କରାଇଥିଲେ ଶାମ୍ବ। ଐତିହ୍ୟ ଅଛି ଚନ୍ଦ୍ରଭାଗା ତୀର୍ଥରୁ ଶ୍ରୀସୂର୍ଯ୍ୟଙ୍କର ବିଗ୍ରହ ପାଇ ମନ୍ଦିରରେ ପୂଜା ବ୍ୟବସ୍ଥା କରିଥିଲେ। ଏଠି ବି ମନକୁ ସମ୍ଭାବନା ଆସେ ତୀର୍ଥରୁ ବିଗ୍ରହ ମିଳୁଥିବାରୁ ଆଗରୁ କ'ଣ ସୂର୍ଯ୍ୟ ଉପାସନା ଥିଲା! ଏହା ସମ୍ଭାବନା ମାତ୍ର।



ଶ୍ରୀଜଗନ୍ନାଥ, ଶ୍ରୀଲିଙ୍ଗରାଜ, କୋଣାର୍କ ଓ ବିରଜା ମନ୍ଦିର ଦଧିନଉତି।

କୌଣସି ପ୍ରମାଣ ନ ମିଳିବା ପର୍ଯ୍ୟନ୍ତ ଆମେ ଗଜପତି ଲାଙ୍ଗୁଳା ନରସିଂହ ଦେବଙ୍କ ନିର୍ମିତ ସୂର୍ଯ୍ୟମନ୍ଦିର ତୃତୀୟ ମନ୍ଦିର ବୋଲି କହିପାରିବା। ଶାମ୍ବଙ୍କ ନିର୍ମିତ ମନ୍ଦିର ପ୍ରଥମ ହୋଇଥିବା ବେଳେ କେଶରୀବଂଶ ରାଜତ୍ୱ ବେଳେ ଦ୍ୱିତୀୟ ମନ୍ଦିର ନିର୍ମିତ ହୋଇଥିଲା। ରାଜା ପୁରନ୍ଦର କେଶରୀ ପବିତ୍ର ତୀର୍ଥକ୍ଷେତ୍ରର ପ୍ରାଚୀନ ସୂର୍ଯ୍ୟମନ୍ଦିରଟି ଭାଙ୍ଗିପଡ଼ିଥିବା ଦେଖି ମନେହୁଏ ନୂତନ ମନ୍ଦିର ନିର୍ମାଣ ପାଇଁ ଆଦେଶ ଦେଇଥିଲେ। ପୁରନ୍ଦର କେଶରୀଙ୍କ ନାମ 'ବାୟାଚକଡ଼ା ପୋଥି'ରେ ସ୍ପଷ୍ଟ ଭାବରେ ଟିପ୍‌ପଣୀରେ ସ୍ଥାନ ପାଇଛି। ନେତି ନେତି ଚିନ୍ତାଧାରା ସମୟ ସମୟରେ ବାଟବଣା କରିଥାଏ। ରାଜା ପୁରନ୍ଦରଙ୍କୁ ଅନୁସନ୍ଧାନ ପରିସରକୁ ଆଣିବା ପରିବର୍ତ୍ତେ ଘରେ 'ବାଇମହାନ୍ତି' ପାଞ୍ଜି ସାଇତି ରଖିଥିବା ପରି କିଛି ଇତିହାସକାର ତାଙ୍କ ନାମକୁ ହିଁ ସ୍ୱୀକାର କଲେ ନାହିଁ। ଠିକ୍ ଯେମିତି କିଛି ବାହାରିଆ ଆଲୋଚକ ସୂର୍ଯ୍ୟଙ୍କ ମୂଳ ସ୍ଥାନ ନିର୍ଣ୍ଣୟ କରିବାବେଳେ 'ମୁଲତାନ'ରେ ପହଞ୍ଚି ଯାଇଛନ୍ତି। ଶାସ୍ତ୍ର କହୁଛି- ମୂଳସ୍ଥାନ ହେଉଛି କୋଣାଦିତ୍ୟ, ଓଡ଼ିଶାର କୋଣାଦିତ୍ୟ, କଳିଙ୍ଗର କୋଣାଦିତ୍ୟ, ଓଡ୍ର ରାଷ୍ଟ୍ରର କୋଣାଦିତ୍ୟ। ଅଥଚ ସେମାନଙ୍କୁ 'ମୁଲତାନ' ଶବ୍ଦଟି କାହିଁକି ବାସିଲା, ତା'ର ବିଧିବଦ୍ଧ ପ୍ରମାଣ ଆଜି ବି ଅନ୍ଧାର ଘରେ ବାଡ଼ି ବୁଲେଇବା ପରି ଚାଲିଛି।

ବାୟଚକଡ଼ା ପୋଥି (ପତ୍ର-୫୩)ରେ ସ୍ପଷ୍ଟ ଅଛି- ପୁରାତନ କାଳରେ ସୂର୍ଯ୍ୟକ୍ଷେତ୍ରରେ 'ମହାଭାସ୍କର' ମୂର୍ତ୍ତି ଉପାସିତ ହେଉଥିଲେ। ପୂଜିତ ମହାଭାସ୍କର ବିଗ୍ରହ ଶାମ୍ବ ପ୍ରତିଷ୍ଠା କରିଥିଲେ କି ରାଜା ପୁରନ୍ଦର କେଶରୀ ପ୍ରତିଷ୍ଠା କରିଥିଲେ ତାହା ନିର୍ଦ୍ଦିଷ୍ଟ ଭାବେ ସ୍ଥିର ହୋଇନାହିଁ। 'ବାୟାଚକଡ଼ା'ରୁ ମିଳୁଛି ମହାଭାସ୍କର ବିଗ୍ରହଙ୍କ ଉଚ୍ଚତା ଥିଲା ୨ ହାତ ୮ ଆଙ୍ଗୁଳ। ବିଗ୍ରହ ଜୀର୍ଣ୍ଣଶୀର୍ଣ୍ଣ ହୋଇଯାଇଥିଲେ। ନୂତନ ବିଗ୍ରହଙ୍କ ମାପ ଠିକ୍ ହୋଇଥିଲା ୫ ହାତ ୪ ଆଙ୍ଗୁଳ ହେବ। ଶ୍ରୀପଦ୍ମକେଶର ମନ୍ଦିରରେ ନୂତନ ବିଗ୍ରହ ପୂଜିତ ହେବେ, ପୁରାତନ ବିଗ୍ରହ ସମୁଦ୍ରରେ ବିସର୍ଜନ ହେବେ। ବିସର୍ଜନ କରିବେ ଶ୍ରୀନାରାୟଣ ମହାପାତ୍ର ଓ ତାଙ୍କ ସହଯୋଗୀ। ଏଥିପାଇଁ ବ୍ୟୟବରାଦ ବି ହୋଇଥିଲା।

ଏଥିରୁ ଆମେ ଏତିକି ଅନ୍ତତଃ ଜାଣୁଛେ ଗଜପତି ଲାଙ୍ଗୁଳା ନରସିଂହ ଦେବ ବିଶାଳ ଶ୍ରୀପଦ୍ମକେଶର ମନ୍ଦିର କୋଣାଦିତ୍ୟରେ ନିର୍ମାଣ କରାଇବା ପୂର୍ବରୁ ସୂର୍ଯ୍ୟଙ୍କର ଉପାସନା ପ୍ରଚଳିତ ଥିଲା। ଶ୍ରୀଜଗବନ୍ଧୁ ସିଂହଙ୍କ ଦ୍ୱାରା 'ଜ୍ୟୋତିଷାର୍ଣ୍ଣବ' ଗ୍ରନ୍ଥ ଚାରୋଟି ଭାଗରେ ସଙ୍କଳିତ ହୋଇଥିଲା। ପ୍ରଥମ ଭାଗରେ ଗ୍ରହମାନଙ୍କର ଜନ୍ମସ୍ଥାନ ରହିଛି-

**ଉତ୍ପନୋଽର୍କ କଳିଙ୍ଗେଷୁ ଯମୁନାୟାଂଚ ଚନ୍ଦ୍ରମାଃ।**
**ଅଙ୍ଗାରକ ସ୍ତ୍ରବନ୍ତ୍ୟାଞ୍ଚ ମାଗଧେଷୁ ହିମାଂଶୁଜଃ।।**

ଏହାପରେ ଅନ୍ୟାନ୍ୟ ଗ୍ରହଙ୍କ ଜନ୍ମ ସ୍ଥାନ ଅଛି। ଗ୍ରହମାନଙ୍କ ଜନ୍ମସ୍ଥାନ ବର୍ଣ୍ଣନା ପଛରେ କିଛି ରହସ୍ୟ ଅଛି, ତେବେ ଏହି ଶ୍ଳୋକର ଅର୍ଥ ଓଡ଼ିଆ ଭାଷାରେ କବିତା ଆକାରରେ ଦିଆଯାଇଛି।

**'ରବିଙ୍କର ଜନ୍ମସ୍ଥାନ କଳିଙ୍ଗଦେଶରେ।**
**ଯମୁନାରେ ନିଶାକର ବୁଧ ମଗଧରେ।।'**

ତଥାପି କ'ଣ ଆମେ ଗ୍ରହଣ କରିବା ସୂର୍ଯ୍ୟଙ୍କର ମୂଳସ୍ଥାନ ମୁଲତାନ ବୋଲି!

# ଚଇତି ମେଳାରେ ବାଧା ଦେବାରୁ ପୋଲିସଙ୍କୁ ଆକ୍ରମଣ

**କପ୍ତିପଦା, ୨।୫(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଶରତ ଥାନା ଅଧୀନ ଦେୱାନବାହାଲୀ ଗ୍ରାମରେ କୋଭିଡ୍ କଟକଣା ଉଲ୍ଲଂଘନ କରି ବହୁ ଲୋକ ଚଇତି ପର୍ବ ପାଳନ କରୁଥିବା ବେଳେ ସେମାନଙ୍କୁ ବାରଣ କରିବାକୁ ଯାଇ ଆକ୍ରୋଶର ଶିକାର ହୋଇଛି ପୋଲିସ। ଉତ୍ତ୍ୟକ୍ତ ଲୋକଙ୍କ ମାଡ଼ରେ ଜଣେ କନଷ୍ଟେବଲ ଓ ୨ ହୋମ୍‌ଗାର୍ଡ ଆହତ ହୋଇଥିବା ବେଳେ ଏଏସ୍ଆଇ ବିଶ୍ୱଜିତ ଦାସ ମହାପାତ୍ର ଗୁରୁତର ହୋଇଛନ୍ତି। ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଉଦଳା ଉପଖଣ୍ଡ ଡାକ୍ତରଖାନା ଓ ପରେ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଛି। ସଂଘବଦ୍ଧ ଲୋକ ଥାନା ଗାଡ଼ି ଭାଙ୍ଗିରୁଜି ଦେଇଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଶତାଧିକ ଲୋକଙ୍କ ନାମରେ ମାମଲା (ନଂ.୩୨/୨୧)ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଶନିବାର ରାତିରେ ଦେୱାନବାହାଲୀ ଗ୍ରାମରେ ଚଇତିପର୍ବପାଳନ ହେଉଥିଲା। ସେଠାରେ ୨ ହଜାରରୁ ଊର୍ଦ୍ଧ୍ୱ ଲୋକ ସମାଗମ ହୋଇଥିଲେ। କରୋନା ପରିସ୍ଥିତିରେ ଏତେ ସଂଖ୍ୟକ ଲୋକ ଏକାଠି ହେବା ନେଇ କଟକଣା ଥିବାରୁ ଶରତ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକ ସମାଗମ ହଟାଇବାକୁ ଚେଷ୍ଟା କରିଥିଲା। କେତେଜଣ ଲୋକ ପୋଲିସ ଗାଡ଼ି ଦେଖି ଦୌଡ଼ି ପଳାଇଥିଲେ। ମାତ୍ର ଶତାଧିକ ଲୋକ ସଂଘବଦ୍ଧ ହୋଇ ପୋଲିସ ଗାଡ଼ିକୁ ଘେରିଯିବା ସହିତ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ପରେ ସେମାନେ ଥାନା ଗାଡ଼ିକୁ ଭାଙ୍ଗିରୁଜି ଦେଇଥିଲେ। ଭୟରେ ପୋଲିସ କର୍ମଚାରୀମାନେ ଗାଡ଼ି ଛାଡ଼ି ପଳାଇ ଆସିଥିଲେ। ବିଳମ୍ବିତ ରାତିରେ ଅଧିକ ସଂଖ୍ୟକ ଫୋର୍ସ ପହଞ୍ଚି ଗାଡ଼ିଟିକୁ ଥାନାକୁ ଆଣିଥିଲେ। ଏ ସଂକ୍ରାନ୍ତରେ ଏସ୍‌ଡିପିଓ କେଦାର ନାଥ ସାହୁଙ୍କୁ ପଚାରିବାରୁ ପୋଲିସ କାର୍ମଚାରୀଙ୍କୁ ଆକ୍ରମଣ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।



ଭାଙ୍ଗିରୁଜି ଯାଇଥିବା ପୋଲିସ ଗାଡ଼ି।



ଆହତ ଏଏସ୍ଆଇଙ୍କୁ ଡାକ୍ତରଖାନାକୁ ନିଆଯାଉଛି।

- ଥାନା ଗାଡ଼ି ଭଙ୍ଗାରୁଜା
- ୪ ପୋଲିସ ଆହତ
- ଶତାଧିକ ଲୋକଙ୍କ ନାଁରେ ମାମଲା

# କରୋନାରେ ଆଖିବୁଜିଲେ ସ୍ୱାମୀ

## ମାନସିକ ଯନ୍ତ୍ରଣାରେ ସ୍ତ୍ରୀଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର ଅଫିସ,୨।୫**

ସଦର ଥାନା ଅନ୍ତର୍ଗତ ସୌନ୍ଦର୍ଯ୍ୟ ବିହାରରେ ଏକ ଦୁଃଖଦ ଘଟଣା ଘଟିଛି। କରୋନାର ଶିକାର ହୋଇ ବ୍ରହ୍ମପୁର ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିକ୍ଷକ ହାଡୁବନ୍ଧୁ ନାହାକ ୨ ଦିନ ତଳେ ପ୍ରାଣ ହରାଇଥିଲେ। ଦୁଃଖ ସହି ନ ପାରି ସ୍ତ୍ରୀ କବିତା ମାନସିକ ଭାର ସାମ୍ୟ ହରାଇ ଶନିବାର ଆତ୍ମହତ୍ୟା କରିଛନ୍ତି। ଏ ନେଇ ସଦର ଥାନାରେ ନଂ.୨୨/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ ମେଡିକାଲ ପଠାଇଛି।

ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଇଂଲିଶ ଶିକ୍ଷକ ହାଡୁବନ୍ଧୁ (୫୨)ଙ୍କର ଶୁକ୍ରବାର କରୋନାରେ ବଡ଼ ମେଡିକାଲରେ ମୃତ୍ୟୁ ହୋଇଥିଲା। ଗତ ବୁଧବାର ସେ କରୋନାରେ ଆକ୍ରାନ୍ତ ହେବା ପରେ ତାଙ୍କୁ ଏମ୍‌କେସିଜି କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଶୁକ୍ରବାର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରଠାରୁ ସ୍ତ୍ରୀ କବିତା ମାନସିକ ଚାପରେ ଥିଲେ। ଶନିବାର ରାତି ପ୍ରାୟ ୩ଟାରେ ଘରେ ରଶି ଲଗାଇ ସେ ଆତ୍ମହତ୍ୟା କରିଛନ୍ତି। ମା'ଙ୍କ ଚିତ୍କାର ଶୁଣି ଘର ଭିତରେ ଶୋଇଥିବା ବଡ଼ ପୁଅ ଓ ଭଉଣୀ ଉଠିଥିଲେ। ଅଚେତ ଅବସ୍ଥାରେ ମା'ଙ୍କୁ ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।



ମୃତ ଦମ୍ପତି

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଖୋର୍ଦ୍ଧା ଅଫିସ,୨।୫**

ଖୋର୍ଦ୍ଧା ସଦର ଥାନା ପୋଲିସ ମହତପଲ୍ଲୀ ଗ୍ରାମ୍ୟ ଜଙ୍ଗଲରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ମୃତକ ହେଲେ ଉକ୍ତ ଗ୍ରାମର ଶଶିକାନ୍ତ ରଣସିଂ(୩୦)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ଖୋର୍ଦ୍ଧା ମେଡିକାଲକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୮/୨୧) ରୁଜୁ ହୋଇଛି। ସୂଚନା ମୁତାବକ, ଶନିବାର ସକାଳେ ଶଶିକାନ୍ତ ଶୌଚ ହେବାକୁ ବାହାରକୁ ଯାଇଥିଲେ। ପରେ ଜଙ୍ଗଲରେ ଗାମୁଛାରେ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ।

# ଛୁଟିରେ ଥାଇ ପଦୋନ୍ନତି

## ପୋଲିସ ବିଭାଗ

**କଟକ ଅଫିସ, ୨।୫**

ରାଜ୍ୟ ପୋଲିସ ବିଭାଗ ବିଭିନ୍ନ ସମୟରେ ନିଜସ୍ୱ କାର୍ଯ୍ୟଶୈଳୀକୁ ନେଇ ସମାଲୋଚନା ଘେରକୁ ଆସିଛି। କେତେବେଳେ ପୋଲିସ କର୍ମଚାରୀ ନିଜ କ୍ଷମତାର ଦୁରୁପଯୋଗ କରି ତ ଆଉ କେବେ ଅପରାଧ ସହ ଯୋଡ଼ି ହେବା ଯୋଗୁ ଖାକିରେ ଦାଗ ଲାଗିଛି। ଏଭଳି ଏକ ଘଟଣା ଦୃଷ୍ଟିକୁ ଆସିଛି। ରାଜ୍ୟ ପୋଲିସ ବିଭାଗର ଜଣେ ଇନ୍ସପେକ୍ଟର ଛୁଟିରେ ଥାଇ ମଧ୍ୟ ପଦୋନ୍ନତି ପାଇଛନ୍ତି। ୧୯୯୩ ବ୍ୟାଚ୍‌ର ଜଣେ ଇନ୍ସପେକ୍ଟର ବ୍ରହ୍ମପୁରରେ କାର୍ଯ୍ୟରତ ଥିବା ବେଳେ ୨୦୧୭ ଜୁଲାଇରୁ ଶାରୀରିକ ଅସୁସ୍ଥତା ଦେଖାଇ ଛୁଟିରେ ଥିଲେ। ୨୦୧୭ ଡିସେମ୍ବରରେ ତାଙ୍କୁ ଡିଏସ୍‌ପି ଇନ୍‌ଚାର୍ଜ ପଦକୁ ପଦୋନ୍ନତି ସହ କନ୍ଧମାଳକୁ ବଦଳି କରାଯାଇଥିଲା। ମାତ୍ର ସେ ସେଠାକୁ ନ ଯାଇ ଛୁଟିରେ ରହିଥିଲେ। ଦୀର୍ଘ ୩ବର୍ଷ କାଳ ଅସୁସ୍ଥତାଜନିତ ଛୁଟିରେ ଥିବାବେଳେ ପୁଣି ଅଫିସ ଅର୍ଡର ନଂ. ୬୨୯ ତାରିଖ ୧୩।୨।୨୧ରେ ତାଙ୍କୁ ଡିଏସ୍‌ପି ଇନ୍‌ଚାର୍ଜ ପଦରୁ ଡିଏସ୍‌ପି ପଦକୁ ପଦୋନ୍ନତି ଦିଆଯାଇ ଏସ୍‌ପି ପିସିଆର୍ ସେଲ୍ କନ୍ଧମାଳକୁ ବଦଳି କରାଯାଇଥିଲା। ତେବେ ତତ୍କାଳୀନ ବ୍ରହ୍ମପୁର ଏସ୍‌ପି ଆଶିଷ ସିଂଙ୍କ ଅନୁମୋଦନ ବିନା କିପରି ତାଙ୍କର ପଦୋନ୍ନତି ହେଲା ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏପରି ସ୍ଥଳେ ଗୃହ ସଚିବଙ୍କ ଅଧ୍ୟକ୍ଷତାରେ ବସିଥିବା ବିଭାଗୀୟ ପଦୋନ୍ନତି କମିଟି(ଡିପିସି) କିପରି ତାଙ୍କ ପଦୋନ୍ନତିକୁ ଅନୁମୋଦନ କଲା ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ପୋଲିସ ଡିଜି ଏପରି ଘଟଣା ଜାଣିବା ପରେ ବିଭାଗୀୟସ୍ତରରେ ଖୋଳତାଡ଼ କରି ଏକ ରିପୋର୍ଟ ଗୃହ ବିଭାଗକୁ ପଠାଇଛନ୍ତି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏବେ ଡିଜିପିଙ୍କ ରିପୋର୍ଟ ଉପରେ ଗୃହ ବିଭାଗ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ତାହା ଦେଖିବାକୁ ବାକି ରହିଲା। ସୂଚନାଯୋଗ୍ୟ, ଅତୀତରେ ଯେଉଁ ପୋଲିସ ଅଫିସରଙ୍କ ବିରୋଧରେ ଭିଜିଲାନ୍ସ ବିଭାଗ ଚଢ଼ାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା ସେମାନେ ଏବେ ଭିଜିଲାନ୍ସ ବିଭାଗରେ କାର୍ଯ୍ୟରତ। ଏପରିକି ଭିଜିଲାନ୍ସ ଜାଲରେ ପଡ଼ି ମାମଲାରେ ଛନ୍ଦି ହୋଇଥିବା ପୋଲିସ ଅଫିସରଙ୍କୁ ପଦୋନ୍ନତି ମିଳିବା ସହ ଡିଜିପି ଡିସ୍କ ମିଳିଥିବାର ନଜିର ମଧ୍ୟ ରହିଛି।

# ବାପାଙ୍କ ମୃତ୍ୟୁର ଦିନକ ପରେ କାର୍ଯ୍ୟରେ ଯୋଗଦେଲେ ଡାକ୍ତର

**ବ୍ରହ୍ମପୁର ଅଫିସ/ ଛତ୍ରପୁର(ଡି.ଏନ୍.ଏ.),୨।୫**

କରୋନା ଯୁଦ୍ଧରେ ଆଗଧାଡ଼ିର ଯୋଦ୍ଧା ଭାବେ କାମ କରୁଛନ୍ତି ଡାକ୍ତର। ବ୍ରହ୍ମପୁର ବଡ଼ ମେଡିକାଲର ଜଣେ ଡାକ୍ତର ପୁଣିଥରେ କରୋନା ଯୋଦ୍ଧା ଭାବେ ନିଜକୁ ପ୍ରମାଣିତ କରିଛନ୍ତି। ବାପାଙ୍କ ମୃତ୍ୟୁର ଦିନକ ପରେ କୋଭିଡ୍ ଦାୟିତ୍ୱରେ ଯୋଗ ଦେଇଛନ୍ତି ଏମ୍‌କେସିଜି ମେଡିକାଲ ଭେଷଜ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ନୀହାର ରଞ୍ଜନ ସାହୁ। ଗଞ୍ଜାମ ଜିଲାପାଳ ମଧ୍ୟ ଟୁଇଟ୍ ଯୋଗେ ଡା. ସାହୁଙ୍କ ଏହି ରୋଗୀସେବା ମନୋବୃତ୍ତିକୁ ପ୍ରଶଂସା କରିଛନ୍ତି। ବ୍ରହ୍ମପୁର ବାସୁଦେବନଗର ତୃତୀୟ ଲାଇନ୍ ନିବାସୀ ତଥା ଅବସରପ୍ରାପ୍ତ ଡାକ କର୍ମଚାରୀ ନିଶାକର ସାହୁ (୭୦)ଙ୍କ ପୁଅ ନୀହାର ବଡ଼ ମେଡିକାଲରେ କାର୍ଯ୍ୟ କରୁଛନ୍ତି। ତାଙ୍କୁ କୋଭିଡ୍ ଡ୍ୟୁଟି ଦିଆଯାଇଛି। ଘରେ ବାପା କ୍ୟାନ୍‌ସରରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ଥିଲେ। ଘରେ ବାପା ଓ ଡାକ୍ତରଖାନାରେ କରୋନା ରୋଗୀଙ୍କ ସେବା କରି ଚାଲିଥିଲେ ନୀହାର। ସେ ମଧ୍ୟ କରୋନାରେ ଆକ୍ରାନ୍ତ ହୋଇ ଏପ୍ରିଲ୍ ୧୮ରୁ ୨୬ ତାରିଖ ପର୍ଯ୍ୟନ୍ତ କୋଭିଡ୍ ହସ୍ପିଟାଲରେ ଥିଲେ। ଏହି ସମୟରେ ବାପାଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ସମ୍ଭବ ହୋଇପାରି ନ ଥିଲା। ଫଳରେ ଗତ ୨୯ ତାରିଖରେ ବାପାଙ୍କ ବିୟୋଗ ଘଟିଥିଲା। ତାଙ୍କ ଅନ୍ତିମ ସଂସ୍କାର ପରେ ମାତ୍ର ଗୋଟିଏ ଦିନ ୩୦ ତାରିଖରେ ନୀହାର ଛୁଟିରେ ଥିଲେ। ଏହାପରେ ସେ ୧ ତାରିଖରେ ପୁଣିଥରେ କୋଭିଡ୍ ହସ୍ପିଟାଲ୍ କାର୍ଯ୍ୟରେ ଯୋଗ ଦେଇଥିଲେ।

## କରୋନା ଯୋଦ୍ଧାଙ୍କୁ ପ୍ରଶଂସା

# ସରକାରୀ ହିସାବରେ ୧୦୪, ଦାହ ହୋଇଛି ୨,୫୫୭ ମୃତଦେହ

**ଭୋପାଳ, ୨।୫**

କରୋନାଜନିତ ମୃତ୍ୟୁସଂଖ୍ୟା ନେଇ ସରକାରୀ ହିସାବ ଏବଂ ଶବଦାହ ସଂଖ୍ୟା ମଧ୍ୟରେ ଆକାଶ ପାତାଳ ଫରକ ଦେଖିବାକୁ ମିଳିଛି ମଧ୍ୟପ୍ରଦେଶର ଭୋପାଳ ଜିଲାରେ। ସେଠାରେ ଏପ୍ରିଲ ମାସରେ ୧୦୪ ଜଣଙ୍କର କରୋନାରେ ମୃତ୍ୟୁ ଘଟିଥିବା ସରକାରୀ ହିସାବରୁ ଜଣାପଡ଼ିଛି। ତେବେ ସେଠାକାର ବିଭିନ୍ନ ଶ୍ମଶାନରେ ୨,୫୫୭ ଜଣଙ୍କ ଶବ ସତ୍କାର କରାଯାଇଥିବା ଦାବି କରାଯାଇଛି। ଫଳରେ ମହାମାରୀ ଜନିତ ମୃତ୍ୟୁସଂଖ୍ୟାକୁ ଚାପିଦିଆଯାଉଥିବା ଏଥିରୁ ସ୍ପଷ୍ଟ ହୋଇଛି। ଜିଲାରେ ଥିବା ୨ଟି ଶ୍ମଶାନ ଓ ଗୋଟିଏ କବରସ୍ଥାନର ପରିଚାଳକଙ୍କ ସୂଚନା ଅନୁଯାୟୀ ଗତ ମାସରେ ମୋଟ ୩,୮୧୧ ଜଣଙ୍କର ସେମାନେ ଶେଷକୃତ୍ୟ କରିଛନ୍ତି। ସେଥିରୁ ୨,୫୫୭ ଜଣଙ୍କର କରୋନାରେ ମୃତ୍ୟୁ ଘଟିଥିଲା। ସୂଚନାଯୋଗ୍ୟ ରାଜ୍ୟର ଭାଜପା ସରକାର କୋଭିଡ୍ ମୃତ୍ୟୁସଂଖ୍ୟା କମ୍ ଦେଖାଉଥିବା ଅଭିଯୋଗକୁ ମଧ୍ୟପ୍ରଦେଶ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ର ନିକଟରେ ଖଣ୍ଡନ କରିଥିଲେ।

ଭଦଭଦା ବିଶ୍ରାମଘାଟ ଶ୍ମଶାନ ସମ୍ପାଦକ ମମତେଶ ଶର୍ମାଙ୍କ ସୂଚନା ଅନୁଯାୟୀ ଗତ ମାସରେ ସେଠାରେ ୨୦୫୨ ଜଣଙ୍କ ଶେଷକୃତ୍ୟ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧,୬୫୪ ଜଣଙ୍କର କରୋନାରେ ମୃତ୍ୟୁ ହୋଇଥିଲା। ସେହିପରି ସୁଭାଷ ନଗର ବିଶ୍ରାମଘାଟ ଶ୍ମଶାନରେ ୧,୩୮୬ ଜଣଙ୍କ ଶବ ସତ୍କାର ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୭୨୭ ଜଣ କରୋନାରେ ପ୍ରାଣ ହରାଇଥିଲେ ବୋଲି ଏହାର ମ୍ୟାନେଜର ଶୋଭରାଜ ସୁଖୱାନି କହିଛନ୍ତି। ଏହା ବ୍ୟତୀତ ଜିଲାରେ ଥିବା ଜାଦା କବରସ୍ଥାନରେ ୩୭୩ ଜଣଙ୍କୁ କବର ଦିଆଯାଇଥିଲା। ସେମାନଙ୍କ ମଧ୍ୟରୁ ୧୭୬ ଜଣ କରୋନାରେ ପ୍ରାଣ ହରାଇଥିଲେ। ସୂଚନାଯୋଗ୍ୟ ମଧ୍ୟପ୍ରଦେଶରେ ଶନିବାର ଗୋଟିଏ ଦିନରେ ୧୨,୩୭୯ ଜଣ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧୦୨ ଜଣଙ୍କ ଜୀବନ ଯାଇଛି। ଏହାକୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୫,୭୫,୭୦୬ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୫,୭୧୮ ଜଣଙ୍କର କରୋନାରେ ମୃତ୍ୟୁ ଘଟିଥିବା ସରକାରୀ ଭାବେ ସୂଚନା ଦିଆଯାଇଛି।

# ମାଗାଜିନ୍ ପାଇଁ ବୋଲ୍ଡ ଲୁକ୍

**ମୁମ୍ବାଇ:** କରୋନା ସମୟରେ ସେଲିବ୍ରିଟିଙ୍କ ପସନ୍ଦର ସ୍ଥାନ ପାଲଟିଛି ମାଳଦ୍ୱୀପ। ଅନେକ ଅଭିନେତ୍ରୀ ଅଭିନେତା ଏହି ବର୍ଷକ ମଧ୍ୟରେ ମାଳଦ୍ୱୀପକୁ ଯାଇ ଛୁଟି କାଟୁଥିବା ଦେଖିବାକୁ ମିଳିଛି। କେତେଜଣ କଳାକାର ଏକାଧିକ ଥର ସେଠାକୁ ଯାଇ ଫେରିଲେଣି। ସେହି ସମୟରେ ଉପଭୋଗ କରିଥିବା କେତେକ ସମୟର ଫଟୋକୁ ସେମାନେ ସୋସିଆଲ ମିଡିଆରେ ଶେୟାର କରୁଥିବା ଦେଖାଯାଉଛି। ଏହି ତାଲିକାରେ ସାମିଲ ହୋଇଛନ୍ତି ଅଭିନେତ୍ରୀ ଜାହ୍ନବୀ କପୁର। କିଛିଦିନ ପୂର୍ବରୁ ଜାହ୍ନବୀ ମାଳଦ୍ୱୀପ ଯାଇଛନ୍ତି। ଏବେ ସେଠାକାର କିଛି ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଯାହା ଖୁବ୍ ଭାଇରାଲ ହେଉଛି। ଜାହ୍ନବୀ ସେଠାରେ ଏକ ମାଗାଜିନ ପାଇଁ ଫଟୋଶୁଟ୍ ବି କରିଛନ୍ତି। ଫଟୋରେ ଜାହ୍ନବୀ ଧଳା ଏବଂ ନୀଳ ରଙ୍ଗର ଡ୍ରେସ୍ ପିନ୍ଧିଥିବା ନଜର ଆସିଛନ୍ତି। ଅଭିନେତ୍ରୀଙ୍କ ଏହି ବୋଲ୍ଡ ଲୁକ୍ ତାଙ୍କ ପ୍ରଶଂସକଙ୍କୁ ଖୁବ୍ ପସନ୍ଦ ଆସିଛି। ଜାହ୍ନବୀ ଏହି ଫଟୋ ମାଗାଜିନର କଭର ପେଜ୍ ପାଇଁ ଉଠାଇଛନ୍ତି। ଜାହ୍ନବୀଙ୍କ ଫଟୋଗୁଡ଼ିକୁ ଦେଖି କିଛି ପ୍ରଶଂସକ କହିଛନ୍ତି, ମାଳଦ୍ୱୀପରେ ଜାହ୍ନବୀଙ୍କ ସୌନ୍ଦର୍ଯ୍ୟ ଆହୁରି ବଢ଼ିଯାଇଛି।



## ନିଖୋଜ ନାବାଳିକା ଉଦ୍ଧାର

**ଚୌଦ୍ୱାର,(ଡି.ଏନ୍.ଏ):** ଚୌଦ୍ୱାର ଅଞ୍ଚଳର ଜଣେ ନିଖୋଜ ନାବାଳିକାଙ୍କୁ ଶନିବାର ଉଦ୍ଧାର କରିଛି ଟାଙ୍ଗୀ-ଚୌଦ୍ୱାର ବାଲ୍ୟ ବିବାହ ଟାସ୍କ ଫୋର୍ସ ଟିମ୍। ଉକ୍ତ ନାବାଳିକା ସେହି ଅଞ୍ଚଳର ଜଣେ ନାବାଳକ ସହ ଶୁକ୍ରବାରଠାରୁ କେଉଁଆଡେ ଚାଲିଯାଇଥିଲେ। ଏ ନେଇ ଝିଅର ପରିବାର ଲୋକେ ଝିଅ ନିଖୋଜ ହେବା ନେଇ ଚୌଦ୍ୱାର ଥାନାରେ ଜଣାଇଥିଲେ। ସ୍ଥାନୀୟ ମୁଣ୍ଡମାଳ ଗ୍ରାମରେ ଥିବା ଖବରପାଇ ବାଲ୍ୟ ବିବାହ ଟାସ୍କ ଫୋର୍ସ ଟିମ୍‌ର ସଦସ୍ୟ ନରୋତ୍ତମ ଦାସ, ସାମାଜିକ କର୍ମୀ କିରଣବାଳା ନାୟକ, ସବିତା ବେହେରା ଓ ପୋଲିସ ନାବାଳିକାଙ୍କୁ ଠାବ କରି ଥାନାକୁ ଆଣିଥିଲେ। ନାବାଳିକା ନିଜ ବାପ ମାଙ୍କ ସାଙ୍ଗରେ ଯିବାକୁ ଅରାଜି ହେବାରୁ ତାଙ୍କୁ କଟକସ୍ଥିତ ବସୁନ୍ଧରାରେ ଛାଡି ଦିଆଯାଇଛି। ନାବାଳକ ଫେରାର ହୋଇଯାଇଛନ୍ତି।

## ସଂକ୍ଷେପରେ

### ଆଜିଠୁ ୨ଦିନ ସନ୍ଧ୍ୟା ୭ ଯାଏ ମାଲଗୋଦାମ ଖୋଲା

**କଟକ ଅଫିସ,୨।୫:** କଟକ ସହରର ମାଲଗୋଦାମ ୩ ଓ ୪ତାରିଖରେ ସକାଳଠାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲା ରହିବ। ଏଥିସହ ଅନ୍ୟ ଦୋକାନଗୁଡ଼ିକ ମଧ ପ୍ରଶାସନର ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଖୋଲାଯିବ। କରୋନାର ଦ୍ୱିତୀୟ ଲହରକୁ ଦୃଷ୍ଟିରେ ରଖି ୩ରୁ ୧୮ ତାରିଖ ପର୍ଯ୍ୟନ୍ତ ଅପରାହ୍ନ ୨ଟାରୁ ଦୋକାନ ବଜାର ବନ୍ଦ କରିବାକୁ କଟକ ବଣିକ ସଂଘ ପକ୍ଷରୁ ଗୁରୁବାର ନିଷ୍ପତ୍ତି ନିଆଯାଇଥିଲା। ଶୁକ୍ରବାର ସିଏମ୍‌ସି କମିଶନର ଏହି ନିଷ୍ପତ୍ତିକୁ ସ୍ୱାଗତ ଜଣାଇବା ସହ ଏହାକୁ ସ୍ୱୀକୃତି ଦେଇଥିଲେ। ତେବେ ରବିବାର ରାଜ୍ୟ ସରକାରଙ୍କ ପକ୍ଷରୁ ଆସନ୍ତା ୫ତାରିଖରୁ ଲକ୍‌ଡାଉନ୍ କରାଯିବା ନେଇ ଘୋଷଣା ହୋଇଛି। ସେଥିପାଇଁ ସୋମବାରଠାରୁ ଆରମ୍ଭ ହେବାକୁ ଥିବା ସ୍ୱେଚ୍ଛାକୃତ ଲକ୍‌ଡାଉନ୍ କାର୍ଯ୍ୟକାରୀ ହେବ ନାହିଁ ବୋଲି କଟକ ବଣିକ ସଂଘ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଛାଟୋଇ ସୂଚନା ଦେଇଛନ୍ତି।

### 'ଜଙ୍ଗଲ କ୍ରାଏ'କୁ ଦାଦା ସାହେବ ଫାଲକେ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ପୁରସ୍କାର

**ଭୁବନେଶ୍ୱର,୨।୫(ବ୍ୟୁରୋ):** କିସ୍ ରଗ୍‌ବୀ ଉପରେ ଆଧାରିତ ଚଳଚ୍ଚିତ୍ର 'ଜଙ୍ଗଲ କ୍ରାଏ'କୁ ଦାଦା ସାହେବ ଫାଲକେ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଏକାଦଶ ଦାଦା ସାହେବ ଫାଲକେ ଫିଲ୍ମ ଫେଷ୍ଟିଭାଲ ୨୦୨୧ ଅବସରରେ ଜୁରୀ ବର୍ଗରେ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ଜଙ୍ଗଲ କ୍ରାଏକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। କିସ୍‌ର ୧୨ଜଣ ଛାତ୍ରଙ୍କୁ ନେଇ ଗଠିତ କିସ୍ ରଗବୀ ଦଳ ୨୦୦୭ରେ ଇଂଲଣ୍ଡରେ ୧୪ବର୍ଷରୁ କମ ଅନ୍ତର୍ଜାତୀୟ ରଗ୍‌ବୀ ଚାମ୍ପିୟନ ହୋଇଥିଲେ। ଏହା ଉପରେ ଆଧାରିତ ଚଳଚ୍ଚିତ୍ର ହେଉଛି 'ଜଙ୍ଗଲ କ୍ରାଏ'। ଇଂଲଣ୍ଡରେ କିସ୍ ରଗ୍‌ବୀ ଦଳ ଅତି ଚମତ୍କାର ଭାବେ ପ୍ରଦର୍ଶନ କରି ବିଶ୍ୱ ଚାମ୍ପିୟନ ହୋଇଥିଲା। ଚଳଚ୍ଚିତ୍ରର ପ୍ରଯୋଜନା ପ୍ରଶାନ୍ତ ସାହୁ କରିଥିବାବେଳେ ସାଗର ବାଲାର ନିର୍ଦ୍ଦେଶନା ଦେଇଛନ୍ତି।

### ୫ ଚୋରି ବାଇକ୍ ଜବତ, ୨ ଗିରଫ

**ଭୁବନେଶ୍ୱର,୨।୫(ବ୍ୟୁରୋ):** ବାଇକ୍ ଚୋରି କରିବା ଅଭିଯୋଗରେ ୨ଜଣ ଯୁବକଙ୍କୁ ରବିବାର ଚନ୍ଦ୍ରଶେଖରପୁର ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନନ୍ଦନକାନନ ଥାନା ଅଞ୍ଚଳ ଗଣ୍ଡରପୁରର ଦୁଷ୍ମନ୍ତ ସୁବୁଦ୍ଧି ଏବଂ ନୟାଗଡ ଜିଲା ଖଣ୍ଡପଡା ବ୍ଲକର ଶିଖରପୁରର ସୂର୍ଯ୍ୟମଣୀ ସାହୁ। ସେମାନଙ୍କଠାରୁ ୫ଟି ଚୋରି ବାଇକ୍ ପୋଲିସ ଜବତ କରିଛି। ପୁରୀ ଜିଲା ଡେଲାଙ୍ଗ ବ୍ଲକ ଗଡବେଗୁନିଆପଡାରୁ ବାଦଲ ବେହେରା ମାର୍ଚ୍ଚ ୬ରେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଥିବା ଏକ ଘରୋଇ କଲେଜକୁ ପରୀକ୍ଷା ଦେବାକୁ ଆସିଥିଲେ। ସେ କଲେଜ ନିକଟରେ ବାଇକ୍‌କୁ ପାର୍କିଂ କରିଥିବା ବେଳେ ଅଭିଯୁକ୍ତଦ୍ୱୟ ତାକୁ ଚୋରି କରିନେଇଥିଲେ। ବାଦଲଙ୍କ ଅଭିଯୋଗକ୍ରମେ ପୋଲିସ ଅଭିଯୁକ୍ତମାନଙ୍କୁ ଧରିଥିଲେ।

### ବଟି ମାଗି ୫ ଗିରଫ

**ବାରଙ୍ଗ,୨।୫(ଡି.ଏନ୍.ଏ.):** ଚନ୍ଦକା ଥାନା ପୋଲିସ ରବିବାର ଗାଡ଼ି ଭାଙ୍ଗିବା ସହ ବଟି ଆଦାୟ କରିବା ଅଭିଯୋଗରେ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ଦଲୁଆ ଆଦିବାସୀ ସାହିର ସୁମନ ଦେଉରୀ, ସୁକାନ୍ତ ଦେଉରୀ, ରାଜୀବ ଦେଉରୀ, ସୂର୍ଯ୍ୟକାନ୍ତ ଦେଉରୀ ଓ ପଙ୍କଜ ବେହେରା। ଅନ୍ଧାରୁଆ ଗ୍ରାମର ଅନିବାର୍ଯ୍ୟ ଗଡବାଡ ନିଜ ବାଇକ୍ ଯୋଗେ ଶନିବାର ଦଲୁଆ ଗ୍ରାମଦେଇ ଯାଉଥିଲେ। ବାଟରେ ତାଙ୍କୁ ରୋକି ନିଶାସକ୍ତ ଅବସ୍ଥାରେ ୫ ଅଭିଯୁକ୍ତ ଟଙ୍କା ମାଗିଥିଲେ। ଟଙ୍କା ଦେବାକୁ ଅନିବାର୍ଯ୍ୟ ରାଜି ନ ହେବାରୁ ତାଙ୍କୁ ମାରଧର କରିଥିଲେ। ଏ ନେଇ ପୋଲିସ ନଂ.୧୦୨/୨୧ରେ ଏକ ମାମଲା ରୁଜୁ କରି ରବିବାର ଧରିଥିଲେ।

### ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଶ୍ରମିକ ଦିବସ ପାଳିତ

**କଟକ ଅଫିସ, ୨।୫:** ବକ୍ସିବଜାର ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଗୋପବନ୍ଧୁ ବାଗଠାରେ ଶନିବାର ଶ୍ରମିକ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ବିଜୟ ପଢ଼ିହାରୀ ଶ୍ରମିକ ଦିବସ ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଦୁର୍ଗାପ୍ରସାଦ ଛାଟୋଇ, ଶ୍ରୀନିବାସ ରେଡ୍ଡୀ, ରତ୍ନାକର ପ୍ରଧାନ, ଅକ୍ଷୟ ମହାନ୍ତି, ହିମାଂଶୁ ମହାପାତ୍ର, ସନ୍ତୋଷ ମହାନ୍ତି, ପ୍ରଶାନ୍ତ ସାହୁ, ପ୍ରଭାସ ପ୍ରଧାନ, ମନୋରଞ୍ଜନ ଭୂୟାଁ, ପ୍ରଭାକର ସାହୁ ପ୍ରମୁଖ ଯୋଗଦେଇଥିଲେ।

# ରାଜଧାନୀରୁ ୮୦୯ ନୂଆ ସଂକ୍ରମିତ

## ପୁରୁଣା ଭୁବନେଶ୍ୱରରୁ ସର୍ବାଧିକ ୫୫

**ଭୁବନେଶ୍ୱର, ୨।୫ (ବ୍ୟୁରୋ)**

ଭୁବନେଶ୍ୱର ସାରା କରୋନା ଭୂତାଣୁ ବ୍ୟାପି ଗଲାଣି। ପ୍ରତିଦିନ ଶହ ଶହ ସଂଖ୍ୟାରେ ସଂକ୍ରମିତ ଚିହ୍ନଟ ହେଉଥିବାବେଳେ ମୃତ୍ୟୁ ସଂଖ୍ୟା ବଢ଼ି ଚାଲିଛି। ଶନିବାର ସହରରୁ ୧୦୯୩ଜଣ ପଜିଟିଭ୍ ଚିହ୍ନଟ ହୋଇଥିଲେ। ଗତ ୨୪ ଘଣ୍ଟାରେ ଆଉ ୮୦୯ଜଣ ସଂକ୍ରମିତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୧୯ଜଣ କ୍ୱାରାଣ୍ଟାଇନରୁ ଚିହ୍ନଟ ହୋଇଥିବାବେଳେ ୬୯୦ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ତେବେ ପୁରୁଣା ଭୁବନେଶ୍ୱରରୁ ସର୍ବାଧିକ ୫୫ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ପଟିଆରୁ ୪୯ଜଣ, ସୁନ୍ଦରପଦାରୁ ୧୯ଜଣ, ଶୈଳଶ୍ରୀ ବିହାରରୁ ୧୧ଜଣ, ପୋଖରୀପୁଟରୁ ୧୪ଜଣ, ଟଙ୍କପାଣି ରୋଡ୍‌ରୁ ୧୪ଜଣ, ଖଣ୍ଡଗିରିରୁ ୪୨ଜଣ, ଚନ୍ଦ୍ରଶେଖରପୁରରୁ ୩୧ଜଣ, ନୟାପଲ୍ଲୀରୁ ୩୬ଜଣ, ଲକ୍ଷ୍ମୀସାଗରରୁ ୧୫ଜଣ, ବାପୁଜୀନଗରରୁ ୧୩ଜଣ, ଜୟଦେବ ବିହାରରୁ ୧୬ଜଣ, ମଞ୍ଚେଶ୍ୱରରୁ ୧୪ଜଣ, ନନ୍ଦନ ବିହାରରୁ ୧୨ଜଣ, ନୀଳାଦ୍ରିବିହାରରୁ ୧୧ଜଣ, ବରମୁଣ୍ଡାରୁ ୧୫ଜଣ, ଝାରପଡାରୁ ୧୨ଜଣ, କଳ୍ପନା ଛକରୁ ୯ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେହିଭଳି ଗତ ୨୪ ଘଣ୍ଟାରେ ଜଣେ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି। ଏହାକୁ ମିଶାଇ ମୃତ୍ୟୁ ସଂଖ୍ୟା ୨୬୬ରେ ପହଞ୍ଚିଛି। ଅନ୍ୟପକ୍ଷରେ ଭୁବନେଶ୍ୱରରୁ ୫୯୮ଜଣ ପଜିଟିଭ୍ ସୁସ୍ଥ ହୋଇଛନ୍ତି। କରୋନାର ଦ୍ୱିତୀୟ ଲହରରେ ଭୁବନେଶ୍ୱରରୁ ୪୬ହଜାର ୩୧୭ଜଣ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୩୭ହଜାର ୬୫୨ଜଣ ସୁସ୍ଥ ହୋଇ ସାରିଲେଣି। ଏବେ ୮ହଜାର ୩୭୮ଜଣ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି।



ସାପ୍ତାହିକ ଶଟ୍‌ଡାଉନରେ ରବିବାର ବନ୍ଦ ଥିବା ଯୋଗୁ କଟକ ରେଲ୍‌ୱେ ଷ୍ଟେଶନ ରାସ୍ତାରେ ରିକ୍ସାଚାଳକମାନେ ବିଶ୍ରାମ ନେଉଛନ୍ତି।

# ଜବରଦଖଲକୁ ନେଇ ତାତିଲେ ମହିଳା

**ଚୌଦ୍ୱାର,୨।୫(ଡି.ଏନ୍.ଏ)**

ଚୌଦ୍ୱାର ପୌରପାଳିକା ଅଧୀନ ୧୬ନଂ. ୱାର୍ଡ ଚାରିଘରିଆ ଗ୍ରାମରେ ବସବାସ କରୁଥିବା ଲୋକମାନଙ୍କୁ ସରକାର ଜାଗାମିଶନ ଜରିଆରେ ଜମିପଟ୍ଟା ଯୋଗାଇ ଦେବା ପାଇଁ ଚିହ୍ନଟ କରାଯାଇଥିବା ଏକ ସରକାରୀ ଜାଗାକୁ ନେଇ ଉକ୍ତ ବସ୍ତିବାସିନ୍ଦାଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ଚିହ୍ନଟ ଜାଗା ଉପରେ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଶନିବାର ନିଜ ଅକ୍ତିଆରରେ ରଖିବା ପାଇଁ ଖୁଣ୍ଟି ପୋତିଥିଲେ। ଯାହାକୁ ଉକ୍ତ ବସ୍ତିର ମହିଳାମାନେ ଉପାଡ଼ି ଦେଇଛନ୍ତି। ସେମାନଙ୍କ କହିବାନୁଯାୟୀ ସରକାରଙ୍କ ଦ୍ୱାରା ଚିହ୍ନଟ ଜାଗାରେ ପୌରପାଳିକା ତରଫରୁ ଏକ ଗୋଷ୍ଠୀ ଉନ୍ନୟନ ଗୃହ ନିର୍ମାଣ କରାଯାଇଛି।

ଏହି ଗୃହର ଡାହାଣ ପଟକୁ ଲାଗି ରହିଥିବା ବଳକା ଜାଗା ଉପରେ ଏକ ପାର୍କ ନିର୍ମାଣ ପାଇଁ ଗତ ୩-୧-୨୧ରିଖରେ ଏକ ପ୍ରସ୍ତାବ ପାରିତ ହୋଇଛି। କିନ୍ତୁ ସ୍ଥାନୀୟ କେତେଜଣ ଅସାଧୁ ବ୍ୟକ୍ତି ବଳକା ଥିବା ଜାଗାରେ ସିମେଣ୍ଟ ଖୁଣ୍ଟି ପୋତି ଅକ୍ତିଆର କରିବା ଉଦ୍ୟମକୁ ବାବାମଣି ଚାରିଘରିଆ ମୁଣ୍ଡା ସାହି ବସ୍ତି ଉନ୍ନୟନ ସଂଘ ତୀବ୍ର ବିରୋଧ କରିବା ସହ ପୋତା ଯାଇଥିବା ଖୁଣ୍ଟଗୁଡିକୁ ଉପାଡି ଫୋପାଡ଼ି ଦେଇଛନ୍ତି। ଅନ୍ୟପକ୍ଷରେ ଏ ନେଇ ଚୌଦ୍ୱାର ଥାନା ଅଧିକାରୀ, ପୌର ନିର୍ବାହୀ ଅଧିକାରୀ ଓ ଟାଙ୍ଗୀ-ଚୌଦ୍ୱାର ତହସିଲଦାରଙ୍କୁ ମେଲ ଜରିଆରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବିପତ୍ର ପ୍ରଦାନ କରିଥିବା ସଂଘର ଅଜୟ କୁମାର ବେହେରା,ବାସନ୍ତୀ ସ୍ୱାଇଁ, ବିଜୟ ଭୋଇ, ବଳରାମ ସାହୁ ପ୍ରମୁଖ କହିଛନ୍ତି। ଅନ୍ୟପଟେ ଅକ୍ତିଆରକାରୀଙ୍କ କହିବାନୁଯାୟୀ ଆଜକୁ ୪୦ବର୍ଷ ଧରି ଉକ୍ତ ଜାଗା ସେମାନଙ୍କ ଦଖଲରେ ଥିବାବେଳେ ଏନେଇ ସେ ଥାନାରେ ଅଭିଯୋଗ କରିବେ।



ବସ୍ତି ମହିଳାମାନେ ଜବରଦଖଲ ହୋଇଥିବା ଜମିରେ ଖୁଣ୍ଟ ଉପାଡୁଛନ୍ତି।

### ରାସ୍ତାକଡ଼ରୁ ନବଜାତ ମୃତ ଶିଶୁ ଜବତ

**ଚୌଦ୍ୱାର,୨।୫ (ଡି.ଏନ୍.ଏ)**

୫୫ନଂ ଜାତୀୟ ରାଜପଥର ମଙ୍ଗୁଳି-ଚୌଦ୍ୱାର ରାସ୍ତାର ନୁନଟିକିରି ଗ୍ରାମ ରାସ୍ତାକଡ଼ରେ ପଡ଼ିଥିବା ଏକ ନବଜାତ ଶିଶୁର ମୃତଦେହ ପୋଲିସ ରବିବାର ଜବତ କରିଛି। ନୁନଟିକିରି ଗ୍ରାମ୍ୟରାସ୍ତାରେ ଦିନ ପ୍ରାୟ ୧୦ଟାରେ ସ୍ଥାନୀୟ ଲୋକେ ଯିବାଆସିବା ବେଳେ କଡ଼ରେ ଏକ ମୃତ ଶିଶୁ ପଡ଼ିଥିବା ଦେଖିଥିଲେ। ଖବରପାଇ ଚୌଦ୍ୱାର ପୋଲିସ ପହଞ୍ଚି ମୃତ ଶିଶୁଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଘଟଣାର ତଦନ୍ତ ଜାରି ରଖିଛି।

### ନବଜାତ ଶିଶୁ ଉଦ୍ଧାର

**ବାରଙ୍ଗ,୨।୫(ଡି.ଏନ୍.ଏ.)**

କଳାରାହାଙ୍ଗ ଗ୍ରାମମୁଣ୍ଡ ପୋଖରୀ ହୁଡା ପଛପଟରୁ ଇନ୍‌ଫୋସିସ୍ ଥାନା ପୋଲିସ ରବିବାର ଏକ ନବଜାତ ଶିଶୁକୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଛି। ସକାଳେ କଳାରାହାଙ୍ଗ ଗ୍ରାମର କେତେଜଣ ଲୋକ ଗାଧୋଇବା ପାଇଁ ଗ୍ରାମମୁଣ୍ଡରେ ଥିବା ବଡ଼ପୋଖରୀକୁ ଯାଇଥିଲେ। ହୁଡାକୁ ଲାଗି ହେଉଥିବା ଏକ ଆପାର୍ଟମେଣ୍ଟ ପଛ ରାସ୍ତାପଟୁ ଜଣେ ଯୁବକ ଯାଇଥିବାବେଳେ ଛୋଟଶିଶୁର କାନ୍ଦିବା ଶବ୍ଦ ଶୁଣିବାକୁ ପାଇଥିଲା। କାନ୍ଦକୁ ଅନୁସରଣ କରି ଯିବାପରେ ଏକ ଗଛମୂଳରେ ନବଜାତ ଶିଶୁଟିକୁ ଦେଖିବାକୁ ପାଇଥିଲେ। ଏକ ଶାଢ଼ି ଉପରେ ଶିଶୁଟି ଶୋଇଥିବା ବେଳେ ଛୋଟହିଂସ୍ର ଜନ୍ତୁ କାମୁଡ଼ି ମୁହଁ ସହ ଆଙ୍ଗୁଠି ଓ କାନକୁ କ୍ଷତାକ୍ତ କରିଦେଇଥିଲେ। ଏସବୁସତ୍ତ୍ୱେ ଶିଶୁଟି ବଞ୍ଚିଥିବାର ଜାଣିବା ପରେ ଦେଖଣାହାରୀଙ୍କ ଭିଡ଼ ଲାଗିରହିଥିଲା। ଖବରପାଇ ପୋଲିସ ଆସି ଶିଶୁଟିକୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାକୁ ପଠାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସାଗର



@ ବିଶ୍ୱନାଥ



@ ଲକ୍ଷ୍ମୀଧର



@ ବର୍ଷା



@ ଆକାଶ



@ ମନସ୍ୱିନୀ



@ ପ୍ରିୟାଂଶୁ

# 'ଆଦର୍ଶ ଆଇନ ବିଶ୍ୱବିଦ୍ୟାଳୟ ହେବ'

## ମଧୁସୂଦନ ଲ' ୟୁନିଭର୍ସିଟି

**କଟକ ଅଫିସ,୨।୫**



କୁଳପତି ପ୍ରଫେସର ଡ. କମଲଜିତ୍ ସିଂ

ମଧୁସୂଦନ ଆଇନ ମହାବିଦ୍ୟାଳୟ ଏପ୍ରିଲ ୨୮ ତାରିଖରୁ ବିଧିବଦ୍ଧ ଭାବେ ବିଶ୍ୱବିଦ୍ୟାଳୟ ରୂପେ କାର୍ଯ୍ୟ କରିବା ଆରମ୍ଭ କରିଛି। ଏହାର ପ୍ରଥମ କୁଳପତି ଭାବେ ପ୍ରଫେସର ଡ. କମଲଜିତ୍ ସିଂ ଦାୟିତ୍ୱ ଗ୍ରହଣ କରିଛନ୍ତି। ଡ. ସିଂ ପୂର୍ବରୁ ହିମାଚଳପ୍ରଦେଶ ବେସରକାରୀ ଶିକ୍ଷାନୁଷ୍ଠାନ ନିୟାମକ ଆୟୋଗର ସଦସ୍ୟ ରହିଥିଲେ। ସେ ୧୦୦ ଏଲ୍‌ଏଲ୍‌ଏମ୍ ଛାତ୍ରୀଛାତ୍ର ଏବଂ ୧୭ଜଣ ପିଏଚ୍‌ଡିଧାରୀଙ୍କ ମାର୍ଗଦର୍ଶକ ଥିବାବେଳେ ୨ଟି ପୁସ୍ତକ ରଚନା କରିଛନ୍ତି। ଗତ ଏପ୍ରିଲ ୯ରେ ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଭାବେ ଡ. ସିଂଙ୍କୁ ନିଯୁକ୍ତି ଦେଇଥିଲେ। ଡ. ସିଂ ଦାୟିତ୍ୱ ଗ୍ରହଣ କରିବା ପରେ ଏହି ଦାୟିତ୍ୱ ତାଙ୍କ ପାଇଁ ଏକ ଚ୍ୟାଲେଞ୍ଜ ବୋଲି କହିଛନ୍ତି। ଏଥିସହ ଉକ୍ତ ଅନୁଷ୍ଠାନକୁ ଏକ ଆଦର୍ଶ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ତାଙ୍କର ମୂଳଲକ୍ଷ୍ୟ ହେବ ବୋଲି 'ଧରିତ୍ରୀ'କୁ ଦେଇଥିବା ସାକ୍ଷାତକାରରେ କହିଛନ୍ତି।

**● ନୂତନ ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଭାବେ କ'ଣ କହିବେ?**

⇨ପ୍ରଥମ କୁଳପତି ଭାବେ କର୍ମକ୍ଷେତ୍ରରେ ସର୍ବଦା ଆହ୍ୱାନ ରହିବ। କୌଣସି ନୂତନ ସଂସ୍ଥା କିମ୍ବା ନୂତନ ଅନୁଷ୍ଠାନ ଗଠନ କରାଗଲେ କେହି ନା କେହି ପ୍ରଥମ କୁଳପତି ଭାବେ ଦାୟିତ୍ୱ ନେବେ। ପୂର୍ବରୁ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ବିଶେଷ କିଛି ନୂଆ କରିବାକୁ ନ ଥାଏ। କିନ୍ତୁ ଏହି ବିଶ୍ୱବିଦ୍ୟାଳୟରେ ଭଲ ସୁଯୋଗ ମିଳିଛି। ଏହି ସୁଯୋଗର ସଦୁପଯୋଗ କରି ମୁଁ ମୋ ଦର୍ଶନ ଅନୁଯାୟୀ ବିଶ୍ୱବିଦ୍ୟାଳୟକୁ ନୂତନ ଭାବେ ଗଢିତୋଳି ପାରିବି। ଯାହା କି ଆଗାମୀ ଦିନରେ ଅନ୍ୟମାନଙ୍କ ପାଇଁ ଉଦାହରଣ ହେବ।

**● ଏଠାରେ ପାଠପଢା ଓ ପରୀକ୍ଷା ପ୍ରକ୍ରିୟା କିପରି ପରିଚାଳନା କରାଯିବ?**

⇨ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ ୨୮ ଏପ୍ରିଲରୁ କାର୍ଯ୍ୟକାରୀ କରିବା ଆରମ୍ଭ କରିଛି। ଆଗାମୀ ଦିନରେ ଯେଉଁ ଛାତ୍ରୀଛାତ୍ର ଏହି ବିଶ୍ୱବିଦ୍ୟାଳୟରେ ଆଡମିଶନ କରିବେ ସେମାନଙ୍କ ପାଇଁ ଆମେ ପାଠ୍ୟଖସଡ଼ା ପ୍ରସ୍ତୁତ କରୁଛୁ। ପରୀକ୍ଷା ପ୍ରକ୍ରିୟା, ଆଡ୍‌ମିଶନ ପ୍ରକ୍ରିୟା ଏବଂ ପାଠ୍ୟଖସଡ଼ା ମଧ ସ୍ୱତନ୍ତ୍ର ରହିବ।

**● ଅଧାପନାରୁ ପ୍ରଶାସନିକ ଯାତ୍ରା କିପରି ରହିବ ବୋଲି ଆଶା କରୁଛନ୍ତି?**

⇨ଶିକ୍ଷାଦାନରେ ମୋର ୨୭ ବର୍ଷର ଅଭିଜ୍ଞତା ରହିଛି। ଏଥିସହ ୧୭ଟି ବିଶ୍ୱବିଦ୍ୟାଳୟ ଏବଂ ୨୭୭ଟି କଲେଜରେ ବିଭିନ୍ନ ପଦବୀରେ କାମ କରିଛି। ସେଥିଲାଗି ବିଭିନ୍ନ କ୍ଷେତ୍ରରେ ମୋର ମିଳିତ ଅଭିଜ୍ଞତା ରହିଛି। କିନ୍ତୁ ଏହି ବିଶ୍ୱବିଦ୍ୟାଳୟରେ ମତେ ଶୂନ୍ୟରୁ ଉପରକୁ ଉଠିବାକୁ ପଡ଼ିବ। ସେଥିପାଇଁ ବିଗତ ଦିନର ଅଭିଜ୍ଞତା ନିଶ୍ଚିନ୍ତ ସହାୟକ ହେବ ବୋଲି ମୁଁ ଆଶା କରୁଛି।

**● ବିଶ୍ୱବିଦ୍ୟାଳୟରେ ସର୍ବାଧିକ ଆହ୍ୱାନ କେଉଁଥିରେ ରହିଛି?**

⇨ବିଶ୍ୱବିଦ୍ୟାଳୟ ସୁପରିଚାଳନା କରିବା ପାଇଁ ସବୁ କ୍ଷେତ୍ରରେ ଆହ୍ୱାନ ରହିଛି। ଛାତ୍ରୀଛାତ୍ରଙ୍କ ଆଡ୍‌ମିଶନ, କ୍ଲାସ କରିବା ପ୍ରଭୃତି ଗୋଟିଏ ଗୋଟିଏ ଆହ୍ୱାନ। ଏଥିସହ କୋଭିଡ୍ କାରଣରୁ ଶ୍ରେଣୀଗୃହରେ ପାଠପଢା ହୋଇପାରୁନି । ପିଲାଙ୍କୁ ଆମେ ଶାରୀରିକ ଭାବେ ଦେଖିପାରୁନାହୁଁ। କୋଭିଡ୍ ଥିବା ପର୍ଯ୍ୟନ୍ତ ଆହ୍ୱାନ ଅଧିକ ରହିବ। ତେବେ ଆହ୍ୱାନ ରହିଲେ ହିଁ ଆମର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ।

**● ବିଶ୍ୱବିଦ୍ୟାଳୟ ଉନ୍ନତୀକରଣ ପାଇଁ କ'ଣ ଯୋଜନା ରହିଛି?**

⇨ବିଶ୍ୱବିଦ୍ୟାଳୟର ୩ ଗୁରୁତ୍ୱପୂର୍ଣ୍ଣ ଭାଗୀଦାର ରହିଛନ୍ତି। ସେମାନେ ହେଲେ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଏବଂ ଅଣଶିକ୍ଷକ କର୍ମଚାରୀ। ଉକ୍ତ ୩ ଦିଗରେ ଉନ୍ନତି ହେଲେ ବିଶ୍ୱବିଦ୍ୟାଳୟର ଉନ୍ନତି ହୋଇପାରିବ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ଛାତ୍ରୀଛାତ୍ର। ସେମାନଙ୍କ ପାଇଁ ଉନ୍ନତମାନର ଶ୍ରେଣୀଗୃହ, ପାଠାଗାର, ଅଧ୍ୟାପକ ଆଦି ଭିତ୍ତିଭୂମିର ବ୍ୟବସ୍ଥା କରାଯିବ।

**● ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଶ୍ୱବିଦ୍ୟାଳୟ କିପରି ପରିଚୟ ସୃଷ୍ଟି କରିବ?**

⇨ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ କିଛି ମାତ୍ରାରେ ସୁଚାରୁ ରୂପେ କାର୍ଯ୍ୟ କରିବା ଆରମ୍ଭ କଲେ ଆମେ ଏନେଇ ପ୍ରୟାସ ଆରମ୍ଭ କରିବୁ । ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଥିବା ବିଶ୍ୱବିଦ୍ୟାଳୟ ସହ ଏମ୍‌ଓୟୁ କରିବୁ। ସେହି ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଆମ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିବେ। ଆମ ପିଲାମାନେ ତାଙ୍କ ଅନୁଷ୍ଠାନକୁ ଯିବେ। ଏହା ବ୍ୟତୀତ ଅନ୍ୟ ଭଲ ବିଶ୍ୱବିଦ୍ୟାଳୟ ସହ ଆମେ ଏମ୍‌ଓୟୁ ସ୍ୱାକ୍ଷର କରିବୁ ।

**● ନ୍ୟାଶନାଲ ଲ' ୟୁନିଭର୍ସିଟି ଏବଂ ମଧୁସୂଦନ ଲ' ୟୁନିଭର୍ସିଟି ମଧ୍ୟରେ ପ୍ରତିଯୋଗିତା ଦେଖାଦେବ କି?**

⇨ନ୍ୟାଶନାଲ ଲ' ୟୁନିଭର୍ସିଟି ଏବଂ ମଧୁସୂଦନ ଲ' ୟୁନିଭର୍ସିଟି ସମ୍ପୂର୍ଣ୍ଣ ଭିନ୍ନ। ନ୍ୟାଶନାଲ ଲ' ୟୁନିଭର୍ସିଟିରେ ଓଡ଼ିଶାର ମାତ୍ର ୧୫ରୁ ୨୦ ପ୍ରତିଶତ ଛାତ୍ରୀଛାତ୍ର ପଢୁଛନ୍ତି। କିନ୍ତୁ ଆମର ୧୦୦ ପ୍ରତିଶତ ଛାତ୍ରୀଛାତ୍ର ଓଡ଼ିଶାରୁ ହିଁ ରହିଛନ୍ତି। ନ୍ୟାଶନାଲ ଲ' ୟୁନିଭର୍ସିଟି ସହ ଆମର କୌଣସି ପ୍ରତିଯୋଗିତା ନାହିଁ। ତାଙ୍କ ପ୍ରାଥମିକତା ଭିନ୍ନ ଏବଂ ଆମର ଭିନ୍ନ। ମୁଁ ଏହି ରାଜ୍ୟର ସାଧାରଣ ପିଲାଙ୍କୁ ସେବା ଯୋଗାଇବି। ସେମାନଙ୍କୁ ଆଇନ ଶିକ୍ଷା ଦେବା ପାଇଁ ଚାହୁଁଛି । ଏହା ବ୍ୟତୀତ ଆମର କୌଣସି ବିଶ୍ୱବିଦ୍ୟାଳୟ ସହ କିଛି ପ୍ରତିଦ୍ୱନ୍ଦ୍ୱୀ ନାହିଁ।

(ସାକ୍ଷାତକାର- ସୁପ୍ରିୟା ପ୍ରିୟଦର୍ଶିନୀ)

### ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

**ଭୁବନେଶ୍ୱର, ୨।୫ (ବ୍ୟୁରୋ)**

ଟେକ୍ସଟ୍ ବୁକ୍ ପ୍ରେସ୍‌ର ଅବସରପ୍ରାପ୍ତ କର୍ମଚାରୀ ତଥା ସାମାଜିକ କର୍ମୀ ଶରତ କୁମାର ସାହୁ (୬୫)ଙ୍କ ଗତ ୩୦ ତାରିଖରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ପ୍ରକାଶ ପାଇଛି। ସମ୍ପର୍କୀୟ ଓ ବନ୍ଧୁପରିଜନ ତାଙ୍କ ଗାଡ଼କଣସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ପ୍ରକାଶ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା।

### କୁକୁର କାମୁଡ଼ାରେ ହରିଣ ମୃତ

**ଖୁଣ୍ଟୁଣୀ,୨।୫(ଡି.ଏନ୍.ଏ.)**

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ସୁନିଆଁ ମୁହଁ ସଂରକ୍ଷିତ ଜଙ୍ଗଲରୁ ଗ୍ରାମାଭିମୁଖୀ ହୋଇଥିବା ଏକ ଗର୍ଭବତୀ ହରିଣର ଶନିବାର କୁକୁର କାମୁଡ଼ାରେ ମୃତ୍ୟୁ ହୋଇଛି। ଅପରାହ୍ନରେ ଏହି ହରିଣଟି ଜଙ୍ଗଲ ମଧ୍ୟରୁ ବାହାରି ସୁନିଆଁମୁହଁ ଗ୍ରାମ ନିକଟ ପୋଖରୀକୁ ଯାଉଥିବା ବେଳେ ବାଟରେ କେତେଜଣ ବୁଲା କୁକୁରଙ୍କ ହାବୁଡ଼ରେ ପଡ଼ିଯାଇଥିଲା। କୁକୁରଙ୍କ ଅତର୍କିତ ଆକ୍ରମଣରେ ସେ ଜୀବନ ବଞ୍ଚାଇବାକୁ ଗ୍ରାମ ଭିତରକୁ ଜଣେ ଲୋକର ଘରେ ପଶିଯାଇଥିଲା। ଲୋକେ ତାକୁ ଉଦ୍ଧାର କରି ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀଙ୍କୁ ଖବର ଦେବାରେ ଘଟଣାସ୍ଥଳକୁ ବନାଞ୍ଚଳ ଅଧିକାରୀ ଗଜେନ୍ଦ୍ରସିଂ ପାଲ ମାଥୁର୍, ଫରେଷ୍ଟର ରାକେଶ ଦଳେଇ, ବନରକ୍ଷୀ ରମାକାନ୍ତ ବଳବନ୍ତ ରାୟ ପ୍ରମୁଖ ଗ୍ରାମରେ ପହଞ୍ଚିଥିଲେ। ହରିଣକୁ ଚିକିତ୍ସା ପାଇଁ ନେଉଥିବା ବେଳେ ବାଟରେ ତା'ର ମୃତ୍ୟୁ ଘଟିଥିବା ବନ ଅଧିକାରୀ କହିଛନ୍ତି। ରେଞ୍ଜର ମାଥୁର୍ ମୃତ ହରିଣର ବ୍ୟବଚ୍ଛେଦ କରି ବନାଞ୍ଚଳ କାର୍ଯ୍ୟାଳୟ ପରିସରରେ ପୋତି ଦେଇଥିଲେ।

## ସଂକ୍ଷେପରେ

### ରବିଶଙ୍କର ଆରବିଆଇର ନୂଆ ଡେପୁଟି ଗଭର୍ଣ୍ଣର



**ମୁମ୍ବାଇ,୨।୫:** କେନ୍ଦ୍ର ସରକାର ବରିଷ୍ଠ ବ୍ୟାଙ୍କର୍ସ ତଥା ରିଜର୍ଭ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ଇଡି) ଭାବେ କାର୍ଯ୍ୟ କରୁଥିବା ଟି. ରବିଶଙ୍କରଙ୍କୁ କେନ୍ଦ୍ରୀୟ ବ୍ୟାଙ୍କର ଆଗାମୀ ଡେପୁଟି ଗଭର୍ଣ୍ଣର ଭାବେ ମନୋନୀତ କରିଛନ୍ତି। ସେ ଏହି ନୂତନ ପଦବୀରେ ଆଗାମୀ ତିନି ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବେ ବୋଲି ଜଣାପଡିଛି। ଭାରତୀୟ ରିଜର୍ଭ ବ୍ୟାଙ୍କର ଚତୁର୍ଥ ଡେପୁଟି ଗଭର୍ଣ୍ଣର ଭାବେ କେନ୍ଦ୍ର ସରକାରଙ୍କ ଏକ କମିଟି ଟି. ରବି ଶଙ୍କରଙ୍କୁ ମନୋନୀତ କରିଛି। ଏ ସମ୍ପର୍କରେ 'ଡିପାର୍ଟମେଣ୍ଟ ଅଫ୍ ପର୍ସୋନେଲ୍ ଆଣ୍ଡ୍ ଟ୍ରେନିଙ୍ଗ୍' ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିରୁ ଏହି ସୂଚନା ମିଳିଛି। ୧୯୯୦ରେ ସେ କେନ୍ଦ୍ରୀୟ ବ୍ୟାଙ୍କର ଜଣେ ରିସର୍ଚ୍ଚ ଅଫିସର ଭାବେ ଯୋଗଦେଇଥିଲେ। ବନାରସ ବିଶ୍ୱବିଦ୍ୟାଳୟରୁ ଉଚ୍ଚଶିକ୍ଷା ହାସଲ କରିଥିବା ରବି ଶଙ୍କର ଋଣ ପରିଚାଳନା ସମେତ ଭାରତୀୟ ରିଜର୍ଭ ବ୍ୟାଙ୍କର ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗ ପରିଚାଳନା କରୁଥିଲେ। ନିକଟରେ ଅବସର ଗ୍ରହଣ କରିଥିବା ଆରବିଆଇର ଡେପୁଟି ଗଭର୍ଣ୍ଣର ବି.ପି.କାନୁନ୍‌ଗୋଙ୍କ ସ୍ଥାନରେ ସେ ଯୋଗଦେବେ ବୋଲି ଜଣାପଡିଛି।

### ଏପ୍ରିଲରେ ବଢ଼ିଲା ରପ୍ତାନି

**ନୂଆଦିଲ୍ଲୀ,୨।୫:** ଚଳିତବର୍ଷ ଏପ୍ରିଲରେ ଦେଶ ମଧ୍ୟରୁ ରପ୍ତାନି ପ୍ରାୟ ୩ ଗୁଣ ବୃଦ୍ଧିପାଇ ୩୦.୨୧ ବିଲିୟନ ଛୁଇଁଛି। ଇଞ୍ଜିନିୟରିଂ, ଜେମ୍ସ ଆଣ୍ଡ ଜୁଏଲେରି, ପେଟ୍ରୋକେମିକାଲ ପ୍ରଡକ୍ଟରେ ଅଭିବୃଦ୍ଧି ଦେଖିବାକୁ ମିଳିଛି। ଏହି ସମୟରେ ବାଣିଜ୍ୟ ନିୟଣ୍ଟ ୧୫.୨୪% ସ୍ତରରେ ରହିଥିବା ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ଡାଟାରୁ ସାମ୍ନାକୁ ଆସିଛି। ଏପ୍ରିଲ ୨୦୨୦ରେ ମର୍ଚ୍ଚାଣ୍ଡାଇଜ ରପ୍ତାନି ୧୦.୧୭ ବିଲିୟନ ରହିଥିବା ବେଳେ ଏହି ସମୟରେ ବାଣିଜ୍ୟ ନିୟଣ୍ଟ ୬.୯୨ ବିଲିୟନ ଡଲାର ଥିଲା।

# ଜିଏସ୍‌ଟି ଦାତାଙ୍କୁ ଆଶ୍ୱସ୍ତି

**ମହାମାରୀକୁ ନଜରରେ ରଖି ବିଭିନ୍ନ ରିହାତି ଘୋଷଣା**




ନୂଆଦିଲ୍ଲୀ,୨।୫

କୋଭିଡ୍ ମହାମାରୀ ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଜିଏସ୍‌ଟି ଆଇନ ପରିସର ମଧ୍ୟରେ ଟିକସଦାତାଙ୍କ ପାଇଁ ବିଭିନ୍ନ ରିହାତି ସୁବିଧା ଯୋଗାଇ ଦେଇଛନ୍ତି। ଟିକସଦାତା ଜିଏସ୍‌ଟି ପଇଠ କ୍ଷେତ୍ରରେ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଥିବାରୁ ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। କରୋନାର ଦ୍ୱିତୀୟ ଲହର ପରିପ୍ରେକ୍ଷୀରେ ୨୦୨୧ ମଇ ପହିଲାରେ ଏ ନେଇ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଟିକସ ପଇଠ କ୍ଷେତ୍ରରେ ବିଳମ୍ବ ଲାଗି ବାର୍ଷିକ ଯେଉଁ ୧୮% ହାରରେ ସ୍ୱାଭାବିକ ସୁଧ ଆଦାୟ କରାଯାଉଥିଲା ତାହାକୁ କୋହଳ କରାଯାଇ ବିଭିନ୍ନ ବର୍ଗର କରଦାତାଙ୍କ ପାଇଁ ବିଭିନ୍ନ ସୁବିଧା ପ୍ରଦାନ କରାଯାଇଛି। ବର୍ଷକୁ ମୋଟ ୫ କୋଟି ଟଙ୍କାରୁ ଅଧିକ କାରବାର କରୁଥିବା ପଞ୍ଜୀକୃତ ବ୍ୟକ୍ତିବିଶେଷଙ୍କ ଲାଗି ଟିକସ ପୈଠର ଧାର୍ଯ୍ୟ ତାରିଖଠାରୁ ୧୫ ଦିନ ପର୍ଯ୍ୟନ୍ତ ୧୮% ପରିବର୍ତ୍ତେ ୯% ସୁଧ ଆଦାୟ କରାଯିବ। ଏହି ୧୫ ଦିନ ପରେ ଟିକସ ଦାଖଲ କଲେ ପୂର୍ବଭଳି ୧୮% ସୁଧ ଦେବାକୁ ପଡ଼ିବ। ୨୦୨୧ ମାର୍ଚ୍ଚରୁ ଏପ୍ରିଲ ୨୨ ପର୍ଯ୍ୟନ୍ତ ଟିକସ ଆଦାୟ ସମୟ ପାଇଁ ଏଭଳି ସୁବିଧା କରାଯାଇଛି।

୨୦୨୧ ମାର୍ଚ୍ଚର ଟିକସ ଏପ୍ରିଲ ୨୦୨୧ ଏବଂ ୨୦୨୧ ଏପ୍ରିଲ ମାସର ଟିକସ ମଇ ୨୦୨୧ରେ ଆଦାୟ କରାଯିବ। ବାର୍ଷିକ ୫ କୋଟି ଟଙ୍କା ପର୍ଯ୍ୟନ୍ତ କାରବାର କରୁଥିବା ବ୍ୟକ୍ତିବିଶେଷଙ୍କ ଲାଗି ଧାର୍ଯ୍ୟ ଟିକସ ଆଦାୟ ତାରିଖର ୧୫ ଦିନ ପରବର୍ତ୍ତୀ ସମୟ ଲାଗି ଟିକସ ଉପରେ କୌଣସି ସୁଧ ଦେବାକୁ ପଡିବ ନାହିଁ। ଏହାର ପରବର୍ତ୍ତୀ ୧୫ ଦିନ ମଧ୍ୟରେ ଟିକସ ଦାଖଲ କଲେ ୯% ଏବଂ ଏହା ପରେ ୧୮% ସୁଧ ଲାଗିବ। ଏହା ଉଭୟ ନିୟମିତ ଟିକସଦାତା ଏବଂ କ୍ୟୁଆର୍‌ଏମ୍‌ପି ଅନ୍ତର୍ଗତ ହିତାଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ। ଏଥିରେ ୨୦୨୧ ମାର୍ଚ୍ଚ ଓ ଏପ୍ରିଲ ମାସର ଟିକସ ଆଦାୟ ସମୟ ଅନ୍ତର୍ଭୁକ୍ତ। ସମ୍ପୃକ୍ତ ଟିକସଦାତା ମାର୍ଚ୍ଚର ଟିକସ ଏପ୍ରିଲରେ ଏବଂ ଏପ୍ରିଲ ଟିକସ ମଇ ମାସରେ ପ୍ରଦାନ କରିପାରିବେ।

କମ୍ପୋଜିସନ ସ୍କିମରେ ଟିକସ ପ୍ରଦାନ ଲାଗି ପଞ୍ଜୀକୃତ ଟିକସଦାତାଙ୍କ ନିମନ୍ତେ ଧାର୍ଯ୍ୟ ତାରିଖର ୧୫ ଦିନ ପରବର୍ତ୍ତୀ ସମୟ ପାଇଁ କୌଣସି ସୁଧ ଦେବାକୁ ପଡିବ ନାହିଁ। ରିହାତି ସମୟ ୧୫ ଦିନ ପରେ ଟିକସ ଦେଲେ ୯% ସୁଧ ଦେବାକୁ ପଡିବ। ଏହି ସମୟ ପରେ ଟିକସ ପଇଠ ପରେ ୧୮% ସୁଧ ଲାଗିବ। ଏମାନଙ୍କ ପାଇଁ ମଧ୍ୟ ଟିକସ ପଇଠ ସୀମା ସମାନ ରଖାଯାଇଛି। ବାର୍ଷିକ ୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ କାରବାର କରୁଥିବା ଟିକସଦାତାଙ୍କ ଲାଗି ୧୫ ଦିନ ପର୍ଯ୍ୟନ୍ତ ଜିଏସ୍‌ଟିଆର୍ ୩ବି ଫର୍ମରେ ରିଟର୍ନ ଦାଖଲ କ୍ଷେତ୍ରରେ ଲେଟ୍ ଫିଁକୁ ଛାଡ଼ କରାଯାଇଛି। ଅର୍ଥାତ ସେମାନେ ଧାର୍ଯ୍ୟ ତାରିଖର ୧୫ ଦିନ ପର୍ଯ୍ୟନ୍ତ ଏହି ସୁବିଧା ପାଇବେ। ମାର୍ଚ୍ଚ ଏବଂ ଏପ୍ରିଲ ମାସର ଟିକସ ଦାଖଲ ଲାଗି ଏହି ସୁବିଧା କରାଯାଇଛି। ବାର୍ଷିକ କାରବାର ୫ କୋଟି ଟଙ୍କା ମଧ୍ୟରେ ରହିଥିଲେ ଜିଏସ୍‌ଟିଆର୍ ୩ବି ଫର୍ମରେ ରିଟର୍ନ ଦାଖଲ ସମୟ ଧାର୍ଯ୍ୟ ଶେଷ ତାରିଖଠାରୁ ୧୫ ଦିନ ଅଧିକ ବଢାଯାଇଛି। ଏହା ମାର୍ଚ୍ଚ ଏବଂ ଏପ୍ରିଲ ୨୦୨୧ ଟିକସ ସୀମା ପାଇଁ ଉଦ୍ଦିଷ୍ଟ। ସେହିଭଳି ମାସିକ ରିଟର୍ନ ଦାଖଲ କରୁଥିବା ଟିକସଦାତା ଏହି ସୁବିଧା ଜାନୁୟାରୀ–ମାର୍ଚ୍ଚ ୨୦୨୧ କ୍ୟୁଆର୍‌ଏମ୍‌ପି ସ୍କିମର ଟିକସଦାତା ଏପ୍ରିଲ ମାସ ପାଇଁ ନେଇପାରିବେ।

# ବିଗ୍ ବଜାରର ବିଗ୍ ଅଫର




ଭୁବନେଶ୍ୱର,୨।୫

ବିଗ୍‌ବଜାର ପକ୍ଷରୁ ବିଗ୍ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅଫର ମଇ ୧ରୁ ୯ ପର୍ଯ୍ୟନ୍ତ ସାରା ଦେଶରେ ଏହାର ସମସ୍ତ ଷ୍ଟୋରରେ ଉପଲବ୍ଧ ରହିବ। ଅଫର ଜରିଆରେ ଉପଭୋକ୍ତାଙ୍କୁ ପ୍ରତି ୨୦୦୦ ଟଙ୍କାର କ୍ରୟ ଉପରେ ୩୦୦ ଟଙ୍କାର କ୍ୟାଶବ୍ୟାକ ସହିତ ମାଗଣା ହୋମ ଡେଲିଭରିର ସୁବିଧା ସମ୍ପୃକ୍ତ ଷ୍ଟୋର ପକ୍ଷରୁ ଯୋଗାଇ ଦିଆଯାଉଛି। ସେହିଭଳି ଶପ ଡଟ ବିଗବଜାର ଡଟ କମରେ ଅନ୍‌ଲାଇନ ଅର୍ଡର କଲେ ପ୍ରଥମ ଅର୍ଡରରେ ୧୦୦ ଟଙ୍କାର କ୍ୟାଶବ୍ୟାକ ଉପଭୋକ୍ତାଙ୍କୁ ମିଳିବ ବୋଲି ଜଣାପଡିଛି। ସେହିପରି ଏହି ଅଫର ଅବସରରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଡେବିଟ ଏବଂ କ୍ରେଡିଟ କାର୍ଡରେ ଶପିଂ କଲେ ଅତିରିକ୍ତ ୫% ରିହାତି ସୁବିଧା ଗ୍ରାହକଙ୍କୁ ଷ୍ଟୋର ପକ୍ଷରୁ ମିଳିବ । ଅନ୍ୟପକ୍ଷରେ ବିଗ୍‌ବଜାର ଷ୍ଟୋରରୁ କାରବାର କଲେ ଗ୍ରାହକ ୩୦୦ ଟଙ୍କାର କ୍ୟାଶବ୍ୟାକ ସେମାନଙ୍କ ଫ୍ୟୁଚର ପେ ୱାଲେଟ ଜରିଆରେ ପାଇବେ। ପ୍ରତି ମାସରେ ୧୦୦ ଟଙ୍କା କରି ୩ ମାସରେ ୩୦୦ ଟଙ୍କା ଗ୍ରାହକଙ୍କୁ ଦିଆଯିବ ବୋଲି ସୂଚନା ମିଳିଛି।

# ବ୍ୟାଙ୍କିଙ୍ଗ୍ ଉଦ୍ୟୋଗ ମହଙ୍ଗା ଭତ୍ତା ୨୫.୬୯%

ଭୁବନେଶ୍ୱର,୨।୫

ଦେଶର ଶିଳ୍ପ ଶ୍ରମିକଙ୍କ ପାଇଁ ସର୍ବଭାରତୀୟ ଖାଉଟି ମୂଲ୍ୟସୂଚୀ ନିକଟରେ ପ୍ରକାଶ ପାଇଛି। ଉକ୍ତ ସୂଚୀ ଅନୁସାରେ ୨୦୨୧ ଫେବୃୟାରୀରେ ଏହା ୧୧୯ ପଏଣ୍ଟ ରହିଥିଲା ; ଯାହା ୨୦୨୧ ମାର୍ଚ୍ଚରେ ୦.୬ ପଏଣ୍ଟ ବୃଦ୍ଧି ପାଇ ୧୧୯.୬ ପଏଣ୍ଟରେ ରହିଛି।

ସେହିଭଳି ତାଳଚେର ଓ ଅନୁଗୋଳରେ ଏହା ୧୨୬.୪ ପଏଣ୍ଟରେ ରହିଥିବା ବେଳେ ମାର୍ଚ୍ଚରେ ଏହା ଅପରିବର୍ତ୍ତିତ ରହିଛି। ସେହିପରି କଟକରେ ଏହା ୧୨୬.୩ ଥିଲା ବେଳେ ୦.୧ ପଏଣ୍ଟ ବଢି ମାର୍ଚ୍ଚରେ ୧୨୬.୪ ପଏଣ୍ଟରେ ପହଞ୍ଚିଛି। କେନ୍ଦୁଝରରେ ମଧ୍ୟ ଏହା ୧୨୫.୫ ପଏଣ୍ଟରେ ରହିଥିଲା ; ଯାହା ମାର୍ଚ୍ଚରେ ୦.୬ ପଏଣ୍ଟ କମି ୧୨୪.୯ ପଏଣ୍ଟ ହୋଇଛି।

ଅନ୍ୟପକ୍ଷରେ ବ୍ୟାଙ୍କ କର୍ମଚାରୀମାନେ ବର୍ତ୍ତମାନ ୮୫.୨% ଭତ୍ତା ପାଉଛନ୍ତି। ଏହି ଭତ୍ତା ୦.୭% କମି ୮୪.୫% ସଂଶୋଧିତ ହାରରେ ପ୍ରାୟ ୨୫.୬୯% ମଇ ପହିଲାଠାରୁ ମିଳିବ ବୋଲି ଜଣାପଡ଼ିଛି। ବୀମା କର୍ମଚାରୀମାନେ ବର୍ତ୍ତମାନ ସମୟରେ ୭୮.୪% ପାଉଥିବା ବେଳେ ଏହା ୦.୯% ହ୍ରାସ ପାଇଛି। ଫଳରେ ସେମାନେ ୭୭.୫% ଚଳିତ ମାସ ୧ ତାରିଖରୁ ପାଇବେ ବୋଲି ସୂଚନା ମିଳିଛି। ରାଷ୍ଟ୍ରାୟତ୍ତ ଉଦ୍ୟୋଗର କର୍ମଚାରୀମାନେ ମଧ୍ୟ ବର୍ତ୍ତମାନ ୧୭୦.୫୩% ଭତ୍ତା ପାଉଛନ୍ତି। ବର୍ତ୍ତମାନ ଏହା ୨.୧୩% ବୃଦ୍ଧି ପାଇ ୧୭୨.୬୬%ରେ ରହିଛି ; ଯାହା ଜୁଲାଇ ପହିଲାରୁ ମିଳିବ ବୋଲି ଜଣାପଡିଛି। ସରକାରୀ କର୍ମଚାରୀ ବର୍ତ୍ତମାନ ୧୭% ଭତ୍ତା ପାଉଛନ୍ତି। ଏବେ ଏହା ୧୪% ବୃଦ୍ଧି ପାଇଛି। ଏହି ବୃଦ୍ଧି ରାଶିକୁ ସେମାନଙ୍କୁ ୨୦୨୦ ଜାନୁୟାରୀରେ ୪%, ୨୦୨୦ ଜୁଲାଇରୁ ୩% ଏବଂ ୨୦୨୧ ଜାନୁୟାରୀରେ ୪% ଏବଂ ଜୁଲାଇରେ ଅବଶିଷ୍ଟ ୩% ମିଳିବ ବୋଲି ଜଣାପଡିଛି।

## ୯, ୬୫୯ କୋଟି ଉଠାଇ ନେଲେ ବିଦେଶୀ ନିବେଶକ

ନୂଆଦିଲ୍ଲୀ,୨।୫

ଫରେନ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ)ମାନେ ଏପ୍ରିଲରେ ପୁଞ୍ଜି ବଜାରରୁ ୯,୬୫୯ କୋଟି ଟଙ୍କା ଉଠାଇ ନେଇଛନ୍ତି। କରୋନାର ଦ୍ୱିତୀୟ ଲହର ପ୍ରଭାବରେ ନିବେଶକ ଆଶଙ୍କାରେ ରହିବା ଯୋଗୁ ଏଭଳି ସ୍ଥିତି ଉପୁଜିଛି। ବଜାର ସ୍ଥିତି ବିଗିଡିଲେ ନିବେଶକମାନେ ପୁଞ୍ଜି ବଜାରରୁ ଉଠାଣ ଧାରା ଜାରି ରଖିବେ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। ୨୦୨୦ ସେପ୍ଟେମ୍ବର ପରଠାରୁ ନିବେଶକମାନେ ପ୍ରଥମଥର ଲାଗି ଏଭଳି ଉଠାଣ କରିଛନ୍ତି। ଏହି ସମୟରେ ନିବେଶକ ୭, ୭୮୨ କୋଟି ଟଙ୍କା ଉଠାଇ ନେଇଥିଲେ।

# ୧୦୦୦ ଶଯ୍ୟାର କୋଭିଡ୍ ହସ୍ପିଟାଲ କରିବ ରିଲାଏନ୍ସ

ମୁମ୍ବାଇ,୨।୫

ରିଲାଏନ୍ସ ଫାଉଣ୍ଡେଶନ ପକ୍ଷରୁ ଗୁଜରାଟର ଜାମନଗରଠାରେ ଅମ୍ଳଜାନ ଯୋଗାଣ ବ୍ୟବସ୍ଥା ରହିଥିବା ୧୦୦୦ ଶଯ୍ୟା ବିଶିଷ୍ଟ କୋଭିଡ ଚିକିତ୍ସାଳୟ ସ୍ଥାପନ କରାଯାଉଛି। ଏଠାରେ ଲୋକମାନଙ୍କୁ ସମସ୍ତ ଚିକିତ୍ସା ସେବା ବିନାମୂଲ୍ୟରେ ଯୋଗାଇ ଦିଆଯିବ। ଏହି କୋଭିଡ୍ ଚିକିତ୍ସାଳୟ ସ୍ଥାପନା ଓ ଏହାର ପରିଚାଳନା ବାବଦ ସମସ୍ତ ଖର୍ଚ୍ଚ ରିଲାଏନ୍ସ ବହନ କରିବ। ଏକ ସପ୍ତାହ ମଧ୍ୟରେ ଜାମନଗରଠାରେ ଥିବା ସରକାରୀ ଦନ୍ତ ଚିକିତ୍ସା ମହାବିଦ୍ୟାଳୟ ଓ ହସ୍ପିଟାଲ ପରିସରରେ ୪୦୦ ଶଯ୍ୟା ବିଶିଷ୍ଟ କୋଭିଡ ଚିକିତ୍ସାଳୟ ସ୍ଥାପନ ଏବଂ କାର୍ଯ୍ୟକ୍ଷମ ହେବ। ଏହାର ପରବର୍ତ୍ତୀ ଦୁଇ ସପ୍ତାହ ମଧ୍ୟରେ ଜାମନଗରର ଅନ୍ୟ ଏକ ସ୍ଥାନରେ ଆଉ ୬୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ଚିକିତ୍ସାଳୟ ସ୍ଥାପନ ଏବଂ କାର୍ଯ୍ୟକ୍ଷମ ହେବ। ଏଥିପାଇଁ ଆବଶ୍ୟକ ମାନବ ସମ୍ବଳ, ଚିକିତ୍ସାଗତ ସହାୟତା, ଉପକରଣ ଏବଂ ଅନ୍ୟାନ୍ୟ ସମସ୍ତ ସାମଗ୍ରୀ ରିଲାଏନ୍ସ ଯୋଗାଇଦେବ। ରିଲାଏନ୍ସ ଫାଉଣ୍ଡେଶନର ପ୍ରତିଷ୍ଠାତା ଓ ଅଧ୍ୟକ୍ଷା ଶ୍ରୀମତୀ ନୀତା ଏମ୍ ଅମ୍ବାନୀ କହିଛନ୍ତି, ଭାରତ କୋଭିଡ୍‌ର ଦ୍ୱିତୀୟ ଲହର ବିରୋଧରେ ଲଢ଼େଇ କରୁଥିବାବେଳେ ଆମେ ଯଥାସମ୍ଭବ ପ୍ରତ୍ୟେକ ଉପାୟରେ ସହାୟତା କରିବାକୁ ପ୍ରତିବଦ୍ଧ।

## ଖେଳ ଖବର

# ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜେତା ଅଶ୍ୱାରୋହୀଙ୍କ ପରଲୋକ



କଲୋନେଲ ଗୁଲାମ ଅହମ୍ମଦ ଖାନ୍

ଜୟପୁର, ୨।୫ (ପି.ଟି.)

ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା କଲୋନେଲ ଗୁଲାମ ଅହମ୍ମଦ ଖାନ୍(ଅବସରପ୍ରାପ୍ତ)ଙ୍କ ଶନିବାର ପୁଣେଠାରେ ପରଲୋକ ହୋଇଯାଇଛି। ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ଗୁଲାମ ମହମ୍ମଦ ୧୯୭୩ରେ ମିଲିଟାରୀ ଏକାଡେମୀରେ ଯୋଗ ଦେଇଥିଲେ। ଏହାର ବର୍ଷକ ପରେ ସେ ଏକାଡେମୀର ଶ୍ରେଷ୍ଠ ଅଶ୍ୱାରୋହୀ ବିବେଚିତ ହୋଇଥିଲେ। ୧୯୮୦ରୁ ୧୯୯୦ ପର୍ଯ୍ୟନ୍ତ ସେ ଏଏସ୍‌ସି ଟିମ୍‌ର ଅଧିନାୟକତ୍ୱ କରିଥିଲେ। ତାଙ୍କ ଟିମ୍ ୬ଥର ଜାତୀୟ ଚାମ୍ପିୟନ ହୋଇଥିଲା। ସେ ୪ଥର ବ୍ୟକ୍ତିଗତ ଜାତୀୟ ଚାମ୍ପିୟନ (ଇଭେଣ୍ଟିଂ) ହୋଇଥିଲେ। ଦିଲ୍ଲୀରେ ୧୯୮୨ରେ ଅନୁଷ୍ଠିତ ଏସିଆନ ଗେମ୍ସ ଇଭେଣ୍ଟିଂ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ଦଳର ସେ ଜଣେ ପ୍ରମୁଖ ସଦସ୍ୟ ଥିଲେ। କଲୋନେଲ ଖାଁ ରାଇଡିଂ ଗୁଡ୍‌ୱିଲ ବ୍ୟକ୍ତିଗତ ବିଭାଗରେ ରୌପ୍ୟ ପଦକ ଲାଭ କରିଥିଲେ। ସିଓଲଠାରେ ଅନୁଷ୍ଠିତ ପରବର୍ତ୍ତୀ ଏସିଆନ ଗେମ୍ସରେ ସେ ଡ୍ରେସେଜ୍ ଓ ଇଭେଣ୍ଟିଂ ଟିମ୍‌ର ସଦସ୍ୟ ଭାବେ ଗୋଟିଏ ଲେଖାଏ ବ୍ରୋଞ୍ଜ ଜିତିଥିଲେ।

## ପୂର୍ବତନ ଫୁଟ୍‌ବଲ ଖେଳାଳିଙ୍କ ଦେହାନ୍ତ



ଡି.ବି. ରଣା

**ଭୁବନେଶ୍ୱର, ୨।୫(କ୍ରୀଡ଼ା ପ୍ରତିନିଧି):** ପୂର୍ବତନ ଜାତୀୟ ଫୁଟ୍‌ବଲ ଖେଳାଳି ଡି.ବି. ରଣାଙ୍କର ରବିବାର ସକାଳ ୯ଟାରେ ନେପାଳରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ହୋଇଥିଲା। ସେ ଜଣେ ଭଲ ଗୋଲକିପର ଭାବେ ପରିଚିତ ଥିଲେ। ଓଡ଼ିଶା ପକ୍ଷରୁ ଜାତୀୟ ଫୁଟ୍‌ବଲ ସନ୍ତୋଷ ଟ୍ରଫି ସମେତ ସମ୍ମାନଜନକ ଡୁରାଣ୍ଡ କପ୍ ଏବଂ ଆଇଏଫ୍‌ଏ ଶିଲ୍ଡ ପ୍ରତିଯୋଗିତାରେ ସେ ଖେଳିଥିଲେ। ତାଙ୍କ ମୃତ୍ୟୁରେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇଛି।

# ନ୍ୟୁଜିଲାଣ୍ଡ ବିପକ୍ଷରୁ ଭାରତର ଅଭିଯାନ ଆରମ୍ଭ

ବେଙ୍ଗାଲୁରୁ,୨।୫(ପି.ଟି.)



ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ତୃତୀୟ ସଂସ୍କରଣରେ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ଆସନ୍ତା ବର୍ଷ ଫେବୃୟାରୀ ୫ ତାରିଖରେ ଭାରତ ତା'ର ପ୍ରଥମ ମ୍ୟାଚ୍ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବ ବୋଲି ଏଫ୍‌ଆଇଏଚ୍ ତରଫରୁ ସୂଚନା ଦିଆଯାଇଛି। ଭାରତ ମଧ୍ୟ ଫେବୃୟାରୀରେ ଅଷ୍ଟ୍ରେଲିଆ ଓ ସ୍ପେନକୁ ଭେଟିବ। ଭାରତ ତା'ର ୫ଟି ମ୍ୟାଚ୍ ବିଦେଶରେ ଖେଳିବ। ଏହାପରେ ଭାରତ ଘରୋଇ ପରିବେଶରେ ଜର୍ମାନୀ ଓ ଆର୍ଜେଣ୍ଟିନା ବିପକ୍ଷରେ ଅବତୀର୍ଣ୍ଣ ହେବ।

ନ୍ୟୁଜିଲାଣ୍ଡକୁ ଭେଟିବା ପରେ ଭାରତ ଅଷ୍ଟ୍ରେଲିଆ ବିପକ୍ଷରେ ଫେବୃୟାରୀ ୧୨ ଓ ୧୩ରେ ମ୍ୟାଚ୍ ଖେଳିବ। ସେହିପରି ଫେବୃୟାରୀ ୨୬ ଓ ୨୭ ତାରିଖରେ ଭାରତ ସ୍ପେନ୍‌କୁ ଭେଟିବ। ଘରୋଇ ପରିବେଶରେ ଭାରତ ମାର୍ଚ୍ଚ ୧୨ ଓ ୧୩ ତାରିଖରେ ଜର୍ମାନୀକୁ ଓ ପରେ ମାର୍ଚ୍ଚ ୧୯ ଓ ୨୦ ତାରିଖରେ ଆର୍ଜେଣ୍ଟିନାକୁ ଭେଟିବ। ଏହାପରେ ଏପ୍ରିଲ୍‌ରେ ଭାରତ ନିଜ ମାଟିରେ ୨ ଓ ୩ ତାରିଖରେ ଇଂଲଣ୍ଡକୁ ଭେଟିବ। ସେହିପରି ଜୁନ୍ ୧୧ ଓ ୧୨ ତାରିଖରେ ଭାରତ ଆୱେ ଗେମ୍ସରେ ବେଲ୍‌ଜିୟମକୁ ଓ ଜୁନ୍ ୧୮ ଓ ୧୯ ତାରିଖରେ ନେଦରଲାଣ୍ଡ୍ସକୁ ଭେଟିବ। ୨୦୨୨ ସେସନ ଭାରତ ପାଇଁ ବ୍ୟସ୍ତବହୁଳ ରହିବ।

ପ୍ରସ୍ତୁତିରେ ଏହି ମ୍ୟାଚଗୁଡିକ ସହାୟ ହେବ। ତେବେ ବର୍ତ୍ତମାନ ଆମେ ଟୋକିଓ ଅଲିମ୍ପିକ୍ସରେ କିପରି ଭଲ ପ୍ରଦର୍ଶନ କରିବୁ ତାହା ଉପରେ ମନୋନିବେଶ କରୁଛୁ ବୋଲି ଭାରତୀୟ ଅଧିନାୟକ

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍**

ମନପ୍ରୀତ ସିଂ କହିଛନ୍ତି। ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆକୁ ସେମାନଙ୍କ ଘରୋଇ ପରିବେଶରେ ଖେଳିବା ନିଶ୍ଚିତ ଭାବେ ଏକ ବଡ଼ ଚ୍ୟାଲେଞ୍ଜ। ବିଶ୍ୱର କେତୋଟି ଶ୍ରେଷ୍ଠ ଦଳ ବିପକ୍ଷରେ ଖେଳିବାକୁ ଦଳ ଉତ୍ସାହ ପ୍ରକଟ କରିଛି ବୋଲି ଭାରତୀୟ କୋଚ୍ ଗ୍ରାହମ ରିଡ୍ କହିଛନ୍ତି। ଉଲ୍ଲେଖଥାଉ କି ପ୍ରୋ ଲିଗ୍‌ର ଦ୍ୱିତୀୟ ସଂସ୍କରଣ (୨୦୨୦–୨୧) ଚାଲୁ ରହିଥିବା ବେଳେ ଭାରତ ଚଳିତ ମାସ ଶେଷ ଆଡକୁ ସ୍ପେନ୍ ଓ ଜର୍ମାନୀକୁ ଭେଟିବାର କାର୍ଯ୍ୟକ୍ରମ ରହିଛି।

# ରାହୁଲଙ୍କୁ ଆପେଣ୍ଡିସାଇଟ୍ସ

**ଅହମଦାବାଦ, ୨।୫ (ପି.ଟି.):** ଆଇପିଏଲ୍ ଫ୍ରାଞ୍ଚାଇଜ୍ ପଞ୍ଜାବ କିଙ୍ଗ୍ସ ଅଧିନାୟକ ଲୋକେଶ ରାହୁଲଙ୍କୁ ଆପେଣ୍ଡିସାଇଟ୍ସରେ ପୀଡ଼ିତ ହୋଇଛନ୍ତି। ଅସ୍ତ୍ରୋପଚାର ପାଇଁ ସେ ବମ୍ବେ ଗସ୍ତ କରିଛନ୍ତି। ଅତିକମ୍‌ରେ ସେ ଦୁଇ ସପ୍ତାହ ଖେଳରୁ ଦୂରେଇ ରହିବେ, ଏପରିକି ଟୁର୍ନାମେଣ୍ଟରୁ ଓହରିଯାଇପାରନ୍ତି। ମୟଙ୍କ ଅଗ୍ରୱାଲ ରବିବାରଠାରୁ ଦଳର କାମଚଳା ଅଧିନାୟକ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶନିବାର ରାତିରେ ରାହୁଲ ତାଙ୍କ ତଳିପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ଡାକ୍ତରୀ ପରୀକ୍ଷା ପରେ ସେ ଆପେଣ୍ଡିସାଇଟ୍ସରେ ପୀଡ଼ିତ ଥିବା ଜଣାପଡ଼ିଥିଲା। ଅସ୍ତ୍ରୋପଚାର ପାଇଁ ସେ ମୁମ୍ବାଇସ୍ଥିତ ବ୍ରିଚ୍‌କାଣ୍ଡି ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ଅସ୍ତ୍ରୋପଚାର ପରେ ତାଙ୍କୁ ଏକ ଜୈବ ସୁରକ୍ଷିତ ପରିବେଶରେ ରଖାଯିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସୂତ୍ରରୁ ପ୍ରକାଶ। ରାହୁଲଙ୍କ ଅନୁପସ୍ଥିତି ପଞ୍ଜାବ କିଙ୍ଗ୍ସ ପାଇଁ ଶକ୍ତ ଧକ୍କା ସଦୃଶ ହୋଇଛି। ଚଳିତ ଆଇପିଏଲ୍‌ରେ ସେ ୬୬.୨୦ ଆଭରେଜରେ ଇତିମଧ୍ୟରେ ୩୩୧ ରନ ସଂଗ୍ରହ କରିସାରିଛନ୍ତି। ତାଙ୍କ ସାଥୀ ତଥା କର୍ନାଟକ ଟିମ୍‌ମେଟ୍ ମୟଙ୍କ ଅଗ୍ରୱାଲ ଅତିକମ୍‌ରେ ପରବର୍ତ୍ତୀ ୩ଟି ଗେମ୍ ପାଇଁ ଦଳର ନେତୃତ୍ୱ ନେବେ। ସୂଚନାଯୋଗ୍ୟ, ଅଗ୍ରୱାଲ କୋଲକାତା ନାଇଟ୍ ରାଇଡର୍ସ ବିପକ୍ଷ ମ୍ୟାଚରେ ଆଘାତପ୍ରାପ୍ତ ହୋଇଥିଲେ। ଏଥିପାଇଁ ସେ ତାଙ୍କ ଦଳର ଗତ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିପକ୍ଷ ମ୍ୟାଚ ଖେଳିପାରି ନ ଥିଲେ। ବର୍ତ୍ତମାନ କିନ୍ତୁ ସେ ସମ୍ପୂର୍ଣ୍ଣ ଫିଟ୍ ଅଛନ୍ତି।




ଲୋକେଶ ରାହୁଲ

# ଶ୍ରୀଲଙ୍କା ସ୍ଥିତି ସୁଦୃଢ଼

**ପାଲିକେଲ (ଶ୍ରୀଲଙ୍କା), ୨।୫:** ପ୍ରବୀଣ ଜୟବିକ୍ରମ ଓ ରମେଶ ମେଣ୍ଡିସଙ୍କ ଚମତ୍କାର ବୋଲିଂ ଯୋଗୁ ଶ୍ରୀଲଙ୍କା ସ୍ଥାନୀୟ ପାଲିକେଲ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଚାଲିଥିବା ବାଂଲାଦେଶ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ନିଜ ସ୍ଥିତିକୁ ସୁଦୃଢ କରିନେଇଛି। ଶ୍ରୀଲଙ୍କା ଦ୍ୱାରା ଧାର୍ଯ୍ୟ ୪୩୭ ରନର ବିଜୟ ଲକ୍ଷ୍ୟ ପିଛା କରିବାକୁ ଯାଇ ଭ୍ରମଣକାରୀ ଦଳ ରବିବାର ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ୫ଉଇକେଟ ବିନିମୟରେ ୧୭୭ ରନ କରିଛି। ସୋମବାର ମ୍ୟାଚର ଅନ୍ତିମ ଦିବସ ଥିବାବେଳେ ଦଳ ବିଜୟଠାରୁ ଆହୁରି ୨୬୦ ରନ ପଛରେ ରହିଛି। କଷ୍ଟସାଧ୍ୟ ବିଜୟ ଲକ୍ଷ୍ୟ ହୋଇଥିଲେ ମଧ୍ୟ ବାଂଲାଦେଶ ମ୍ୟାଚ ଜିତିବା ଲକ୍ଷ୍ୟ ନେଇ ଖେଳିଥିଲା। ଓପନର ତାମିମ ଇକବାଲ ଆକ୍ରମଣାତ୍ମକ ଖେଳିଥିଲେ। କିନ୍ତୁ ସେ ମାତ୍ର ୨୪ ରନ କରି ମେଣ୍ଡିସଙ୍କ ବଲ୍‌ରେ ଡିକ୍‌ୱେଲାଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଯାଇଥିଲେ। ପରେ ନାଜମୁଲ ସାଣ୍ଟୋ ଓ ସୈଫ୍ ହସନ ସକାରାତ୍ମକ ମନୋଭାବ ନେଇ ଖେଳିଥିଲେ ମଧ୍ୟ ଉଭୟଙ୍କୁ ସମଦଶା ଭୋଗିବାକୁ ପଡ଼ିଥିଲା। ଉଭୟେ ଜୟବିକ୍ରମଙ୍କ ବୋଲିଂର ଶିକାର ହୋଇଥିଲେ। ମୋମିନୁଲ ହକ୍ (୩୨) ଓ ମୁସ୍‌ଫିକର ରହିମ (୪୦) ବାଂଲାଦେଶ ସ୍କୋରକୁ ଆଗେଇନେବାକୁ ଚେଷ୍ଟା କରିଥିଲେ। ମାତ୍ର ମେଣ୍ଡିସ ସେମାନଙ୍କୁ ଆଉଟ କରି ମ୍ୟାଚକୁ ଶ୍ରୀଲଙ୍କା ସପକ୍ଷକୁ ନେଇ ଆସିଥିଲେ। ପୂର୍ବରୁ ପୂର୍ବଦିନର ଅସମାପ୍ତ ସ୍କୋର ୧୭/୨ରୁ ଖେଳ ଆରମ୍ଭ କରିଥିବା ଘରୋଇ ଦଳ ଏହାର ଦ୍ୱିତୀୟ ଇନିଂସ ୯ ଉଇକେଟ ବିନିମୟରେ ୧୯୪ରନ କରି ଘୋଷଣା କରିଥିଲା। ଟପ୍ ସ୍କୋରର ଦିମୁଥ କରୁଣାରତ୍ନେ ୬୬ ରନ କରିଥିଲେ। ବାଂଲାଦେଶର ସଫଳ ବୋଲର ତାଇଜୁଲ ଇସ୍‌ଲାମ ତାଙ୍କ ୧୯.୨ ଓଭରରେ ୭୨ରନ ଦେଇ ୫ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ପ୍ରଥମ ଇନିଂସ:୪୯୩/୭, ଘୋଷଣା ବାଂଲାଦେଶ ପ୍ରଥମ ଇନିଂସ: ୨୫୧ । ଶ୍ରୀଲଙ୍କା ଦ୍ୱିତୀୟ ଇନିଂସ: ୧୯୪/୯, ଘୋଷଣା (କରୁଣାରତ୍ନେ–୬୬, ଧନଞ୍ଜୟ ଡି'ସିଲ୍‌ଭା–୪୧, ତାଇଜୁଲ ଇସ୍‌ଲାମ–୫/୭୨)। ବାଂଲାଦେଶ ଦ୍ୱିତୀୟ ଇନିଂସ: ୧୭୭/୫ (ମୁସ୍‌ଫିକର ରହିମ–୪୦ ; ରମେଶ ମେଣ୍ଡିସ–୩/୮୬, ପ୍ରବୀଣ ଜୟବିକ୍ରମ–୨/୫୮)।

# 'ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ବ୍ୟାୟାମ ଜରୁରୀ'

**ଜିମ୍ ଖୋଲା ରଖିବାକୁ ଅନୁରୋଧ କଲେ ବିଶିଷ୍ଟ ଫିଟ୍‌ନେସ କୋଚ୍ ହରିପ୍ରସାଦ**

**ଭୁବନେଶ୍ୱର, ୨।୫(ସ୍ପୋର୍ଟ୍ସ ବ୍ୟୁରୋ):** କୋଭିଡ୍–୧୯ ମହାମାରୀର ଦ୍ୱିତୀୟ ଲହରକୁ ନିୟନ୍ତ୍ରଣ କରିବା ପାଇଁ ରାଜ୍ୟ ସରକାର ଚଳିତ ମାସ ୫ ତାରିଖରୁ ଓଡ଼ିଶାରେ ଲକ୍‌ଡାଉନ୍ ଲାଗୁ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସମୟରେ ଜିମ୍ନାସିୟମ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ମାତ୍ର ଲୋକଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଏହା ଖୋଲା ରଖିବାକୁ ବିଶିଷ୍ଟ ଫିଟ୍‌ନେସ କୋଚ ଡ. ହରିପ୍ରସାଦ ପଟ୍ଟନାୟକ ଅନୁରୋଧ କରିଛନ୍ତି। ତାଙ୍କ କହିବା ଅନୁସାରେ ନିୟମିତ ବ୍ୟାୟାମଶାଳାରେ ବ୍ୟାୟାମ କରୁଥିବା ବ୍ୟକ୍ତିମାନଙ୍କର ରକ୍ତ ଶର୍କରା, ଉଚ୍ଚ ରକ୍ତଚାପ, ମାନସିକ ଚାପ କମ୍ ହେଉଥିବା ବେଳେ ଫୁସ୍‌ଫୁସ ଓ ହୃଦୟର ଶକ୍ତି, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ। ଏହା ସହିତ ଅନ୍ତଃସ୍ରାବ ପଦ୍ଧତିର ଉପଯୁକ୍ତ ଭାରସାମ୍ୟ ରହିଥାଏ। ଫଳରେ ସଂକ୍ରମଣକୁ ପ୍ରତିହତ କରିବା ସହ ଏଥିରେ ପୀଡିତ ହେଲେ ସହଜରେ ଆରୋଗ୍ୟ ଲାଭ ହୋଇଥାଏ। ବିଗତ ଦିନ ଏବଂ ଚଳିତ ବର୍ଷର ପରିସ୍ଥିତିକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ନିୟମିତ ଓ ଉପଯୁକ୍ତ ବ୍ୟାୟାମ କରୁଥିବା ବ୍ୟକ୍ତିମାନଙ୍କଠାରେ ସଂକ୍ରମଣ ଅତି ନଗଣ୍ୟ। ଏହାଛଡା କ୍ରୀଡ଼ାକୁ ନିଜର କ୍ୟାରିୟର ବନାଇଥିବା ବ୍ୟକ୍ତିମାନଙ୍କୁ ନିଜର କ୍ରୀଡ଼ାଦକ୍ଷତା ବଜାୟ ରଖିବା ନିମନ୍ତେ ଅତିକମ୍‌ରେ ଜିମ୍‌ରେ ବ୍ୟାୟାମ ଆବଶ୍ୟକ। ସେଥିପାଇଁ ଜିମ୍‌ଗୁଡ଼ିକୁ ସରକାର ନିର୍ଦ୍ଦିଷ୍ଟ ନିୟମାବଳୀ ମଧ୍ୟରେ ଖୋଲା ରଖିବାକୁ ଅନୁମତି ଦିଅନ୍ତୁ ବୋଲି ହରିପ୍ରସାଦ ଅନୁରୋଧ କରିଛନ୍ତି।

# ହାମିଲଟନ ଜିତିଲେ ପର୍ତ୍ତୁଗିଜ୍ ଗ୍ରାଁପ୍ରି

**ପୋର୍ଟିମାଓ, ୨।୫ (ପି.ଟି.):** ଫର୍ମୁଲାୱାନ ଚାମ୍ପିୟନ ଲୁଇସ୍ ହାମିଲଟନ ପର୍ତ୍ତୁଗିଜ୍ ଗ୍ରାଁପ୍ରି ଜିତିଛନ୍ତି। ଏହା ତାଙ୍କ କ୍ୟାରିୟରର ୯୭ ତମ ଟାଇଟଲ। ଚାମ୍ପିୟନଶିପ୍ ଟେବୁଲରେ ମାକ୍ସ ଭର୍ଷ୍ଟାପେନ୍‌ଙ୍କଠାରୁ ତାଙ୍କ ପଏଣ୍ଟ ବ୍ୟବଧାନ ୮କୁ ବୃଦ୍ଧି ପାଇଛି। ବୋଟାସ କିନ୍ତୁ ରବିବାର ରେସ୍‌ରେ ରେଡ୍‌ବୁଲ୍‌ର ଭର୍ଷ୍ଟାପେନ୍‌ଙ୍କ ପଛକୁ ତୃତୀୟ ହୋଇଥିଲେ। ସମସ୍ତ ତିନୋଟି ରେସ୍‌ରେ ହାମିଲଟନ ଓ ଭର୍ଷ୍ଟାପେନ୍ ଶ୍ରେଷ୍ଠ ଦୁଇ ବିବେଚିତ ହୋଇଥିଲେ। ହାମିଲଟନ ତନ୍ମଧ୍ୟରୁ ଦୁଇଟି ବିଜୟ ଲାଭ କରିଥିଲେ। ପର୍ତ୍ତୁଗିଜ୍ ଗ୍ରାଁ ପ୍ରିରେ ଯଥାକ୍ରମେ ୪ର୍ଥରୁ ୧୦ମ ସ୍ଥାନ ଅଧିକାର କରିଥିବା ଅନ୍ୟ ଡ୍ରାଇଭରମାନେ ହେଲେ ସର୍ଜିଓ ପେରେଜ(ରେଡ୍‌ବୁଲ୍), ଲାଣ୍ଡୋ ନୋରିସ(ମ୍ୟାକ୍‌ଲରେନ), ଚାର୍ଲ୍ସ ଲେକ୍‌ଲେକ୍ (ଫେରାରି), ଏଷ୍ଟିବାନ ଓକନ (ଆଲପାଇନ୍), ଫର୍ନାଣ୍ଡୋ ଆଲୋଁସୋ(ଆଲପାଇନ୍), ଡାନିଏଲ ରିକାର୍ଡୋ(ମ୍ୟାକଲରେନ) ଓ ପିଏରେ ଗ୍ୟାସ୍‌ଲି(ଆଲ୍‌ଫା ଟାଉରି)।

**ହରିୟାଣାରେ ଲକ୍‌ଡାଉନ**
ସଂକ୍ରମଣ ବୃଦ୍ଧିରେ ରୋକ ଲଗାଇବା ପାଇଁ ହରିୟାଣାରେ ମେ ୩ରୁ ସପ୍ତାହେ ପର୍ଯ୍ୟନ୍ତ ଲକ୍‌ଡାଉନ ଘୋଷଣା କରାଯାଇଛି। ଏ ନେଇ ହରିୟାଣା ଗୃହ ମନ୍ତ୍ରୀ ଅନିଲ ଭିଜ୍ ସୂଚନା ଦେଇଛନ୍ତି। ପୂର୍ବରୁ ରାଜ୍ୟର ୯ଟି ଜିଲାରେ ସପ୍ତାହନ୍ତ କର୍ଫ୍ୟୁ ଲାଗୁ କରାଯାଇଥିଲା। ଶନିବାର ଏହି ରାଜ୍ୟରେ ୧୨୫ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବାବେଳେ ୧୩,୫୮୮ ପଜିଟିଭ୍ ଚିହ୍ନଟ ହୋଇଛନ୍ତି।



# ସାମାନ୍ୟ କମିଲା ସଂକ୍ରମଣ


ରାଜସ୍ଥାନର ଆଜ୍‌ମେରଠାରେ ଜଣେ ଗୁରୁତର କରୋନା ରୋଗୀଙ୍କୁ ଅଟୋରେ ଅକ୍ସିଜେନ ଲଗାଯାଇ ଡାକ୍ତରଖାନା ନିଆଯାଉଛି।

- ୩.୯୨ ଲକ୍ଷ ନୂଆ ଆକ୍ରାନ୍ତ, ୩,୬୮୯ ମୃତ
- ଚିନ୍ତା ବଢ଼ାଇଲା ଆରୋଗ୍ୟ ହାର ହ୍ରାସ
- ସକ୍ରିୟ ମାମଲା ୩୩ ଲକ୍ଷ ପାର୍

**ନୂଆଦିଲ୍ଲୀ, ୨।୫**

ଗତ ୨୪ ଘଣ୍ଟାରେ ଭାରତରେ ୩,୯୨,୪୮୮ ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଶନିବାର ସୁଦ୍ଧା କରୋନା ପଜିଟିଭ୍ କେସ୍ ନୂଆ କରି ୪ ଲକ୍ଷ ଟପିଥିଲା। ତେବେ ରବିବାର ୯,୫୦୦ ମାମଲା କମ୍ ରହିଛି। ସଂକ୍ରମିତ ହୋଇଥିବା ୩,୬୮୯ ଜଣଙ୍କ ରବିବାର ମୃତ୍ୟୁ ଘଟିଛି। ଏହାକୁ ମିଶାଇ ଭାରତରେ ମୋଟ ମୃତ୍ୟୁ ସଂଖ୍ୟା ୨,୧୫,୫୪୨କୁ ବୃଦ୍ଧି ପାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଦେଶରେ ସକ୍ରିୟ ମାମଲା ୩୩ ଲକ୍ଷ ୪୯ ହଜାର ୬୪୪କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଆରୋଗ୍ୟ ହାର୍ ହ୍ରାସ ପାଇ ୮୧.୭୭ ପ୍ରତିଶତରେ ପହଞ୍ଚିବା ଚିନ୍ତା ବଢ଼ାଇଛି। ଏପ୍ରିଲ ମାସ ସାରା ସଂକ୍ରମଣ କ୍ରମାଗତ ବଢ଼ିଚାଲିଥିଲା। ମାସ ଆରମ୍ଭରେ ଦେଶରେ ଦୈନିକ ସଂକ୍ରମଣ ଲକ୍ଷେକୁ ବୃଦ୍ଧି ପାଇଥିବାବେଳେ ଶେଷବେଳକୁ ତାହା ୪ ଲକ୍ଷ ଟପିଯାଇଥିଲା। ମେ ମାସ ଆରମ୍ଭରେ ଏଥିରେ ସାମାନ୍ୟ ହ୍ରାସ ପାଇଛି। ସର୍ବାଧିକ ପ୍ରଭାବିତ ମହାରାଷ୍ଟ୍ରରେ ମଧ୍ୟ ପଜିଟିଭ୍ ହାର୍ କମିଛି। ୧୦ ଦିନ ହେଲା ଏହି ରାଜ୍ୟରେ ସକ୍ରିୟ ମାମଲାରେ କ୍ରମାଗତ ହ୍ରାସ ଦେଖିବାକୁ ମିଳିଛି।

## ସମସ୍ତଙ୍କୁ ମିଳୁ ମାଗଣା ଟିକା

**ସରକାରଙ୍କୁ ବିରୋଧୀଙ୍କ ଅନୁରୋଧ**

**ନୂଆଦିଲ୍ଲୀ, ୨।୫(ପି.ଟି.):** କୋଭିଡ୍-୧୯ ସଂକ୍ରମଣ ଅଭୂତପୂର୍ବ ଭାବେ ମାଡ଼ିଚାଲିଥିବାରୁ ଏହାକୁ ଦୃଷ୍ଟିରେ ରଖି ସାରା ଦେଶରେ ମାଗଣା ଗଣଟିକାକରଣ ଅଭିଯାନ ଆରମ୍ଭ କରିବା ଲାଗି ରବିବାର ୧୩ଟି ବିରୋଧୀ ଦଳର ନେତା କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ସମସ୍ତ ହସ୍ପିଟାଲ, ସ୍ୱାସ୍ଥ୍ୟକେନ୍ଦ୍ରକୁ ଅବିରତ ଅକ୍ସିଜେନ ଯୋଗାଣ ସୁନିଶ୍ଚିତ କରିବା ଲାଗି ସେମାନେ ଏକ ମିଳିତ ବିବୃତିରେ ଆହ୍ୱାନ ଦେଇଛନ୍ତି। ସରକାରଙ୍କୁ ଅନୁରୋଧ କରିଥିବା ନେତାମାନଙ୍କ ମଧ୍ୟରେ ଅଛନ୍ତି କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ, ଜେଡିଏସ୍ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍.ଡି. ଦେବେଗୌଡ଼ା, ଏନ୍‌ସିପି ନେତା ଶରଦ ପାୱାର, ଶିବସେନା ଅଧକ୍ଷ ଉଦ୍ଧବ ଠାକ୍‌ରେ ଏବଂ ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ। ଏଥିରେ ସ୍ୱାକ୍ଷର କରିଥିବା ଅନ୍ୟ ନେତାମାନେ ହେଲେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ, ଡିଏମ୍‌କେ ଅଧକ୍ଷ ଏମ୍.କେ. ଷ୍ଟାଲିନ, ବିଏସ୍‌ପି ସୁପ୍ରିମୋ ମାୟାବତୀ, ନ୍ୟାଶନାଲ କନ୍‌ଫରେନ୍ସ ନେତା ଫାରୁକ ଅବଦୁଲ୍ଲା, ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ, ଆର୍‌ଜେଡି ନେତା ତେଜସ୍ୱୀ ଯାଦବ, ସିପିଆଇର ଡି. ରାଜା ଏବଂ ସିପିଏମ୍ ନେତା ସୀତାରାମ ୟେଚୁରୀ। ଟିକାକରଣ ପାଇଁ ବଜେଟରେ ୩୫,୦୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ଉକ୍ତ ଅର୍ଥକୁ ଟିକାକରଣ କାର୍ଯ୍ୟକ୍ରମରେ ବିନିଯୋଗ କରାଯିବ ଉଚିତ ବୋଲି ବିରୋଧୀ ନେତାମାନେ କହିଛନ୍ତି।


**ଜନ୍ମବାର୍ଷିକ ଶୁଭେଚ୍ଛା**

(ଓମ୍)
ସତ୍ୟଜିତ୍ ସାହୁ
ଶାଳିଜଙ୍ଗା, ସଭାମୂଳ, ଜଗତ୍‌ସିଂହପୁର
ଆଜି ତୋର ୧୧ତମ ଜନ୍ମଦିନରେ ମା' ମଙ୍ଗଳା ଓ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆଶୀର୍ବାଦ ଭିକ୍ଷା କରେ କି ତୋ ଚଳାପଥ କୁସୁମିତ ଏବଂ ଦୀର୍ଘାୟୁ ହେଉ।
ଇତି: ତୋର- ପାପା, ମାମା, ଜେଜେ, ଜେଜେମାଆ, ବାପା, ବୋଉ, ମାମୁ, ମାଇଁ, ମାଉସୀ, ମଉସା ଏବଂ ସାଙ୍ଗସାଥୀ ଓ ଶୁଭେଚ୍ଛୁ।
ଧ-୨୦୬୩୦

**ଜନ୍ମଦିନ ଶୁଭେଚ୍ଛା**

HAPPY Birthday
(ଶ୍ରୀନୁ)
ଶ୍ରୀନିକା ପଧାନ
ଘେନୁପାଲି, ବଡ଼ସାହିର, ସମ୍ବଲପୁର
ତୋର ଚଳାପଥ କୁସୁମିତ ହେଉ। ଆଜି ତୋର ତୃତୀୟ ଜନ୍ମବାର୍ଷିକୀରେ ମା' ସମଲେଶ୍ୱରୀଙ୍କଠାରେ ଏତିକି ପ୍ରାର୍ଥନା।
-:ଶୁଭେଚ୍ଛା ସହ:-
ମାଆ, ବାପା, ଅଜା, ଆଈ ଓ ଶୁଭେଚ୍ଛୁବୃନ୍ଦ।
ଧ-୨୦୬୫୭

**ଷଷ୍ଠ ଜନ୍ମଦିନ ଶୁଭେଚ୍ଛା**

ଶାନ୍‌ଭି ମଲ୍ଲିକ (ରିଧି)
ହାଲ୍ ସୁନାବେଡ଼ା, କୋରାପୁଟ
ଆଜି ତୋର ଷଷ୍ଠ ଜନ୍ମଦିନ ଅବସରରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୋର ଚଳାପଥ କୁସୁମିତ କରିବା ସଙ୍ଗେ ଭବିଷ୍ୟତ ମଙ୍ଗଳମୟ, ଦୀର୍ଘାୟୁ ଓ ଯଶସ୍ୱୀ କରାନ୍ତୁ ଏତିକି କାମନା। -:ଶୁଭେଚ୍ଛା ସହ:-ଜେଜେ ବାପା: ଶଙ୍କର, ଜେଜେ ମାଆ: ମନପ୍ରିୟା, ବାପା:ସ୍ମୃତି, ମାଆ: ଲୋପାମୁଦ୍ରା, ବଡ଼ବାପା: ତ୍ରୈଲୋକ୍ୟ, ବଡ଼ମାଆ: ରଞ୍ଜିତା, ଦାଦା: ସୌମ୍ୟ, ଖୁଡ଼ୀ: ସ୍ୱର୍ଣ୍ଣମୟୀ, ଭଉଣୀ:- ଶୁଭି ଓ ସିଦ୍ଧି ଏବଂ ବନ୍ଧୁ ପ୍ରିୟଜନବର୍ଗ।
ଧ-୨୦୬୫୬


## 'ନିର୍ବାଚନ ଉପରେ କହିଲେ ମୁଣ୍ଡକାଟ ହେବ'

**ଭାରତ ଫେରିବେ ପୁନାୱାଲା**



**ନୂଆଦିଲ୍ଲୀ, ୨।୫**

କୋଭିଡ୍ ସଂକ୍ରମଣ ଜାରି ରହିଥିବାବେଳେ କୁମ୍ଭମେଳା ନିର୍ବାଚନ ଆୟୋଜନ ବାବଦରେ କହିଲେ ତାଙ୍କ ମୁଣ୍ଡ କାଟିଦିଆଯିବ ବୋଲି ଏକ ସାକ୍ଷାତକାରରେ କହିଛନ୍ତି ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌ର ସିଇଓ ଅଦର ପୁନାୱାଲା। କୋଭିଶିଲ୍ଡ ଟିକା ଯୋଗାଣକୁ ନେଇ ଧମକପୂର୍ଣ୍ଣ ଫୋନ୍ କଲ୍ ପାଇବାରୁ ଲଣ୍ଡନ ପଳାଇଥିବା ସିରମ୍ ଇନଷ୍ଟିଚ୍ୟୁଟ୍‌ର ସିଇଓ ଅଦର ପୁନାୱାଲା 'ଦ ଟାଇମ୍ସ'କୁ ଏକ ସାକ୍ଷାତକାରରେ କହିଥିଲେ, ଶୀଘ୍ର ବ୍ୟାପକ ପରିମାଣରେ ଟିକା ଯୋଗାଣ ପାଇଁ ତାଙ୍କ ଉପରେ ଚାପ ପଡୁଛି। ଅନେକ କ୍ଷମତାଶାଳୀ ଲୋକେ ତାଙ୍କୁ ଫୋନ୍ ଯୋଗେ ଧମକ ଦେଉଛନ୍ତି। ସେମାନଙ୍କ ମଧ୍ୟରେ କେତେଜଣ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ପାଖ ଲୋକ ହୋଇଥିବାବେଳେ କେତେକ ବଡ଼ ବିଜ୍‌ନେସ୍‌ମ୍ୟାନ ମଧ୍ୟ ରହିଛନ୍ତି। ତେଣୁ ସେ ଏସବୁରୁ ଦୂରେଇ ରହିବାକୁ ଲଣ୍ଡନ ଚାଲିଯାଇଥିବା ପ୍ରକାଶ କରିଥିଲେ। ତେବେ ଖୁବ୍‌ଶୀଘ୍ର ସେ ଭାରତ ଫେରିବେ ବୋଲି ଟୁଇଟ୍ ଯୋଗେ ସୂଚନା ଦେଇଛନ୍ତି। ପୁଣେରେ କୋଭିଶିଲ୍ଡର ଉତ୍ପାଦନ ଜୋରସୋର୍‌ରେ ଚାଲିଥିବାରୁ ସେ ଖୁସି ଅଛନ୍ତି। ଭାରତ ଫେରିବା ପରେ ସ୍ଥିତି ସମୀକ୍ଷା କରିବେ ବୋଲି ପୁନାୱାଲା କହିଛନ୍ତି। ତେବେ ବ୍ରିଟେନରେ ଟିକା ଉତ୍ପାଦନ କରି ନିଜ ବିଜ୍‌ନେସ ବଢ଼ାଇବାକୁ ସେ ଯୋଜନା କରୁଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି।

## ଶିଳ୍ପାଞ୍ଚଳ ନିକଟରେ ହେବ ଅସ୍ଥାୟୀ ହସ୍ପିଟାଲ

- ରହିବ ୧୦ ହଜାର ବେଡ୍
- ଉଦ୍‌ଜାନ ପ୍ଲାଣ୍ଟରେ ପ୍ରସ୍ତୁତ ହେବ ଅକ୍ସିଜେନ



**ନୂଆଦିଲ୍ଲୀ, ୨।୫**

ଦେଶରେ କରୋନା ସଂକ୍ରମଣ ବୃଦ୍ଧି ଜାରିରହିଥିବାବେଳେ ହସ୍ପିଟାଲ ବେଡ୍ ଅଭାବ ପୂରଣ ପାଇଁ ଅକ୍ସିଜେନ ଉତ୍ପାଦନ କରୁଥିବା ଶିଳ୍ପ ୟୁନିଟ୍‌ଗୁଡ଼ିକ ନିକଟରେ ଅସ୍ଥାୟୀ ହସ୍ପିଟାଲ ନିର୍ମାଣ କରାଯିବ। ଏଥିରେ ଅକ୍ସିଜେନ ଯୋଗାଣ ସୁବିଧା ଥିବା ୧୦ ହଜାର ବେଡ୍‌ର ବ୍ୟବସ୍ଥା କରାଯିବ ବୋଲି ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ନିଷ୍ପତ୍ତି ହୋଇଛି। ଏହା ସହ ଉଦ୍‌ଜାନ ଉତ୍ପାଦନକାରୀ ପ୍ଲାଣ୍ଟଗୁଡ଼ିକୁ ଚିହ୍ନଟ କରାଯିବା ସହ ସେଠାରୁ ଅକ୍ସିଜେନ ଉତ୍ପାଦନ ପାଇଁ ଆଲୋଚନା କରାଯାଇଛି। ଷ୍ଟିଲ ପ୍ଲାଣ୍ଟ, ରିଫାଇନେରିଜ୍ ସମେତ ପେଟ୍ରୋକେମିକାଲ ୟୁନିଟ୍, ପାୱାର ପ୍ଲାଣ୍ଟଗୁଡ଼ିକ ଗ୍ୟାସୀୟ ଅମ୍ଳଜାନ ଉତ୍ପାଦନ କରିଥାଏ। ତାହାକୁ ମେଡିକାଲରେ ବ୍ୟବହାର ଯୋଗ୍ୟ କରାଯିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଛି। ପ୍ଲାଣ୍ଟ ପରିଚାଳନା କରୁଥିବା ପିଏସ୍‌ୟୁ କିମ୍ବା ବେସରକାରୀ ଶିଳ୍ପ ମାଧ୍ୟମରେ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ଏହି ପ୍ରୋଜେକ୍ଟ ଆଗେଇଥିବା ସୂଚନା ଦିଆଯାଇଛି। ଖୁବ୍‌ଶୀଘ୍ର ୧୦ ହଜାର ଅକ୍ସିଜେନ ସଂଯୁକ୍ତ ବେଡ୍ ଉପଲବ୍ଧ ହେବ ବୋଲି କୁହାଯାଇଛି। ଏଥିସହ ଚାପ ମାଧ୍ୟମରେ ଗ୍ୟାସ୍ ମିଶ୍ରଣରୁ ନିର୍ଦ୍ଦିଷ୍ଟ ଗ୍ୟାସ୍‌କୁ ଅଲଗା କରୁଥିବା ପ୍ରେସର ସ୍ୱିଙ୍ଗ୍ ଆଡ୍‌ଜରପ୍‌ଶନ୍ (ପିଏସ୍‌ଏ)ପ୍ଲାଣ୍ଟ ସ୍ଥାପନର ଅଗ୍ରଗତି ଉପରେ ପ୍ରଧାନମନ୍ତ୍ରୀ ସମୀକ୍ଷା କରିଥିଲେ। ପିଏମ୍ କେୟାର୍ସ ଫଣ୍ଡ, ପିଏସ୍‌ୟୁ ଏବଂ ଅନ୍ୟାନ୍ୟ ଦିଗରୁ ଆର୍ଥିକ ସହଯୋଗରେ ୧୫ଶହ ପିଏସ୍‌ଏ ପ୍ଲାଣ୍ଟ ସ୍ଥାପନ କାମ ଚାଲିଥିବା କୁହାଯାଇଛି।

## ସାବାଳକଙ୍କ ପାଇଁ ୧୨୨ କୋଟି ଟିକା ଆବଶ୍ୟକ

**ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର**




**ନୂଆଦିଲ୍ଲୀ, ୨।୫**

ଦେଶରେ ୧୮ରୁ ୪୫ ବର୍ଷ ବୟସ ବର୍ଗର ଟିକାକରଣ ପାଇଁ ୧୨୨ କୋଟି କୋଭିଡ୍ ଟିକା ଡୋଜ୍ ଆବଶ୍ୟକ ବୋଲି ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି କେନ୍ଦ୍ର ସରକାର। ୨୦୨୧ ସୁଦ୍ଧା ଏହି ବର୍ଗରେ ଦେଶରେ ପ୍ରାୟ ୫୯ କୋଟି ଜଣ ରହିଛନ୍ତି। ଶୀର୍ଷ ଅଦାଲତରେ ଏକ ଆଫିଡେଭିଟ୍ ଦାଖଲ କରାଯାଇ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ, ସବୁ ଲୋକଙ୍କ ଟିକାକରଣ ସରକାରଙ୍କ ପ୍ରାଥମିକତା। ସମ୍ବଳର ପରିମାଣ ଓ ଟିକା ଡୋଜର ଉପଲବ୍ଧତାକୁ ଧାନରେ ରଖି ଯଥାଶୀଘ୍ର ଶତପ୍ରତିଶତ ଟିକାକରଣ ପାଇଁ ସବୁ ପ୍ରକାର ଉଦ୍ୟମ କରାଯାଉଛି। ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରାଥମିକତା ଭିତ୍ତିରେ ଭାକ୍ସିନ ଦେବାକୁ ଗୁରୁତ୍ୱ ଦିଆଯାଉଛି। କୋଭିଶିଲ୍ଡ ଓ କୋଭାକ୍ସିନ ବ୍ୟତୀତ ବାହାର ଦେଶରୁ ଅନ୍ୟ ଟିକା କ୍ରୟ ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେଇଛନ୍ତି। ରୁଷିଆ ଟିକା ସ୍ପୁଟନିକ ଭିକୁ ଭାରତରେ ଜରୁରିକାଳୀନ ବ୍ୟବହାର ପାଇଁ ଅନୁମତି ଦିଆଯାଇଛି। ସ୍ଥାନୀୟ ଭାବରେ ପ୍ରସ୍ତୁତ ହେବା ପରେ ଜୁଲାଇ ଏବଂ ଅଗଷ୍ଟ ସୁଦ୍ଧା ସ୍ପୁଟନିକ ଭିର ଯଥାକ୍ରମେ ୮ ଏବଂ ୧୬ ମିଲିୟନ୍ ଡୋଜ ଉପଲବ୍ଧ ହେବ। ଏହାବାଦ୍ ଫାଇଜର, ମଡର୍ନା, ଜନ୍‌ସନ୍ ଆଣ୍ଡ ଜନ୍‌ସନ୍ ସହ କ୍ରମାଗତ ଯୋଗାଯୋଗରେ ଅଛନ୍ତି କେନ୍ଦ୍ର ସରକାର କୋର୍ଟଙ୍କୁ କହିଛନ୍ତି।

## ୪ ମହାକାଶଚାରୀଙ୍କୁ ପୃଥିବୀକୁ ଫେରାଇ ଆଣିଲା ସ୍ପେସ୍‌ଏକ୍ସ

**କେପ୍ କାନାଭେରାଲ, ୨।୫**

ଆମେରିକାର ଘରୋଇ ସଂସ୍ଥା ସ୍ପେସ୍‌ଏକ୍ସ ରବିବାର ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରୁ ୪ ଜଣ ମହାକାଶଚାରୀଙ୍କୁ ପୃଥିବୀ ପୃଷ୍ଠକୁ ଫେରାଇଆଣିଛି। ପ୍ରଥମ ଥର ପାଇଁ ଆମେରିକୀୟ ମହାକାଶଚାରୀମାନେ ରାତିରେ ଅବତରଣ କରିଛନ୍ତି। ଫ୍ଲୋରିଡାର ପାନାମା ସହର ଉପକୂଳ ନିକଟବର୍ତ୍ତୀ ଗଲ୍ଫ ଅଫ୍ ମେକ୍ସିକୋଠାରେ ଡ୍ରାଗନ କ୍ୟାପ୍‌ସୁଲ ଅବତରଣ କରିବା ସହ ଏଲନ ମସ୍କଙ୍କ କମ୍ପାନୀର ମହାକାଶକୁ ଦ୍ୱିତୀୟ ଫ୍ଲାଇଟ୍ କାର୍ଯ୍ୟକ୍ରମ ଶେଷ ହୋଇଛି। ୩ ଆମେରିକୀୟ ଏବଂ ଜଣେ ଜାପାନୀ ମହାକାଶଚାରୀ ଗତ ନଭେମ୍ବରରେ ନାସାର କେନେଡି ମହାକାଶ କେନ୍ଦ୍ରରୁ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର ଅଭିମୁଖେ ଯାଇ ସେଠାରେ ୧୬୭ ଦିନ ରହିଥିଲେ। ମହାକାଶଚାରୀଙ୍କର ଏହା ଦୀର୍ଘତମ ମିଶନ ଥିଲା।

## ଡାକ୍ତରଙ୍କ ସମେତ ୧୨ ମୃତ

**ଅକ୍ସିଜେନ ଅଭାବ**

**ନୂଆଦିଲ୍ଲୀ, ୨।୫**

ଅକ୍ସିଜେନ ଅଭାବ ଯୋଗୁ ଦିଲ୍ଲୀର ବାତ୍ରା ହସ୍ପିଟାଲରେ ଶନିବାର ଜଣେ ଡାକ୍ତରଙ୍କ ସମେତ ୧୨ କରୋନା ରୋଗୀଙ୍କ ମୃତ୍ୟୁ ଘଟିଛି। ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗର ମୁଖ୍ୟ ଡା. ଆର୍ କେ ହିମଥାନି ପ୍ରାୟ ୨୦ ଦିନ ଧରି ସେଠାରେ ଚିକିତ୍ସାଧୀନ ଥିଲେ। ଘଟଣାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଶୋକବ୍ୟକ୍ତ କରିଛନ୍ତି। ଦିଲ୍ଲୀ ୯୭୬ ଟନ୍ ଅକ୍ସିଜେନ ଆବଶ୍ୟକ କରୁଥିବାବେଳେ ଶନିବାର କେବଳ ୩୧୨ ଟନ୍ ମିଳିଥିଲା। ଏତେ କମ୍‌ମାତ୍ରାରେ ଅକ୍ସିଜେନ ଯୋଗାଣ କରାଗଲେ ଦିଲ୍ଲୀବାସୀ କିପରି ନିଃଶ୍ୱାସପ୍ରଶ୍ୱାସ ନେବେ ବୋଲି କେଜରିୱାଲ ଟୁଇଟ୍‌ରେ ଲେଖିଛନ୍ତି। ଅକ୍ସିଜେନ ଅଭାବ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଯାଇଥିଲା। ହେଲେ ପ୍ରାୟ ୮୦ ମିନିଟ୍ ବିଳମ୍ବରେ ଅକ୍ସିଜେନ ପହଞ୍ଚିବାରୁ ଏଭଳି ସ୍ଥିତି ଉପୁଜିଥିବା ହସ୍ପିଟାଲ ନିର୍ଦ୍ଦେଶକ କହିଛନ୍ତି।

## ସଂକ୍ରମିତଙ୍କ ଚିକିତ୍ସା କରିବେ ଡାକ୍ତରୀ ଛାତ୍ରୀଛାତ୍ର

**ବିଳମ୍ବ ହେବ ଏନ୍‌ଇଇଟି**

**ନୂଆଦିଲ୍ଲୀ, ୨।୫**

ଏମ୍‌ବିବିଏସ୍ ଶେଷ ବର୍ଷ ବିଦ୍ୟାର୍ଥୀଙ୍କ ସମେତ ସମସ୍ତ ମେଡିକାଲ ଛାତ୍ରୀଛାତ୍ର କୋଭିଡ୍ ସଂକ୍ରମିତଙ୍କ ଚିକିତ୍ସାରେ ନିୟୋଜିତ ହେବେ। ଦେଶର ବିଭିନ୍ନ ହସ୍ପିଟାଲରେ ଡାକ୍ତର ସ୍ୱାସ୍ଥ୍ୟକର୍ମୀଙ୍କ ଅଭାବକୁ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଖୁବ୍‌ଶୀଘ୍ର ଉକ୍ତ ଘୋଷଣା କରାଯାଇପାରେ ବୋଲି ଜଣାପଡ଼ିଛି। ଦେଶରେ କରୋନା ସ୍ଥିତି ସମ୍ପର୍କରେ ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିସହ ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ(ଏନ୍‌ଇଇଟି) ବିଳମ୍ବରେ ହେବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି।


୧୮ରୁ ୪୪ ବର୍ଷ ବୟସ ବର୍ଗ ପାଇଁ ଟିକାକରଣ ଆରମ୍ଭ ହୋଇଥିବାବେଳେ ଜମ୍ମୁର ଏକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭାକ୍ସିନ ପାଇଁ ଲାଇନ୍ ଲାଗିଛି।


**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**

୰ମୁରଲୀ ଧର ନାୟକ
ଆବିର୍ଭାବ: ୩୦।୦୪।୧୯୪୪
ତିରୋଧାନ: ୨୩।୦୪।୨୦୨୧
ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ ତୁମ ଅମର ଆତ୍ମାର ସଦ୍‌ଗତି ହେଉ।
-:ଶୋକସନ୍ତପ୍ତ ପରିବାରବର୍ଗ:-
ସ୍ତ୍ରୀ: ରଜନୀ ରାଣୀ, ଆଶିଷ, ରାଜେଶ, ସସ୍ମିତା, ମମତା, ପ୍ରଦୋଷ, ଅଜିତ୍, ସ୍ମୃତିରେଖା, ରଶ୍ମି, ଖୁସବୁ, ଗୁଡ୍ଡୁ, ଲୁସି ଓ ଓମ୍
LB-120, Stage-2, Laxmi Sagar, Brit Colony, Bhubaneswar-751006
ଧ-୨୦୬୫୧

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

ସ୍ୱର୍ଗତ ଅରକ୍ଷିତ ଚନ୍ଦ୍ର ଦାସ
ଚଢେଇଗୁଆଁ, ମହାକାଳପଡ଼ା, କେନ୍ଦ୍ରାପଡ଼ା
ଆବିର୍ଭାବ: ୦୫।୦୭।୧୯୪୫
ତିରୋଧାନ: ୨୩।୦୪।୨୦୨୧
ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ଧର୍ମପତ୍ନୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ସମସ୍ତ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୦୬୫୨

**ଏକାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**

୰ତାରାମଣୀ ମିଶ୍ର
ସ୍ୱାମୀ: ୰ଉଦୟନାଥ ମିଶ୍ର
ଗ୍ରାମ: ଗୋକୁଳପୁର, ପୁରୀ
ତିରୋଧାନ: ୦୫।୦୪।୨୦୧୦
ଜୀବନର ଚଳାପଥରେ ଆମ୍ଭେ ଏକାକୀ ଓ ତୁମର ଆଶୀର୍ବାଦ ଆମର ଏକାନ୍ତ କାମ୍ୟ। ତୁମ ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୦୬୩୨

**ପ୍ରଥମ ଶ୍ରାଦ୍ଧଦିବସ ଶ୍ରଦ୍ଧାଞ୍ଜଳି**

୰ଅନଙ୍ଗ କୁମାର ସାହୁ
ଖଡିଅଙ୍ଗ (କନିଆଜୋର), କେନ୍ଦ୍ରାପଡ଼ା
୧୯୫୨-୨୦୨୦
ଆପଣଙ୍କ ପ୍ରଥମ ଶ୍ରାଦ୍ଧ ଦିବସରେ ଆପଣଙ୍କ ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ସ୍ତ୍ରୀ: ଲିଲିମା ସ୍ୱାଇଁ, ପୁଅ: ଶାନ୍ତା କୁମାର ଲାଲକୃଷ୍ଣ, ବୋହୂ: ଗୀତାରାଣୀ ବିଶ୍ୱାଳ, ଝିଅ: ସାହୁ ବିଜୟା ରାଜ, ଜ୍ୱାଇଁ: ପ୍ରଦ୍ୟୁମ୍ନ ସାମଲ, ନାତି: କମଳ, କ୍ରିଷ୍ଣା, ମାରୁତି, ବନ୍ଧୁ ଓ ପରିବାରବର୍ଗ।
ଧ-୨୦୬୫୩

**ଦ୍ୱାଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ**

୰ କନ୍ଧ ପଣ୍ଡା
ବାଣୀବିହାର, ଆସିକା ଗଞ୍ଜାମ
ତିରୋଧାନ : ୨୩-୦୪-୨୦୨୧
ଆଜି ଆପଣଙ୍କ ତିରୋଧାନର ଦ୍ୱାଦଶାହ ଦିବସରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ଲାଗି ଜଗତରନାଥ ଶ୍ରୀଜଗନ୍ନାଥଙ୍କ ଚରଣାର ବିନ୍ଦରେ ଶତକୋଟି ପ୍ରଣତି ଜଣାଉଛୁ।
- ଶୋକସନ୍ତପ୍ତ -
ପରିବାର ବର୍ଗ ଓ ଆତ୍ମୀୟ ସ୍ୱଜନ
ଧ-୨୦୬୫୫

**ଶ୍ରଦ୍ଧାଞ୍ଜଳି**

ସ୍ୱର୍ଗତ ପ୍ରତାପ ଚନ୍ଦ୍ର ପଟ୍ଟନାୟକ
ଆଡ୍‌ଭୋକେଟ୍
ଭଞ୍ଜନଗର, ଗଞ୍ଜାମ
ଆବିର୍ଭାବ: ୧୯୩୦
ତିରୋଧାନ: ୧୧।୦୪।୧୯୮୫
ପ୍ରତି ମୁହୂର୍ତ୍ତରେ ତୁମର ଅନୁପସ୍ଥିତି ଅନୁଭବ କରୁଛୁ ଏବଂ ବଞ୍ଚିଥିବା ଯାଏ କରୁଥିବୁ ମଧ୍ୟ। ତୁମର ସ୍ନେହ, ଶ୍ରଦ୍ଧା , ଶିକ୍ଷା, ନୀତି, ଆଦର୍ଶ ଆମ୍ଭମାନଙ୍କର ଜୀବନରେ ପ୍ରେରଣାର ଉତ୍ସ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ସ୍ତ୍ରୀ: ପ୍ରେମଲତା, ପୁତ୍ର: ବିଶ୍ୱନାଥ, ଲାଲୁ, ଗୁଲୁ, ପୁତ୍ରବଧୂ: ନିନା, ଝିଅ: ନଳିନୀ, ମଞ୍ଜୁ, ସୁଧା, କୁନି, ଶୁଭଲକ୍ଷ୍ମୀ, ଇତି, ମିତା, ମାମି, ଲିନା, ନାତି: ହାପି, ହନି, ପ୍ରୀତ୍, ଶ୍ରୀତ୍, ନାତୁଣୀ: ଇରା, ରିମି
ଧ-୨୦୬୫୪

**ଏକାଦଶାହ ଉପଲକ୍ଷେ**

ସ୍ୱର୍ଗତ ତୁଷାରକାନ୍ତ ହରିଚନ୍ଦନ (ନାଲିଆ)
ସ୍ଥାନ: ନିଜିଗଡ଼ ତାପଙ୍ଗ, ଖୋର୍ଦ୍ଧା
ଆବିର୍ଭାବ: ୦୮।୦୩।୧୯୮୩
ତିରୋଧାନ: ୨୭।୦୪।୨୦୨୧
ଆସିଥିଲୁ ଆକାଶର ଚାନ୍ଦହୋଇ ପରିବାରରେ ସମସ୍ତେ ତୋ' ହସହସ ମୁହଁ ଦେଖିବା ପାଇଁ। ହେଲେ ଅବେଳରେ ତୁ ଛାଡ଼ିଗଲୁ ସମସ୍ତଙ୍କୁ ଏକାକରି। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା କରୁଛୁ, ତୁ ଯେଉଁଠି ଥାଆ ଭଲରେ ଥାଆ। ଭଗବାନ ତୋ ଅମର ଆତ୍ମାର ସଦ୍‌ଗତି କରନ୍ତୁ।
-:ତୋର ହତଭାଗା:- ପତ୍ନୀ, ପୁଅ, ଝିଅ, ବାପା, ବୋଉ, ଦାଦା, ଖୁଡ଼ୀ, ଭାଇ: ଗଣେଶ, ଭଉଣୀ: ଟ୍ୱିଙ୍କଲ, ଟିକିନା, ସୋନୀ ଏବଂ ତାପଙ୍ଗ ଗ୍ରାମବାସୀ।
ଧ-୨୦୬୫୦

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

# କ୍ୟାନ୍ସର ଟ୍ୟୁମର ଚିହ୍ନଟର ନୂଆ ଉପାୟ

**କ**ଥାରେ ଅଛି– 'କ୍ୟାନ୍ସର ନୋ ଆନ୍ସର'। ହେଲେ ବର୍ତ୍ତମାନର ଉନ୍ନତ ଜ୍ଞାନକୌଶଳ ବିଶିଷ୍ଟ ଚିକିତ୍ସା ପ୍ରଣାଳୀରେ କ୍ୟାନ୍ସରକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଚିହ୍ନଟ କରାଯାଇ ତାହାର ଚିକିତ୍ସା କରାଯାଇପାରୁଛି। ହେଲେ ଏହା ଗୁରୁତର ଅବସ୍ଥାରେ ଥିଲେ ରୋଗୀ ମୃତ୍ୟୁମୁଖରେ ପଡିବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ କ୍ୟାନ୍ସର ଟ୍ୟୁମର ଚିହ୍ନଟ କରିବାର ଏକ ନୂଆ ଉପାୟ ନିକଟରେ ଉଦ୍ଭାବିତ ହୋଇଛି। ଦୀର୍ଘ ପାଞ୍ଚ ବର୍ଷ ଧରି ଗବେଷଣା କରିବା ପରେ ଏଥିରେ ସଫଳ ହୋଇଛନ୍ତି ଲଣ୍ଡନ ୟୁନିଭର୍ସିଟିର କ୍ୟାନ୍ସର ବିଜ୍ଞାନୀମାନେ। ସେମାନେ ଏ ସମ୍ପର୍କରେ ଜିନ୍‌ର ଭୂମିକାକୁ ତନ୍ନ ତନ୍ନ କରି ପରୀକ୍ଷା



ନିରୀକ୍ଷା କରିଥିଲେ। ଏପରି କେତେକ ଜିନ୍‌କୁ ତର୍ଜମା କରି କ୍ୟାନ୍ସର ଟ୍ୟୁମରକୁ ଚିହ୍ନଟ କରାଯାଇପାରିବ। କେବଳ ସେତିକି ନୁହେଁ, ଆଉ କେତେକ ଜିନ୍ ରହିଛି ଯାହା ଏପରି ଟ୍ୟୁମର ବୃଦ୍ଧିକୁ ପ୍ରତିହତ କରିପାରିବ। ତେବେ ଏ ନେଇ ଆହୁରି ଅଧିକ ତଥ୍ୟ ଖୋଜିବା ପାଇଁ ଆଉ କିଛି ବର୍ଷ ସମୟ ଲାଗିପାରେ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ଚର୍ମ ସମସ୍ୟା ଓ ମୋବାଇଲ



**ଆ**ଜିକାଲି ମୋବାଇଲ ବ୍ୟବହାର କରିବା ଏକ ସାଧାରଣ କଥା ପାଲଟି ଗଲାଣି। କାରଣ କେବଳ କାହା ସହ କଥାବାର୍ତ୍ତା ହେବା ନୁହେଁ, ବିଭିନ୍ନ ବିଷୟରେ ଜାଣିବାର ଏହା ହେଉଛି ଏକ ସହଜ ମାଧ୍ୟମ। ତେବେ ଏହାର ଆବଶ୍ୟକତାଠାରୁ ଅଧିକ ବ୍ୟବହାର ସ୍ୱାସ୍ଥ୍ୟଜନିତ ସମସ୍ୟାକୁ ଡାକିଆଣିପାରେ। ଏଭଳି ସତର୍କ ସୂଚନା ଦେଇଛନ୍ତି ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ। ସେମାନେ ଏକ ଗବେଷଣାରୁ ଜାଣିପାରିଛନ୍ତି ଯେ ଆବଶ୍ୟକତାଠାରୁ ଅଧିକ ମୋବାଇଲ ବ୍ୟବହାର କଲେ ଚର୍ମଜନିତ ସମସ୍ୟା ଦେଖାଦେବାର ଯଥେଷ୍ଟ ଆଶଙ୍କା ରହିଛି। କାରଣ ଟଚ୍ ସ୍କ୍ରିନ୍ ମୋବାଇଲକୁ ବାରମ୍ବାର ଆଙ୍ଗୁଠିରେ ଛୁଇଁବା ଦ୍ୱାରା ମୋବାଇଲ ସ୍କ୍ରିନରୁ ନିର୍ଗତ ରେଡିଏସନ ଚର୍ମକୁ ପ୍ରଭାବିତ କରିଥାଏ। ଏପରି କି କେତେକ କ୍ଷେତ୍ରରେ ଆଙ୍ଗୁଠି ଚର୍ମର ରଙ୍ଗ କଳାପଡିବାର ଦେଖାଯାଇଥାଏ ବୋଲି ସେମାନେ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

# ଟେନ୍‌ସନ୍ ଦୂର କରିବାର ସହଜ ଉପାୟ

**ଟେ**ନ୍‌ସନ୍ ଅନେକଙ୍କର ଜୀବନର ଏକ ଅଙ୍ଗ ପାଲଟି ଗଲାଣି କହିଲେ ଆଦୌ ଭୁଲ ହେବ ନାହିଁ। ଏହାର ବିଭିନ୍ନ କାରଣ ରହିଛି। ତେବେ ଏଥିରୁ ଦୂରେଇ ରହିବା ପାଇଁ ପ୍ରଥମେ ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖନ୍ତୁ। ନିଜର ସାମର୍ଥ୍ୟ ଅନୁସାରେ ହିଁ କାମ କରନ୍ତୁ। ତେବେ ଆଉ ଏକ କଥା ଆପଣଙ୍କୁ ଟେନସନରୁ ଦୂରେଇ ରଖିପାରିବ। ଯଦି ଆପଣ ଟେନନରେ ଅଛନ୍ତି, ତେବେ ପ୍ରଥମେ ନିଜର ମିଜାଜକୁ ଥଣ୍ଡା କରନ୍ତୁ। ତା'ପରେ କୌଣସି ଏକ ଭଲ ବିଷୟରେ ଚିନ୍ତା କରି ମନର ପରିଭାଷାକୁ ଲେଖିବାକୁ ଚେଷ୍ଟା କରନ୍ତୁ। ଲେଖାଲେଖିରେ ମନ ରହିଲେ ତାହା ଆପଣଙ୍କର ମାନସିକତାକୁ ପରିବର୍ତ୍ତନ କରିବାରେ ଯଥେଷ୍ଟ ସହାୟକ ହେବ। ସିଡ୍‌ନୀ ୟୁନିଭର୍ସିଟି ପକ୍ଷରୁ ଏ ନେଇ ହୋଇଥିବା ଏକ ସର୍ଭେ ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନେ ଟେନ୍‌ସନ୍ ସମୟରେ କିଛି ସମୟ ଲେଖାଲେଖିରେ ବ୍ୟସ୍ତ ରହୁଥିଲେ ସେମାନେ ଏପରି ସମସ୍ୟାରୁ କେତେକାଂଶରେ ନିଜକୁ ମୁକୁଳାଇବାରେ ସକ୍ଷମ ହୋଇପାରିଥିଲେ ବୋଲି ରିପୋର୍ଟରୁ ଜଣାପଡିଛି।

# ବୁଦ୍ଧିମତ୍ତା ବଢ଼ାଏ ଜୀବନଶୈଳୀ

**ଆ**ମେ ସୁସ୍ଥ ରହିବା ପାଇଁ ଖାଦ୍ୟପେୟ ବ୍ୟତୀତ ଜୀବନଶୈଳୀ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ସନ୍ତୁଳିତ ଜୀବନଶୈଳୀ ସୁପ୍ରଭାବ ଆମ ଶରୀର ଉପରେ ପଡିଥାଏ। ନିକଟରେ ଏହି ତାଲିକାରେ ଆଉ ଏକ କଥା ଯୋଡାଯାଇଛି। ଏ ସମ୍ପର୍କିତ ବିଷୟକୁ ନେଇ ଏକ ସର୍ଭେ କରିବା ପରେ ୱାଶିଂଟନ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ରୋଚକ ତଥ୍ୟ ବିଷୟରେ ଜାଣିପାରିଛନ୍ତି। ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଯଦି ଜଣେ ବ୍ୟକ୍ତି ନିଜର ଜୀବନଶୈଳୀକୁ ସନ୍ତୁଳିତ ରଖନ୍ତି ତେବେ ତାଙ୍କର ବୁଦ୍ଧିମତ୍ତା ଅନେକାଂଶରେ ପୂର୍ବାପେକ୍ଷା ପ୍ରଖର ହୋଇଥାଏ। ଏ ନେଇ ଖାଦ୍ୟପେୟ, ବ୍ୟାୟାମ, କଥାବାର୍ତ୍ତା ଶୈଳୀକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ସେମାନେ ପରାମର୍ଶ ଦେଇଛନ୍ତି।





ଡା. ଈପ୍‌ସିତା ମିଶ୍ର




# ଉଚ୍ଚ ରକ୍ତଚାପର ଆୟୁର୍ବେଦୀୟ ଉପଚାର

''ବିଶ୍ରାମ ସମୟରେ ଗୋଟିଏ ସୁସ୍ଥ ଲୋକର ସିଷ୍ଟୋଲିକ୍ ଚାପ ୧୦୦ ରୁ ୧୪୦ ମିମି ପାରଦ ଏବଂ ଡାଇଷ୍ଟୋଲିକ୍ ଚାପ ୬୦ରୁ ୯୦ ମିମି ପାରଦ ଭିତରେ ଥିଲେ ତାହାକୁ ସାଧାରଣ ରକ୍ତଚାପ କୁହାଯାଏ। ଯୁବକମାନଙ୍କର ରକ୍ତଚାପ ୧୪୦/୯୦ ମିମି ପାରଦ ବା ତାହା ଉପରେ ରହିଲେ ତାହାକୁ ଉଚ୍ଚ ରକ୍ତଚାପ ଆଖ୍ୟା ଦିଆଯାଏ। ପିଲାଙ୍କ କ୍ଷେତ୍ରରେ ଏହା ପରିବର୍ତ୍ତନ ହୋଇଥାଏ।''

**ବ**ର୍ତ୍ତମାନ ବ୍ୟସ୍ତବହୁଳ ଜୀବନଶୈଳୀ ମନୁଷ୍ୟକୁ ଅନେକାଂଶରେ ରୋଗାକ୍ରାନ୍ତ କରିଛି। କେତେଗୁଡିଏ ରୋଗ ଏବଂ ସେଗୁଡିକର ପ୍ରମୁଖ ଲକ୍ଷଣ ସମୂହ ମନୁଷ୍ୟର ଜୀବନଶୈଳୀକୁ ଦୁର୍ବିଷହ କରିଦେଇଛି। ସେପରି ରୋଗଗୁଡିକ ମଧ୍ୟରୁ ଉଚ୍ଚ ରକ୍ତଚାପ (Hypertension) ଅନ୍ୟତମ। ଏହା ଏକ ସ୍ଥାୟୀ ଭେଷଜ ରୋଗ, ଯେଉଁଥିରେ ରକ୍ତଚାପ ନିରନ୍ତର ବୃଦ୍ଧି ପାଇଥାଏ। ଏହି ରୋଗରେ ସାଧାରଣତଃ କୌଣସି ଲକ୍ଷଣ ପ୍ରକାଶ ପାଏନାହିଁ। ଦୀର୍ଘକାଳୀନ ଉଚ୍ଚ ରକ୍ତଚାପ ରହିଲେ କେତେକ ସ୍ୱାସ୍ଥ୍ୟଜନିତ ସମସ୍ୟା ସୃଷ୍ଟି ହୋଇଥାଏ। ଏହାଦ୍ୱାରା ଷ୍ଟ୍ରୋକ୍, ହୃଦ୍‌ଘାତ, ପ୍ରାନ୍ତୀୟ ରକ୍ତନଳୀ ରୋଗ, ଦୃଷ୍ଟି ଶକ୍ତିଜନିତ ରୋଗ ଏବଂ କ୍ରନିକ କିଡ୍‌ନୀ ରୋଗ ଅନ୍ୟତମ। ମନୁଷ୍ୟ ଶରୀରରେ ରକ୍ତଚାପ ୧୨୦/୮୦ ଏଏମ୍‌ଏଚ୍‌ଜିରୁ ଅଧିକ ହେଲେ ଏହାକୁ ଉଚ୍ଚ ରକ୍ତଚାପ ରୋଗ ବୋଲି କୁହାଯାଇଥାଏ।

**କାରଣ :** ମାନସିକ ଚାପ ଆଜିକାଲି ଏକ ସାଧାରଣ ସମସ୍ୟା ପାଲଟି ଗଲାଣି କହିଲେ ଅତ୍ୟୁକ୍ତି ହେବ ନାହିଁ। ଉଚ୍ଚ ରକ୍ତଚାପ ସୃଷ୍ଟି କରିବାରେ ଏହାର ମଧ୍ୟ ଭୂମିକା ରହିଛି। ମାନସିକ ଚାପ ସୃଷ୍ଟିକାରୀ ହରମୋନ ବୃଦ୍ଧି ହେଲେ ଏପରି ସମସ୍ୟା ଦେଖାଦେଇଥାଏ। ଅନେକେ କେତେକ କାରଣରୁ କ୍ରୋଧର ବଶବର୍ତ୍ତୀ ହୋଇଥାଆନ୍ତି। ଏହାଦ୍ୱାରା ରକ୍ତଚାପ ଅସନ୍ତୁଳିତ ହୋଇଥାଏ ଏବଂ ବିଶେଷଭାବରେ ଉଚ୍ଚ ରକ୍ତଚାପ ଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଛି। ମନରେ ବ୍ୟସ୍ତତା, ଭୟ ରହିଲେ ମଧ୍ୟ ଏପରି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ନିଶାଦ୍ରବ୍ୟ ସେବନ ଦିନକୁ ଦିନ ନିଜର କାୟା ବିସ୍ତାର କରିଚାଲିଛି। ଏହାଦ୍ୱାରା ପ୍ରାୟ ସମସ୍ତ ବର୍ଗର ଲୋକ କବଳିତ ହେଉଛନ୍ତି। ଧୂମପାନ କରିବା, ତମାଖୁ ସେବନ କରିବା ଦ୍ୱାରା ଏଥିରେ ଥିବା ନିକୋଟିନ୍ ହୃଦୟର ଗତିକୁ ତୀବ୍ର କରାଇଥାଏ। କେବଳ ସେତିକି ନୁହେଁ, ଏହାଦ୍ୱାରା ଆଡ୍ରେନାଲିନ୍ ହରମୋନ୍‌ର କ୍ଷରଣ ବୃଦ୍ଧି ଘଟିଥାଏ। ଫଳସ୍ୱରୂପ ଉଚ୍ଚ ରକ୍ତଚାପ ସୃଷ୍ଟି ହୁଏ। ନିୟମିତ ତୈଳାକ୍ତ ଖାଦ୍ୟ ଖାଇଲେ ରକ୍ତବାହିନୀରେ କୋଲେଷ୍ଟରଲର ମାତ୍ରା ବଢ଼ିଯାଇଥାଏ। ଏଗୁଡିକ ରକ୍ତବାହିନୀର ଭିତର ପାର୍ଶ୍ୱରେ ଜମା ହୋଇ ରହିବା ଦ୍ୱାରା ରକ୍ତ ସଂଚାଳନ ପର୍ଯ୍ୟାପ୍ତ ରୂପେ ହୋଇ ନ ଥାଏ। ଫଳରେ ଉଚ୍ଚ ରକ୍ତଚାପ ସୃଷ୍ଟି ହୋଇଥାଏ। ତେଣୁ ଏଭଳି ଖାଦ୍ୟ ଯେତେ କମ୍ ଖାଇବେ ସେତେ ଭଲ।

**ଲକ୍ଷଣ :** ଉଚ୍ଚ ରକ୍ତଚାପର କେତୋଟି ଲକ୍ଷଣ ରହିଛି। ଯଦି ମୁଣ୍ଡବ୍ୟଥା, ମନ ଭିତରେ ବ୍ୟସ୍ତତା ସୃଷ୍ଟି, ଛାତି ଧଡ ଧଡ ହେଲା, ତେବେ ଏହାକୁ ଉଚ୍ଚ ରକ୍ତଚାପର ଲକ୍ଷଣ ଭାବରେ ନିଆଯାଇଥାଏ। ଏହାବ୍ୟତୀତ ଆଉ କେତୋଟି ପ୍ରମୁଖ ଲକ୍ଷଣ ପ୍ରତି ନଜର ଦେବା ନିହାତି ଦରକାର। ଯଦି ଛାତିରେ ଯନ୍ତ୍ରଣା ଅନୁଭବ ହେଉଛି, କ୍ଳାନ୍ତି ଲାଗୁଛି, ନିଃଶ୍ୱାସ ନେବାରେ କଷ୍ଟ ହେଉଛି, ତେବେ ବିଳମ୍ବ ନ କରି ନିକଟସ୍ଥ ହସ୍‌ପିଟାଲରେ ବ୍ଲଡ ପ୍ରେସର ଚେକ୍ କରିନିଅନ୍ତୁ ଏବଂ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। କାରଣ ଉପରୋକ୍ତ କାରଣ ଦ୍ୱାରା ହୃତ୍‌ପିଣ୍ଡକୁ ଆବଶ୍ୟକତାଠାରୁ ଅଧିକ ବେଗରେ କାମ କରିବାକୁ ପଡିଥାଏ, ଯାହା ଆଦୌ ସ୍ୱାସ୍ଥ୍ୟୋପଯୋଗୀ ନୁହେଁ। ଉଚ୍ଚ ରକ୍ତଚାପକୁ ଦୁଇ ପ୍ରକାର ମପା ଯାଇଥାଏ। ଗୋଟିଏ ହେଲା 'ସିଷ୍ଟୋଲିକ୍' (ହୃତ୍‌ପିଣ୍ଡ ସଂକୋଚନ ବେଳର ସର୍ବୋଚ୍ଚ) ଏବଂ ଅନ୍ୟଟି 'ଡାୟାଷ୍ଟୋଲିକ' (ହୃତ୍‌ପିଣ୍ଡ ଶିଥିଳ ବେଳର ସର୍ବନିମ୍ନ)।

ବିଶ୍ରାମ ସମୟରେ ଗୋଟିଏ ସୁସ୍ଥ ଲୋକର ସିଷ୍ଟୋଲିକ୍ ଚାପ ୧୦୦ ରୁ ୧୪୦ ମିମି ପାରଦ ଏବଂ ଡାଇଷ୍ଟୋଲିକ୍ ଚାପ ୬୦ରୁ ୯୦ ମିମି ପାରଦ ଭିତରେ ଥିଲେ ତାହାକୁ ସାଧାରଣ ରକ୍ତଚାପ କୁହାଯାଏ। ଯୁବକମାନଙ୍କର ରକ୍ତଚାପ ୧୪୦/୯୦ ମିମି ପାରଦ ବା ତାହା ଉପରେ ରହିଲେ ତାହାକୁ ଉଚ୍ଚ ରକ୍ତଚାପ ଆଖ୍ୟା ଦିଆଯାଏ। ପିଲାଙ୍କ କ୍ଷେତ୍ରରେ ଏହା ପରିବର୍ତ୍ତନ ହୋଇଥାଏ। ଔଷଧ ଏବଂ ଜୀବନଚର୍ଯ୍ୟାର ପରିବର୍ତ୍ତନ ଯୋଗୁଁ ରକ୍ତଚାପ ସନ୍ତୁଳିତ ରହିଥାଏ ଏବଂ ଏହାଦ୍ୱାରା ଆଶଙ୍କା କରାଯାଉଥିବା ସ୍ୱାସ୍ଥ୍ୟଜନିତ ସମସ୍ୟା କମ୍ ରହିଥାଏ। ଜଣେ ରକ୍ତଚାପ ରୋଗୀ ଅଳ୍ପ ଲୁଣ ଖାଇବା ଉଚିତ। ତା' ସହ ଓଜନ ସନ୍ତୁଳିତ ରହିବା ନିହାତି ଦରକାର। ରକ୍ତଚାପକୁ ସନ୍ତୁଳିତ ରଖିବାକୁ ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମ ସାମିଲ କରନ୍ତୁ। ସବୁବେଳେ ସ୍ୱାସ୍ଥ୍ୟ ପାଇଁ ଉପକାରୀ ସାବ୍ୟସ୍ତ ହେଉଥିବା ଖାଦ୍ୟ ଖାଆନ୍ତୁ ଏବଂ ସନ୍ତୁଳିତ ଜୀବନଚର୍ଯ୍ୟା ଆପଣାନ୍ତୁ।

**ଆୟୁର୍ବେଦୀୟ ଚିକିତ୍ସା**

ଉଚ୍ଚ ରକ୍ତଚାପର ସମ୍ମୁଖୀନ ହୋଇଥିଲେ ଆୟୁର୍ବେଦୀୟ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ନିମ୍ନଲିଖିତ ଆୟୁର୍ବେଦୀୟ ଔଷଧ ଖାଇପାରନ୍ତି।

**ସର୍ପାଗନ୍ଧା :** ଏହା ଓଡ଼ିଆରେ 'ପାତାଳ ଗରୁଡ଼' ଭାବରେ ପରିଚିତ। ଏହାର ମୂଳ ଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ ବେଶ୍ ଉପକାରୀ।

**ରସୁଣ :** ରସୁଣ ରକ୍ତ ବାହିନୀରେ ସ୍ଥିତ କୋଲେଷ୍ଟରଲ ମାତ୍ରାକୁ ହ୍ରାସ କରିଥାଏ। ରସୁଣରେ ଏପରି ରାସାୟନିକ ତତ୍ତ୍ୱ ରହିଛି, ଯାହା ଉଚ୍ଚ ରକ୍ତଚାପକୁ ହ୍ରାସ କରିଥାଏ। ତେଣୁ ଜଣେ ବ୍ୟକ୍ତି ପ୍ରତିଦିନ ଦୁଇଟି ଲେଖାଏଁ ରସୁଣ (କୋଳା) ଖାଇବା ଉଚିତ।

**ଜଟାମାଂସୀ :** ଏହା ମାନସିକ ଉତ୍ତେଜନାକୁ ହ୍ରାସ କରିବା ସହ ମାନସିକ ଚାପ ସୃଷ୍ଟିକାରୀ ହରମୋନର କ୍ଷରଣକୁ ହ୍ରାସ କରେ।

**ତ୍ରିଫଳା :** ଏହା ରସାୟନ ହୋଇଥିବାରୁ ମନ ତଥା ଶରୀରକୁ ଶକ୍ତି ଯୋଗାଇଥାଏ। ଏହାକୁ ଖାଇବା ଦ୍ୱାରା ଶରୀରରେ କୋଲେଷ୍ଟରଲ ମାତ୍ରା ହ୍ରାସ ହୋଇଥାଏ। ଫଳରେ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣରେ ରହିଥାଏ।

**ଅର୍ଜୁନ :** ମାନସିକ ଚାପ ସୃଷ୍ଟିକାରୀ ହରମୋନର କ୍ଷରଣକୁ ହ୍ରାସ କରିବା ସହିତ ହୃଦ୍ୟ ହୋଇଥିବାରୁ ଏହା ହୃଦ୍‌ରୋଗ ପ୍ରତିଷେଧକ ଅଟେ। ଏହା ମଧ୍ୟ ଯକୃତର କାର୍ଯ୍ୟ କ୍ଷମତା ବଢ଼ାଇବାରେ ସହାୟକ ହୋଇଥାଏ।

*–ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ସୁବର୍ଣ୍ଣପୁର*
*ମୋ : ୯୩୪୮୪୧୨୩୮୭*



# ମେଡିକାଲ ଅକ୍ସିଜେନ୍

ନିକୁଞ୍ଜ ବିହାରୀ ସାହୁ

(ଶେଷ ଭାଗ)

**ହସ୍‌ପିଟାଲରେ ବ୍ୟବହୃତ ଅକ୍ସିଜେନ୍ ସିଲିଣ୍ଡର :** ସାଧାରଣତଃ କୌଣସି ହସ୍‌ପିଟାଲରେ ବ୍ୟବହୃତ ଅକ୍ସିଜେନ୍ ସିଲିଣ୍ଡରର କ୍ଷମତା ୭ ଘନ ମିଟର (୭ କ୍ୟୁବିକ ମିଟର) ହୋଇଥାଏ, ଯାହାର ଉଚ୍ଚତା ପ୍ରାୟ ୪.୫ ଫୁଟ । ଏହାର ଆୟତନ ମାତ୍ର ୪୭ ଲିଟର ହୋଇଥିଲାବେଳେ ଉଚ୍ଚ ଚାପରେ ଏଥିରେ ୭୦୦୦ ଲିଟର ପର୍ଯ୍ୟନ୍ତ ଅକ୍ସିଜେନ୍ ଗ୍ୟାସ୍ ଭର୍ତ୍ତି କରାଯାଇପାରେ। ଏଭଳି ଏକ ୭ ଘନ ମିଟର କ୍ଷମତା ସମ୍ପନ୍ନ ଅକ୍ସିଜେନ୍ ସିଲିଣ୍ଡରରେ ଜଣେ ରୋଗୀଙ୍କୁ କ୍ରମାଗତ ୨୦ ଘଣ୍ଟା ପର୍ଯ୍ୟନ୍ତ ଅକ୍ସିଜେନ୍ ଯୋଗାଣ କରାଯାଇପାରେ।

ସର୍ବଭାରତୀୟ ଔଦ୍ୟୋଗିକ ଗ୍ୟାସ ଉତ୍ପାଦକ ସଂଘଙ୍କ ସୂଚନା ଅନୁସାରେ ଏକ ୭ ଘନ ମିଟର କ୍ଷମତାସମ୍ପନ୍ନ ଅକ୍ସିଜେନ୍ ସିଲିଣ୍ଡରକୁ ସମ୍ପୂର୍ଣ୍ଣ ଭରିବା ପାଇଁ ଅତି ବେଶୀରେ କୌଣସି ହସ୍ପିଟାଲ ପାଇଁ ୩୫୦ ଟଙ୍କା ଖର୍ଚ୍ଚ ହୋଇଥାଏ।

**ଦେଶରେ ମେଡିକାଲ ଅକ୍ସିଜେନ୍‌ର ଅଭାବ କାହିଁକି :** କରୋନା ମହାମାରୀ ପୂର୍ବରୁ ଦେଶରେ ଦୈନିକ ୧୦୦୦ ରୁ ୧୨୦୦ ମେଟ୍ରିକ ଟନ୍ ମେଡିକାଲ ଅକ୍ସିଜେନ୍ ଖର୍ଚ୍ଚ ହେଉଥିଲା ବେଳେ ଏହା ଏପ୍ରିଲ ୧୫ ତାରିଖ ବେଳକୁ ବୃଦ୍ଧିପାଇ ୪୭୯୫ ମେଟ୍ରିକ ଟନ୍ ମୂଲ୍ୟରେ ପହଞ୍ଚିଥିଲା। ସର୍ବଭାରତୀୟ ଔଦ୍ୟୋଗିକ ଗ୍ୟାସ ଉତ୍ପାଦକ ସଂଘଙ୍କ ସୂଚନା ଅନୁସାରେ, ଏପ୍ରିଲ୍ ୧୨ ତାରିଖ ବେଳକୁ ଦେଶରେ ଦୈନିକ ୩୮୪୨ ମେଟ୍ରିକ ଟନ୍ ମେଡିକାଲ ଅକ୍ସିଜେନ୍ ଯୋଗାଣ ହେଉଥିଲା ; ମାତ୍ର ଏବେ ମହାମାରୀର ଦ୍ୱିତୀୟ ଲହର



ପରିସ୍ଥିତିରେ ମେଡିକାଲ ଅକ୍ସିଜେନର ଚାହିଦା ଦ୍ରୁତ ବୃଦ୍ଧି ପାଇଥିବାରୁ ଏହାର ଯୋଗାଣ ଏକ ସମସ୍ୟା ସୃଷ୍ଟି କରିଛି। ସମଗ୍ର ଦେଶରେ ତରଳ ଅକ୍ସିଜେନ୍ ବିତରଣକାରୀ ସଂସ୍ଥାଙ୍କ ନିକଟରେ ପହଞ୍ଚାଇବା ପାଇଁ ମାତ୍ର ୧୨୦୦ ରୁ ୧୫୦୦ ସଂଖ୍ୟକ କ୍ରାୟୋଜେନିକ ଟ୍ୟାଙ୍କର ରହିଛି, ଯାହା ଦୈନିକ ୩ ଲକ୍ଷରୁ ଊର୍ଦ୍ଧ୍ୱ ରୋଗୀଙ୍କ ଚାହିଦା ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ । ସେହିପରି, ବିତରଣକାରୀଙ୍କ ସ୍ତରରେ ମଧ୍ୟ ତରଳ ଅକ୍ସିଜେନ୍ ଗ୍ୟାସୀୟ ରୂପରେ ପରିଣତ କରି ସିଲିଣ୍ଡରରେ ଭର୍ତ୍ତି କରି ଯୋଗାଣ କରିବା ନିମନ୍ତେ ଯଥେଷ୍ଟ ସଂଖ୍ୟକ ସିଲିଣ୍ଡର ଉପଲବ୍ଧ ନାହିଁ।

*–ଏଜୁକେଶନ୍ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ*
*ମୋ : ୮୯୧୭୬୩୭୯୭୪*

# ସ୍ୱାସ୍ଥ୍ୟ ସୂଚନା



- ସକାଳୁ ଯଦି ବ୍ୟାୟାମ କରୁଛନ୍ତି, ତେବେ ଏହି ସମୟରେ ଅନ୍ୟ କଥା ଚିନ୍ତା ନ କରିବା ଭଲ। ସବୁବେଳେ ବ୍ୟାୟାମ ଉପରେ ମନକୁ କେନ୍ଦ୍ରିତ ରଖନ୍ତୁ।
- ଘରେ ଯଦି ଅଧିକ ଦିନ କୌଣସି ଔଷଧ ରଖୁଥାଆନ୍ତି, ତାହାର ଏକ୍ସପାୟେରୀ ଡେଟ୍‌କୁ ଔଷଧ ନାମ ସହ ଡାଏରୀରେ ଲେଖି ରଖନ୍ତୁ।
- ଆଜିକାଲି ଓଜନ ବୃଦ୍ଧି ଏକ ସାଧାରଣ ସମସ୍ୟା ହୋଇଗଲାଣି। ତେଣୁ ଯଦି ଏ ନେଇ ଆପଣ ଚିନ୍ତିତ, ତେବେ ନିୟମିତ ସମୟ ଅନ୍ତରାଳରେ ଓଜନ ମାପି ନେବା ସହ ତାହା କିପରି ସନ୍ତୁଳିତ ରହିବ ସେ ନେଇ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ଆଜିକାଲିର ବ୍ୟସ୍ତବହୁଳ ଜୀବନ ମଧ୍ୟରେ ଅନେକେ ଖାଦ୍ୟପେୟକୁ ଆବଶ୍ୟକତା ଅନୁସାରେ ଗୁରୁତ୍ୱ ଦେଇ ନ ଥାଆନ୍ତି। ସେମାନଙ୍କର ଖାଇବା ପିଇବା ସମୟ ପ୍ରାୟ ଏପଟସେପଟ ହୋଇଥାଏ। ତେଣୁ ନିର୍ଦ୍ଦିଷ୍ଟ ସମୟରେ ଖାଇବାକୁ ଚେଷ୍ଟା କରନ୍ତୁ।
- ଯଦି ଆପଣ କମ୍ପ୍ୟୁଟର ସାମ୍ନାରେ ବସି କାମ କରୁଛନ୍ତି ଏବଂ ଆପଣଙ୍କର କୌଣସି ଦୃଷ୍ଟିଶକ୍ତିଜନିତ ସମସ୍ୟା ନାହିଁ ତେବେ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଚକ୍ଷୁ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ମେ ୩/୨୦୨୧ Bhubaneswar, Monday, May 3/ 2021


# ବଟଲରଙ୍କ ଶତକ: ରୟାଲ୍ସ ବିଜୟୀ

**ନୂଆଦିଲ୍ଲୀ, ୨।୫**

ଜୋସ୍ ବଟ୍‌ଲରଙ୍କ ବିସ୍ଫୋରକ ଶତକ ସହାୟତାରେ ରାଜସ୍ଥାନ ରୟାଲ୍ସ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ରବିବାର ଅନୁଷ୍ଠିତ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୫୫ ରନରେ ପରାସ୍ତ କରିଛି। ରାଜସ୍ଥାନ ପକ୍ଷରୁ ଧାର୍ଯ୍ୟ ୨୨୧ ରନ ବିଜୟ ଲକ୍ଷ୍ୟର ପିଛା କରି ସନ୍‌ରାଇଜର୍ସ ୨୦ ଓଭରରେ ୮ ଉଇକେଟ ହରାଇ ୧୬୫ ରନ କରିବାକୁ ସକ୍ଷମ ହୋଇଥିଲା। ଚଳିତ ଲିଗ୍‌ରେ ରାଜସ୍ଥାନର ଏହାଥିଲା ୭ ମ୍ୟାଚରୁ ୩ୟ ବିଜୟ ଏବଂ ସନ୍‌ରାଇଜର୍ସର ୬ଷ୍ଠ ପରାଜୟ। ଶତକୀୟ ଇନିଂସ ପାଇଁ ବଟ୍‌ଲର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରାଜସ୍ଥାନ ୩ୟ ଓଭର ଶେଷରେ ମାତ୍ର ୧୭ ରନରେ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ (୧୨)ଙ୍କ ଉଇକେଟ ହରାଇଥିଲା। ମାତ୍ର ବଟ୍‌ଲର ଓ ଅଧିନାୟକ ସଞ୍ଜୁ ସାମ୍‌ସନ ଦ୍ୱିତୀୟ ଉଇକେଟରେ ମାତ୍ର ୮୮ ବଲ୍‌ରୁ ୧୫୦ ରନର ଭାଗୀଦାରି ଗଢ଼ି ଦଳକୁ ବୃହତ୍ ସ୍କୋର ଦିଗରେ ଅଗ୍ରସର କରାଇଥିଲେ। ୩୩ଟି ବଲ୍ ଖେଳିଥିବା ସାମ୍‌ସନ ୪ ଚୌକା ଓ ୨ ଛକା ସହ ୪୮ ରନ କରିଥିବାବେଳେ ବିଜୟ ଶଙ୍କରଙ୍କ ବଲରେ ଲଙ୍ଗଅଫ୍‌ରେ ଅବଦୁଲ ସମଦଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ୧୫୦ ରନ ଥିଲା ଆଇପିଏଲରେ ରାଜସ୍ଥାନ ପାଇଁ ଦ୍ୱିତୀୟ ସର୍ବାଧିକ ପାର୍ଟନରଶିପ୍। ବେନ୍ ଷ୍ଟୋକ୍ସ ଓ ସାମ୍‌ସନ ୨୦୨୦ରେ ଆବୁଧାବିରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ତୃତୀୟ ଉଇକେଟରେ ସର୍ବାଧିକ ୧୫୨* ରନର ଭାଗୀଦାରି ଗଢ଼ି ରେକର୍ଡର ଅଧିକାରୀ ଅଛନ୍ତି। ଆରମ୍ଭରୁ ୧୯ ଓଭର ପର୍ଯ୍ୟନ୍ତ ଆଧିପତ୍ୟ ବିସ୍ତାର କରି ଖେଳିଥିଲେ ବଟ୍‌ଲର। ଏହି ଅବସରରେ ସେ ଆଇପିଏଲରେ ନିଜର ପ୍ରଥମ ଶତକ ମଧ୍ୟ ଅର୍ଜନ କରିଥିଲେ। ୫୬ ବଲ୍‌ରୁ ଶତକ ପୂରଣ କରିଥିବା ଏହି ଇଂଲଣ୍ଡ ଖେଳାଳି ମୋଟ ୬୪ଟି ବଲ୍ ଖେଳି ୧୧ ଚୌକା ଓ ୮ ଛକା ସହାୟତାରେ ୧୨୪ ରନ କରି ୧୯ତମ ଓଭରର ଶେଷ ବଲ୍‌ରେ ସନ୍ଦିପ ଶର୍ମାଙ୍କ ଦ୍ୱାରା ବୋଲ୍ଡ ହୋଇଯାଇଥିଲେ। ରାଜସ୍ଥାନ ସ୍କୋରକୁ ୨୦୦ ଅତିକ୍ରମ କରାଇବାରେ ସେ ବଡ଼ ଭୂମିକା ନେଇଥିଲେ। କେଭିନ ପିଟରସନ, ବେନ୍ ଷ୍ଟୋକ୍ସ (୨ ଥର) ଓ ଜନି ବେୟାରଷ୍ଟୋଙ୍କ ପରେ ୪ର୍ଥ ଇଂଲଣ୍ଡ ଖେଳାଳିଭାବେ ବଟ୍‌ଲର ଆଇପିଏଲରେ ଶତକ ହାସଲ କରିଥିଲେ। ତାଙ୍କ ଧୂଆଁଧାର ବ୍ୟାଟିଂ ଯୋଗୁ ରାଜସ୍ଥାନ ଶେଷ ୭ ଓଭରରେ ୧୦୯ ରନ ସଂଗ୍ରହ କରି ପାରିଥିଲା। ରିୟାନ ପରାଗ ୧୫ ଏବଂ ଡେଭିଡ ମିଲର ୭ ରନରେ ଅପରାଜିତ ରହିଥିଲେ। ରାଜସ୍ଥାନ ୨୦ ଓଭରରେ ୩ ଉଇକେଟ ହରାଇ ୨୨୦ ରନ କରିଥିଲା।

ବୃହତ୍ ସ୍କୋରର ପିଛା କରି ସନ୍‌ରାଇଜର୍ସ ମନୀଷ ପାଣ୍ଡେ ଓ ଜନି ବେୟାରଷ୍ଟୋଙ୍କ ଓପନିଂ ଯୋଡ଼ିରୁ ୩୧ ବଲ୍‌ରୁ ୫୭ ରନ ସଂଗ୍ରହ କରିଥିଲା। ମାତ୍ର ଯୋଡ଼ି ଭାଙ୍ଗିବା ପରେ ଦଳର ଇନିଂସ ଦିଗହରା ହୋଇ ଯାଇଥିଲା। ସନ୍‌ରାଇଜର୍ସ ମ୍ୟାନେଜମେଣ୍ଟ ଡେଭିଡ ୱାର୍ନରଙ୍କୁ ହଟାଇ କେନ୍ ୱିଲିୟମସନଙ୍କୁ ଅଧିନାୟକ ଦାୟିତ୍ୱ ଦେଇଥିଲା। ଏପରିକି ୱାର୍ନର ଚୂଡ଼ାନ୍ତ ଦଳରେ ମଧ୍ୟ ସ୍ଥାନ ପାଇ ନ ଥିଲେ। ମାତ୍ର ଏହା ଦଳର ଭାଗ୍ୟରେ ପରିବର୍ତ୍ତନ ଆଣିପାରି ନ ଥିଲା। ଦଳ ୭ ମ୍ୟାଚରୁ ୬ଷ୍ଠ ପରାଜୟ ସହ ସଂଘର୍ଷ ଜାରି ରଖିଛି। ମନୀଷ ସର୍ବାଧିକ ୩୧(୨୦ ବଲ, ୩ ଚୌକା, ୨ ଛକା) ରନ କରିଥିବାବେଳେ ଜନି ବେୟାରଷ୍ଟୋ ୩୦(୨୧ ବଲ, ୪ ଚୌକା, ୧ ଛକା), ୱିଲିୟମସନ ୨୦, କେଦାର ଯାଦବ ୧୯ ଏବଂ ମହମ୍ମଦ ନବି ୧୭ ରନର ଯୋଗଦାନ ଦେଇଥିଲେ। ରୟାଲ୍ସ ବୋଲରଙ୍କ ମଧ୍ୟରେ ମୁସ୍ତାଫିଜୁର ରହମନ ଓ କ୍ରିସ୍ ମୋରିସ ୩ଟି ଲେଖାଏ ଏବଂ କାର୍ତ୍ତିକ ତ୍ୟାଗୀ ଓ ରାହୁଲ ଟେୱାଟିଆ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଶତକ ହାସଲ ପରେ ଜୋସ୍ ବଟଲର।




### ସଂକ୍ଷିପ୍ତ ସ୍କୋର

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୨୨୦/୩(ଜୋସ ବଟ୍‌ଲର-୧୨୪, ସଞ୍ଜୁ ସାମ୍‌ସନ-୪୮, ସନ୍ଦିପ ଶର୍ମା-୧/୫୦, ରଶିଦ ଖାଁ-୧/୨୪, ବିଜୟ ଶଙ୍କର-୧/୪୨)। ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୬୫/୮(ମନୀଷ ପାଣ୍ଡେ-୩୧, ଜନି ବେୟାରଷ୍ଟୋ-୩୦, କେନ୍ ୱିଲିୟମସନ-୨୦, ମୁସ୍ତାଫିଜୁର ରହମନ-୩/୨୦, କ୍ରିସ୍ ମୋରିସ-୩/୨୯, କାର୍ତ୍ତିକ ତ୍ୟାଗୀ-୧/୩୨, ରାହୁଲ ଟେୱାଟିଆ-୧/୪୫)।

# ଚେନ୍ନାଇକୁ ହରାଇଲା ମୁମ୍ବାଇ



ମ୍ୟାନ୍ ଅଫ୍ ଦି ମ୍ୟାଚ୍ କିରନ ପୋଲାର୍ଡ।

**ନୂଆଦିଲ୍ଲୀ,୨।୫:** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ହାଇସ୍କୋରିଂ ୨୭ତମ ମ୍ୟାଚ୍‌ରେ ରେକର୍ଡ ରନ ଚେଜ୍ କରି ମୁମ୍ବାଇ ଇଣ୍ଡିଆନ୍ସ ୪ ଉଇକେଟରେ ଚେନ୍ନାଇ ସୁପର କିଙ୍ଗ୍ସକୁ ପରାସ୍ତ କରିଛି। ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ଏହି ମୁକାବିଲାରେ ମୁମ୍ବାଇ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଚେନ୍ନାଇ ୨୦ ଓଭରରେ ୪ ଉଇକେଟ ହରାଇ ୨୧୮ ରନ ସଂଗ୍ରହ କରିଥିଲା। ଜବାବରେ ମୁମ୍ବାଇ ୬ ଉଇକେଟ ହରାଇ ୨୧୯ ରନ କରି ଶେଷ ବଲ୍‌ରେ ବାଜି ମାରିଥିଲା। ଏଥିସହ ଗତ ୯ ମ୍ୟାଚ୍‌ରେ ଚେନ୍ନାଇକୁ ମୁମ୍ବାଇ ୭ଥର ପରାସ୍ତ କରିବାରେ ସକ୍ଷମ ହୋଇଛି। ମାତ୍ର ୩୪ ବଲରୁ ୬ ଚୌକା ଓ ୮ ଛକା ସହ ଦ୍ରୁତ ତଥା ଅପରାଜିତ ୮୭ ରନର ଇନିଂସ ଖେଳି ମିଡ୍‌ଲ ଅର୍ଡର ବ୍ୟାଟ୍ସମ୍ୟାନ କିରନ ପୋଲାର୍ଡ ମୁମ୍ବାଇକୁ ଜିତାଇବା ସହ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ୱିଣ୍ଟନ ଡିକକ ୨୮ ବଲରୁ ୩୮, ଅଧିନାୟକ ରୋହିତ ଶର୍ମା ୨୪ ବଲରୁ ୩୫, କୃନାଲ ପାଣ୍ଡ୍ୟା ୨୩ ବଲରୁ ୩୨, ହାର୍ଦ୍ଦିକ ପାଣ୍ଡ୍ୟା ୭ ବଲରୁ ୧୬ ରନ ସଂଗ୍ରହ କରିଥିଲେ। ଚେନ୍ନାଇ ପାଇଁ ବୋଲିଂରେ ସମ କୁରାନ ୩ ଉଇକେଟ ନେଇଥିଲେ। ପ୍ରଥମେ ବ୍ୟାଟିଂ କରିଥିବା ଚେନ୍ନାଇ ତରଫରୁ ଅମ୍ବାତି ରାୟୁଡୁ ସର୍ବାଧିକ ଅପରାଜିତ ୭୨ (୨୭ ବଲ, ୪ଚୌକା, ୭ ଛକା), ଫାଫ୍ ଡୁପ୍ଲେସି ୫୦ ରନ (୨୮ ବଲ, ୨ ଚୌକା, ୪ ଛକା), ମୋଇନ ଅଲୀ ୫୮ ରନ (୩୬ ବଲ, ୫ ଚୌକା, ୫ ଛକା), ରବୀନ୍ଦ୍ର ଜାଡେଜା ଅପରାଜିତ ୨୨ ରନ ସଂଗ୍ରହ କରିଥିଲେ। ମୁମ୍ବାଇର ପୋଲାର୍ଡ ୨ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଚେନ୍ନାଇ ୨୦ ଓଭରରେ ୨୧୮/୪ (ଅମ୍ବାତି ରାୟୁଡୁ- ୭୨*, ମୋଇନ ଅଲୀ- ୫୮, ଫାଫ୍ ଡୁପ୍ଲେସି- ୫୦, ରବୀନ୍ଦ୍ର ଜାଡେଜା- ୨୨*, କିରନ ପୋଲାର୍ଡ- ୨/୧୨)। ମୁମ୍ବାଇ ୨୦ ଓଭରରେ ୨୧୯/୬ (କିରନ ପୋଲାର୍ଡ- ୮୭*, କ୍ୱିଣ୍ଟନ ଡିକକ- ୩୮, ରୋହିତ ଶର୍ମା- ୩୫, କୃନାଲ ପାଣ୍ଡ୍ୟା- ୩୨, ସାମ୍ କୁରାନ- ୩/୩୪)।

# ୨୦୦ ଅକ୍ସିଜେନ କନସେନଟ୍ରେଟର୍ସ ଦେବେ ପାଣ୍ଡ୍ୟା ଭ୍ରାତା



**ନୂଆଦିଲ୍ଲୀ, ୨।୫ (ପି.ଟି.):** କୋଭିଡ୍-୧୯ ମହାମାରୀ ଲଢ଼େଇରେ ସାମିଲ ହୋଇଛନ୍ତି ଦୁଇ କ୍ରିକେଟର ଭାଇ ହାର୍ଦ୍ଦିକ ଓ କୃନାଲ ପାଣ୍ଡ୍ୟା। ଗ୍ରାମାଞ୍ଚଳରେ ଲୋକଙ୍କ ଚିକିତ୍ସା ପାଇଁ ଏହି ଦୁଇ ଭାଇ ୨୦୦ ଅକ୍ସିଜେନ କନ୍‌ସେନଟ୍ରେଟର୍ସ ଦାନ କରିବେ। ଏ ନେଇ ଶନିବାର ହାର୍ଦ୍ଦିକ ଘୋଷଣା କରିଛନ୍ତି। ମହାମାରୀର ପ୍ରକୋପ ଜାରି ରହିଥିବା ବେଳେ ଆମେ ଲୋକଙ୍କୁ ସାହାଯ୍ୟ କରିବାକୁ ଚାହୁଁଥିଲୁ ବୋଲି ହାର୍ଦ୍ଦିକ କହିଛନ୍ତି। କୋଭିଡ୍-୧୯ ଲଢ଼େଇରେ ସାମିଲ ଥିବା ସବୁ ଡାକ୍ତର, ନର୍ସ, ସ୍ୱାସ୍ଥ୍ୟକର୍ମୀଙ୍କୁ ସେ ପ୍ରଶଂସା କରିଛନ୍ତି। ଏବେ ସମସ୍ତେ ଏକାଠି ହୋଇ ମହାମାରୀ ବିରୋଧରେ ଲଢ଼େଇ କରିବାର ଆବଶ୍ୟକତା ରହିଛି। ପୂର୍ବରୁ କ୍ରିକେଟ ଆଇକନ ସଚିନ ତେନ୍ଦୁଲକର, ଶିଖର ଧାୱନ, ଜୟଦେବ ଉନାଡ୍‌କଟ, ପ୍ୟାଟ କମିନ୍ସ, ବ୍ରେଟ ଲି ଓ ନିକୋଲାସ ପୁରନଙ୍କ ଭଳି କ୍ରିକେଟର ଅର୍ଥରାଶି ଦାନ କରି ଏହି ଲଢ଼େଇରେ ସାମିଲ ହୋଇଥିଲେ। ଆଇପିଏଲ୍ ଦଳ ରାଜସ୍ଥାନ ରୟାଲ୍ସ ଏଥିପାଇଁ ୭.୫ କୋଟି ଓ ଦିଲ୍ଲୀ କ୍ୟାପିଟାଲ୍ସ ୧.୫ କୋଟି ଟଙ୍କା ଦାନ କରିଛନ୍ତି।

# ପଞ୍ଜାବକୁ ହରାଇ ଶୀର୍ଷରେ ଦିଲ୍ଲୀ



୯୯ ରନ୍‌ର ଅପରାଜିତ ଇନିଂସ ଖେଳିଥିବା ମୟଙ୍କ ଅଗ୍ରୱାଲ।

**ଅହମଦାବାଦ, ୨।୫:** ଇଣ୍ଡିଆନ ପ୍ରିମିୟର ଲିଗ୍‌ର ରବିବାର ମ୍ୟାଚରେ ପଞ୍ଜାବ କିଙ୍ଗ୍ସକୁ ହରାଇ ଦିଲ୍ଲୀ କ୍ୟାପିଟାଲ୍ସ ପଏଣ୍ଟ ଟେବୁଲର ଶୀର୍ଷକୁ ଫେରିଛି। ଦଳ ୮ ମ୍ୟାଚରୁ ୬ଷ୍ଠ ବିଜୟ ସହ ୧୨ ପଏଣ୍ଟରେ ପହଞ୍ଚିଛି। ଏଠାରେ ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ଅଧିନାୟକ ମୟଙ୍କ ଅଗ୍ରୱାଲ(୯୯*)ଙ୍କ ଲଢୁଆ ବ୍ୟାଟିଂ ବଳରେ ୨୦ ଓଭରରେ ୬ ଉଇକେଟ ହରାଇ ୧୬୬ ରନ କରିଥିଲା। ଜବାବରେ ଦିଲ୍ଲୀ ୧୭.୪ ଓଭରରେ ୩ ଉଇକେଟ ହରାଇ ୧୬୭ ରନ ସଂଗ୍ରହ କରି ନେଇଥିଲା। ଓପନର ପୃଥ୍ୱୀ ଶ' ଓ ଶିଖର ଧାୱନ ପ୍ରଥମ ଉଇକେଟରେ ୩୭ ବଲ୍‌ରୁ ୬୩ ରନ କରି ଉତ୍ତମ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ପୃଥ୍ୱୀ ୨୨ ବଲ୍‌ରୁ ୩୯(୩ ଚୌକା, ୩ ଛକା) ରନ କରି ଆଉଟ ହୋଇଥିବାବେଳେ ଧାୱନ ୬୯(୪୭ ବଲ, ୬ ଚୌକା, ୨ ଛକା) ରନରେ ଅପରାଜିତ ରହିଥିଲେ। ଷ୍ଟିଭ୍ ସ୍ମିଥ ୨୪, ଅଧିନାୟକ ରିଷଭ ପନ୍ତ ୧୪ ରନ କରିଥିଲେ। ଶିମରନ ହେଟମେର ମାତ୍ର ୪ ବଲ୍‌ରୁ ୧ ଚୌକା ଓ ୨ ଛକା ସହାୟତାରେ ୧୬ ରନରେ ଅପରାଜିତ ଥିଲେ।

ନିୟମିତ ଅଧିନାୟକ ଲୋକେଶ ରାହୁଲଙ୍କୁ ଆପେଣ୍ଡିସାଇଟ୍ସ ହୋଇଥିବାରୁ ତାଙ୍କ ସ୍ଥାନରେ ମୟଙ୍କ ଅଗ୍ରୱାଲଙ୍କୁ ଅଧିନାୟକ ଦାୟିତ୍ୱ ଅର୍ପଣ କରାଯାଇଛି। ଦିଲ୍ଲୀ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିବାବେଳେ ମୟଙ୍କଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତ ପଞ୍ଜାବ ବ୍ୟାଟ୍ସମ୍ୟାନ ସଂଘର୍ଷ କରୁଥିବା ପରିଲକ୍ଷିତ ହୋଇଥିଲା। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଖେଳି ମୟଙ୍କ ୫୮ ବଲ୍‌ରୁ ୮ ଚୌକା ଓ ୪ ଛକା ସହାୟତାରେ ୯୯ ରନ କରି ଅପରାଜିତ ରହିଥିଲେ। ୧୯ତମ ଓଭରସୁଦ୍ଧା ୮୪ ରନ କରିଥିବା ମୟଙ୍କ ଶେଷ ଓଭରରୁ ୨ ଚୌକା ଓ ୧ ଛକା ସହାୟତାରେ ୧୫ ରନ ନେବାକୁ ସକ୍ଷମ ହୋଇଥିଲେ। ତେବେ ଏହି ଓଭରରୁ ମୋଟ ୨୩ ରନ ସଂଗୃହୀତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦାୱିଦ ମଲନ ଦ୍ୱିତୀୟ ସର୍ବାଧିକ ୨୬ ରନ କରିଥିଲେ।

### ସଂକ୍ଷିପ୍ତ ସ୍କୋର

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୬୬/୬(ମୟଙ୍କ ଅଗ୍ରୱାଲ-୯୯*, ଦାୱିଦ ମଲନ-୨୬, କାଗିଶୋ ରାବାଡ଼ା-୩/୩୬, ଆଭେଶ ଖାଁ-୧/୩୯, ଅକ୍ଷର ପଟେଲ-୧/୨୧)। ଦିଲ୍ଲୀ କ୍ୟାପିଟାଲ୍ସ ୧୭.୪ ଓଭରରେ ୧୬୭/୩(ଶିଖର ଧାୱନ-୬୯*, ପୃଥ୍ୱୀ ଶ'-୩୯, ଷ୍ଟିଭ୍ ସ୍ମିଥ-୨୪, ରିଲେ ମେରେଡିଥ-୧/୩୫, କ୍ରିସ୍ ଜୋର୍ଡାନ-୧/୨୧, ହରପ୍ରୀତ ବ୍ରାର-୧/୧୯)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୬ | ୨ | ୧୨ | +୦.୫୪୭ |
| ଚେନ୍ନାଇ ସୁପରକିଙ୍ଗ୍ସ | ୭ | ୫ | ୨ | ୧୦ | +୧.୨୬୩ |
| ରୟାଲ ଚ୍ୟାଲେଞ୍ଜର୍ସ | ୭ | ୫ | ୨ | ୧୦ | -୦.୧୭୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୪ | ୩ | ୮ | +୦.୦୬୨ |
| ରାଜସ୍ଥାନ ରୟାଲ୍ସ | ୭ | ୩ | ୪ | ୬ | -୦.୧୯୦ |
| ପଞ୍ଜାବ କିଙ୍ଗ୍ସ | ୮ | ୩ | ୫ | ୬ | -୦.୩୬୮ |
| ନାଇଟ ରାଇଡର୍ସ | ୭ | ୨ | ୫ | ୪ | -୦.୪୯୪ |
| ସନ୍‌ରାଇଜର୍ସ | ୭ | ୧ | ୬ | ୨ | -୦.୬୨୩ |







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

**କୋରେକ୍ସ ବିକି ଯୁବକ ଗିରଫ**

ପୁରୀ ଅଫିସ: ପୁରୀ କୁମ୍ଭାରପଡ଼ା ଥାନା ପୋଲିସ କୋରେକ୍ସ ବିକିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କୁମ୍ଭାରପଡ଼ା ଥାନା ଅଧୀନ ରାମଚଣ୍ଡି ସାହି ଅଞ୍ଚଳର କାବୁ ପ୍ରଧାନ(୨୫)। ତାଙ୍କଠାରୁ ୧୦୦ ଗ୍ରାମର ୨୦ଟି କୋରେକ୍ସ ବୋତଲ ଜବତ ହୋଇଛି, ଯାହାର ପରିମାଣ ୨ ଲିଟର ହେବ। ଏ ନେଇ ପୋଲିସ ଏକ କେସ୍ (ନଂ ୧୪୦/୨୧) ରୁଜୁ କରାଯାଇଛି। କାବୁ ନିଜ ଘର ନିକଟରେ କୋରେକ୍ସ ବିକ୍ରି କରୁଥିବା ସମୟରେ ପୋଲିସ ତାଙ୍କୁ ଧରିଥିଲା।




୦୨.୦୫.୨୦୨୧

| | |
|---|---|
| ୩୪୩ ଟଙ୍କା | |
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

# ଆଇଡିଏଚ୍‌ରେ ଅବ୍ୟବସ୍ଥା ଅଭିଯୋଗ

**ପୁରୀ ଅଫିସ,୨।୫:**

ପୁରୀ ଜିଲାରେ ଶନିବାର ୩୦୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ପୁରୀ ସହରରୁ ୧୩୩ ଜଣ ସଂକ୍ରମିତ ରହିଛନ୍ତି। ସେହିପରି ପୁରୀ ସଦରରୁ ୪୯, ଅସ୍ତରଙ୍ଗରୁ ୧୨, ବ୍ରହ୍ମଗିରିରୁ ୨୭, ଡେଲାଙ୍ଗରୁ ୧୫, ଗୋପରୁ ୧୭, କାକଟପୁରରୁ ୧୧, କୋଣାର୍କ ଏନ୍‌ଏସିରୁ ୩, କଣାସରୁ ୧୧, କୃଷ୍ଣପ୍ରସାଦରୁ ୧୨, ନିମାପଡ଼ାରୁ ୧୧ ଓ ନିମାପଡ଼ା ଏନ୍‌ଏସିରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପିପିଲି ବ୍ଲକରୁ ୨୩, ପିପିଲି ଏନ୍‌ଏସିରୁ ୭, ସତ୍ୟବାଦୀରୁ ୧୭, ଅନ୍ୟ ଜିଲାରୁ ୩ ଓ ରାଜ୍ୟ ବାହାରୁ ଜଣେ ଅକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଜିଲାରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ଆଇଡିଏଚ୍‌ରେ ସ୍ଥିତି ଭୁଶୁଡୁଥିବା ଅଭିଯୋଗ ସାମ୍ନାକୁ ଆସିଛି। ପୁରୀ ସହରର ବିଦ୍ୟାଧର ଦାଶଙ୍କ ଅଭିଯୋଗ ଅନୁଯାୟୀ, ରବିବାର ସେ ସ୍ତ୍ରୀଙ୍କୁ ନେଇ ଆଇଡିଏଚ୍ ଯାଇଥିଲେ। ସ୍ତ୍ରୀ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ତାଙ୍କ ଶରୀର ନିସ୍ତେଜ ହୋଇପଡ଼ିଥିଲା। ତେବେ ସକାଳ ୭ରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଆଇଡିଏଚ୍ ଶଯ୍ୟାରେ ପଡ଼ିରହିଥିଲେ ମଧ୍ୟ କେହି ଡାକ୍ତର ଆସି ନ ଥିଲେ। ପରେ ସେ ବାଧ ହୋଇ ସ୍ତ୍ରୀଙ୍କୁ ଘରୋଇ ହସ୍ପିଟାଲକୁ ନେଇଥିଲେ। ଅନ୍ୟପକ୍ଷରେ ଏଭଳି ଅଭିଯୋଗକୁ ଆଇଡିଏଚ୍ କୋଭିଡ୍ ଇନଚାର୍ଜ ସୁଶାନ୍ତ ପଣ୍ଡା ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଡାକ୍ତରମାନେ ସକାଳ ସମୟରେ ଡ୍ୟୁଟିରେ ଥିଲେ। ରୋଗୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳେ ଡାକ୍ତରମାନେ ଭେଟୁଛନ୍ତି। ତେବେ

**ଜଣେ ଡାକ୍ତରଙ୍କୁ କରୋନା**

ଆଇଡିଏଚ୍‌ରେ ଏବେ ୩୦ଟି ଶଯ୍ୟା ବଢ଼ିଥିଲେ ମଧ୍ୟ ଡାକ୍ତରଙ୍କ ସଂଖ୍ୟା ବଢ଼ି ନ ଥିବା କଥାକୁ ସେ ସ୍ୱୀକାର କରିଛନ୍ତି। ଏବେ ପ୍ରାୟ ୧୩ ଜଣ ଡାକ୍ତର କାର୍ଯ୍ୟରତ ଥିବାବେଳେ ଜଣେ ଡାକ୍ତର କରୋନା ସଂକ୍ରମିତ ହୋଇ ସଙ୍ଗରୋଧରେ ଥିବା ସୂଚନା ମିଳିଛି। ସେହିଭଳି ହୃତପିଣ୍ଡ ଓ ଫୁସଫୁସରେ ସମସ୍ୟା ଦେଖାଦେବାରୁ ଅନେକ ରୋଗୀ ରେଫର ହୋଇ ଭୁବନେଶ୍ୱର ଓ କଟକ ଯାଉଛନ୍ତି। ଏ ନେଇ ଜିଲାର ମୁଖ୍ୟ କୋଭିଡ୍ ଡାକ୍ତରଖାନାରେ ବ୍ୟବସ୍ଥାକୁ ନେଇ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ଗଣସ୍ୱାସ୍ଥ୍ୟ) ଗିରିଜା ଶଙ୍କର ରଥ କହିଛନ୍ତି, ଛାତି ରୋଗ ବିଶେଷଜ୍ଞ ଭାବେ ଜଣେ ଡାକ୍ତର ଆଇଡିଏଚ୍‌ରେ ଥିବାବେଳେ କାର୍ଡିଓଲୋଜିଷ୍ଟ ସ୍ପେଶାଲିଷ୍ଟଙ୍କୁ ଦାୟିତ୍ୱରେ ରଖାଯାଇନାହିଁ। ଅନ୍ୟପକ୍ଷରେ ଆଇନଜୀବୀ ବିଭୂତି ଭୂଷଣ ତ୍ରିପାଠୀ କହିଛନ୍ତି, ସଂକ୍ରମଣ ବ୍ୟାପିବା ପରେ ପୁରୀ ସହରରେ ଅନେକ ରୋଗୀଙ୍କ କ୍ଷେତ୍ରରେ କାର୍ଡିଓ ସମସ୍ୟା ଦେଖିବାକୁ ମିଳିଛି। ଏଣୁ ପୁରୀରେ ଏହି ବିଭାଗର ଜଣେ ସ୍ପେଶାଲିଷ୍ଟ ରହିବା ଆବଶ୍ୟକ। ତେବେ ରବିବାର ପୁରୀରେ କୋଭିଡ୍‌ରେ ମୃତ୍ୟୁ ଘଟିଥିବା ୩ଜଣଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏମାନଙ୍କ ମଧ୍ୟରେ ୩୦ ତାରିଖରେ ପ୍ରାଣ ହରାଇଥିବା ମାଟିମଣ୍ଡପ ସାହିର ୨୯ ବର୍ଷୀୟ ଯୁବକ, ରବିବାର ଜଣେ ରିଜର୍ଭ ପୋଲିସ କର୍ମଚାରୀ ଓ ପୁରୀ ସଦରର ଜଣେ ମହିଳା ରହିଛନ୍ତି।


ରବିବାର ଶଟ୍‌ଡାଉନ୍ ଯୋଗୁ ପୁରୀ ବେଳାଭୂମି ଜନଶୂନ୍ୟ ହୋଇପଡିଛି ।

# ସ୍ମାର୍ଟ ପାର୍କ କାର୍ଯ୍ୟ ତଦାରଖ କଲେ ବିଡିଓ


ବିଡିଓ ତୁଷାରକାନ୍ତ ଜ୍ୟୋତିରଞ୍ଜନ ଓଥକାରେ ପାର୍କ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି ।

**କାକଟପୁର,୨।୫(ଡି.ଏନ୍.ଏ):**

ଗ୍ରାମାଞ୍ଚଳରେ ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସହରୀ ଢାଞ୍ଚାରେ ସ୍ମାର୍ଟ ଉଦ୍ୟାନ (ପାର୍କ) ନିର୍ମାଣ କରିବାଲାଗି ନିର୍ଦ୍ଦେଶ ଦିଆଯାଇଛି। କାକଟପୁର ବ୍ଲକରେ ନୂତନ ଭାବେ ଯୋଗଦେଇଥିବା ବିଡିଓ ତୁଷାରକାନ୍ତ ଜ୍ୟୋତିରଞ୍ଜନ, ଓଥକା ସରପଞ୍ଚ ଯୁଗଳ କିଶୋର ରାଉତ ସ୍ଥାନୀୟ ଅଞ୍ଚଳରେ ହେଉଥିବା ପାର୍କ କାର୍ଯ୍ୟ ବୁଲି ତଦାରଖ କରିଥିଲେ। ଏପରିକି ଖୁବଶୀଘ୍ର ପାର୍କ ନିର୍ମାଣ କାର୍ଯ୍ୟ ଶେଷ କରିବାସହ ବିଭିନ୍ନ ଔଷଧୀୟ ବୃକ୍ଷ, ରଙ୍ଗବେରଙ୍ଗ ଫୁଲ ଗଛ ଲଗାଇ ପ୍ରାଚୀ ଅବବାହିକାରେ ଲୁପ୍ତପ୍ରାୟ ପୌରାଣିକ ଗାଥା, ଦେବଦେବୀ ଓ ମନ୍ଦିରଗୁଡିକର ପଟଚିତ୍ର ପ୍ରାଚୀରରେ ସ୍ଥାନିତ କରିବାକୁ ପରାମର୍ଶ ଦେଇଥିଲେ। ସହକାରୀ ଯନ୍ତ୍ରୀ ରମେଶଚନ୍ଦ୍ର ସାହୁଙ୍କ ଗାଇଡ୍‌ଲାଇନରେ ପ୍ରସ୍ତୁତ ଯୋଜନା ଖୁବକମ ଦିନରେ ବାସ୍ତବ ରୂପରେଖ ନେବାକୁ ଯାଉଛି ବୋଲି ସରପଞ୍ଚ ରାଉତ ପ୍ରକାଶ କରିଥିଲେ। ପରିଦର୍ଶନରେ ବିଡିଓଙ୍କ ସହ ବ୍ଲକ କନିଷ୍ଠ ଯନ୍ତ୍ରୀ ସୁବ୍ରତ ବାରିକ ଓ ସୁଶାନ୍ତ କୁମାର ମହାପାତ୍ର ଉନ୍ନୟନ କାର୍ଯ୍ୟଗୁଡ଼ିକୁ ଦେଖାଇବା ସହ କୋଭିଡ-୧୯ ପରିଚାଳନା ପାଇଁ ଚିହ୍ନଟ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି କାର୍ଯ୍ୟର ସମୀକ୍ଷା କରିଥିଲେ।

## ସଂକ୍ଷେପରେ

### ଦୋକାନ ବନ୍ଦ କଲା ପ୍ରଶାସନ

ବଲଙ୍ଗା/କଣାସ,୨।୫ (ଡି.ଏନ୍.ଏ./ସ୍ୱ.ପ୍ର.)- କରୋନା କଟକଣା ଅବମାନନା ଯୋଗୁ ନିମାପଡ଼ା ତହସିଲଦାର ରାମଚନ୍ଦ୍ର ଜେନା, ଥାନା ଅଧିକାରୀ ସମରେନ୍ଦ୍ର ପାଇକରାୟ ଏବଂ ପୋଲିସ କର୍ମଚାରୀଙ୍କ ଦ୍ୱାରା ବଲଙ୍ଗା ବଜାରରେ ଚଢ଼ାଉ କରି ଗୋଟିଏ ଲୁଗା ଦୋକାନ, ଗୋଟିଏ ଭେରାଇଟି ଷ୍ଟୋର, ୨ଟି ମିଠା ଏବଂ ଗୋଟିଏ ପାନ ଦୋକାନ ବନ୍ଦ କରି ଦେଇଛନ୍ତି। ଥାନା ଅଧୀନ କେତେଜଣ ଅମାନିଆ ପାଟଣା ବଜାରରେ ମାସ୍କ ପରିଧାନ କରି ନ ଥିବା ଯୋଗୁ ୩୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଗାମୀ ଦିନରେ ଚଢ଼ାଉ ଜୋରଦାର କରାଯିବ ବୋଲି ପ୍ରଶାସନ ତରଫରୁ ଜଣାପଡ଼ିଛି। ସେହିଭଳି କଣାସ ତହସିଲଦାର ଲକ୍ଷ୍ମୀଧର ମହାରଣା ଏବଂ କଣାସ ଥାନା ଆଇଆଇସି ତପନ ରାଉତ ଶନିବାର ମନ୍ଦାରବସ୍ତ ବଜାରରେ ପହଞ୍ଚି କୋଭିଡି ନିୟମ ମାନୁ ନ ଥିବା ଗୋଟିଏ ରାଶନ ଦୋକାନକୁ ସିଲ୍ କରିବା ସହିତ ମାସ୍କ ପିନ୍ଧି ନ ଥିବା ୩୦ଜଣଙ୍କଠାରୁ ୩ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

### ଅଧ୍ୟକ୍ଷଙ୍କୁ ଅବସର ସମ୍ବର୍ଦ୍ଧନା

ଡେଲାଙ୍ଗ,୨।୫(ଡି.ଏନ.ଏ.)- ଡେଲାଙ୍ଗ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଅଶୋକ ମହାନ୍ତିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଟକଣା ଅନୁଯାୟୀ ଅଧ୍ୟାପକ ଶରତଚନ୍ଦ୍ର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକରୁ ଅଧ୍ୟକ୍ଷ ହୋଇଥିବା ଡ.ମହାନ୍ତୀ ଚାକିରି କାଳ ମଧ୍ୟରେ ସମସ୍ତଙ୍କର ପ୍ରିୟଭାଜନ ହୋଇଥିଲେ। ମହାବିଦ୍ୟାଳୟ ପକ୍ଷରୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇ ବିଦାୟୀ ଦିଆଯାଇଥିଲା। ସଭାରେ ଅଧ୍ୟାପକ ଘନଶ୍ୟାମ ସ୍ୱାଇଁ, ସରୋଜ ବଳିୟାରସିଂହ, ସୁକାନ୍ତ ପଣ୍ଡା, ଡ.ସ୍ନେହାଞ୍ଜଳି ମହାନ୍ତି, ଅତୁଲ ଦାଶ, ଜିତେନ୍ଦ୍ର ମଲ୍ଲିକ, ତନ୍ମୟ ମହାପାତ୍ର, କିଶାନ ପଟ୍ଟନାୟକ, ପ୍ରଶାନ୍ତ ମହାପାତ୍ର, ସର୍ବେଶ୍ୱର ପ୍ରଧାନ, ପ୍ରଶାନ୍ତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କଲ୍ୟାଣପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଳୟପ୍ରଭା ଦେଇଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି।

### ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

ପୁରୀ ଅଫିସ, ୨।୫: କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଖାକିମଠ ନୂଆସାହିର ଜଣେ ଯୁବତୀଙ୍କର ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ଲିଜାରାଣୀ ସ୍ୱାଇଁ (୨୮)। ସୂଚନା ଅନୁଯାୟୀ, ରବିବାର ଲିଜା ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକେ ଚିକିତ୍ସା ନିମନ୍ତେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଡାକ୍ତରଖାନା ପକ୍ଷରୁ କୁହାଯାଇଛି।

# ପୂର୍ବ ଶତ୍ରୁତାରୁ ମହିଳାଙ୍କୁ କଟୁରିରେ ଆକ୍ରମଣ

**ପୁରୀ ଅଫିସ, ୨।୫:**

ପୁରୀ ସଦର ଥାନା ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ମହିଳାଙ୍କୁ କଟୁରିରେ ଆକ୍ରମଣ କରାଯାଇଛି। ସେ ହେଲେ ପୁରୀ ସଦର ଥାନା ଅନ୍ତର୍ଗତ ନୂଆପାଟଣା ଗ୍ରାମର କନକ ସେଠୀ। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିକରାଯାଇଛି। କନକଙ୍କ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ପୋଲିସ ଏକ କେସ୍ (ନଂ. ୧୫୭ /୨୧) ରୁଜୁ କରି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ନୂଆପାଟଣା ଗ୍ରାମର ଆଲୋକ ସେଠୀ ଓ ଦୁଃଖୀଶ୍ୟାମ ସେଠୀଙ୍କ ମଧ୍ୟରେ ପୂର୍ବରୁ ବିବାଦ ଲାଗିରହିଛି। ଏହାକୁ ନେଇ ଶନିବାର ସନ୍ଧ୍ୟାରେ ଦୁଃଖୀଶ୍ୟାମ ଆଲୋକଙ୍କ ଘରକୁ ଆସିଥିଲେ। ସେହି ସମୟରେ ଆଲୋକ ଘରେ ନ ଥିଲେ। ତାଙ୍କ ସ୍ତ୍ରୀ କନକଙ୍କୁ ଦୁଃଖୀଶ୍ୟାମ ଗାଳିଗୁଲଜ କରିବା ସହ ଆଲୋକଙ୍କୁ ହାଣିଦେବା ପାଇଁ ଧମକ ଦେଇଥିଲେ। ଏହି ସମୟରେ ଆଲୋକ ପହଞ୍ଚିଯିବାରୁ ଦୁଃଖୀଶ୍ୟାମ ଧରିଥିବା କଟୁରିରେ ଆଲୋକଙ୍କୁ ହାଣିବା ପାଇଁ ଗୋଡ଼ାଇଥିଲେ। ତେବେ ଦୁଃଖୀଶ୍ୟାମଙ୍କ ଆଗକୁ କନକ ଆସିଯାଇଥିଲେ। ଫଳରେ କନକଙ୍କ ହାତରେ କଟୁରି ଚୋଟ ବାଜିଥିଲା। ଏହା ଦେଖି ଦୁଃଖୀଶ୍ୟାମ ସେଠାରୁ ଫେରାର ହୋଇଯାଇଥିଲେ। କନକଙ୍କୁ ରକ୍ତାକ୍ତ ଅବସ୍ଥାରେ ଘରଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ପରେ ଆଲୋକ ଏ ସମ୍ପର୍କରେ ଥାନାରେ ଏତଲା ଦେଇଥିଲେ।

# ୩୧, ୩୫୨ ଜଣଙ୍କୁ ମିଳିଛି ୨ୟ ଡୋଜ୍

**ପୁରୀ ଅଫିସ,୨।୫:**

ପୁରୀ ଜିଲାରେ ମେ ମାସର ଟିକାକରଣ ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। ଟିକା ମହଜୁଦ ନ ଥିବାରୁ ଟିକାକରଣ ହୋଇପାରୁ ନାହିଁ ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ତେବେ ଏଯାବତ୍ ଜିଲାରେ ୨ଲକ୍ଷ ୩୮ହଜାର ୯୭୨ଜଣ ଲୋକ ଟିକା ନେଇ ସାରିଲେଣି। ଏମାନଙ୍କ ମଧ୍ୟରୁ ୨ଲକ୍ଷ ୭ହଜାର ୬୨୦ ଜଣ କେବଳ ପ୍ରଥମ ଡୋଜ୍ ନେଇଥିବା ବେଳେ ମାତ୍ର ୩୧ ହଜାର ୩୫୨ଜଣଙ୍କୁ ୨ୟ ଡୋଜ୍ ଦିଆଯାଇଛି। ତେବେ ଟିକା ଆସିଲେ ପ୍ରଥମେ ୨ୟ ଡୋଜ୍ ଦିଆଯିବ କିମ୍ବା ୧୮ ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତି ଟିକା ନେବେ ତାହା ବଡ଼ ପ୍ରଶ୍ନ ହୋଇଛି। ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୬ହଜାର ୮ଶହ, ଗୋପରେ ୭ହଜାର ୫୪୧, ଅସ୍ତରଙ୍ଗରେ ୭ହଜାର ୩୩୪, ନିମାପଡ଼ାରେ ୭ହଜାର ୪୩୭, ସାକ୍ଷୀଗୋପାଳରେ ୭ହଜାର ୪୫୮, ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୦ହଜାର ୭୮୩, ପୁରୀ ଜିଲା ସ୍କୁଲରେ ୨ହଜାର ୫୯୧, ଦୋଳବେଦି କୋଣରେ ୪ହଜାର ୩୬୭, ଲୋକଙ୍କୁ ଟିକା ଦିଆଯାଇଛି। ସେହିପରି ପୁରୀ ଜିଲାରେ ୮୫ କେନ୍ଦ୍ରରେ ଟିକାକରଣ ଚାଲିଥିବାବେଳେ ଏପ୍ରିଲ ୩୦ ତାରିଖରେ ମାତ୍ର ୨୬ଟି କେନ୍ଦ୍ରରେ ଟିକାକରଣ ହୋଇଛି। ସ୍ୱାସ୍ଥ୍ୟ ବିଭାଗ ସୂଚନା ଅନୁଯାୟୀ, ଏପ୍ରିଲ୍ ୩୦ରେ ୨୬ଟି ସେଣ୍ଟରରେ ବଳକା ଥିବା ଟିକାକରଣ ପ୍ରକ୍ରିୟା ସରିଛି। ଆସନ୍ତା ପର୍ଯ୍ୟାୟ ଟିକା ପାଇଁ ୧୮ ବର୍ଷରୁ ଊର୍ଦ୍ଧ୍ୱ ନାଗରିକମାନେ ପଞ୍ଜୀକରଣ କରିଛନ୍ତି। ଏଭଳି ସ୍ଥିତିରେ ଟିକା ନ ଥିବା ପୁରୀ ଜିଲା ପ୍ରଶାସନର ଚିନ୍ତା ବଢ଼ାଇଛି।

# ଶଙ୍କରାନନ୍ଦ ମଠ ପୁନରୁଦ୍ଧାର ଉପରେ ଗୁରୁତ୍ୱ

**ପୁରୀ ଅଫିସ,୨।୫:**

କୋଭିଡ୍ ଭୟାବହତାକୁ ଦୃଷ୍ଟିରେ ରଖି ଉତ୍କଳ ବିଦ୍ୱତ୍ ପରିଷଦ ପକ୍ଷରୁ ରବିବାର ଏକ ୱେବିନାର୍ ଆୟୋଜିତ ହୋଇଯାଇଛି। ଏଥିରେ ପୁରୀର ପ୍ରାଚୀନ ମଠ, ମନ୍ଦିର ଏବଂ ଆଶ୍ରମଗୁଡ଼ିକର ରକ୍ଷଣାବେକ୍ଷଣ ଓ ପୁନରୁଦ୍ଧାର ସମ୍ପର୍କରେ ଆଲୋଚନା କରାଯାଇଛି। କରୋନା ସମୟରେ ଧର୍ମାନୁଷ୍ଠାନଗୁଡ଼ିକ କିଭଳି ଭାବେ ପରିଚାଳିତ ହେବ ସେ ନେଇ ମଧ୍ୟ ଆଲୋଚନା ହୋଇଛି। ପ୍ରାଥମିକ ସ୍ତରରେ ପୁରୀ ବାଲିସାହି ମୌଜାରେ ଥିବା ସର୍ବପୁରାତନ ଶଙ୍କରାନନ୍ଦ ମଠର ପୁନରୁଦ୍ଧାର ଉପରେ ଧ୍ୟାନ ଦିଆଯିବ। ତୁରନ୍ତ ଏକ ପାଞ୍ଚଜଣିଆ ଟିମ୍ ଗଠନ କରାଯାଇ ଜିଲାପାଳଙ୍କୁ ଦାବିପତ୍ର ଦିଆଯିବ। ଆସନ୍ତା ନୃସିଂହ ଜନ୍ମ ଅବସରରେ ଏକ ଯଜ୍ଞ ଆୟୋଜନ କରାଯାଇ ପୁନରୁଦ୍ଧାର କାର୍ଯ୍ୟ ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଉ ବୋଲି ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର କହିଛନ୍ତି। ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି, ପ୍ରାଥମିକ ସ୍ତରରେ ଶଙ୍କରାନନ୍ଦ ମଠର ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉ। ଶ୍ରୀମନ୍ଦିର ସହ ଏହି ମଠର ଅନେକ ସେବା ଓ ନୀତି ଜଡ଼ିତ। ତେଣୁ ଏ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନକୁ ଅବଗତ କରାଯାଉ। ଫଳରେ ମଠର ଗୁରୁତ୍ୱକୁ ପ୍ରଶାସନ ଅନୁଭବ କରିପାରିବ। ୱେବିନାରରେ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ରାମଚନ୍ଦ୍ରଦାସ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର, ବିଶ୍ୱମ୍ଭର ଦାସ, ସ୍ୱାଧୀନ ପଣ୍ଡା, ମଧୁସୂଦନ ମିଶ୍ର, ଲାଲା ଅନନ୍ତ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# କେନାଲରେ ପାଣି ଛାଡ଼ିବାକୁ ଦାବି

**ବଲଙ୍ଗା, ୨।୫(ଡି.ଏନ୍.ଏ):**

ଦୀର୍ଘ ୬ମାସ ହେଲା ବର୍ଷାଭାବ ଯୋଗୁ ଜଳସ୍ତର ହ୍ରାସ ପାଇବା ସହ ଗଡ଼ିଆ, ପୋଖରୀ, ଜଳାଶୟ ଶୁଖିଗଲାଣି। ଅଧିକାଂଶ ନଳକୂପ ଅଚଳ ହୋଇପଡ଼ିଥିବାରୁ ପାନୀୟଜଳ ସଙ୍କଟ ଦେଖାଦେଇଛି। ପାଣି ପାଇଁ ଲୋକେ ହଇରାଣ ହେଉଛନ୍ତି। ସେହିପରି ପନିପରିବା ଚାଷ ବ୍ୟାହତ ହୋଇଛି। ଅଞ୍ଚଳବାସୀଙ୍କ ଦାବି ଫଳରେ ନୂଆଗାଁ ଓ ସାକ୍ଷୀଗୋପାଳ ଶାଖା କେନାଲରେ ପାଣି ଆସିଛି। ମାତ୍ର ଅନ୍ୟ ଏକ ପ୍ରମୁଖ ଚନ୍ଦନପୁର ଶାଖା କେନାଲରେ ପାଣି ଆସିନାହିଁ। ତେଣୁ ଏହି କେନାଲ ଉପରେ ନିର୍ଭରଶୀଳ ଗୋପୀନାଥପୁର, ବଲଙ୍ଗା, ରୂପଦେଇପୁର, ଉଛୁପୁର, ବଳରାମପୁରଗଡ, ବିଦ୍ୟାଧରପୁର ପ୍ରଭୃତି ପଞ୍ଚାୟତର ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ନଦୀବନ୍ଧ କାମ ଚାଲିଥିବାରୁ କେନାଲରେ ଜଳ ଯୋଗାଣ ପ୍ରତିବନ୍ଧକ ହେଉଥିବା ଜଣାପଡ଼ିଛି। ଯଥାଶୀଘ୍ର ଉକ୍ତ କେନାଲରେ ଜଳ ଯୋଗାଣ ନିମନ୍ତେ ସମ୍ପୃକ୍ତ ପଞ୍ଚାୟତର ଜନପ୍ରତିନିଧି ଓ ଜନସାଧାରଣ ଦାବି କରିଛନ୍ତି। ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ରାକେଶ କୁମାର ମଲ୍ଲିକ କହିଛନ୍ତି, ଏ ଦିଗରେ ଶୀଘ୍ର ପଦକ୍ଷେପ ନିଆଯିବ।

# ସିଆଇଟିୟୁ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ

**ପୁରୀ ଅଫିସ, ୨।୫:**

ସିଆଇଟିୟୁ ପକ୍ଷରୁ ଶନିବାର ପୁରୀ କାର୍ଯ୍ୟାଳୟ ପରିସରରେ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ଶ୍ରମିକ ନେତା ଶରତ କୁମାର ରାୟଗୁରୁ ଲାଲ୍ ପତାକା ଉତ୍ତୋଳନ କରିବା ସହ ଶହୀଦ ବେଦିରେ ମାଲ୍ୟାର୍ପଣ କରିଥିଲେ। କରୋନା ସମୟରେ କେନ୍ଦ୍ର ସରକାର ଶ୍ରମ ଆଇନ ସଂଶୋଧନ କରି ପୁଞ୍ଜିପତିଙ୍କ ହାତରେ ଦେଶର ସମ୍ପତ୍ତି ଟେକିଦେଲେ। ସେହିପରି ଶ୍ରମିକଙ୍କ ନିରାପତ୍ତା ଓ ଅଧିକାରକୁ କାଢିନେଲେ, ଯାହାଫଳରେ ଶ୍ରମିକ ଜୀବିକା ହରାଇବା ସହ ଆର୍ଥିକ ଅନଟନ ମଧ୍ୟରେ ଜୀବନ ହରାଇବେ। ଶ୍ରମିକ ଶ୍ରେଣୀ ନିଜ ଅଧିକାର ପାଇଁ ପୁଞ୍ଜିବାଦ ଓ ସମ୍ରାଜ୍ୟବାଦ ବିରୋଧରେ ଏକ ହୋଇ ଆନ୍ଦୋଳନ କରିବା ହିଁ ଏକମାତ୍ର ରାସ୍ତା ବୋଲି ରାୟଗୁରୁ କହିଥିଲେ। ସଙ୍ଗଠନର ଜିଲା ସମ୍ପାଦକ ଜଗନ୍ନାଥ ଦେଓ, ଟୁନା ନାୟକ, ସୁଶାନ୍ତ ମହାରଣା, ହିମାଂଶୁ ଜେନା, ବିଭୂତି ରାଉତରାୟ ଏବଂ ମନୋରଞ୍ଜନ ମହାରଣା ପ୍ରମୁଖ ଯୋଗଦେଇଥିଲେ।

# ବାଇକ୍ ଧକ୍କାରେ ମହିଳା ମୃତ, ଚାଳକ ଗିରଫ

**ନିମାପଡ଼ା,୨।୫(ଡି.ଏନ୍.ଏ):**

ଚାରିଛକ ଫାଣ୍ଡି ଅନ୍ତର୍ଗତ ଚାରିଛକ ବଜାରରେ ଏକ ବାଇକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ଏହି ଫାଣ୍ଡି ଅଧୀନ ବ୍ରହ୍ମକୁଣ୍ଡି ଗ୍ରାମର ନିରୁପମା ନାୟକ(୪୫)। ନିରୁପମା ଶନିବାର ରାତିରେ ଚାରିଛକ ବଜାରରୁ ଘରକୁ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଚାରିଛକରୁ ଅସ୍ତରଙ୍ଗ ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ନିରୁପମାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚାରିଛକ ମେଡିକାଲ ପଠାଇଥିଲେ। ମାତ୍ର ତାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ କ୍ୟାପିଟାଲ ହସ୍ପିଟାଲ ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ତାଙ୍କ ମୃତ୍ୟୁ ଘଟିଥିବା ଚାରିଛକ ଫାଣ୍ଡି ପୋଲିସ ପକ୍ଷରୁ ଜଣାପଡ଼ିଛି। ଅନ୍ୟପଟେ ପୋଲିସ ଘଟଣାସ୍ଥଳରୁ ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ସେ ହେଲେ ଅସ୍ତରଙ୍ଗ ଥାନା ଅଧୀନ ନୂଆଗଡ଼ ଗ୍ରାମର ସୁଦାମ ପ୍ରଧାନ। ଏ ନେଇ ମୃତା ମହିଳାଙ୍କ ଭାଇ ମନୋରଞ୍ଜନ ନାୟକ ଅଭିଯୋଗକ୍ରମେ ପୋଲିସ ମାମଲା(ନଂ.୧୫୬/୨୧) ରୁଜୁ କରିଛି। ଅନ୍ୟପଟେ ମୃତା ଯୁବତୀଙ୍କ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିଶୋଧନ ହେଲା ଶ୍ରୀମନ୍ଦିର


ଶ୍ରୀମନ୍ଦିର ସମ୍ମୁଖ ଅଞ୍ଚଳକୁ ବିଶୋଧନ କରାଯାଉଛି ।

**ପୁରୀ ଅଫିସ, ୨।୫:**

ପୁରୀ ସହରରେ କରୋନାର ଦ୍ରୁତ ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ମେ ୧୫ ତାରିଖ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ ରଖାଯାଇଛି। ଫଳରେ ଶ୍ରଦ୍ଧାଳୁମାନେ ବଡଦାଣ୍ଡ ସମ୍ମୁଖରେ ପତିତପାବନ ଦର୍ଶନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ପୂର୍ବ ନିଷ୍ପତ୍ତି ଅନୁଯାୟୀ ରବିବାର ଶ୍ରୀମନ୍ଦିର ଭିତର ଓ ବାହାର ପରିସରକୁ ବିଶୋଧନ କରାଯାଇଛି। ଅଗ୍ନିଶମ ବିଭାଗର ଦୁଇଟି ଟିମ୍ ଏହି ବିଶୋଧନ କାର୍ଯ୍ୟ କରିଥିଲେ। ଅଗ୍ନିଶମ ବିଭାଗର ଗୋଟିଏ ଟିମ୍ ଶ୍ରୀମନ୍ଦିର ବାହାର ପାର୍ଶ୍ୱରେ ଚାରିଦ୍ୱାର, ଜୋତାଷ୍ଟାଣ୍ଡ, କିଓସ୍କ ଏବଂ ବ୍ୟାରିକେଡ୍ ଆଦିକୁ ବିଶୋଧନ କରିଥିଲା। ଅନ୍ୟ ଟିମ୍ ହ୍ୟାଣ୍ଡ ସ୍ପ୍ରେ ମାଧ୍ୟମରେ ଆନନ୍ଦବଜାର, ସ୍ନାନବେଦି, କୀର୍ତ୍ତନ ଚକଡ଼ା, ବାଇଶିପାହାଚ ଆଦି ସ୍ଥାନକୁ ବିଶୋଧନ କରିଥିଲା।

# ସମସ୍ୟାରେ ଫକୀର ସାହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

**କାକଟପୁର,୨।୫(ଡି.ଏନ୍.ଏ./ସ୍ୱ.ପ୍ର)**

କାକଟପୁର ବ୍ଲକ ଅନ୍ତର୍ଗତ ବାଙ୍ଗୁରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ଫକୀର ସାହି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ନାନା ସମସ୍ୟା ନେଇ ଅଭିଯୋଗ ହୋଇଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର୧୯୯୧ରେ ପ୍ରତିଷ୍ଠିତ ହୋଇଥିଲେ ମଧ୍ୟ ଅଦ୍ୟାବଧି ସ୍ଥାୟୀ ଗୃହ ନ ଥିବାବେଳେ ଆବଶ୍ୟକ ସଂଖ୍ୟକ ଡାକ୍ତର ନାହାନ୍ତି। ଫଳରେ ଆୟୁଷ ଡାକ୍ତରଙ୍କ ଦ୍ୱାରା ରୋଗୀସେବା ଚାଲିଛି। ଷ୍ଟାଫ କହିଲେ କେବଳ ଜଣେ ଆୟୁଷ ଡାକ୍ତର ଓ ଆଟେଣ୍ଡାଣ୍ଟ। ରୋଗୀମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାୟୀ ଗୃହ ନିର୍ମାଣ ସହ ଡାକ୍ତର ପଦବୀ ଶୀଘ୍ର ପୂରଣ କରିବାକୁ ସୁହାଗପୁର ଗ୍ରାମବାସୀ ବିଧାୟକ ତଥା କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା, ସିଡିଏମ୍‌ଓଙ୍କ ନିକଟରେ ଦାବି କରିଛନ୍ତି।

# ଆର୍‌ପିଏଫ୍ ପକ୍ଷରୁ କରୋନା ସଚେତନତା

**ପୁରୀ ଅଫିସ, ୨।୫:**

ପୁରୀ ଆର୍‌ପିଏଫ୍ ପକ୍ଷରୁ ପୁରୀ ରେଳଷ୍ଟେଶନରେ ଯାତ୍ରୀଙ୍କୁ କୋଭିଡ୍ ସମ୍ପର୍କରେ ସଚେତନତା କରାଯାଇଛି। ଟ୍ରେନ ଯାତ୍ରୀଙ୍କୁ କୋଭିଡ ସମ୍ପର୍କରେ ସଚେତନ କରାଯିବା ସହ ମାସ୍କ ପିନ୍ଧିବା ବାଧ୍ୟତାମୂଳକ ବୋଲି କୁହାଯାଇଛି। ପୁରୀରେ ସଂକ୍ରମଣ ବଢୁଥିବାରୁ ରେଳୱେ ପୋଲିସ ପକ୍ଷରୁ ଏଭଳି ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ନିୟମ ଖିଲାପକାରୀଙ୍କଠାରୁ ଜରିମାନା ଆଦାୟ କରାଯିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଉତ୍କଳ, ପୁରୀ-ହାଓଡ଼ା, ତପସ୍ୱିନୀ ଏକ୍ସପ୍ରେସରେ ଆର୍‌ପିଏଫ ଇନ୍ସପେକ୍ଟର ଅନିଲ କୁମାର ସିଂଙ୍କ ନେତୃତ୍ୱରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା।




# ହାଟରେ ମାନୁନାହାନ୍ତି କୋଭିଡ୍ କଟକଣା

**ଗୋପ,୨।୫(ଡି.ଏନ୍.ଏ):**

କରୋନା କଟକଣାକୁ ନେଇ ସରକାର ଅଧିକ ଗୁରୁତ୍ୱ ଦେଉଥିବା ବେଳେ ଗୋପ ଥାନା ଅଧିନ ନୟାହାଟ ହାଟରେ ତା'ର ବ୍ୟତିକ୍ରମ ଦେଖାଦେଇଛି। ହାଟରେ ଲୋକେ ମାସ୍କ ପିନ୍ଧୁ ନ ଥିବାବେଳେ କାହା ମଧ୍ୟରେ ବି ସାମାଜିକ ଦୂରତ୍ୱ ରହୁ ନାହିଁ। ନୟାହାଟ ହେଉଛି ଗୋପ ବ୍ଲକ ଅଞ୍ଚଳର ଏକ ବଡ଼ ବ୍ୟବସାୟିକ କେନ୍ଦ୍ର। ବିଶେଷ କରି ଏହି ହାଟ ପାନ ଲାଗି ପ୍ରସିଦ୍ଧ। କିନ୍ତୁ ଏହି ହାଟରେ କରୋନା କଟକଣା ରହୁ ନାହିଁ। ସାଧାରଣ ଲୋକଙ୍କଠାରୁ ବ୍ୟବସାୟୀମାନେ ସରକାରୀ କଟକଣା ମାନୁ ନାହାନ୍ତି। ହାଟ ମଧ୍ୟରେ ସାମାଜିକ


ନୟାହାଟରେ ଲୋକଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ନାହିଁ ।

ଦୂରତା, ମାସ୍କ ପ୍ରତି ଗୁରୁତ୍ୱ ମଧ୍ୟ ନାହିଁ । ନୟାହାଟ ଫାଣ୍ଡି ନିକଟରେ ଏହି ହାଟଟି ଚାଲୁଥିବା ବେଳେ ପୋଲିସ କେବଳ ରବିବାର ସକାଳୁ କେବଳ ମାସ୍କ ପିନ୍ଧିବା ନେଇ କିଛି ଫାଇନ ଆଦାୟ କରି ଚୁପ ରହିଯାଉଛି। ଅପରପକ୍ଷରେ ଏହି ହାଟରୁ ପାନ ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଉଥିବା ବେଳେ ବିଭିନ୍ନ ଅଞ୍ଚଳରୁ ପାନ ବ୍ୟବସାୟୀମାନେ ମଧ୍ୟ ଆସୁଛନ୍ତି। ଫଳରେ କରୋନା କଟକଣା ପ୍ରତି ଏବେଠାରୁ ଦୃଷ୍ଟି ଦିଆ ନ ଗଲେ ଆଗକୁ ସଂକ୍ରମିତ ହେବ ବୋଲି ଅଭିଯୋଗ ହୋଇଛି। ଏ ନେଇ ଗୋପ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ କହିଛନ୍ତି, ନୟାହାଟ ଫାଣ୍ଡି ଅଞ୍ଚଳରେ ବିଭିନ୍ନ ସମୟରେ କରୋନା କଟକଣାକୁ ନେଇ ଚଢ଼ାଉ ଚାଲିଛି। ତଥାପି କେତେଜଣ ଅମାନିଆ ମାନୁ ନ ଥିବାରୁ ଏବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କଶିଟ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279 7656825022
Retamunda, Bhatigaon, Baragarh

## ମହିଳାଙ୍କ ଆର୍ଥିକ ବୃଦ୍ଧି ପାଇଁ ତାଲିମ

**କଣାସ,୨(ସ୍ୱ.ପ୍ର.):** ମହିଳାଙ୍କ ଆର୍ଥିକ ବୃଦ୍ଧି ପାଇଁ କଣାସ ପ୍ରାଣୀ ଚିକିତ୍ସା କେନ୍ଦ୍ର ପକ୍ଷରୁ କୁକୁଡା ପାଳନ ସମ୍ପର୍କରେ ଏକ ତାଲିମ ଶିବିର ସହାସପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ପ୍ରସନ୍ନ କୁମାର ପୃଷ୍ଟି, ନୋଡାଲ ଅଫିସର ଡ.ଆଲୋକ ମିଶ୍ର, ଡ. ଜ୍ଞାନରଞ୍ଜନ ମିଶ୍ର, ଡ. ବିଶ୍ୱରଞ୍ଜନ ବେହେରା, ଡେଲାଙ୍ଗ ଏଭିଏଏସ୍ ଡ. ପରିମଳ ଚନ୍ଦ୍ର ଜେନା, ଡ. ସୋମନାଥ ଜେନା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାର କିପରି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ କୁକୁଡା ଚାଷ ପାଇଁ ବିଭିନ୍ନ ପ୍ରୋତ୍ସାହନ ଦେଉଛନ୍ତି ସେ ବିଷୟରେ ଉପସ୍ଥିତ ଡାକ୍ତରମାନେ ମତପ୍ରକାଶ କରିଥିଲେ। କୋଭିଡ୍ ଯୋଗୁ ଶିବିରରେ କମ୍‌ସଂଖ୍ୟକ ମହିଳା ଯୋଗଦେଇଥିଲେ।

**ସଂକ୍ଷେପରେ**

## ପେଟ୍ରୋଲରେ ପୋଡ଼ି ମାରିଦେବାକୁ ଉଦ୍ୟମ: ଜଣେ ଗିରଫ

**ଟାଙ୍ଗୀ(ଖୋର୍ଦ୍ଧା),୨।୫(ଡି.ଏନ୍.ଏ.):** ଟାଙ୍ଗୀ ଥାନା ଅନ୍ତର୍ଗତ ପଥରବନ୍ଧ ଗ୍ରାମର ରମେଶ ବେହେରାଙ୍କୁ ପେଟ୍ରୋଲ ଢାଳି ପୋଡ଼ି ମାରିଦେବାକୁ ଉଦ୍ୟମ ଘଟଣାରେ ପୋଲିସ ରବିବାର ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଉକ୍ତ ଗ୍ରାମର ଦିବାକର ବେହେରା। ଏନେଇ ଥାନାରେ ଏକ ମାମଲା (ନଂ.୧୪୦/୨୧)ରୁଜୁ ହୋଇଛି। ସୂଚନା ମୁତାବକ, ଗ୍ରାମରେ ଚୋରା ମଦ କାରବାର ହେଉଥିବା ନେଇ ରମେଶ ପ୍ରତିବାଦ କରିବା ସହ ଆନ୍ଦୋଳନ କରୁଥିଲେ। ଶନିବାର ରାତିରେ ସେ ଶୋଇଥିବା ବେଳେ ଦିବାକର ତାଙ୍କ ଉପରେ ପେଟ୍ରୋଲ ଢାଳି ମାରିଦେବା ପାଇଁ ଉଦ୍ୟମ କରିଥିଲେ। ଏଥିରେ ରମେଶଙ୍କ ହାତ ପୋଡ଼ି ଯାଇଥିବା ବେଳେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ।

## ଆଇଏନଏସ ଚିଲିକାରେ କୋଭିଡ୍ କେୟାର ସେଣ୍ଟର

**ବାଲୁଗାଁ,୨।୫(ଡି.ଏନ୍.ଏ.):** ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଭାରତୀୟ ନୌସେନା ପ୍ରଶିକ୍ଷଣ କେନ୍ଦ୍ର, ଚିଲିକା ସଂକ୍ରମିତଙ୍କ ଚିକିତ୍ସା ନିମନ୍ତେ ସ୍ଥାନୀୟ ପ୍ରଶାସନକୁ ସହାୟତାର ହାତ ବଢ଼ାଇଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲାପାଳ ଏବଂ ନୌସେନା ବିଭାଗୀୟ ଅଧିକାରୀ ମିଳିତଭାବେ ସମନ୍ୱୟ ରକ୍ଷାକରି ଆଇଏନଏସ ଚିଲିକା ପ୍ରଶିକ୍ଷଣ କେନ୍ଦ୍ରରେ କୋଭିଡ୍ ଆକ୍ରାନ୍ତଙ୍କ ପାଇଁ ଏକ କୋଭିଡ୍ କେୟାର କେନ୍ଦ୍ର ସ୍ଥାପନ କରାଯାଇଛି। ଆସନ୍ତା ଏକ ସପ୍ତାହ ମଧରେ ଏହି କେନ୍ଦ୍ର ଉଦ୍‌ଘାଟନ ହେବା ପାଇଁ ସ୍ଥିର ହୋଇଛି। ୧୫୦ଶଯ୍ୟା ବିଶିଷ୍ଟ ଏହି କେନ୍ଦ୍ର ସ୍ଥାପନ ହୋଇଛି। ଉକ୍ତ କେନ୍ଦ୍ରରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡାକ୍ତର, ପାରା ମେଡିକାଲ କର୍ମଚାରୀ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇଦେବେ। ଏଠାରେ ଚିକିତ୍ସା ପାଇଁ ଚାହୁଁଥିବା ରୋଗୀ ବାଲୁଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଇଛି।

## ନିରାକାରପୁରରେ ବିଶ୍ୱ ଶ୍ରମିକ ଦିବସ ପାଳିତ

**ନିରାକାରପୁର,୨।୫(ଡି.ଏନ୍.ଏ.):** ନିରାକାରପୁର ଖବରଦାତା ସଂଘ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି। କୋଭିଡ୍ ଗାଇଡଲାଇନ ଅନୁଯାୟୀ ସୀମିତ ଲୋକଙ୍କୁ ନେଇ ଏହି ଦିବସ ପାଳିତ ହୋଇଥିଲା। ଖବରଦାତା ମାନସ ଚନ୍ଦ୍ର ପଟ୍ଟନାୟକ ଏଥିରେ ପୌରୋହିତ୍ୟ କରିଥିବା ବେଳେ ହିମାଂଶୁ ଭୂଷଣ ଚମ୍ପତିରାୟ ଓ ଉମେଶ ପଟ୍ଟନାୟକ ମଞ୍ଚ ପରିଚାଳନା, ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତାମାନେ ଯୋଗଦେଇ କୋଭିଡ୍ ସଂକ୍ରମଣରୁ ସମସ୍ତେ ନିଜକୁ ସୁରକ୍ଷିତ ରଖି ନିଜେ କାର୍ଯ୍ୟ କଲେ ନିଜ ପରିବାର ସୁରକ୍ଷିତ ରହିବା ସହିତ ରାଜ୍ୟ ଓ ଦେଶ ସୁରକ୍ଷିତ ରହିପାରିବ ନେଇ ମତପ୍ରକାଶ କରିଥିଲେ।

## ଗଛମୂଳରୁ ନବଜାତ ଶିଶୁ ଉଦ୍ଧାର

**ବାରଙ୍ଗ,୨।୫(ଡି.ଏନ୍.ଏ.):** ରାଜଧାନୀ ଉପକଣ୍ଠ କଳାରାହାଙ୍ଗ ଗ୍ରାମମୁଣ୍ଡ ପୋଖରୀ ହୁଡା ପଛପଟରୁ ଇନ୍‌ଫୋସିସ୍ ଥାନା ପୋଲିସ ରବିବାର ଏକ ନବଜାତ ଶିଶୁକୁ ଉଦ୍ଧାର କରି ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଛି। ସକାଳେ କଳାରାହାଙ୍ଗ ଗ୍ରାମର କେତେଜଣ ଲୋକ ଗାଧୋଇବା ପାଇଁ ଗ୍ରାମମୁଣ୍ଡରେ ଥିବା ବଡ଼ପୋଖରୀକୁ ଯାଇଥିଲେ। ହୁଡ଼ାକୁ ଲାଗି ହେଉଥିବା ଏକ ଆପାର୍ଟମେଣ୍ଟ ପଛ ରାସ୍ତାପଟୁ ଜଣେ ଯୁବକ ଯାଇଥିବାବେଳେ ଛୋଟଶିଶୁର କାନ୍ଦିବା ଶବ୍ଦ ଶୁଣିବାକୁ ପାଇଥିଲା। କାନ୍ଦକୁ ଅନୁସରଣ କରି ଯିବାପରେ ଏକ ଗଛମୂଳରେ ନବଜାତ ଶିଶୁଟିକୁ ଦେଖିବାକୁ ପାଇଥିଲେ। ଏକ ଶାଢ଼ି ଉପରେ ଶିଶୁଟି ଶୋଇଥିବା ବେଳେ ଛୋଟ ହିଂସ୍ର ଜନ୍ତୁ କାମୁଡ଼ି ମୁହଁ ସହ ଆଙ୍ଗୁଠି ଓ କାନକୁ କ୍ଷତାକ୍ତ କରିଦେଇଥିଲେ। ଏସବୁସତ୍ତ୍ୱେ ଶିଶୁଟି ବଞ୍ଚିଥିବାର ଜାଣିବା ପରେ ଦେଖଣାହାରୀଙ୍କ ଭିଡ଼ ଲାଗିରହିଥିଲା। ଶନିବାର ବିଳମ୍ବିତ ରାତିରେ କେହି ଜନ୍ମପରେ ଶିଶୁଟିକୁ ଏଠାରେ ଛାଡିଦେଇଥିବାର ଅନୁମାନ କରାଯାଇଥିଲା। ଖବରପାଇ ପୋଲିସ ଆସି ଶିଶୁଟିକୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାକୁ ପଠାଇଛି।

# କୋଭିଡ୍ ନିୟନ୍ତ୍ରଣ ଲାଗି ୧୩ କଣ୍ଟ୍ରୋଲରୁମ୍

**ଖୋର୍ଦ୍ଧା ଅଫିସ,୨।୫**

ଖୋର୍ଦ୍ଧା ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି। ଉପରମୁହାଁ ରହିଛି କରୋନା ଗ୍ରାଫ। କୋଭିଡ୍ ନିୟନ୍ତ୍ରଣ ଲାଗି ସରକାର ନାଇଟ କର୍ଫ୍ୟୁ, ସପ୍ତାହାନ୍ତ ଶଟ୍‌ଡାଉନ ପରେ ଏବେ ୧୪ଦିନିଆ ଲକ୍‌ଡାଉନ ନିଷ୍ପତ୍ତି ନେଇଛନ୍ତି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। କୋଭିଡ୍ ନିୟନ୍ତ୍ରଣ ଲାଗି ଜିଲାରେ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା ରହିଛି। ପ୍ରତି ସିଏଚ୍‌ସିରେ ଗୋଟିଏ ଏବଂ ଜିଲାସ୍ତରରେ ୩ଟି ମୋଟ ୧୩ଟି କଣ୍ଟ୍ରୋଲରୁମ୍ କାର୍ଯ୍ୟକ୍ଷମ ରହିଛି। କୋଭିଡ୍ ସଂକ୍ରମିତଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ରିପୋର୍ଟ ସଂଗ୍ରହ ଲାଗି ଜିଲା ସଂସ୍କୃତି ଭବନରେ ହେଲ୍‌ଥ ମନିଟରିଂ ସେଲ୍ କାର୍ଯ୍ୟକ୍ଷମ ରହିଛି। ଏହି ସେଲ୍ ସହିତ ଡାକ୍ତରଙ୍କୁ ସଂଯୋଗ କରାଯାଇଛି। ସଂକ୍ରମିତଙ୍କ ପକ୍ଷରୁ ଆସୁଥିବା ବିଭିନ୍ନ ସମସ୍ୟା ଉପରେ ପରାମର୍ଶ ଦିଆଯାଇଛି। ଶନିବାର ସୁଦ୍ଧା ୮୨ଜଣ ନୂତନ ଏବଂ ୧୧୫ ପଜିଟିଭ୍‌ଙ୍କ ସହ ଯୋଗାଯୋଗ କରାଯାଇଛି। ପ୍ରତି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର, ଡାକ୍ତରମାନେ ଭର୍ଚୁଆଲରେ ସଙ୍ଗରୋଧରେ ରହି ଚିକିତ୍ସିତ ହେଉଥିବା ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଆଲୋଚନାକରି ପରାମର୍ଶ ଦେଉଛନ୍ତି। ମେଡିକାଲ ପରିସରକୁ କୋଭିଡ୍ ସଂକ୍ରମଣରୁ ସୁରକ୍ଷିତ ରଖିବା ଲାଗି ୨୪ଘଣ୍ଟିଆ ଟେଲି ମେଡିସିନ ସେବା ଆରମ୍ଭ ହୋଇଛି। ଏଥିରେ ୭ଜଣ ଡାକ୍ତର ପର୍ଯ୍ୟାୟକ୍ରମେ ରୋଗୀଙ୍କ ସହ ଟେଲିଫୋନିକ୍‌ରେ ସ୍ୱାସ୍ଥ୍ୟ ସମ୍ପର୍କରେ ପରାମର୍ଶ ଦେଉଛନ୍ତି। ସଂକ୍ରମିତଙ୍କୁ ବିଭିନ୍ନ କୋଭିଡ୍ ମେଡିକାଲକୁ ସ୍ଥାନାନ୍ତର କରିବା ଲାଗି ଅକ୍ସିଜେନ ସୁବିଧା ସହ ସ୍ୱତନ୍ତ୍ର କୋଭିଡ୍ ଆମ୍ବୁଲାନ୍ସ ଖୋର୍ଦ୍ଧା ମେଡିକାଲ ସମେତ ପ୍ରତି ବ୍ଲକସ୍ତରରେ ଗୋଟିଏ ଲେଖାଏ ମୋଟ ୧୧ଟି ଉପଲବ୍ଧ ରହିଛି। ଏଥିସହ ୧୧ଟି ମୋବାଇଲ ଟେଷ୍ଟିଂ ୟୁନିଟ ରହିଛି। ଏତଦ୍ ବ୍ୟତୀତ ଜିଲାରେ ୩୧ଟି ୧୦୮ ଏବଂ ୨୮ଟି ୧୦୨ ଆମ୍ବୁଲାନ୍ସ ଉପଲବ୍ଧ ରହିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ୨୪୮ ଅକ୍ସିଜେନ ସିଲିଣ୍ଡର ରହିଛି

ଖୋର୍ଦ୍ଧା ଜିଲା (ଭୁବନେଶ୍ୱରକୁବାଦଦେଇ) ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪୮ଟି ଅକ୍ସିଜେନ ସିଲିଣ୍ଡର ବ୍ୟବସ୍ଥା ରହିଛି। ସେଥିରୁ ୨୩୬ ଅକ୍ସିଜେନ ଭର୍ତ୍ତି ସିଲିଣ୍ଡର ଏବଂ ୧୨ଟି ଖାଲି ରହିଛି। ବାଣପୁର (ସିଏଚ୍‌ସି/ପିଏଚ୍‌ସି)ରେ ୩୪, ବାଲୁଗାଁରେ ୬, ଟାଙ୍ଗୀରେ ୩୭, ବୋଡଲମା ୧୫, ବାଙ୍କୋଇରେ ୧୦, ହଳଦିଆରେ ୧୦, ଗମ୍ଭାରୀମୁଣ୍ଡାରେ ୫, ବୋଲଗଡ଼ ୧୦, ବାଲିପାଟଣା ୨୦, ଜଟଣୀରେ ୧୨, ବାଲକାଟୀ ୧୨, ମେଣ୍ଢାଶାଳ ୧୦, ଖୋର୍ଦ୍ଧା ମେଡିକାଲରେ ୬୫ ଏବଂ ଡିଡବ୍ଲୁଏଚରେ ୨ଟି ରହିଛି।



- ହେଲ୍‌ଥ ମନିଟରିଂ ସେଲ୍ ଯୋଗାଉଛି ସେବା
- ୧୯୭ ସଂକ୍ରମିତ ନେଇଛନ୍ତି ଡାକ୍ତରଙ୍କ ପରାମର୍ଶ
- ୧୧ ଆମ୍ବୁଲାନ୍ସ, ୧୧ ମୋବାଇଲ ୟୁନିଟ୍ ଉପଲବ୍ଧ

### ୨୨ ଟିଏମ୍‌ସିରେ ୬୯୦ ଶଯ୍ୟା

ଖୋର୍ଦ୍ଧା ଜିଲା(ବିଏମସିକୁ ବାଦଦେଇ) ୧୦ ବ୍ଲକର ୧୯୦ ପଞ୍ଚାୟତରେ ୨୨ଟି କ୍ଲଷ୍ଟର ଅସ୍ଥାୟୀ ମେଡିକାଲ ସେଣ୍ଟର(ଟିଏମ୍‌ସି)ରେ ୬୯୦ଟି ଶଯ୍ୟା ରହିଛି। ସେଥିରୁ ବାଲିଅନ୍ତା ବ୍ଲକରେ ୨୦ଶଯ୍ୟାବିଶିଷ୍ଟ ୨ଟି, ବାଲିପାଟଣାରେ ୫୦ ଶଯ୍ୟାବିଶିଷ୍ଟ ୧, ଭୁବନେଶ୍ୱର ବ୍ଲକରେ ୪ଟି କ୍ଲଷ୍ଟର ଟିଏମ୍‌ସିରେ ୯୦ଟି ଶଯ୍ୟା ରହିଛି। ଜଟଣୀ ବ୍ଲକରେ ୫୦ଶଯ୍ୟାବିଶିଷ୍ଟ ୧, ଖୋର୍ଦ୍ଧା ବ୍ଲକ ୩୦ଶଯ୍ୟାବିଶିଷ୍ଟ ୧, ବେଗୁନିଆ ବ୍ଲକରେ ୨ଟି କ୍ଲଷ୍ଟର ଟିଏମ୍‌ସିରେ ୫୦ଶଯ୍ୟା ଲେଖାଏ ରହିଛି। ବୋଲଗଡ଼ ବ୍ଲକରେ ୨ଟି କ୍ଲଷ୍ଟର ଟିଏମ୍‌ସିରେ ୭୦ଶଯ୍ୟା ରହିଛି। ଟାଙ୍ଗୀ ବ୍ଲକରେ ୨ଟି କ୍ଲଷ୍ଟର ଟିଏମ୍‌ସିରେ ୫୦ଶଯ୍ୟା ରହିଛି। ଚିଲିକା ବ୍ଲକରେ ୪ଟି କ୍ଲଷ୍ଟର ଟିଏମ୍‌ସିରେ ୮୦ଟି ଶଯ୍ୟା ରହିଛି। ସେହିପରି ଖୋର୍ଦ୍ଧା ପୌରାଞ୍ଚଳରେ ୨୨ ୱାର୍ଡ ପାଇଁ ୩୦ ଶଯ୍ୟା, ଜଟଣୀ ପୌରାଞ୍ଚଳର ୨୩ ୱାର୍ଡ ପାଇଁ ୨୫ ଶଯ୍ୟା ଲାଗି ଗୋଟିଏ ଲେଖାଏ କ୍ଲଷ୍ଟର ଟିଏମ୍‌ସି ରହିଛି। ବାଣପୁର ଏନ୍‌ଏସିର୧୫ଟି ୱାର୍ଡ ପାଇଁ ୫୦ଶଯ୍ୟାବିଶିଷ୍ଟ ଗୋଟିଏ ଏବଂ ବାଲୁଗାଁ ଏନ୍‌ଏସିର ୧୧ଟି ୱାର୍ଡ ଲାଗି ୩ଟି କ୍ଲଷ୍ଟର ଟିଏମ୍‌ସିରେ ୩୦ଶଯ୍ୟା ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ସୁଦ୍ଧା ଖୋର୍ଦ୍ଧା ଗ୍ରାମାଞ୍ଚଳରେ ବିଭିନ୍ନ ଟିଏମ୍‌ସିରେ ୪୦ଜଣ ପ୍ରବାସୀ ସଙ୍ଗରୋଧରେ ରହିଛନ୍ତି। ସେଥିରୁ ବାଲୁଗାଁ ଏନ୍‌ଏସିରେ ୩୦ଜଣ ରହିଛନ୍ତି।

### ପ୍ରସ୍ତୁତ ରହିଛି ସିସିସି ଓ ସିସିଏଚ୍

ଜିଲା ପ୍ରଶାସନର ରିପୋର୍ଟ ଅନୁସାରେ ବାଲକାଟୀଠାରେ ୧୬୦ ଶଯ୍ୟାବିଶିଷ୍ଟ ନୀଳାଚଳ କୋଭିଡ୍ ହସ୍ପିଟାଲ ରହିଛି। ସେହିପରି ଏପ୍ରିଲ ୨୭ରୁ ଜଟଣୀ ବ୍ଲକ ଖୁଦୁପୁର ଠାରେ ୩ଶହ ଶଯ୍ୟାବିଶିଷ୍ଟ ସିସିସି(କୋଭିଡ୍ କେୟାର ସେଣ୍ଟର) କାର୍ଯ୍ୟକ୍ଷମ ରହିଛି। ସେହିପରି ଖାମୁଝରୀ ଠାରେ ୫ ଶହ, ନାରୁଣୀ କଲେଜ ଓ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧାଠାରେ ୨ଶହ ଲେଖାଏ ଶଯ୍ୟା ଏବଂ ଆଇଏନ୍‌ଏସ୍ ଚିଲିକା ଠାରେ ୧୫୦ଶଯ୍ୟାବିଶିଷ୍ଟ ସିସିସି ଖୋଲିବା ଲାଗି ଯୋଜନା କରାଯାଇଛି। ସମସ୍ତ ସିସିଏଚ(କୋଭିଡ୍ କେୟାର ହସ୍ପିଟାଲ) ଏବଂ ସିସିସିରେ ଶଯ୍ୟା ଅନୁସାରେ ଅକ୍ସିଜେନ ବ୍ୟବସ୍ଥା କରାଯାଇଛି।

# ରାସ୍ତା ଖାଁ ଖାଁ: ପ୍ରତି ଛକରେ ଚେକିଂ



ସପ୍ତାହାନ୍ତ ଶଟ୍‌ଡାଉନ ପାଇଁ ରବିବାର ଖୋର୍ଦ୍ଧା ପୁରୁଣା ମେଡିକାଲ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନ ବନ୍ଦ ରହିଛି।

**ଖୋର୍ଦ୍ଧା ଅଫିସ,୨।୫**

ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ଚାଲିଛି। ସଂକ୍ରମଣ ନିୟନ୍ତ୍ରଣ ଲାଗି ସରକାର ନାଇଟ କର୍ଫ୍ୟୁ, ସପ୍ତାହାନ୍ତ ଶଟ୍‌ଡାଉନ ପରେ ଏବେ ୧୪ଦିନିଆ ଲକ୍‌ଡାଉନ ନିଷ୍ପତ୍ତି ନେଇଛନ୍ତି। ରବିବାର ଦ୍ୱିତୀୟ ସପ୍ତାହନ୍ତ ଶଟଡାଉନର ପ୍ରଭାବ ଖୋର୍ଦ୍ଧା ଜିଲାରେ ଦେଖିବାକୁ ମିଳିଛି। ଜରୁରୀ ସେବାକୁ ବାଦ ଦେଲେ ସମସ୍ତ ଦୋକାନବଜାର ବନ୍ଦ ରହିଛି। ଖୋର୍ଦ୍ଧା ଓ ଜଟଣୀ ସହରରେ ପୋଲିସ ପକ୍ଷରୁ ଜୋରଦାର ଚେକିଂ କରାଯାଉଛି। ଅମାନିଆଙ୍କଠାରୁ ପୋଲିସ ଜରିମାନା ଆଦାୟ କରିବା ସହ ତାଗିଦ୍ କରି ଛାଡୁଥିବା ଦେଖିବାକୁ ମିଳିଛି। ଖୋର୍ଦ୍ଧା ସହରର ଚଣ୍ଡିଚୁଆ ଛକ, ମୁକୁନ୍ଦପ୍ରସାଦ ଏବଂ ନୂଆବସଷ୍ଟାଣ୍ଡ ଠାରେ ବ୍ଲକିଂ କରାଯାଇ ଚେକିଂ କରାଯାଇଛି। ନୂଆବସଷ୍ଟାଣ୍ଡ ଠାରୁ ଟିଏଲ୍‌ସି ରୋଡ ମେଡିକାଲକୁ ସଂଯୋଗ କରୁଥିବାରୁ ଏଠାରେ ଲୋକଙ୍କ ଯାତାୟାତ ରହିଛି। ମେଡିକାଲ ଯିବା ଲାଗି ରୋଗୀଙ୍କୁ ବାଦ ଦେଲେ ବିନା କାରଣରେ ବୁଲୁଥିବା ଅମାନିଆଙ୍କୁ ପୋଲିସ ସାବାଡ୍ କରିଛି। ସହରରେ କେବଳ ଔଷଧ ଦୋକାନ, ପେଟ୍ରୋଲ ପମ୍ପକୁ ବାଦଦେଲେ ଦୋକାନ ବଜାରରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି।

## ଆକ୍ରାନ୍ତଙ୍କ ସହ କଥା ହେଲେ ଉପଜିଲାପାଳ

**ବାଲୁଗାଁ,୨।୫(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ଅଶୋକ କୁମାର ବେହୁରିଆଙ୍କ ଅଧ୍ୟକ୍ଷତାରେ ହୋମ୍ ଆଇସୋଲେଶନରେ ଥିବା କରୋନା ଆକ୍ରାନ୍ତଙ୍କ ପାଇଁ ରବିବାର ଏକ ନୂତନ ପଦକ୍ଷେପ ହାତକୁ ନିଆଯାଇଛି। ରବିବାର ସନ୍ଧ୍ୟା ୫ଟାରେ ବାଲୁଗାଁ ଏନ୍‌ଏସି ଅଞ୍ଚଳରେ ହୋମ୍ ଆଇସୋଲେଶନରେ ପଜିଟିଭ ରୋଗୀଙ୍କୁ ନେଇ ଅନ୍‌ଲାଇନ ମାଧ୍ୟମରେ ଏକ ଭର୍ଚୁଆଲ ମିଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପଜିଲାପାଳ ବେହୁରିଆ ଆକ୍ରାନ୍ତଙ୍କ ସହ ଯୋଗାଯୋଗ କରି ସେମାନଙ୍କୁ ଠିକ୍ ଭାବେ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି କି ନାହିଁ ପଚାରି ବୁଝିବା ସହ ଚିକିତ୍ସା ସମ୍ପର୍କିତ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ବାଲୁଗାଁ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଆଗକୁ ଜାରି ରହିବ ବୋଲି ନିର୍ବାହୀ ଅଧିକାରୀ ଗୋଏଙ୍କା କହିଛନ୍ତି।

## ପଥର ବୋଝେଇ ଟ୍ରକ୍ ଜବତ, ୩ ଗିରଫ

**ଖୋର୍ଦ୍ଧା ଅଫିସ,୨।୫**

କୋଭିଡ୍ ନିୟନ୍ତ୍ରଣ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ନାଇଟ କର୍ଫ୍ୟୁ, ସପ୍ତାହାନ୍ତ ଶଟ୍‌ଡାଉନ ଜାରି ରହିଛି। କର୍ଫ୍ୟୁ ପାଇଁ ପୋଲିସ ଚେକିଂରେ ବ୍ୟସ୍ତ ରହୁଛି। ଏହାର ସୁଯୋଗରେ ଖଣି ମାଫିଆମାନେ ସକ୍ରିୟ ହୋଇ ଉଠିଛନ୍ତି। ବିଳମ୍ବିତ ରାତିରେ ଜାତୀୟ ରାଜପଥ ଦେଇ ଚୋରାରେ ଶହ ଶହ ଟ୍ରକ୍‌ରେ ମାଙ୍କଡା ପଥର ଓ ମୋରମ ଚାଲାଣ ହେଉଛି। ଶୁକ୍ରବାର ବିଳମ୍ବିତ ରାତିରେ ୧୬ନଂ. ଜାତୀୟ ରାଜପଥରେ ମାଙ୍କଡା ପଥର ଚାଲାଣ ହେଉଥିବା ଖବରପାଇ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଫାଣ୍ଡି ପୋଲିସ କଲେଜ ରୋଡରୁ ୩ଟି ପଥର ବୋଝେଇ ଟ୍ରକ୍ ଜବତ ସହ ୩ଜଣ ଡ୍ରାଇଭରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦଣ୍ଡପାଣି ବେହେରା(୫୮), ସଞ୍ଜୟ ବେହେରା(୩୫) ଓ ଦିଲୀପ ପ୍ରଧାନ(୨୯)। ସୂଚନା ମୁତାବକ, ଶୁକ୍ରବାର ରାତିରେ ଖୋର୍ଦ୍ଧା ପଟୁ ୩ଟି ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ଶିଳ୍ପାଞ୍ଚଳ ଫାଣ୍ଡି ପୋଲିସ କଲେଜ ରୋଡଠାରେ ପୂର୍ବରୁ ଛକି ରହିଥିଲା। ସମ୍ପୃକ୍ତ ଡ୍ରାଇଭରମାନେ ପଥର ଚାଲାଣ ନେଇ କୌଣସି ଠିକ୍ ଉତ୍ତର ଦେଇ ନ ପାରିବାରୁ ପୋଲିସ ଟ୍ରକ୍ ଜବତ ସହ ସେମାନଙ୍କୁ ଗିରଫ କରିଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୧୭୬/୨୧) ରୁଜୁ ହୋଇଛି।

# ବେକାବୁ ହେଉଛି କୋଭିଡ୍ ସ୍ଥିତି

**ଖୋର୍ଦ୍ଧା ଅଫିସ,୨।୫**

ଖୋର୍ଦ୍ଧା ଜିଲାରେ କରୋନା ସ୍ଥିତି ବେକାବୁ ହେବାରେ ଲାଗିଛି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଗ୍ରାମାଞ୍ଚଳ (ଭୁବନେଶ୍ୱର ମହାନଗର ନିଗମକୁ ବାଦ୍‌ଦେଇ)ରେ ଶନିବାର ସୁଦ୍ଧା ୩ଲକ୍ଷ ୧୨ହଜାର ୭୬୧ଜଣଙ୍କ ନମୁନା ପରୀକ୍ଷା କରାଯାଇଛି। ସେଥିରୁ ୧୪,୮୪୬ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧୪,୦୯୮ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୫୭ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬୯୧ଜଣ ସକ୍ରିୟ ରହିଛନ୍ତି। ସକ୍ରିୟଙ୍କ ମଧ୍ୟରୁ ୬୮୧ ଘରୋଇ ସଙ୍ଗରୋଧ ଏବଂ ୧୦ଜଣ କୋଭିଡ୍ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। କୋଭିଡ୍ ଯୋଦ୍ଧା ୬୨୮ଜଣ ସଂକ୍ରମିତ ହୋଇଛନ୍ତି। ସେଥିରୁ ୬୧୯ ସୁସ୍ଥ ହୋଇଥିବା ବେଳେ ୩ଜଣ ଚିକିତ୍ସାଧୀନ ଅଛନ୍ତି। ୬ଜଣଙ୍କ ମୃତ୍ୟୁ ଘଟିଛି। ସୂଚନା ମୁତାବକ, ବାଲିଅନ୍ତା ବ୍ଲକର ୨୮,୨୫୫ଜଣଙ୍କ ନମୁନା ପରୀକ୍ଷା କରାଯାଇଛି। ସେଥିରୁ ୧,୫୦୮ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରୁ ୧,୪୩୯ଜଣ ସୁସ୍ଥ ହୋଇଥିବା ବେଳେ ୬୮ଜଣ ସକ୍ରିୟ ରହିଛନ୍ତି। ଜଣଙ୍କର ମୃତ୍ୟୁ ଘଟିଛି। ସେହିପରି ବାଲିପାଟଣା ବ୍ଲକର ୨୫,୧୮୭ ନମୁନା ମଧ୍ୟରୁ ୯୯୭ ପଜିଟିଭ୍, ୯୭୭ ସୁସ୍ଥ, ୧୭ ସକ୍ରିୟ ଏବଂ ୩ ଜଣଙ୍କ ମୃତ୍ୟୁ ଘଟିଛି। ଭୁବନେଶ୍ୱର ବ୍ଲକର ୨୪,୬୦୭ ନମୁନା ମଧ୍ୟରୁ ୧୩୪୦ ପଜିଟିଭ୍, ୧୨୯୦ ସୁସ୍ଥ, ୪୫ ସକ୍ରିୟ ଓ ୫ଜଣଙ୍କ ମୃତ୍ୟୁ ଘଟିଛି। ଜଟଣୀ ବ୍ଲକର ୨୮,୮୧୯ ନମୁନା ମଧ୍ୟରୁ ୧୫୧୦ ପଜିଟିଭ୍, ୧୩୮୪ସୁସ୍ଥ, ୧୧୯ସକ୍ରିୟ ଏବଂ ୭ଜଣଙ୍କ ମୃତ୍ୟୁ ଘଟିଛି। ଖୋର୍ଦ୍ଧା ବ୍ଲକର ୫୦,୩୧୨ ନମୁନା ମଧ୍ୟରୁ ୨୭୧୩ ପଜିଟିଭ୍, ୨୫୪୪ସୁସ୍ଥ, ୧୫୩ସକ୍ରିୟ ଏବଂ ୧୬ଜଣଙ୍କ ମୃତ୍ୟୁ ଘଟିଛି। ବେଗୁନିଆ ବ୍ଲକର ୩୨,୯୨୩ ନମୁନା ମଧ୍ୟରୁ ୧୨୪୨ ପଜିଟିଭ୍, ୧୧୮୧ସୁସ୍ଥ, ୫୭ସକ୍ରିୟ ଏବଂ ୪ଜଣଙ୍କ ମୃତ୍ୟୁ ଘଟିଛି। ବୋଲଗଡ଼ ବ୍ଲକର ୨୬,୯୦୭ ନମୁନା ମଧ୍ୟରୁ ୧୦୪୦ ପଜିଟିଭ୍, ୧୦୧୮ସୁସ୍ଥ, ୧୭ସକ୍ରିୟ ଓ ୫ଜଣଙ୍କ ମୃତ୍ୟୁ ଘଟିଛି। ଟାଙ୍ଗୀ ବ୍ଲକର ୩୦,୬୧୭ ନମୁନା ମଧ୍ୟରୁ ୧୩୭୧ ପଜିଟିଭ୍, ୧୩୦୫ସୁସ୍ଥ, ୬୨ସକ୍ରିୟ ଏବଂ ୪ଜଣଙ୍କ ମୃତ୍ୟୁ ଘଟିଛି। ଚିଲିକା ବ୍ଲକର ୩୪,୩୫୩ ନମୁନା ମଧ୍ୟରୁ ୧୪୮୯ ପଜିଟିଭ୍, ୧୪୩୫ ସୁସ୍ଥ, ୪୯ ସକ୍ରିୟ ଓ ୫ଜଣଙ୍କ ମୃତ୍ୟୁ ଘଟିଛି। ବାଣପୁର ବ୍ଲକର ୩୦,୭୮୧ ନମୁନା ମଧ୍ୟରୁ ୧୫୦୮ ପଜିଟିଭ୍, ୧୪୬୫ ସୁସ୍ଥ, ୩୬ ସକ୍ରିୟ ଏବଂ ୭ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜିଲାରୁ ୧୦୧ପଜିଟିଭ୍, ୫୩ ସୁସ୍ଥ ଓ ୪୮ ସକ୍ରିୟ ରହିଛନ୍ତି। ବିଏମ୍‌ସିରୁ ଏଠାରେ ଆସି ୨୭ ପଜିଟିଭ୍, ୭ ସୁସ୍ଥ, ୨୦ଜଣ ସକ୍ରିୟ ରହିଛନ୍ତି।

## ୪.୯୪ଲକ୍ଷ ଟଙ୍କା ଜରିମାନା ଆଦାୟ

**ଖୋର୍ଦ୍ଧା ଅଫିସ,୨।୫**

କୋଭିଡ୍ ନିୟନ୍ତ୍ରଣ ଲାଗି ସରକାର ମାସ୍କ ଏବଂ ସାମାଜିକ ଦୂରତ୍ୱ ଉପରେ ଗୁରୁତ୍ୱ ଦେଉଛନ୍ତି। କୋଭିଡ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଲାଗି ନିର୍ଦ୍ଦେଶ ରହିଛି। ବିଭିନ୍ନ ତହସିଲ ଏବଂ ପୌର ପ୍ରଶାସନ ପକ୍ଷରୁ ମାସ୍କ ଚେକିଂ, ବିଭିନ୍ନ ଦୋକାନ ବଜାରରେ ଚଢ଼ାଉ କରାଯାଇଛି। ଶନିବାର ସୁଦ୍ଧା ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ କୋଭିଡ୍ ନିୟମ ଉଲ୍ଲଂଘନ ନେଇ ୪ଲକ୍ଷ ୯୪ହଜାର ୯୮୦ଟଙ୍କା ଜରିମାନା ଆଦାୟ କରାଯାଇଛି। ସେଥିରୁ ବାଲିଅନ୍ତା ତହସିଲରୁ ୧୬୫୦ ଟଙ୍କା, ବାଲିପାଟଣା ୧୦୪୫୦, ଭୁବନେଶ୍ୱର ତହସିଲ ୬୪୬୦୦, ଜଟଣୀ ୪୦୭୦୦, ଖୋର୍ଦ୍ଧା ୨୪୭୯୦, ବେଗୁନିଆ ୬୯୮୦୦, ବୋଲଗଡ ୨୭୪୮୦, ଟାଙ୍ଗୀ ୧୭୭୫୦, ଚିଲିକା ୨୮୦୫୦, ବାଣପୁର ୬୬୩୧୦, ଜଟଣୀ ପୌରାଞ୍ଚଳ ପକ୍ଷରୁ ୨୭୫୦୦, ଖୋର୍ଦ୍ଧା ପୌରାଞ୍ଚଳ ପକ୍ଷରୁ ୪୧୯୫୦, ବାଣପୁର ଏନଏସି ୩୨୯୦୦ ଏବଂ ବାଲୁଗାଁ ଏନଏସି ପକ୍ଷରୁ ୪୧,୦୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସାଗର



@ ବିଶ୍ୱନାଥ



@ ଲକ୍ଷ୍ମୀଧର



@ ବର୍ଷା



@ ଆକାଶ



@ ମନସ୍ୱିନୀ



@ ପ୍ରିୟାଂସୁ

## ଷ୍ଟେଶନରୁ ୧୮କେଜି ଗଞ୍ଜେଇ ଜବତ

**ବାଲୁଗାଁ,୨।୫(ଡି.ଏନ୍.ଏ.)**

ବାଲୁଗାଁ ରେଳ ଷ୍ଟେଶନରେ ଶନିବାର ରେଳ ସୁରକ୍ଷା ବାହିନୀ ଚଢ଼ାଉ କରି ୧୮କେଜି ଗଞ୍ଜେଇ ଜବତ କରିବା ସହ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଗଞ୍ଜାମ ଜିଲା କୋଦଳ ଥାନା ଅଞ୍ଚଳର ରାଜେନ୍ଦ୍ର ସ୍ୱାଇଁ (୨୪) ଓ ଭୋଳାନାଥ ପାଣ୍ଡି (୧୮)। ଅଭିଯୁକ୍ତଙ୍କୁ ଖୋର୍ଦ୍ଧା ଜିଆରପିଙ୍କୁ ହସ୍ତାନ୍ତର କରାଯାଇଥିଲା। ସେଠାରେ ଜିଆରପି ଥାନାରେ ଏକ ମାମଲା (ନଂ.୪୬/୨୧)ରୁଜୁ କରାଯାଇ ରବିବାର ଅଭିଯୁକ୍ତଦ୍ୱୟଙ୍କୁ ଖୋର୍ଦ୍ଧା ସେସନ୍ସ କୋର୍ଟକୁ ପଠାଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, କରୋନା ସଂକ୍ରମଣ ଯୋଗୁ ରେଳବାଇ ପୋଲିସ ଟ୍ରେନ ଯୋଗେ ଅନ୍ୟାନ୍ୟ ରାଜ୍ୟରୁ ଆସୁଥିବା ପ୍ରବାସୀଙ୍କ ଉପରେ ନଜର ରଖିଛନ୍ତି। ଶନିବାର ମଧ୍ୟାହ୍ନରେ ଆରପିଏଫ ପକ୍ଷରୁ ଟ୍ରେନ ଏବଂ ରେଳ ଷ୍ଟେଶନରେ ତଲାସି ଅଭିଯାନ ଆରମ୍ଭ କରାଯାଇଥିଲା। ଷ୍ଟେଶନରେ ଦୁଇଟି ବ୍ୟାଗ୍ ସହ ଦୁଇ ଜଣ ଯୁବକ ସନ୍ଦେହଜନକ ଅବସ୍ଥାରେ ଠିଆ ହୋଇଥିଲେ। ତେବେ ଆରପିଏଫର ତଲାସି ଦେଖି ହଠାତ୍ ଯୁବକଦ୍ୱୟ ବ୍ୟାଗ ଛାଡ଼ି ଉକ୍ତ ସ୍ଥାନରୁ ଖସି ପଳାଇବା ପାଇଁ ଉଦ୍ୟମ କରିବା ବେଳେ ସେମାନଙ୍କୁ କାବୁ କରିନେଇଥିଲେ। ବ୍ୟାଗ୍ ଦୁଇଟିରୁ ୧୮କେଜି ଗଞ୍ଜେଇ ଜବତ ହୋଇଥିଲା। ଦେଖିବାକୁ ମିଳିଥିଲା। ପରେ ସେମାନେ ଗଞ୍ଜାମରୁ ସୁରାଟ ଅଞ୍ଚଳକୁ ଗଞ୍ଜେଇ ଚୋରା ଚାଲାଣ କରୁଥିବା ସ୍ୱୀକାର କରିଥିଲେ। ବାଲୁଗାଁ ରେଳ ସୁରକ୍ଷା ବଳ ଅଧିକାରୀ ମହେଶ୍ୱର ଚଣ୍ଡରାୟଙ୍କ ତତ୍ତ୍ୱାବଧାନରେ ଉପ–ନିରୀକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ସହ ଉପ–ନିରୀକ୍ଷକ ଜୟକୁମାର ସିକେ, ଆରକ୍ଷୀ ଲୋକନାଥ ବେହେରା, ଉଦ୍ଧବ ନାୟକ, ଅଲେଖ ବେହେରା, ପ୍ରଦୀପ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।



ଗିରଫ ୨ ଅଭିଯୁକ୍ତ ଏବଂ ଜବତ ଗଞ୍ଜେଇ।